ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଆଜି ମହାସପ୍ତମୀ

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୯/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, September 29/2025 | Page 16 | ₹ 7.00

୫୧ଶ ଭାଗ ୩୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 305 | ମୂଲ୍ୟ ₹୭/-







# ଏସିଆ କପ୍: ଭାରତ ଚାମ୍ପିୟନ

## ପାକିସ୍ତାନ ୫ ଉଇକେଟରେ ପରାସ୍ତ

ଦୁବାଇ, ୨୮।୯

ଏସିଆ କପ୍ କ୍ରିକେଟରେ ପାକିସ୍ତାନକୁ ଧରାଶାୟୀ କରି ଭାରତ ପିନ୍ଧିଛି ବିଜୟ ମୁକୁଟ। ଥରେ ନୁହେଁ ଟୁର୍ନାମେଣ୍ଟରେ ୩ ଥର ପାକିସ୍ତାନକୁ ହରାଇ ବିଜୟରେ ହ୍ୟାଟ୍ରିକ କରିଛି ଟିମ୍ ଇଣ୍ଡିଆ। ରବିବାର ଅନୁଷ୍ଠିତ ଫାଇନାଲରେ ପ୍ରଥମଥରପାଇଁ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫ ଉଇକେଟରେ ପରାସ୍ତ କରି ଅପରାଜେୟ ରହିଛି ସୂର୍ଯ୍ୟକୁମାର ଯାଦବଙ୍କ ଦଳ। ଭାରତୀୟ ସ୍ପିନରଙ୍କୁ ମୁକାବିଲା କରି ନ ପାରି ପାକିସ୍ତାନ ୧୯.୧ ଓଭରରେ ୧୪୬ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ତିଲକ ବର୍ମାଙ୍କ ମ୍ୟାଚ ବିଜୟୀ ଇନିଂସ ବଳରେ ଭାରତ ୧୯.୪ ଓଭରରେ ୫ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରି ନେଇଥିଲା। ହ୍ୟାଣ୍ଡସେକ ବିବାଦ ଏବଂ ଖେଳାଳିଙ୍କ ମଧ୍ୟରେ ବାକ୍ ବିନିମୟ ପ୍ରତିଯୋଗିତାକୁ ଚର୍ଚ୍ଚାରେ ରଖିଥିବାବେଳେ ଲିଗ୍ ଏବଂ ସୁପର-୪ ପରି ଫାଇନାଲରେ ମଧ୍ୟ ପାକିସ୍ତାନକୁ ମାତ୍ ଦେଇଛି ଭାରତ। ପୂର୍ବରୁ ଭାରତ ୧୯୮୪, ୧୯୮୮, ୧୯୯୦-୯୧, ୧୯୯୫, ୨୦୧୦, ୨୦୧୬, ୨୦୧୮ ଓ ୨୦୨୩ରେ ୮ ଥର ଚାମ୍ପିୟନ ହୋଇଥିଲା। ତେଣୁ ଏଥର ୯ମ ଥରପାଇଁ ଟ୍ରଫି ହାସଲ କରିଛି। ଅନ୍ୟପକ୍ଷରେ ୨୦୦୦ ଓ ୨୦୧୨ରେ ଚାମ୍ପିୟନ ହୋଇଥିବା ପାକିସ୍ତାନ ଏଥର ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି।



ଦୁବାଇ କ୍ରିକେଟ୍ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଫାଇନାଲରେ ବିଜୟୀ ହେବା ପରେ ଉଲ୍ଲସିତ ଭାରତୀୟ ଦଳ।

(ଅଧିକ ରିପୋର୍ଟ ଓ ଫଟୋ ଖେଳପୃଷ୍ଠା)

# ବିହାର ଭୋଟ ସହ ନୂଆପଡ଼ା ଉପନିର୍ବାଚନ

- ପର୍ଯ୍ୟବେକ୍ଷକ ନିଯୁକ୍ତ କଲେ ଇସିଆଇ
- ଆସନ୍ତା ସପ୍ତାହରେ ଲାଗିବ ଆଚରଣବିଧି

ଭୁବନେଶ୍ୱର,୨୮।୯
(ରବିନାରାୟଣ ଜେନା)

ବିହାର ନିର୍ବାଚନ ସହିତ ନୂଆପଡ଼ାରେ ଉପନିର୍ବାଚନ ହେବ। ଏହାସହିତ ଦେଶର ୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଆଉ ୭ ବିଧାନସଭା ଆସନରେ ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଅବଗତ କରାଯାଇଛି। ଏହି ନିର୍ବାଚନର ସୁପରିଚାଳନା ଲାଗି ୪୭୦ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି, ଯେଉଁଥିରେ ୩୧୦ଜଣ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ରହିଥିବାବେଳେ ୬୦ ଭାରତୀୟ ପୋଲିସ ସେବା(ଆଇପିଏସ୍) ଏବଂ ୯୦ ଅନ୍ୟ ସେବାର ଅଧିକାରୀ ରହିଛନ୍ତି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଚରଣବିଧି ବିଜ୍ଞପ୍ତି ହୋଇ ନ ଥିଲେ ହେଁ ବିହାର ନିର୍ବାଚନକୁ ଦୃଷ୍ଟିରେ ରଖି ଆସନ୍ତା ସପ୍ତାହରେ ନୂଆପଡ଼ା ଉପନିର୍ବାଚନ ଲାଗି ବିଜ୍ଞପ୍ତି ଜାରି ହେବାର ରହିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ସୂଚନା ଅନୁଯାୟୀ, ଇସିଆଇଙ୍କ ପକ୍ଷରୁ ବିହାର ନିର୍ବାଚନ ସହିତ ଓଡ଼ିଶାର ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ। ଏହାସହିତ ଜମ୍ମୁ-କଶ୍ମୀରର ବଡ଼ଗାମ୍ ଏବଂ ନାଗ୍ରୋଟା, ରାଜସ୍ଥାନର ଅନ୍ତ, ☞ପୃଷ୍ଠା-୪

## ପର୍ଯ୍ୟବେକ୍ଷକ ତାଲିକାରେ ଓଡ଼ିଶାରୁ ୧୨ ଅଧିକାରୀ

ଭୁବନେଶ୍ୱର,୨୮।୯
(ରବିନାରାୟଣ ଜେନା)

ବିହାର ନିର୍ବାଚନ ସମେତ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଓଡ଼ିଶାରୁ ୧୨ଜଣ ଅଧିକାରୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରାଯାଇଛି। ସେମାନଙ୍କ ମଧ୍ୟରେ ବରିଷ୍ଠ ଆଇପିଏସ୍ ତଥା ମୁଖ୍ୟାଳୟ ଏଡିଜିପି ପ୍ରତୀକ ମହାନ୍ତି ଓ ଆଇଜିପି (ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ) ସାଇନ୍ ଏସ୍. ରହିଥିବା ବେଳେ ୧୦ଜଣ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ରହିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ☞ପୃଷ୍ଠା-୪

# ଆଜି ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର,୨୮।୯
(ରବିନାରାୟଣ ଜେନା)

ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ବୈଠକରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାକୁ ରହିଛି। ଦୁର୍ଗାପୂଜା ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଏହି କ୍ୟାବିନେଟ୍‌ରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତୀକରଣକୁ ଦୃଷ୍ଟିରେ ରଖି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯିବାକୁ ରହିଛି। ଏହାସହିତ ସରକାରୀ ଚାକିରିଆଙ୍କୁ ଖୁସି କରିବା ଲାଗି ସରକାର କିଛି ନୂଆ ନିଷ୍ପତ୍ତି ନେଇପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

**ଆଜିର ସମ୍ପାଦକୀୟ**

**କ୍ଷୁବ୍ଧ ଲଦାଖ**







# ଦିଲ୍ଲୀ ଏୟାରପୋର୍ଟ, ୩୦୦ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୨୮।୯

ଦିଲ୍ଲୀର ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ରବିବାର ଇ-ମେଲ୍ ଯୋଗେ ବୋମା ଧମକ ମିଳିଛି। ଫଳରେ ଏୟାରପୋର୍ଟର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ଦିଲ୍ଲୀର ୩୦୦ରୁ ଅଧିକ ସ୍କୁଲ ଏବଂ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ରବିବାର ଇ-ମେଲ୍ ଯୋଗେ ବୋମା ଧମକ ମିଳିଛି। ଧମକ ମିଳିବା ପରେ ସେଠାରେ ପୋଲିସ ଏବଂ ବୋମା ନିରୋଧୀ ଦଳ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଛି। ଇ-ମେଲ୍ ପଠାଇଥିବା ବ୍ୟକ୍ତି 'ଟେରୋରାଇଜର୍ସ ୧୧୧' ନାମକ ଆତଙ୍କବାଦୀ ସଙ୍ଗଠନ ସହ ଜଡ଼ିତ ଥିବାର ଦାବି କରିଛନ୍ତି। ସେହିପରି ଦେଶର ଅନ୍ୟ କିଛି ଏୟାରପୋର୍ଟକୁ ମଧ୍ୟ ରବିବାର ବୋମା ଧମକ ମିଳିଛି।

# ଏନ୍‌କାଉଣ୍ଟରରେ ୪ ଡକାୟତ ମୃତ

ଗୁଆହାଟୀ, ୨୮।୯(ପି.ଟି.)

ଆସାମର ଗୋଲପଡ଼ା ଜିଲା ଗିଲାଡୁବି ଅଞ୍ଚଳରେ ରବିବାର ପୋଲିସ ଓ ଡକାୟତଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୪ ଜଣ ଡକାୟତଙ୍କର ମୃତ୍ୟୁ ଘଟିଛି। ଡକାୟତଙ୍କ ଏକ ଗ୍ୟାଙ୍ଗ୍ ଉକ୍ତ ଅଞ୍ଚଳରେ ବଡ଼ ଧରଣର ଅପରାଧ ଘଟାଇବାକୁ ଯୋଜନା ପ୍ରସ୍ତୁତ କରୁଥିବା ନେଇ ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଏହି ଆଧାରରେ ପୋଲିସ ଡକାୟତଙ୍କୁ ଧରିବା ପାଇଁ ଗିଲାଡୁବି ଅଞ୍ଚଳରେ ଏକ ଚେକ୍‌ପୋଷ୍ଟ ଲଗାଇଥିଲା। ୪ ଡକାୟତ ଏକ କାର୍‌ରେ ଏହି ଚେକ୍‌ପୋଷ୍ଟ ଦେଇ ଯାଉଥିବା ବେଳେ ସନ୍ଦେହ ହେବାରୁ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଡକାୟତମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ ଓ ପୋଲିସ ପାଲଟା ଗୁଳି ଚଳାଇଥିଲା।

# ସ୍ପିତି ଉପତ୍ୟକାକୁ ଭାରତର ପ୍ରଥମ ଶୀତ ମରୁସ୍ଥଳ ବାୟୋସ୍ଫିୟର ରିଜର୍ଭ ମାନ୍ୟତା

ଶିମଲା, ୨୮।୯

ହିମାଚଳପ୍ରଦେଶର ଲହଉଲ୍-ସ୍ପିତି ଜିଲା ଅନ୍ତର୍ଗତ ସ୍ପିତି ଉପତ୍ୟକାକୁ ଭାରତର ପ୍ରଥମ ଶୀତ ମରୁସ୍ଥଳ ବାୟୋସ୍ଫିୟର ରିଜର୍ଭ ଭାବେ ସ୍ୱୀକୃତି ମିଳିଛି। ଚାଇନାର ହାଙ୍ଗଝୋଉଠାରେ ୟୁନେସ୍କୋର ମର୍ଯ୍ୟାଦାଜନକ ମାନବ ଓ ବାୟୋସ୍ଫିୟର (ଏମ୍ଏବି) ର ୩୭ତମ ଅନ୍ତର୍ଜାତୀୟ ସମନ୍ୱୟ ପରିଷଦ ବୈଠକ ବସି ଆନୁଷ୍ଠାନିକ ଭାବେ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ଏହାକୁ ମିଶାଇ ଏମ୍ଏବି ନେଟ୍‌ୱର୍କରେ ଭାରତର ୧୩ଟି ବାୟୋସ୍ଫିୟର ରିଜର୍ଭ ସ୍ଥାନ ପାଇଛି। ରାଜ୍ୟ ସରକାରଙ୍କ ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି। ଉକ୍ତ ଅଞ୍ଚଳର ଅନନ୍ୟ ପରିବେଶ, ଜଳବାୟୁ, ସଂସ୍କୃତି ଓ ଐତିହ୍ୟ ଉପରେ ରାଜ୍ୟ ସରକାର ନିରନ୍ତର ପ୍ରଚାର ପ୍ରସାର ଚଳାଇ ଆସିଥିଲେ।

ସ୍ପିତି ଶୀତ ମରୁସ୍ଥଳ ବାୟୋସ୍ଫିୟର ରିଜର୍ଭ ଅନ୍ତର୍ଗତ ୭,୭୭୦ ବର୍ଗକିଲୋମିଟର ଅଞ୍ଚଳ ମଧ୍ୟରେ ସ୍ପିତି ବନ୍ୟପ୍ରାଣୀ ଡିଭିଜନ ଏବଂ ଲହଉଲ୍ ବନ ଖଣ୍ଡ ରହିଛି। ଉକ୍ତ ରିଜର୍ଭ ୨,୬୬୫ ବର୍ଗ କିଲୋମିଟର କୋର୍ ଜୋନ୍, ୩,୯୭୭ ବର୍ଗକିଲୋମିଟର ବଫର ଜୋନ୍ ଏବଂ ୧,୧୨୮ ବର୍ଗକିଲୋମିଟର ଟ୍ରାଞ୍ଜିଶନ ଜୋନ୍‌ରେ ବିଭକ୍ତ। ଏଥିରେ ପିନ୍ ଭ୍ୟାଲି ଜାତୀୟ ଉଦ୍ୟାନ, କିବ୍ବର ବନ୍ୟପ୍ରାଣୀ ଅଭୟାରଣ୍ୟ, ଚନ୍ଦ୍ରତାଲ ଆର୍ଦ୍ରଭୂମି, ସର୍ଚ୍ଚୁ ସମତଳ ଅଞ୍ଚଳ ରହିଛି।



ଇଟାଲୀର ମିଲାନ୍ ଫ୍ୟାଶନ୍ ୱିକ୍‌ରେ ଷ୍ଟେଲା ଜିନ୍ସର ପୋଷାକ ପରିଧାନ କରିଥିବା ଜଣେ ମଡେଲ।

# 'ଦଳାଚକଟା ପଛରେ ଷଡ଼ଯନ୍ତ୍ର'

■ ହାଇକୋର୍ଟ ଗଲା ବିଜୟଙ୍କ ଦଳ
■ ସିବିଆଇ ତଦନ୍ତ ଦାବି

ଚେନ୍ନାଇ, ୨୮।୯(ପି.ଟି.)

ତାମିଲନାଡୁର କରୁରଠାରେ ଶନିବାର ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ମୁଖ୍ୟ ବିଜୟଙ୍କ ରାଲିରେ ଦଳାଚକଟାଜନିତ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚିଥିବାବେଳେ ଶତାଧିକ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦଳାଚକଟା ପଛରେ ଷଡ଼ଯନ୍ତ୍ର ଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଟିଭିକେ ରବିବାର ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଦଳାଚକଟାଜନିତ ମୃତ୍ୟୁ ଘଟଣାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିମ୍ବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଦ୍ୱାରା କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଟିଭିକେ ପକ୍ଷରୁ ହାଇକୋର୍ଟ ବିଚାରପତି ଏମ୍. ଧଣ୍ଡପାନିଙ୍କୁ ନିବେଦନ କରାଯାଇଛି। ୪୦ ଜଣଙ୍କ ମୃତ୍ୟୁ ଘଟଣାର ବିଚାର ଅଦାଲତ ନିଜଆଡୁ କରିବାକୁ ଟିଭିକେର ଓକିଲମାନେ ନିବେଦନ କରିଛନ୍ତି। ହାଇକୋର୍ଟଙ୍କ ମଦୁରାଇ ଶାଖାରେ



କରୁରସ୍ଥିତ ଏକ ହସ୍ପିଟାଲ ବାହାରେ ମୃତଦେହ ନିକଟରେ ଶୋକାକୁଳ ଆତ୍ମୀୟ ସ୍ୱଜନ।

ପିଟିଶନ ଦାଏର କରିବାକୁ ବିଚାରପତି କହିବା ସହ ସୋମବାର ଶୁଣାଣି ହେବ ବୋଲି କହିଛନ୍ତି। ଅନ୍ୟପକ୍ଷରେ କରୁର ଦଳାଚକଟା ଘଟଣାର ତଦନ୍ତ ନ ସରିବା ପର୍ଯ୍ୟନ୍ତ ବିଜୟଙ୍କ ଜନସମାବେଶ ଉପରେ ନିଷେଧାଦେଶ ଲଗାଇବାକୁ ହୋଇଥିବା ଆବେଦନର ଜରୁରୀ ଶୁଣାଣି ଜଷ୍ଟିସ୍ ଏନ୍. ସେନ୍ଥିଲ କୁମାରଙ୍କ ଖଣ୍ଡପୀଠରେ ହେବ।

ଦଳାଚକଟା ଘଟଣାର ତଦନ୍ତ ପାଇଁ ତାମିଲନାଡୁ ସରକାରଙ୍କ ପକ୍ଷରୁ ଅବସରପ୍ରାପ୍ତ ବିଚାରପତି ଅରୁଣା ଜଗଦୀଶନଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରାଯାଇଛି। ତଦନ୍ତ ରିପୋର୍ଟ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ବିଜୟଙ୍କ ପ୍ରତି ଲୋକଙ୍କ କ୍ରୋଧ ବଢ଼ିଥିବାରୁ ତାଙ୍କ ଚେନ୍ନାଇ ବାସଭବନ ନିକଟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ବିଜୟଙ୍କ ରାଲିରେ ଗାଇଡ୍‌ଲାଇନ୍ସର ଉଲ୍ଲଂଘନରୁ ଦଳାଚକଟା ଘଟିଥିବା କହି ରାଜ୍ୟ ସରକାର ତାଙ୍କୁ ସମାଲୋଚନା କରିଛନ୍ତି। ରାଲିର ଆୟୋଜକମାନେ ଲୋକଙ୍କ ପାଇଁ ପାନୀୟ ଜଳ ଓ ଖାଦ୍ୟର ଉପଯୁକ୍ତ ବ୍ୟବସ୍ଥା କରି ନ ଥିଲେ। ବିଜୟ ରାଲିସ୍ଥଳରେ ପହଞ୍ଚିବାରେ ୭ ଘଣ୍ଟା ବିଳମ୍ବ ହୋଇଥିଲା। ମଧ୍ୟାହ୍ନଠାରୁ ରାତି ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଅନେକେ ମୂର୍ଚ୍ଛା ଯାଇଥିଲେ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ରାଲିସ୍ଥଳ ସଂକୀର୍ଣ୍ଣ ଥିବାରୁ ଠେଲାପେଲାରୁ ଦଳାଚକଟା ହୋଇଥିଲା। ଏପରିକି ବିଜୟ ଭାଷଣ ଆରମ୍ଭ କରିବା ସମୟରେ କେତେଜଣ ଚେତା ହରାଇଥିଲେ ମଧ୍ୟ ଭିଡ଼ ମଧ୍ୟକୁ ଆମ୍ବୁଲାନ୍ସକୁ ପୂରାଇ ଦିଆଯାଇ ନ ଥିଲା। ଏତେ ଲୋକଙ୍କ ମୃତ୍ୟୁ ଘଟିବା ସତ୍ତ୍ୱେ ବିଜୟ ଘଟଣାସ୍ଥଳରୁ ତ୍ରିଚି ଏୟାରପୋର୍ଟ ପଳାଇଯାଇ ସେଠାରୁ ଏକ ଘରୋଇ ବିମାନରେ ଚେନ୍ନାଇ ଯାଇଥିଲେ। ଗାଇଡ୍‌ଲାଇନ୍ସର ଉଲ୍ଲଂଘନ ଓ ଆୟୋଜନରେ ତ୍ରୁଟି ପାଇଁ ବିଜୟଙ୍କ ଜଣେ ଘନିଷ୍ଠ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଇତିମଧ୍ୟରେ ଟିଭିକେ ମୁଖ୍ୟ ବିଜୟ ମୃତକଙ୍କ ପରିବାର ପାଇଁ ୨୦ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିଥିବାବେଳେ ଆହତମାନଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିବାକୁ କହିଛନ୍ତି।

# ଦେଶରେ ୫.୩୪ କୋଟି ମାମଲା ବିଚାରାଧୀନ

ନୂଆଦିଲ୍ଲୀ, ୨୮।୯

ଦେଶର କୋର୍ଟଗୁଡ଼ିକରେ ବିଭିନ୍ନ ମାମଲାର ଶୁଣାଣିରେ ଅନାବଶ୍ୟକ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ଶନିବାର ଟିପ୍ପଣୀ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରିବା ସହ କହିଛନ୍ତି, ବିଭିନ୍ନ ମାମଲାର ଶୀଘ୍ର ବିଚାର ହେଉଛି ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର। ଏହାର ଦୃଢ଼ କାର୍ଯ୍ୟାନ୍ୱୟନର ଆବଶ୍ୟକତା ରହିଛି। ସମ୍ପ୍ରତି ଦେଶର ସମସ୍ତ ଅଦାଲତରେ ୫.୩୪ କୋଟିରୁ ଅଧିକ ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ଓକିଲ ଉପଲବ୍ଧ ନ ରହିବା ଶୁଣାଣିରେ ଅନାବଶ୍ୟକ ବିଳମ୍ବର ପ୍ରମୁଖ କାରଣ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସେହିପରି ଅଭିଯୁକ୍ତଙ୍କ ପଳାୟନ ଓ ସାକ୍ଷୀଙ୍କୁ ନିଖୋଜ କରାଯିବା ଭଳି ଘଟଣା ମଧ୍ୟ କୋର୍ଟରେ ବିଭିନ୍ନ ମାମଲାର ବିଳମ୍ବିତ ବିଚାର ପାଇଁ ଦାୟୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଉକ୍ତ ସମସ୍ୟାକୁ ଦେଖି ସୁପ୍ରିମକୋର୍ଟ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଓକିଲଙ୍କ ଅନୁପସ୍ଥିତି ଯୋଗୁ ଶୁଣାଣିକୁ ସ୍ଥଗିତ ରଖାଯାଇ ପାରିବ ନାହିଁ। ଏ ସମ୍ପର୍କରେ ଜିଲା ବିଚାରବିଭାଗୀୟ ଅଧିକାରୀମାନଙ୍କୁ ସର୍କୁଲାର ପଠାଇବାକୁ ସୁପ୍ରିମକୋର୍ଟ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଯଦି କୌଣସି ଅଭିଯୁକ୍ତ ଓ ତାଙ୍କ ଓକିଲ ମାମଲାକୁ ବିଳମ୍ବିତ କରିବା ପାଇଁ ପ୍ରୟାସ କରୁଛନ୍ତି, ତେବେ ତାଙ୍କ ଜାମିନକୁ ରଦ୍ଦ କରିବା ପାଇଁ ବିଚାର କରାଯିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। 'ନ୍ୟାଶନାଲ ଜୁଡିସିଆଲ ଡେଟା ଗ୍ରୀଡ'ର ତଥ୍ୟ ଅନୁଯାୟୀ, ଗତ ୨୫ ତାରିଖ ସୁଦ୍ଧା ଦେଶର ବିଭିନ୍ନ କୋର୍ଟରେ ୫.୩୪ କୋଟି ମାମଲା ବିଚାରାଧୀନ ରହିଛି। ଜିଲା ଏବଂ ନିମ୍ନ ଅଦାଲତଗୁଡ଼ିକରେ ୪.୭ କୋଟି ମାମଲା ବିଚାରାଧୀନ ଥିବାବେଳେ ହାଇକୋର୍ଟଗୁଡ଼ିକରେ ୬୩.୮ ଲକ୍ଷ ଏବଂ ସୁପ୍ରିମକୋର୍ଟରେ ୮୮,୨୫୧ ମାମଲା ବିଚାରାଧୀନ ରହିଛି।

# ୧୭ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଚୈତନ୍ୟାନନ୍ଦ ଗିରଫ

ନୂଆଦିଲ୍ଲୀ/ଆଗ୍ରା, ୨୮।୯(ପି.ଟି.)

ଏକ ଘରୋଇ ଶିକ୍ଷାନୁଷ୍ଠାନର ୧୭ ଜଣ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଆତ୍ମଘୋଷିତ ଗଡ୍‌ମ୍ୟାନ୍ ଚୈତନ୍ୟାନନ୍ଦ ସରସ୍ୱତୀଙ୍କୁ ଦିଲ୍ଲୀ ପୋଲିସ ରବିବାର ଭୋର ୩ଟା ୩୦ରେ ଆଗ୍ରାରୁ ଗିରଫ କରିଛି। ୬୨ ବର୍ଷୀୟ ବାବା ଆଗ୍ରାର ଏକ ହୋଟେଲରେ ରହୁଥିଲେ। ତାଙ୍କୁ ଧରିବା ପାଇଁ ପୋଲିସ ଅନେକ ଟିମ୍ ଗଠନ କରିଥିଲା। ନିର୍ଭରଯୋଗ୍ୟ ସୂଚନା ଆଧାରରେ ପୋଲିସ ଆଗ୍ରାର ତାଜ ଗଞ୍ଜ ଅଞ୍ଚଳରେ ଥିବା ହୋଟେଲ ଉପରେ ଚଢ଼ାଉ କରିଥିଲା ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତାଙ୍କୁ ଦିଲ୍ଲୀର ଏକ ଅଦାଲତରେ ହାଜର କରି ପୋଲିସ ୫ ଦିନ ରିମାଣ୍ଡରେ ନେବା ପାଇଁ ଆବେଦନ କରିଛି। ଏହା ପୂର୍ବରୁ ପୋଲିସ ଚୈତନ୍ୟାନନ୍ଦଙ୍କ ନାମରେ ଥିବା ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଓ ସ୍ଥାୟୀ ଜମାକୁ ଅଚଳ କରିଥିଲା। ଏତଲା ଅନୁଯାୟୀ, ଦକ୍ଷିଣପଶ୍ଚିମ ଦିଲ୍ଲୀରେ ଥିବା ଏକ ମ୍ୟାନେଜ୍‌ମେଣ୍ଟ ଶିକ୍ଷାନୁଷ୍ଠାନର



ଚୈତନ୍ୟାନନ୍ଦଙ୍କୁ କୋର୍ଟରେ ହାଜର କରାଯାଉଛି।

ପୂର୍ବତନ ଅଧ୍ୟକ୍ଷ ଚୈତନ୍ୟାନନ୍ଦ ଛାତ୍ରୀମାନଙ୍କୁ ରାତିରେ ତାଙ୍କ କ୍ୱାର୍ଟର୍ସକୁ ଆସିବା ପାଇଁ ବାଧ୍ୟ କରିବା ସହ ସେମାନଙ୍କ ପାଖକୁ ଅଶ୍ଳୀଳ ବାର୍ତ୍ତା ପଠାଉଥିଲେ। ସେ ଫୋନ୍ ଯୋଗେ ଛାତ୍ରୀମାନଙ୍କ ଗତିବିଧି ଉପରେ ନଜର ରଖୁଥିଲେ। ଜାତିସଂଘ ଓ ବ୍ରିକ୍ସ ସହ ଚୈତନ୍ୟାନନ୍ଦଙ୍କ ସମ୍ପୃକ୍ତି ଥିବାର ଜାଲ୍ ଭିଜିଟିଂ କାର୍ଡ ତାଙ୍କ ଘରୁ ପୋଲିସ ଜବତ କରିଛି। ବାବାଙ୍କ ବିରୋଧରେ ଏତଲା ଦାଏର ପରେ ସେ ଅଗଷ୍ଟ ୪ରେ ଦିଲ୍ଲୀ ଛାଡ଼ି ପଳାଇଥିଲେ।

# ଚାଇନାର ପୂର୍ବତନ କୃଷିମନ୍ତ୍ରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

ବେଜିଂ, ୨୮।୯(ପି.ଟି.)

ଚାଇନାର ପୂର୍ବତନ କୃଷି ଓ ଗ୍ରାମାଞ୍ଚଳ ବ୍ୟାପାର ମନ୍ତ୍ରୀ ଟାଙ୍ଗ ରେଞ୍ଜିଆନ୍‌ଙ୍କୁ ଦୁର୍ନୀତି ମାମଲାରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ତେବେ ଏହି ଦଣ୍ଡାଦେଶ ୨ ବର୍ଷ ପାଇଁ ସ୍ଥଗିତ ରହିବ ବୋଲି ଅଦାଲତ କହିଛନ୍ତି। ୩୮ ନିୟୁତ ଡଲାର ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ରେଞ୍ଜିଆନ୍ ଦୋଷୀସାବ୍ୟସ୍ତ ହୋଇଥିଲେ। କୃଷି ମନ୍ତ୍ରଣାଳୟର ପ୍ରମୁଖ ଶାସକ କମ୍ୟୁନିଷ୍ଟ ପାର୍ଟି ସଦସ୍ୟ ସଂଗଠନର ପୂର୍ବତନ ସମ୍ପାଦକ ଥିବା ରେଞ୍ଜିଆନ୍ ଜୀବନର ରାଜନୈତିକ ଅଧିକାରରୁ ବଞ୍ଚିତ ହୋଇଥିବା ଜିଲିନ ପ୍ରଦେଶର ଚାଙ୍ଗ୍‌ଚୁନ୍‌ସ୍ଥିତ ଇଣ୍ଟରମିଡିଏଟ୍ ପିପୁଲ୍ସ କୋର୍ଟ ରାୟରେ କହିଛନ୍ତି। ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହେବା ସହ ଲାଞ୍ଚରୁ ଉଠାଇଥିବା ବେଆଇନ ଲାଭକୁ ଜବତ କରାଯାଇ ଜାତୀୟ କୋଷାଗାରକୁ ପଠାଇଦିଆଯିବ



ଟାଙ୍ଗ ରେଞ୍ଜିଆନ୍

ବୋଲି କୋର୍ଟ କହିଛନ୍ତି। ୨୦୦୭ରୁ ୨୦୨୪ ମଧ୍ୟରେ ରେଞ୍ଜିଆନ୍ ନିଜ ପଦବୀର ବେଆଇନ ଫାଇଦା ଉଠାଇ ବ୍ୟବସାୟ, ପ୍ରକଳ୍ପ ଠିକାଦାରି ଓ ନିଯୁକ୍ତିରେ ଅନ୍ୟମାନଙ୍କୁ ଉପକୃତ କରାଇଥିଲେ। ଏହା ବଦଳରେ ସେ ସେମାନଙ୍କଠାରୁ ୨୬୮ ନିୟୁତ ୟୁଆନ ଲାଞ୍ଚ ଗ୍ରହଣ କରିଥବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା।

# ବାର୍‌ରେ ଗୁଳି: ୩ ମୃତ, ୮ ଆହତ

ସାଉଥ୍‌ପୋର୍ଟ, ୨୮।୯

ଆମେରିକାର ଉତ୍ତର କାରୋଲିନା ରାଜ୍ୟ ସାଉଥ୍‌ପୋର୍ଟ ସହରସ୍ଥିତ କେପ୍ ଫିଅର ନଦୀକୂଳରେ ଥିବା ବାର୍ ଏବଂ ରେଷ୍ଟୁରାଣ୍ଟରେ ଶନିବାର ରାତିରେ ଜଣେ ଆତତାୟୀ ଗୁଳି ଚଳାଇଥିଲେ। ଏହି ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ଗୁଳି ଚଳାଇ ଆତତାୟୀ ଜଣକ ତୁରନ୍ତ ବୋଟ୍ ଯୋଗେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସେ ଉପକୂଳବର୍ତ୍ତୀ ସହର ଓକ୍ ଆଇଲାଣ୍ଡ ଆଡ଼କୁ ଯାଉଥିବା ସମୟରେ ରବିବାର ସାଉଥପୋର୍ଟ ପୋଲିସ ତାଙ୍କୁ ଗିରଫ କରିଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

# ଗାଜା ମୃତ୍ୟୁସଂଖ୍ୟା ୬୬ ହଜାର ଟପିଲା

ଗାଜା ସିଟି, ୨୮।୯

ଇସ୍ରାଏଲ୍-ହମାସ୍ ଯୁଦ୍ଧ ମୃତ୍ୟୁସଂଖ୍ୟା ୬୬ ହଜାର ଅତିକ୍ରମ କରିଥିବା ରବିବାର ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ମୃତକଙ୍କ ମଧ୍ୟରୁ ଅର୍ଦ୍ଧେକ ହେଉଛନ୍ତି ମହିଳା ଓ ଛୋଟ ପିଲା। ଗତ ୨୪ ଘଣ୍ଟା ମଧ୍ୟରେ ୭୯ଟି ମୃତଦେହ ହସ୍ପିଟାଲକୁ ଅଣାଯାଇଛି।

୨୦୨୩ ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲା। ଏହାର ଜବାବରେ ଇସ୍ରାଏଲ୍ ଗାଜା ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ଗାଜାରେ ୬୬,୦୦୫ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୬୮,୧୬୨ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ୍ ଆକ୍ରମଣରେ ଗାଜାର ଅଧିକାଂଶ ଅଞ୍ଚଳ ଧ୍ୱଂସ ସ୍ତୂପରେ ପରିଣତ ହୋଇଥିବାବେଳେ



ଗାଜା ଷ୍ଟ୍ରିପ୍ ମଧ୍ୟଭାଗରେ ରବିବାର ଇସ୍ରାଏଲ୍‌ର ସାମରିକ ଅପରେଶନ୍ ବେଳେ ଲୋକେ ପଳାୟନ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

୯୦ ପ୍ରତିଶତ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ପଳାୟନ କରିଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ୱାଶିଂଟନ ଗସ୍ତ କରିଛନ୍ତି। ଯୁଦ୍ଧବିରତି ପାଇଁ ଅନ୍ତର୍ଜାତୀୟ ଚାପ ସତ୍ତ୍ୱେ ନେତାନ୍ୟାହୁ ଯୁଦ୍ଧ ନୀତିରେ ପରିବର୍ତ୍ତନ କରିବେ ନାହିଁ ବୋଲି ସୂଚନା ଦେଇଛନ୍ତି।

# ମନ୍ କୀ ବାତ୍‌ରେ ସ୍ୱଦେଶୀ ଆହ୍ୱାନ

## ଆର୍‌ଏସ୍‌ଏସ୍‌କୁ ପ୍ରଶଂସା, ଖଦି କିଣିବାକୁ ପରାମର୍ଶ

ନୂଆଦିଲ୍ଲୀ, ୨୮।୯

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। ରବିବାର ମନ୍ କୀ ବାତ୍‌ର ୧୨୬ତମ ରେଡିଓ ପ୍ରସାରଣରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ନିଃସ୍ୱାର୍ଥପର ସେବା ଭାବନା ଏବଂ ଶୃଙ୍ଖଳା ସଂଘର ପ୍ରକୃତ ଶକ୍ତି। ଏହାର ଅଗଣିତ ସ୍ୱେଚ୍ଛାସେବୀଙ୍କ ପ୍ରତ୍ୟେକ କାର୍ଯ୍ୟରେ 'ରାଷ୍ଟ୍ର ପ୍ରଥମ'କୁ ପ୍ରାଥମିକତା ଦିଆଯାଇଥାଏ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଦେଶୀକୁ ଆପଣାଇବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଖଦି ସାମଗ୍ରୀ କିଣିବା ପାଇଁ ସେ ପରାମର୍ଶ ଦେଇଛନ୍ତି।




'ଛଟ୍ ମହାପର୍ବ'କୁ ୟୁନେସ୍କୋର ମାନବୀୟତାର ଅବର୍ଣ୍ଣନୀୟ ସଂସ୍କୃତି ଐତିହ୍ୟ ତାଲିକାରେ ସାମିଲ କରାଇବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ, ଏଥର ବିଜୟା ଦଶମୀ ଅନ୍ୟ ଏକ କାରଣ ପାଇଁ ଅଧିକ ସ୍ୱତନ୍ତ୍ର। ଏହିଦିନ ଆର୍‌ଏସ୍‌ଏସ୍ ଏହାର ପ୍ରତିଷ୍ଠାର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି। ଏହି ଶହେ ବର୍ଷର ଯାତ୍ରା କେବଳ ସ୍ମରଣୀୟ ନୁହେଁ ବରଂ ପ୍ରେରଣାଦାୟକ। ୧୦୦ ବର୍ଷ ପୂର୍ବେ ଯେତେବେଳେ ଆର୍‌ଏସ୍‌ଏସ୍ ପ୍ରତିଷ୍ଠା ହୋଇଥିଲା, ସେତେବେଳେ ଆମ ଦେଶ ଦାସତ୍ୱର ଶୃଙ୍ଖଳରେ ଥିଲା, ଯେଉଁ ଦାସତ୍ୱ ଆମର ଆତ୍ମବିଶ୍ୱାସ ଏବଂ ଆତ୍ମସମ୍ମାନରେ ଗଭୀର କ୍ଷତ ସୃଷ୍ଟି କରିଥିଲା ଓ ଦେଶବାସୀଙ୍କ ମଧ୍ୟରେ ହୀନମନ୍ୟତା ଦେଖାଦେଇଥିଲା। ଦେଶ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ଦାସତ୍ୱ ଚିନ୍ତାଧାରାରୁ ମୁକ୍ତ କରିବା ଜରୁରୀ ହୋଇପଡ଼ିଥିଲା। ସେହି ଉଦ୍ଦେଶ୍ୟରେ କେ.ବି. ହେଡଗେୱର ୧୯୨୫ରେ ଆରଏସ୍‌ଏସ୍ ପ୍ରତିଷ୍ଠା କରିଥିଲେ। ଗୁରୁ ଗୋଓ୍ୱାଲକର ଏହାକୁ ଦେଶ ସେବାର ମହାଯଜ୍ଞ ଆଡ଼କୁ ନେଇଯାଇଥିଲେ ବୋଲି ମୋଦି କହିଛନ୍ତି। ଏଥିସହିତ ସେ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ ଏବଂ ଖ୍ୟାତନାମା ଗାୟିକା ଲତା ମଙ୍ଗେସ୍କରଙ୍କୁ ସେମାନଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ହାଇୱେରେ ବିବାହ ବିଜ୍ଞାପନ ହୋର୍ଡିଂ

**ୱାଶିଂଟନ:** ଜଣେ ଭଲ ଜୀବନସାଥୀ ଖୋଜିବା ପାଇଁ ଲୋକେ ପ୍ରାୟତଃ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ, ବୈବାହିକ ୱେବ୍‌ସାଇଟ୍ କିମ୍ବା ଡେଟିଂ ଆପ୍ସଗୁଡ଼ିକୁ ବ୍ୟବହାର କରିଥାନ୍ତି। ନଚେତ୍ ସେମାନେ ସମ୍ପର୍କୀୟଙ୍କ ପରାମର୍ଶରେ ନିଜ ଜୀବନସାଥୀଙ୍କୁ ବାଛିଥାନ୍ତି। ତେବେ ଜଣେ ୪୨ ବର୍ଷୀୟା ଆମେରିକୀୟ ଅବିବାହିତ ମହିଳା ନିଜ ବିବାହ ପାଇଁ ଏକ ଭିନ୍ନ ଉପାୟ ଅବଲମ୍ବନ କରିଛନ୍ତି। ସେ ଆମେରିକାର ଏକ ରାଜପଥରେ ନିଜ ବିବାହ ପାଇଁ ଏକାଧିକ ବିଜ୍ଞାପନ ବିଲ୍‌ବୋର୍ଡ ଲଗାଇଛନ୍ତି। ଏହି ବିଲବୋର୍ଡରେ ତାଙ୍କ ୱେବ୍‌ସାଇଟର ନାମ ଉଲ୍ଲେଖ ରହିଛି।

ନ୍ୟୁୟର୍କ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆମେରିକାର କାଲିଫର୍ନିଆ ବାସିନ୍ଦା ଲିସା କାଟାଲାନୋ ପୋଷାକ ବ୍ୟବସାୟୀ ଭାବେ ନିଜ ଜୀବିକା ନିର୍ବାହ କରୁଛନ୍ତି। ତେବେ ବିଭିନ୍ନ ଡେଟିଂ ଆପ୍ସ ଏବଂ ମାଟ୍ରିମୋନିଆଲ ପ୍ଲାଟ୍‌ଫର୍ମଗୁଡିକରେ ବିଫଳ ହେବା ପରେ




ସେ ସାଣ୍ଟା କ୍ଲାରାରୁ ସାନ୍ ଫ୍ରାନ୍ସିସ୍କୋ ପର୍ଯ୍ୟନ୍ତ ପରିବ୍ୟାପ୍ତ ୪୫ ମାଇଲ ବିଶିଷ୍ଟ ହାଇୱେ ୧୦୧ଏର ଉଭୟ ପାର୍ଶ୍ୱରେ ଏକ ଡଜନ ବିଲବୋର୍ଡକୁ ଭଡ଼ାରେ ନେଇଛନ୍ତି। ଏହି ବିଲବୋର୍ଡଗୁଡ଼ିକରେ ଲିସାଙ୍କ ବିବାହ ପାଇଁ ବିଜ୍ଞାପନ ଦିଆଯାଇଛି। ଲିସାଙ୍କୁ ବିବାହ ପାଇଁ ଆଗ୍ରହୀ ବ୍ୟକ୍ତିମାନେ ତାଙ୍କ ୱେବ୍‌ସାଇଟ ମାଧ୍ୟମରେ ସିଧାସଳଖ ଆବେଦନ କରିପାରିବେ। ଲିସା କହିଛନ୍ତି, ସେ ପ୍ରଥମ ଦେଖାରେ ହେଉଥିବା ପ୍ରେମକୁ ବିଶ୍ୱାସ କରନ୍ତି। ସମ୍ପ୍ରତି ସେ ଯେକୌଣସି ମୂଲ୍ୟରେ ନିଜ ପାଇଁ ଜୀବନସାଥୀ ଖୋଜିବାକୁ ସ୍ଥିର କରିଛନ୍ତି। ତେବେ ଏହା ତାଙ୍କର କୌଣସି ପବ୍ଲିସିଟି ଷ୍ଟଣ୍ଟ ନୁହେଁ ବୋଲି ଲିସା ଜୋର୍‌ଦେଇ କହିଛନ୍ତି। ବିବାହ କରିବା ପାଇଁ ଏହା ତାଙ୍କର ଏକ ଗମ୍ଭୀର ଏବଂ ଆତ୍ମନିର୍ଭରଶୀଳ ପ୍ରୟାସ। ତାଙ୍କର ବିଜ୍ଞାପନ ହୋର୍ଡିଂକୁ ଦେଖି ଯୋଗ୍ୟ ବ୍ୟକ୍ତିମାନେ ତାଙ୍କ ବ୍ୟକ୍ତିଗତ ଡେଟିଂ ୱେବ୍‌ସାଇଟ୍ marrylisa.comକୁ ଯାଇ ସେଠାରେ ଲିସାଙ୍କ ମନ ମୁତାବକ ଜୀବନସାଥୀଙ୍କଠାରେ ଆବଶ୍ୟକ ଥିବା ଗୁଣଗୁଡ଼ିକ ସମ୍ପର୍କରେ ଜାଣିପାରିବେ ଓ ତାଙ୍କ ସହ ବିବାହ ପାଇଁ ସିଧାସଳଖ ଭାବେ ଆବେଦନ କରିପାରିବେ। ବିଲ୍‌ବୋର୍ଡ ବ୍ୟତୀତ ଲିସା ଟ୍ୟାକ୍ସିଗୁଡ଼ିକରେ ମଧ୍ୟ ନିଜ ବିବାହ ପାଇଁ ବିଜ୍ଞାପନ ଲଗାଇଛନ୍ତି। ତେବେ ଏହି ପ୍ରୟାସ ପାଇଁ ଅନେକେ ଲିସାଙ୍କୁ ଟ୍ରୋଲ୍ କରୁଛନ୍ତି। ଏହାର ଜବାବ ରଖି ଲିସା କହିଛନ୍ତି, ସେ କେବଳ ପ୍ରକୃତ ପ୍ରେମ ଚାହାନ୍ତି। ଡେଟିଂ ଆପ୍ସରେ ବାରମ୍ବାର ବିଫଳତା ପାଇବା ପରେ ସେ ଏହି ଭିନ୍ନ ପଥ ବାଛିଛନ୍ତି। ସେ ବିବାହ କରିବା ସହ ନିଜ ପରିବାର ଆରମ୍ଭ କରିବାକୁ ଚାହାନ୍ତି। ଏକ ସୁସ୍ଥ ଜୀବନଶୈଳୀ ଅନୁସରଣ କରୁଥିବା ୩୫ରୁ ୪୫ ବର୍ଷ ବୟସର ଜଣେ ଜୀବନସାଥୀ ସେ ଚାହାନ୍ତି।

# ସମ୍ପ୍ରତି ମଧ୍ୟସ୍ଥତାର ପ୍ରାସଙ୍ଗିକତା ବହୁତ ରହିଛି: ଏମ୍. ସୁନ୍ଦରେଶ



ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥ ସମ୍ମିଳନୀର ରବିବାର ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର,୨୮।୯
(ରବିନାରାୟଣ ଜେନା)

## ମଧ୍ୟସ୍ଥତା ସମ୍ମିଳନୀ ଉଦ୍‌ଯାପିତ

ମହାବୀର ହନୁମାନ ହେଉଛନ୍ତି ଜଣେ ବଡ଼ ମଧ୍ୟସ୍ଥ। କାରଣ ସେ ସତ୍ୟ ଓ ନ୍ୟାୟର ମଧ୍ୟସ୍ଥତା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ। ତେଣୁ ମଧ୍ୟସ୍ଥତାର ପ୍ରାସଙ୍ଗିକତା ଅତୀବ ପୁରାତନ। ଏହାକୁ ବର୍ତ୍ତମାନ ଉପଯୋଗୀ କରିବାର ଆବଶ୍ୟକତା ରହିଛିବୋଲିସୁପ୍ରିମକୋର୍ଟର ନ୍ୟାୟମୂର୍ତ୍ତି ଏମ୍.ଏମ୍. ସୁନ୍ଦରେଶ କହିଛନ୍ତି। ରବିବାର ଦୁଇଦିନିଆ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ-୨୦୨୫ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ସୁନ୍ଦରେଶ ରାମାୟଣ ଯୁଗର ଉଦାହରଣ ଦେଇ ସମ୍ପ୍ରତି ମଧ୍ୟସ୍ଥତା ଦ୍ୱାରା ଜଟିଳ ମାମଲାର ସମାଧାନ ହୋଇପାରିବ। ତେବେ ଏହି କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନା କରିବାକୁ ପଡ଼ିବ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ଓଡ଼ିଶା ମାଟି ହେଉଛି ମଧ୍ୟସ୍ଥତାର ମାଟି। ଆମର ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ହେଉଛି ମଧ୍ୟସ୍ଥତାର ଏକ ନିଚ୍ଛକ ପ୍ରଦର୍ଶନ। କରୋନା ମହାମାରୀ ଆମକୁ ଅନ୍‌ଲାଇନ୍ ମାଧ୍ୟମରେ ମାମଲା ଶୁଣାଣି ପାଇଁ ପଥ ଦେଖାଇଥିଲା। ଏବେ ବୈଷୟିକ ଜ୍ଞାନ କୌଶଳ ବୃଦ୍ଧି ପାଇଛି। କୃତ୍ରିମ ବୁଦ୍ଧିମତ୍ତା ଉପଯୋଗ ହେଉଛି। ବିଭିନ୍ନ ରାଜ୍ୟରେ ମାତୃଭାଷାରେ ଆଇନଗତ ମାମଲାର ଶୁଣାଣି କରାଯିବା ଉପରେ ଗୁରୁତ୍ୱ ଦିଆଯିବାକୁ ସେ ସେ ମତ ରଖିଥିଲେ।

ସଭାରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଯୋଗଦେଇ ମଧ୍ୟସ୍ଥତା ବିଭିନ୍ନ କ୍ଷେତ୍ରରେ ରହୁଥିବା ମାମଲାରେ ବିବାଦ ସମାଧାନର ଏକ ବିକଳ୍ପ ବ୍ୟବସ୍ଥା ବୋଲି କହିଥିଲେ। ଏହି ସମ୍ମିଳନୀରୁ ଆଲୋଚିତ ନିଷ୍କର୍ଷ ଆଧାରରେ ଦେଶରେ ମଧ୍ୟସ୍ଥତା ବ୍ୟବସ୍ଥାରେ ଉନ୍ନତି ପାଇଁ ସମସ୍ତ ପ୍ରୟାସ କରାଯିବ।

ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଅହସାନୁଦ୍ଦିନ ଅମାନୁଲ୍ଲାହ ଯୋଗଦେଇ ଆଇନଗତ ମାମଲାରେ ଜଣେ ଜିତେ ଓ ଜଣେ ହାରେ। ତେଣୁ ଜଣେ ଦୁଃଖ ପାଏ। କିନ୍ତୁ ମଧ୍ୟସ୍ଥତା ଜରିଆରେ ହୋଇଥିବା ମାମଲାର ସମାଧାନରେ ଉଭୟ ପକ୍ଷ ସନ୍ତୁଷ୍ଟ ହୋଇଥାନ୍ତି ବୋଲି କହିଥିଲେ।

ସର୍ବୋଚ୍ଚ ନ୍ୟାୟାଳୟର ଅନ୍ୟତମ ବିଚାରପତି ନ୍ୟାୟମୂର୍ତ୍ତି ସଞ୍ଜୟ କରୋଲ ଯୋଗଦେଇ ଆଇନଗତ ମାମଲା ଫଇସଲାରେ ମଧ୍ୟସ୍ଥତାର ଆବଶ୍ୟକତା ସମ୍ପର୍କରେ ମତ ରଖି କହିଲେ, ଦେଶରେ ବିଭିନ୍ନ ଆଇନଗତ ମାମଲା ବଢ଼ି ଚାଲିଛି। ବିଶେଷ କରି ସମାଜର ଅବହେଳିତ ବର୍ଗର ଲୋକେ ସେମାନଙ୍କ ନ୍ୟାଯ୍ୟ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ସମ୍ମିଳନୀରେ ଯୋଗଦେଇଥିବା ବିଚାରପତି, ଆଇନଜୀବୀ ଏବଂ ମହାଧିବକ୍ତା, ପ୍ରଶାସନିକ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ତୃଣମୂଳସ୍ତରରେ ରହୁଥିବା ସମସ୍ୟାକୁ ସମାଧାନ କରିବାରେ ସମସ୍ତଙ୍କର ସମ୍ମିଳିତ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ କହିଥିଲେ, ରାଜନୈତିକ ହେଉ ବା ଅନ୍ୟ କ୍ଷେତ୍ରରେ ହେଉ, ବିବାଦ ଉପୁଜିବା ପୂର୍ବରୁ ମଧ୍ୟସ୍ଥତାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି। ମଧ୍ୟସ୍ଥତା ପାଇଁ ସଂସ୍ଥାଗତ ଦକ୍ଷତା ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ସଙ୍ଗମ ସାହୁ, ନ୍ୟାୟମୂର୍ତ୍ତି କୃଷ୍ଣରାମ ମହାପାତ୍ର, ନ୍ୟାୟମୂର୍ତ୍ତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ, ଭାରତ ସରକାରଙ୍କ ସଲିସିଟର ଜେନେରାଲ ତୁଷାର ମେହେଟା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ସରକାରଙ୍କ ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ସଭା ପରିଚାଳନା କରିଥିବା ବେଳେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଶରେ ୨.୫ଲକ୍ଷ ମଧ୍ୟସ୍ଥଙ୍କ ଆବଶ୍ୟକତା ରହିଛି

### ଭାରତରେ ମଧ୍ୟସ୍ଥତା ବ୍ୟବସ୍ଥାକୁ ସୁଦୃଢ଼ ପାଇଁ ଆଲୋଚନା

ଭୁବନେଶ୍ୱର,୨୮।୯
(ରବିନାରାୟଣ ଜେନା)

ଦେଶରେ ଏବେ ୨.୫ ଲକ୍ଷ ମଧ୍ୟସ୍ଥଙ୍କ ଆବଶ୍ୟକ ରହିଥିବା ବେଳେ ଏବେ ମାତ୍ର ୧୩,୦୦୦ ମଧ୍ୟସ୍ଥ ରହିଛନ୍ତି ବୋଲି ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ତଥା ଜାତୀୟ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ କହିଛନ୍ତି। ଲୋକସେବା ଭବନରେ ଆୟୋଜିତ ଦୁଇଦିନିଆ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀରେ ସୂର୍ଯ୍ୟକାନ୍ତ କହିଛନ୍ତି, ଏଥିପାଇଁ ଏକ ସୁବ୍ୟବସ୍ଥିତ ମଧ୍ୟସ୍ଥତା ବ୍ୟବସ୍ଥା କରାଯିବା ବର୍ତ୍ତମାନ ସମୟର ଆହ୍ୱାନ ହୋଇଛି।

ସୁପ୍ରିମକୋର୍ଟର ନ୍ୟାୟମୂର୍ତ୍ତି ବି.ଭି. ନାଗରତ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ କ୍ଷେତ୍ର-ନିର୍ଦ୍ଦିଷ୍ଟ ଭିତ୍ତିରେ ମଧ୍ୟସ୍ଥତା ଏବଂ ଦକ୍ଷତା ଓ ଫଳାଫଳ ଆଧାରିତ ପ୍ରକ୍ରିୟା-କୈନ୍ଦ୍ରିକ ମଧ୍ୟସ୍ଥତା ବିଷୟରେ ଆଲୋଚନା କରାଯାଇଥିଲା। ନ୍ୟାୟମୂର୍ତ୍ତି ବି.ଭି. ନାଗରତ୍ନା କହିଲେ, ଆଇନରେ ରହୁଥିବା ମାନବ ଦ୍ୱନ୍ଦ୍ୱଗୁଡ଼ିକୁ ମଧ୍ୟସ୍ଥତା ପ୍ରକ୍ରିୟା ମାଧ୍ୟମରେ ସମାଧାନ କରାଯାଇପାରିବ। ପରିବେଶ ସୁରକ୍ଷା ସମ୍ବନ୍ଧୀୟ ବିବାଦଗୁଡ଼ିକ ସମାଧାନ କରିବା ପାଇଁ ସବୁଜ ମଧ୍ୟସ୍ଥର ଆବଶ୍ୟକତା ରହିଛି। ସେହିଭଳି କମ୍ପାନୀ ମାମଲାରେ ଶିଳ୍ପଭିତ୍ତିକ ଆଇନ ପାଇଁ ସ୍ୱତନ୍ତ୍ର ମଧ୍ୟସ୍ଥର ଆବଶ୍ୟକତା ରହିଛି ବୋଲି କହିଥିଲେ।

ତୃତୀୟ ଅଧିବେଶନରେ ସୁପ୍ରିମକୋର୍ଟ ଜଷ୍ଟିସ୍ ଅରବିନ୍ଦ କୁମାର ଅଧ୍ୟକ୍ଷତା କରି ରାଜ୍ୟ ସମ୍ବନ୍ଧୀୟ ମାମଲାଗୁଡ଼ିକରେ ମଧ୍ୟସ୍ଥତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ବୋଲି କହିଥିଲେ। ଅଧିକାରୀମାନେ ନିୟମ ନିର୍ମାତା ହେବା ଅପେକ୍ଷା ରାଜ୍ୟ ସୁବିଧାଦାତା ହେବା ଉଚିତ। ସରକାରୀ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ମଧ୍ୟସ୍ଥତା ଏବଂ ପାରସ୍ପରିକ ସମ୍ମାନଜନକ ନିଷ୍ପତ୍ତି ଆବଶ୍ୟକ ବୋଲି ସେ କହିଥିଲେ।

ଚତୁର୍ଥ ପର୍ଯ୍ୟାୟ ଅଧିବେଶନରେ ସୁପ୍ରିମ୍‌କୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି ଜେ.କେ. ମାହେଶ୍ୱରୀ ଅଧ୍ୟକ୍ଷତା କରିଥିଲେ। ଅଧିବେଶନରେ କମର୍ସିଆଲ୍ କୋର୍ଟ୍ସ ଆଇନ୍ ଅନୁସାରେ ବିବାଦ ଉପୁଜିବା ପୂର୍ବରୁ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ କରାଯିବା ସମ୍ପର୍କରେ ଆଲୋକପାତ କରାଯାଇଥିଲା।

ପଞ୍ଚମ ପର୍ଯ୍ୟାୟ ଅଧିବେଶନରେ ସୁପ୍ରିମକୋର୍ଟ ବିଚାରପତି ନ୍ୟାୟମୂର୍ତ୍ତି ପ୍ରଶାନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସହ-ଅଧ୍ୟକ୍ଷତାରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର ମୁଖ୍ୟବିଚାରପତି ନ୍ୟାୟମୂର୍ତ୍ତି ଅରୁଣ ଭଂସାଲୀ, ଜମ୍ମୁକଶ୍ମୀର ଓ ଲଦାଖ ଉଚ୍ଚ ନ୍ୟାୟାଳୟର ମୁଖ୍ୟବିଚାରପତି ସଂଜୀବ ସଚ୍ଚଦେବା ଉପସ୍ଥିତ ଥିଲେ। ଏହି ଅବସରରେ ମଧ୍ୟସ୍ଥତା ଦ୍ୱାରା କିଭଳି ଜଟିଳ ସମସ୍ୟାର ସରଳ ସମାଧାନ ହୋଇପାରିବ ତା'ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

## ଲକ୍ଷାଧିକ ଟଙ୍କାର ବାଣ ଜବତ, ୨ ଗିରଫ

ଜଳେଶ୍ୱର,୨୮।୯(ନବୀନ ସାହୁ)

ବେଆଇନ ବାଣ ଗୋଦାମ ଉପରେ ଜଳେଶ୍ୱର ପୋଲିସ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିବା ସହିତ ୨ ବେପାରୀଙ୍କୁ ଗିରଫ କରିଛି। ଜଳେଶ୍ୱର ଥାନା ପଣ୍ଡିବାର୍ଡ଼ ଗ୍ରାମରେ ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ବେଆଇନ ଭାବରେ ବାଣ କାରବାର କରିଆସୁଥିଲେ। ଏନେଇ ଜଳେଶ୍ୱର ପୋଲିସ ପାଖରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେବେ ରବିବାର ଜଳେଶ୍ୱର ଏଏସ୍ଆଇ ଭଗବାନ ଦାସଙ୍କ ନେତୃତ୍ୱରେ ଜଳେଶ୍ୱର ପୋଲିସ ଉକ୍ତ ବେଆଇନ ବାଣ ଗୋଦାମରେ ଚଢ଼ାଉ କରି ବିପୁଳ ପରିମାଣରେ ବାଣ ଜବତ କରିବା ସହିତ ଉକ୍ତ ଯୁବକଙ୍କୁ ଗିରଫ କରିଛି। ଉକ୍ତ ବାଣର ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ହେବ। ସେହିପରି ଭାବରେ ଆରୁହା ପଞ୍ଚାୟତ ଶଳିକୋଠ ଗ୍ରାମରେ ଚଢ଼ାଉ କରି ୩୦ ହଜାର ଟଙ୍କାର ବାଣ ଜବତ କରିବା ସହିତ ବାଣ ବେପାରୀଙ୍କୁ ଗିରଫ କରିଛି।







## ୪୦ଟଙ୍କା ପାଇଁ ଜୀବନ ହାରିଲେ ମହିଳା

### ବାପ ଘରକୁ ଯିବାକୁ ଟଙ୍କା ଦେଲେନି ସ୍ୱାମୀ

ପାଟଣା,୨୮।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଖଡ଼ିକାପଦା ପଞ୍ଚାୟତ ଗୋହିରା ଗ୍ରାମ ଚଉରି ସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବାପଘରକୁ ଯିବାକୁ ସ୍ୱାମୀ ଟଙ୍କା ନ ଦେବାରୁ ମହିଳା ରବିବାର ଏକ ମହୁଲ ଗଛରେ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ଜଣକ ହେଲେ ଗ୍ରାମର ବିଦ୍ୟାଧର ମୁଣ୍ଡାଙ୍କ ସ୍ତ୍ରୀ ଜାନକୀ ମୁଣ୍ଡା(୧୯)। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

### ମହୁଲ ଗଛରେ ଝୁଲିପଡ଼ିଲେ

ସୂଚନା ଅନୁଯାୟୀ, ଜାନକୀ ବାପ ଘରକୁ ଯିବାକୁ ବିଦ୍ୟାଧରଙ୍କୁ ଗାଡ଼ି ଭଡ଼ା ପାଇଁ ୪୦ ଟଙ୍କା ମାଗିଥିଲେ। ମାତ୍ର ସେ ନ ଦେବାରୁ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ଏନେଇ ଜାନକୀ ରବିବାର ସକାଳୁ ଘରୁ ରାଗି ଚାଲି ଯାଇଥିଲେ। ଗାଁ ନିକଟସ୍ଥ ଜଙ୍ଗଲରେ ଆତ୍ମହତ୍ୟା କରିଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତ ଜାଣିବାକୁ ପାଇଥିବା ସୂଚନା ଦେଇଛି। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ. ୨୭/୨୫) ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ମାନସ କୁମାର ମହାକୁଳ କହିଛନ୍ତି।

## ବାପ ଝିଅଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ

ବଣ୍ଟା,୨୮।୯(ପରିକ୍ଷିତ ସାହୁ)

ଅନ୍ଧାରୁଆ ରାସ୍ତାରେ ଛକି ରହିଥିଲେ। ବାପଝିଅଙ୍କୁ ଏକୁଟିଆ ଦେଖି ଅଟକାଇବା ସହ ଲୁଟ୍ ଉଦ୍ୟମ କଲେ। ହେଲେ ଏଥିରେ ବିଫଳ ହେବାରୁ ସେମାନଙ୍କୁ ନିସ୍ଥୁକ ମାଡ଼ ମାରି ଲହୁଲୁହାଣ କରିବା ସହ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଛନ୍ତି ୩ ଯୁବକ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଚେରଖଣ୍ଡି ଓ ଆମ୍ବସରମୁଣ୍ଡା ରାସ୍ତାରେ। ଆହତ ରବି ସାହୁଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

### ଲୁଟ୍ ଉଦ୍ୟମ ବିଫଳରୁ ଆକ୍ରମଣ

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତିରେ ଭାଗୀରଥିପୁର ଗ୍ରାମର ରବି ସାହୁ ଓ ତାଙ୍କ ଝିଅ ଚେରଖଣ୍ଡି ଓ ଆମ୍ବସରମୁଣ୍ଡା ରାସ୍ତାରେ ଘରକୁ ଫେରୁଥିବାବେଳେ ବାଟରେ ଅନ୍ଧାରୁଆ ସ୍ଥାନରେ ଆଠମଲ୍ଲିକ ଥାନା ଯଦୁପୁର ଗ୍ରାମର ବୀରେନ୍ଦ୍ର ସାହୁ, ବିଭୁ ସାହୁ ଏବଂ ଜିତେନ୍ଦ୍ର ସାହୁ ସେମାନଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ତେବେ ପାଖରେ ଟଙ୍କା ନ ଥିବା କହିବାରୁ ଉଭୟ ବାପଝିଅଙ୍କୁ ଅଭିଯୁକ୍ତମାନେ ଠେଙ୍ଗାରେ ଆକ୍ରମଣ କରିବା ସହ ଝିଅ ପିନ୍ଧିଥିବା ସୁନା କାନଫୁଲକୁ ଛିଣ୍ଡାଇ ନେଇ ଯାଇଥିଲେ। ଏହାକୁ ରବି ପ୍ରତିବାଦ କରିବାରୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ପାଖରେ ରଖିଥିବା ପେଟ୍ରୋଲକୁ ବାପଝିଅଙ୍କ ଉପରକୁ ଢାଳି ଦେବା ସହ ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ହେଲେ କୌଶଳକ୍ରମେ ରବି ଏବଂ ତାଙ୍କ ଝିଅ ଚିତ୍କାର କରି ସେଠାରୁ ଖସି ଆସିଥିଲେ। ଉଭୟେ ଆଠମଲ୍ଲିକ ମେଡିକାଲରେ ଚିକିତ୍ସିତ ହେବାପରେ ଶନିବାର ରବି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୨୭୦/୨୫) ରୁଜୁ କରିଛି। ତଦନ୍ତ ଚାଲିଛି, ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ଥାନା ଅଧିକାରୀ ଶଶିଭୂଷଣ ବେହେରା କହିଛନ୍ତି।



**ଆଜିର ମନ୍ତବ୍ୟ**

“ଲଦାଖବାସୀ, ସେମାନଙ୍କ ସଂସ୍କୃତି ଓ ପରମ୍ପରାକୁ ଭାଜପା ଏବଂ ଆର୍‌ଏସ୍‌ଏସ୍ ଟାର୍ଗେଟ କରୁଛନ୍ତି। ଲଦାଖୀମାନେ କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ପ୍ରଦାନ ଦାବି କରିଥିବାବେଳେ ଭାଜପା ଗୁଳିମାଡ଼ରେ ଏହାର ଜବାବ ଦେଇଛି। –ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ପୂଜା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୭ଟା ୧୦।
- ରେସିଡେଣ୍ଟସ୍ ୱେଲ୍‌ଫେୟାର ଆସୋସିଏଶନ୍ ପକ୍ଷରୁ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ମହା ସପ୍ତମୀ ପୂଜା, ସ୍ଥାନ: ଶୈଳଶ୍ରୀ ବିହାର, ଫେଜ୍ ୭, ସମୟ: ସକାଳ ୯ଟା।
- ୭୦ତମ ଦୁର୍ଗାପୂଜା ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଷ୍ଟେଶନ୍ ବଜାର ପୂଜା ମଣ୍ଡପ, ସମୟ: ସକାଳ ୯ଟା।
- ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ପୂଜା, ସ୍ଥାନ: ଝାରପଡ଼ା ମେଲଣ ପଡ଼ିଆ, ସମୟ: ସକାଳ ୯ଟା ୩୭।
- ବମିଖାଲ ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ପୂଜା, ସ୍ଥାନ: ବମିଖାଲ ଦୁର୍ଗାପୂଜା ମଣ୍ଡପ, ସମୟ: ସକାଳ ୯ଟା ୩୭।
- ପୁସ୍ତକ 'ମୋ କର୍ମମୟ ଜୀବନ' ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୪ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଗୋଟିପୁଅ ନୃତ୍ୟ, ସ୍ଥାନ: ବାଲିଅନ୍ତା ବଜାର ଛକ, ସମୟ: ସନ୍ଧ୍ୟା ୭ଟା।
- ଗଡ ନହରକଣ୍ଟା ଦୁର୍ଗା ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଡ ନହରକଣ୍ଟା ଦୁର୍ଗା ପୂଜା ମଣ୍ଡପ ସମ୍ମୁଖ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ସପ୍ତମ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।

## ପୁରୀ

- ବଡ଼ଶଙ୍ଖ ଦୁର୍ଗାପୂଜା କମିଟି ପକ୍ଷରୁ ମହାଷ୍ଟମୀ ପୂଜା, ସ୍ଥାନ: ବଡ଼ଶଙ୍ଖ, ସମୟ: ସକାଳ ୬ଟା।
- ଜହ୍ନିଖାଇ ଠାକୁରାଣୀଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଦୋଳମଣ୍ଡପ ସାହି, ସମୟ: ରାତି ୮ଟା।
- ଭୋଗଯାଗା ଠାକୁରାଣୀଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ମାଟିମଣ୍ଡପ ସାହି, ସମୟ: ରାତି ୮ଟା।
- ମା' ଶୂନ୍ୟ ଗୋଷାଣୀଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ମାଟିମଣ୍ଡପ ସାହି ଆଖଡ଼ା, ସମୟ: ରାତି ୮ଟା।
- ବାରବାଟି ଗୋଷାଣୀଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ହରଚଣ୍ଡୀ ସାହି, ସମୟ: ରାତି ୮ଟା
- ଷ୍ଟେସନ ବଜାର ଦୁର୍ଗାପୂଜା କମିଟିର ଦୁର୍ଗାପୂଜା, ସ୍ଥାନ: ଷ୍ଟେଶନ ବଜାର, ସମୟ: ସକାଳ ୭ଟା।
- ରେଲ୍‌ୱେ ଷ୍ଟେଶନ ଦୁର୍ଗାପୂଜା କମିଟିର ଶାରଦୀୟ ଉତ୍ସବ, ସ୍ଥାନ: ଷ୍ଟେଶନ ବଜାର, ସମୟ: ସକାଳ ୯ଟା।

## ବାଲେଶ୍ୱର

- ଦୁର୍ଗାଦାସ ଫାଉଣ୍ଡେଶନ ଓ ମନ୍ମଥ–ମନୋଜ ଫାଉଣ୍ଡେଶନ ମିଳିତ ସହଯୋଗରେ ଅମୃତ ସନ୍ତାନ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଦୁର୍ଗାଦାସଙ୍କ ୧୦୬ ତମ ଜୟନ୍ତୀ, ସ୍ଥାନ: ମନ୍ମଥ–ମନୋଜ ସ୍ମାରକୀ କକ୍ଷ, ଶଙ୍ଖାରୀ, ଭୋଗରାଇ, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ମହାସପ୍ତମୀ ପୂଜା, ସ୍ଥାନ: ଗାନ୍ଧୀପଡ଼ିଆ ପୂଜା ମଣ୍ଡପ, ଭଦ୍ରକ, ସମୟ: ପ୍ରାତଃ ୫ଟା ୩୯।
- ପୂର୍ବତନ ସ୍ୱାସ୍ଥ୍ୟ ନିରୀକ୍ଷକ ସ୍ୱର୍ଗତ ମଧୁସୂଦନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଡାହାଣୀଗଡ଼ିଆ ଶ୍ରୀକୃଷ୍ଣନଗର, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମା' ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ: ହାଟଡ଼ିହୀ, ଅଣା, ବଡ଼ରମ୍ପାସ, ଛେନାପଦି, ସମୟ: ସକାଳ ୮ ଟା।
- ବାବା ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ହାଟଡ଼ିହୀ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଜୀବନ ଦୀପ କ୍ଲବ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍ ସ୍ଥାନ: ପାଟଣା ବ୍ଲକ୍ ଯମୁନା ପୋଷି ପଞ୍ଚାୟତ ଗୋଡ଼ି ପୋଖରୀ ଫୁଟ୍‌ବଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଭକ୍ତି ସଙ୍ଗୀତ ଓ ନୃତ୍ୟ ଅର୍ଘ୍ୟ, ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ମହା ସପ୍ତମୀ ପୂଜା, ସ୍ଥାନ: ବୁଗୁଡ଼ା ବସଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ ଟା।

## ଢେଙ୍କାନାଳ

- ମହାଷ୍ଟମୀ ଷୋଡଶ ଦିନାତ୍ମକ ପୂଜା ସମାପନ ଉତ୍ସବ, ସ୍ଥାନ: ବନଦୁର୍ଗା ମା ମଲ୍ଲିକେଶ୍ୱରୀ ପୀଠ, ସମୟ: ଦିନ ୧୨ଟା

- ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଂଟର ଉଦଘାଟନ, ସ୍ଥାନ: ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଭୋଟ ଚୋରି ପ୍ରସଙ୍ଗରେ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ପ୍ରତି ୱାର୍ଡରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ ଦଳୀୟ କାର୍ଯ୍ୟାଳୟ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତେରୋହୀ, ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା
- ମହାଷ୍ଟମୀ ଅବସରରେ ମା' ଦୁର୍ଗାଙ୍କ ମହାକାଳୀ ବେଶ, ସ୍ଥାନ: ଦୁର୍ଗା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡା, ସମୟ: ପ୍ରାତଃ ୫ଟା ।

## ଯାଜପୁର

- ଯାଜପୁର ମା' ବିରଜାଙ୍କ ମହାସ୍ନାନ ରାତ୍ର, ମହାବେଶ ଓ ପୂଜାରମ୍ଭ, ସ୍ଥାନ: ମା' ବିରଜା ମନ୍ଦିର, ସମୟ: ରାତି ୮ଟା ୧୫ ମିନିଟ।
- ବ୍ୟାସନଗର ମା' ବିରଜାଙ୍କ ଅଷ୍ଟମୀ ପୂଜା ଓ ପ୍ରସାଦ ସେବନ, ସ୍ଥାନ: ମନ୍ଦିର ପରିସର, ସମୟ : ଅପରାହ୍ନ ୧ଟା।

## ନୟାଗଡ଼

- ତ୍ରିଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ମହାସପ୍ତମୀରେ ଜଳଯାତ୍ରା, ସ୍ଥାନ: ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ ପରିସରସ୍ଥ ଦୁର୍ଗା ମଣ୍ଡପ, ସମୟ: ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା।
- ତ୍ରିଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଓଡଗାଁ ବ୍ଲକ ପାଟୁଲିସାହି, ଡିମିଶର, ହରିପୁର ନୟାଗଡ ବ୍ଲକ ଆଡଚେର, ମାନପୁର, ନାଗମୁଣ୍ଡଳ. ସମୟ: ସକାଳ ୮ଟା ରୁ ରାତି ୯.୩୦ ।
- ବିଶ୍ୱଶାନ୍ତି ମହଯଜ୍ଞ ଆରମ୍ଭ, ସ୍ଥାନ: କଣ୍ଟିଲୋ ପାଣ୍ଡୁସାହୁ ପାଟଣା, ସମୟ: ସକାଳ ୮ଟା।
- ଦୁର୍ଗାପୂଜା ମହାଷ୍ଟମୀ ପୂଜା, ସ୍ଥାନ: ଖଣ୍ଡପଡା ବ୍ଲକ ବନମାଳିପୁର ପଞ୍ଚାୟତ ବାହାଡାଗୁଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗାପୂଜା ଅବସର ମହାଅଷ୍ଟମୀ ପୂଜା, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦର ମହିଷାଘୁଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗାପୂଜା ଅବସରରେ ମହାଅଷ୍ଟମୀ ପୂଜା, ସ୍ଥାନ: କଣ୍ଟିଲୋ ଶ୍ମଶାନ ଚଣ୍ଡୀ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗାପୂଜା ଅବସର ମହାଅଷ୍ଟମୀ ପୂଜା, ସ୍ଥାନ: ଖଣ୍ଡପଡା ଉମାଦେବୀ ଓ ପାଟଚଣ୍ଡୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସରେ ରଣପୁର ଫ୍ରେଣ୍ଡସ୍ କ୍ଲବ ବନାମ ମାଣିଆବନ୍ଧ କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ।
- ମାସେ ଧରି ହେବାକୁ ଥିବା ଦାମୋଦର ପୂଜାର ଶୃଙ୍ଖଳୀତ ନୀତି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷିଣଚଣ୍ଡୀଙ୍କ ବାର୍ଷିକ ଉତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା, ସମୟ: ଅପରାହ୍ନ ୨ଟା ।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ମହାସପ୍ତମୀରେ ପଥରକଟାର ଭାରତଲୀଳା, ସ୍ଥାନ: ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ ପରିସରସ୍ଥ ଦୁର୍ଗା ମଣ୍ଡପ ସମ୍ମୁଖ, ସମୟ: ଅପରାହ୍ନ ୨ଟାରୁ ରାତ୍ର ୧୦ଟା ।
- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସଂନ୍ଧ୍ୟା ୭ଟା ।
- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସଂନ୍ଧ୍ୟା ୭ଟା ।

## ନବରଙ୍ଗପୁର

- ମା' ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ: ଡାବୁଗାଁ ବ୍ଲକ ସଦର ମହକୁମା ପୂଜା ମଣ୍ଡପ, ସମୟ: ସକାଳ ୮ ଟା।

## କୋରାପୁଟ

- ଦଶହରା ସପ୍ତମୀ ପୂଜା ଓ ଦର୍ଶନ ବିଧି, ସ୍ଥାନ: ବତ୍ରିସ ସିଂହାସନ ଓ ଅନ୍ୟ ଦେବୀ ପୀଠ, ସମୟ: ସକାଳ ୯ଟା।
- ବାଲ୍ୟ ବିବାହ ନିରାକରଣ ବୈଠକ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଲୋକ ଶକ୍ତି ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଅତିଥି ଭବନ, ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ମା'ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ: ମା' ବାଟମଙ୍ଗଳା ମନ୍ଦିର, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା।

## ମାଲକାନଗିରି

- ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ, ସ୍ଥାନ: ସଂଘ କାର୍ଯ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- କ୍ରୀଷ୍ଟା ବିକାଶ ହସ୍ପିଟାଲ ଆୟୋଜନରେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼ାରଜା ଜଗନ୍ନାଥ କଲୋନୀ ପାର୍କ, ସମୟ: ସକାଳ ୮ଟା।
- କାମାକ୍ଷା ମନ୍ଦିରରେ ଚଣ୍ଡିପାଠ, ସ୍ଥାନ: ଭାଲୁପାଲି ନିକଟସ୍ଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ମାଁ ମଙ୍ଗଳା କମିଟୀ ପକ୍ଷରୁ ଚଣ୍ଡିପାଠ, ସ୍ଥାନ: ଭୁତାପଡା ସ୍ଥିତ ମଙ୍ଗଳା ମନ୍ଦିର, ସମୟ: ସକାଳ ୯ଟା।
- ମାଁ ସମଲେଇଙ୍କ ଖଣ୍ଡାଧୂଆ ନିତି, ସ୍ଥାନ: ମହାନଦୀ ମଚ୍ଛିନ୍ଦ୍ର ଘାଟ, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠରେ ଅଷ୍ଟମୀ ଓ ଭାଇଜିଉଁନ୍ତିଆ ପୂଜା, ସ୍ଥାନ: ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ: ରାତି ୭ଟା।
- ଚିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ରାତି ୭ଟା।

## ରାଉରକେଲା

- ଦୁର୍ଗାପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା, ସ୍ଥାନ: ଅଭିମନ୍ୟୁ ନଗର, ସେକ୍ଟର–୩, ସମୟ: ସକାଳ ୮ଟା ୫୨।
- ସ୍ୱର୍ଗତ ରମାଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧା ଅନୁଷ୍ଠାନରେ ଶୈକ୍ଷିକ ଶିବିର, ସ୍ଥାନ: ସେକ୍ଟର–୭, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- ମା'ମାଣିକେଶ୍ୱରୀଙ୍କ ମହାଷ୍ଟମୀ ପୂଜା ଉପଲକ୍ଷେ ଘୁମୁରା ପ୍ରତିଯୋଗିତା ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀଙ୍କ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସାମାଜିକ ଅପେରା ପରିବେଷଣ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଟୈଗୁଡା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଜନତା ଦୁର୍ଗା ପୂଜା କମିଟି ପକ୍ଷରୁ ଭଜନ ସନ୍ଧ୍ୟା ସମାରୋହ, ସ୍ଥାନ: ଭବାନୀପାଟଣା, ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।
- ମହାଷ୍ଟମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଥୁଆମୂଳ ରାମପୁର ମା' ମାଣିକେଶ୍ୱରୀ ମନ୍ଦିର, ସମୟ: ରାତି ୯ଟା ୩୦।

## ଦେବଗଡ଼

- ନବରାତ୍ର ପୂଜା ଅଷ୍ଟମ ଦିବସ, ସ୍ଥାନ: ମା' କନକଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳି ମନ୍ଦିର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମହାଗୌରୀ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦
- ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ବସଷ୍ଟାଣ୍ଡ ଦୁର୍ଗା ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା
- ମହାନଦୀରେ ମାହେଶ୍ୱରୀଙ୍କ ମହାସ୍ନାନ, ସ୍ଥାନ: ଦେଉଳି ଘାଟ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା

## ନୂଆପଡ଼ା

- ଶ୍ରୀଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜାରେ ମାତା କାଳରାତ୍ରୀ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ବଜାର ପଡ଼ିଆ, ସମୟ: ସକାଳ ୮ ଟା ।
- ନାଗବାଚା ପାର୍ଟି ପକ୍ଷରୁ ଅଷ୍ଟ ମଙ୍ଗଳା ପୂଜା, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ନାଗବାଚା ଗୁଡି, ସମୟ: ସକାଳ ୯ ଟା।
- ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଧାରଣା ଅଷ୍ଟମ ଦିବସ, ସ୍ଥାନ: ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ତ୍ରୟୋଦଶ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅସୁସ୍ଥ ପାରିବେଶିକ କୁପ୍ରଭାବ, ମାନସିକ ଓ ଶାରୀରିକ ଦିଗ ସକାଶେ ଚିନ୍ତିତ ରହିପାରନ୍ତି। ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁମିଳନ ଓ ସକାଳୁଆ ଯାତ୍ରା ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ ଓ ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ। ଉପରିସ୍ଥଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ।

**ବୃଷ** ସ୍ୱାସ୍ଥ୍ୟ ବିଶେଷ ଭଲ ନ ଥିଲେ ମଧ୍ୟ ଗୁରୁତର ସମସ୍ୟା ରହିବ ନାହିଁ। ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ସମସ୍ୟା ସାମୟିକ ଲାଗିରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ବନ୍ଧୁ ମିଳନ, କଳା, ସାହିତ୍ୟ, ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ** ପୂର୍ବପରିକଳ୍ପିତ ନୂତନ ଯୋଜନା, ସ୍ଥଗିତ କାମ ଓ ପାରିବାରିକ ସମସ୍ୟାକୁ ସୁଧାରି ନେବେ। ସହନଶୀଳତା ଓ ଉଦାରତା ଗୁଣରୁ ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର ନ କଲେ ପରେ ଅନୁତାପ କରିବେ। ବାଣିଜ୍ୟ, ଆଲୋଚନା, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** ଅନୁକୂଳ ଗ୍ରହସ୍ଥିତି ଆପଣଙ୍କ ପାରିବାରିକ ଜୀବନ ଓ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟଲାଭର ସୌଭାଗ୍ୟ ପାଇ ଖୁସି ହେବେ। ବିଗତ ଦିନଗୁଡ଼ିକରୁ ରହିଯାଇଥିବା କାମ ସହଜ ଓ ସୁବିଧାରେ ହୋଇପାରିବ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବାର ଆଶା ରହିଛି।

**ସିଂହ** ଅପ୍ରିୟ ସତ୍ୟ କହିବାରୁ କିଛିଟା ସମସ୍ୟା ଓ ବିରୋଧର ସମ୍ମୁଖୀନ ହେବେ। ବ୍ୟବସାୟ, ପରିବହନ, ଜମିଜମା, କଳକାରଖାନାରୁ ଲାଭବାନ୍ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ସହ ହଠାତ୍ ମନୋମାଳିନ୍ୟ ଘଟିପାରେ।

**କନ୍ୟା** ବାରମ୍ବାର ପ୍ରତିବନ୍ଧକ ଲାଗିରହୁଥିବାରୁ କାମ ବିଳମ୍ବରେ ସମ୍ପନ୍ନ ହେବ। ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେଇପାରନ୍ତି କିନ୍ତୁ ତାହା କାମକୁ ଆସି ନ ପାରେ। ସହୃଦୟତା କାରଣରୁ ନିଜର ଆତ୍ମୀୟସ୍ୱଜନଙ୍କ ସମସ୍ୟା ପାଇଁ ଚିନ୍ତା ବଢିପାରେ। ଆଇନ ଅଦାଲତ, ସଭାସମିତି, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା, ବ୍ୟବସାୟ, ଯୋଗାଯୋଗ, ଜମିଜମା କାରବାର ପାଇଁ ଶୁଭପ୍ରଦ ହେବ। ସୁସମ୍ପର୍କ ଅଭାବରୁ ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ପରୋକ୍ଷ ଶତ୍ରୁତା ହେତୁ ସାମୟିକ ସମସ୍ୟା ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

**ବିଛା** ଆଜି ଯାହା ପାଇବା ପାଇଁ ଭାବୁଛନ୍ତି ତାହା ପାଇବେ କିନ୍ତୁ ସମୟକୁ ଅପେକ୍ଷା କରିବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତାଜନିତ କୌଣସି ଗୁଜବ ଅଶାନ୍ତିର କାରଣ ହେବ। ଆବଶ୍ୟକତା ପୂରଣ କରିବା ସକାଶେ ବିଶେଷ ଚିନ୍ତା କରିବାକୁ ପଡ଼ିବାର ଆଶଙ୍କା ରହିଛି। ପାରିବାରିକ ବନ୍ଧୁ ମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାଜନିତ ଆନନ୍ଦିତ ହୋଇପାରନ୍ତି।

**ଧନୁ** କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି।

**ମକର** ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ପ୍ରତ୍ୟେକ କାମକୁ ଦୃଢ଼ ପଦକ୍ଷେପ ନେଇ ହାସଲ କରିପାରିବେ। ଭୁଲ୍ ବୁଝାମଣାରୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ପରୋକ୍ଷ ଶତ୍ରୁତାରୁ କାମ ହାସଲରେ ପ୍ରତିବନ୍ଧକ ଦେଖାଦେବ। ପୁତ୍ରକନ୍ୟାଙ୍କୁ କେନ୍ଦ୍ରକରି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି।

**କୁମ୍ଭ** ବିଶିଷ୍ଟବ୍ୟକ୍ତିଙ୍କ ପରାମର୍ଶ ଆପଣଙ୍କୁ ନୂତନ ଭାବରେ କାମ କରିବାକୁ ଅନୁପ୍ରେରିତ କରିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଦୂର ଯାତ୍ରା କରିବାକୁ ପଡ଼ିପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବଧ୍ ହୋଇପାରନ୍ତି। ଆଇନ, ଅଦାଲତ ଓ ସାଂଗଠନିକ କାମରେ ସଫଳତା ହେତୁ ମାନସିକ ସ୍ଥିତି ଠିକ୍ ରହିବ।

**ମୀନ** ବନ୍ଧୁମାନଙ୍କ ସାହାଯ୍ୟରେ ପରିବାରରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନସନ୍ କମିଯିବ। କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଆଜି ସେପ୍ଟେମ୍ବର ୨୯ ତାରିଖ, ବିଶ୍ୱ ହୃଦୟ ବା ହୃତ୍‌ପିଣ୍ଡ ଦିବସ, ସର୍ଜିକାଲ୍ ଷ୍ଟ୍ରାଇକ୍ ଦିବସ, ଆଶ୍ୱିନ ଶୁକ୍ଳପକ୍ଷର ସପ୍ତମୀ ଯୁକ୍ତ ଅଷ୍ଟମୀ ସୋମବାର। ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା, ପୀଠେ ମହାଷ୍ଟମୀ ପୂଜା, ବିମଳା ଦେବୀଙ୍କ ପୂଜା, ଶ୍ରୀମନ୍ଦିରରେ ମହାଷ୍ଟମୀ। ରାଶି ନକ୍ଷତ୍ର–ମୂଳା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୦ ଗତେ ଘ. ୦୭।୦୯ ମଧ୍ୟେ, ଘ.୦୮।୫୦ଗତେ ଘ.୧୧।୧୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ. ୦୭।୦୯ ଗତେ ଘ.୦୮।୩୮ ମଧ୍ୟେ ରାହୁକାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହକ କଥା ନିମ୍ବ ତିଅଣ**
**ଆଗ ଆଗ ପିତା ପଛକୁ ଗୁଣ ।**

ସାଧାରଣତଃ ନିମ୍ବ ପାଟିକୁ ପିତା ଲାଗିଥାଏ। ତେବେ ପିତା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ବୋଲି ଏଠାରେ ପ୍ରକାଶ କରାଯାଇଛି।

**ହାଟର କନିଆଁ ବାଟର ବର**
**ଧରିଆଣି ବିଭା କର ।**

ସାଧାରଣତଃ ପୁଅ ହେଉ ବା ଝିଅ, ବାହାଦେବା ପୂର୍ବରୁ ଅନେକ ଧାଁ ଦଉଡ଼ କରିବାକୁ ପଡ଼ିଥାଏ। ଝିଅର ସଂସ୍କାର, ଚାଲିଚଳନ ତଥା ପୁଅର ଗୁଣଗ୍ରାମ, ଚାକିରି, ଘର ପରିବାର ବିଷୟରେ ଟିକିନିଖି ଜାଣି ପରଖି ପସନ୍ଦ ଆସିଲେ ଯାଇ ବାହାଘର କରାଯାଏ। ତେବେ ଏଥିରେ ବ୍ୟତିକ୍ରମ ଘଟି ବେଳେବେଳେ ଅଚାନକ ଭାବେ ବାହାଘର ସ୍ଥିର ହୋଇଯାଉଥିବାର ଦେଖିବାକୁ ମିଳିଥାଏ। ହାଟ ସଉଦା କରିବାକୁ ଯାଇ କନିଆଁ ପସନ୍ଦ କରିବସିବା ଭଳି ହଠାତ୍ ବୁଝାବୁଝି ବିଭାଘର ଅନୁଷ୍ଠିତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ଉମରକୋଟ,୨୮।୯(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ସିଂସାରୀ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକ ହେଲେ ରାଜପୁର ପଞ୍ଚାୟତ ଝଲା ଗ୍ରାମର ବଦୁ ଭତ୍ରା(୪୫) ଓ ବୁଦୁ ରାମ ଗୌଡ଼(୨୬)। ସୂଚନାନୁଯାୟୀ, ବଦୁ ଓ ବୁଦୁ କାରାଗାଁରେ ଏକ ଦଶାହ କାର୍ଯ୍ୟରେ ଯୋଗଦେଇ ଘରକୁ ଫେରିବା ବେଳେ ରାସ୍ତାରେ ଅଜଣା ଗାଡ଼ି ପଛ ପଟୁ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ି ଫେରାର ହୋଇଯାଇଛି। ୨ ମୃତଦେହ ଉମରକୋଟ ହସ୍ପିଟାଲରେ ରଖାଯାଇଛି। ଖବର ଲେଖାଯିବା ସୁଦ୍ଧା ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ...

### ବିହାର ଭୋଟ ସହ ...

ଝାଡ଼ଖଣ୍ଡର ଘଟଶିଳା, ତେଲଙ୍ଗାନାର ଜୁବଲି ହିଲ୍ସ, ପଞ୍ଜାବର ତାରନ ତରନ ଏବଂ ମିଜୋରାମର ଡମ୍ପା ବିଧାନସଭା ଆସନରେ ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେବ। ତେବେ ବିହାର ନିର୍ବାଚନ ସମେତ ଓଡ଼ିଶାର ନୂଆପଡ଼ା ଲାଗି ହେବାକୁ ଥିବା ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବରିଷ୍ଠ ଆଇଏଏସ୍, ଆଇପିଏସ୍ ଅଧିକାରୀମାନଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରିବାପାଇଁ ପ୍ରକ୍ରିୟା ଶେଷ ହୋଇଛି। ସେମାନଙ୍କୁ ଏନେଇ ଆସନ୍ତା ୩ତାରିଖରେ ତାଲିମ ପ୍ରଦାନ କରାଯିବ। ଏହାପରେ ସେମାନେ କାର୍ଯ୍ୟରେ ଯୋଗଦେବେ।

ଆୟୋଗଙ୍କ ସୂଚନା ଅନୁଯାୟୀ, ସମ୍ବିଧାନର ଧାରା–୩୨୪ ଏବଂ ଜନପ୍ରତିନିଧିତ୍ୱ ଆଇନ–୧୯୫୧ର ଧାରା ୨୦–ବି' ଅନୁଯାୟୀ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ବାଚନ ସୁପରିଚାଳନା ଲାଗି ନିୟୋଜିତ କରାଯାଇଥାଏ। ପର୍ଯ୍ୟବେକ୍ଷକମାନେ ନିଯୁକ୍ତିଠାରୁ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ ଆୟୋଗଙ୍କ ନିୟନ୍ତ୍ରଣ ଏବଂ ଶୃଙ୍ଖଳା ଅଧୀନରେ କାର୍ଯ୍ୟ କରିବାକୁ ବାଧ୍ୟ। ନିର୍ବାଚନ ସମୟରେ ପର୍ଯ୍ୟବେକ୍ଷକମାନେ ନିରପେକ୍ଷତା ବଜାୟ ରଖିବେ ଏବଂ ବିଶ୍ୱସନୀୟତାର ସହ କାର୍ଯ୍ୟ ସମ୍ପାଦନ କରିବେ। ପ୍ରଶାସନିକ ସେବାରେ ବରିଷ୍ଠତା ଏବଂ ଅଭିଜ୍ଞତାସମ୍ପନ୍ନ ଅଧିକାରୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଥାଏ, ଯାହାଦ୍ୱାରା ନିର୍ବାଚନରେ ସ୍ୱଚ୍ଛତା ରହିବା ସହିତ କ୍ଷେତ୍ରସ୍ତରରେ ନିର୍ବାଚନ ପ୍ରକ୍ରିୟାର ଦକ୍ଷ ଏବଂ ପ୍ରଭାବଶାଳୀ ପରିଚାଳନାକୁ ମଧ୍ୟ ତଦାରଖ କରନ୍ତି। ଏହାସହିତ ସେମାନେ ପ୍ରାର୍ଥୀଙ୍କ ଖର୍ଚ୍ଚ ଉପରେ ତୀକ୍ଷ୍ଣ ନଜର ରଖିଥାନ୍ତି। ପ୍ରକାଶ ଯେ, ବିହାରରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା ପାଇଁ ଅକ୍ଟୋବର ୪ରେ ଇସି ସେଠାକୁ ଗସ୍ତ କରିବାକୁ ଥିବାବେଳେ ଏହାର ପୂର୍ବଦିନ ପର୍ଯ୍ୟବେକ୍ଷକଙ୍କ ସମ୍ପର୍କରେ ବିବରଣୀ ପ୍ରଦାନ କରିବେ। ସୂଚନାଯୋଗ୍ୟ, ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ରେ ଶେଷ ହେବାକୁ ଥିବାବେଳେ ସେହି ମାସରେ ନିର୍ବାଚନ ହୋଇପାରେ।

### ପର୍ଯ୍ୟବେକ୍ଷକ ତାଲିକାରେ ...

ଅଧିକାରୀଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବରିଷ୍ଠ ଆଇଏଏସ୍ ତଥା ସମବାୟ ବିଭାଗ ସଚିବ ପାଟିଲ ରାଜେଶ ପ୍ରଭାକର, ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂହ, ଦକ୍ଷତା ବିକାଶ ବିଭାଗ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନ୍, ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ହସ୍ତତନ୍ତ ଓ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଅର୍ଥବିଭାଗ ଯୁଗ୍ମସଚିବ ସିଦ୍ଧାର୍ଥ ଦାସ ଏବଂ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ରହିଛନ୍ତି। ଏହି ସମସ୍ତ ଅଧିକାରୀ ଆସନ୍ତା ୩ରେ ନିର୍ବାଚନ ସମ୍ପର୍କିତ ତାଲିମ ନେବା ପରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବେ ବୋଲି ଜଣାଯାଇଛି।

# ୧୨ ସୁଦ୍ଧା ୨୦ ଲକ୍ଷ ଦସ୍ତଖତ ସଂଗ୍ରହ କରିବୁ: କଂଗ୍ରେସ

## 'ଭୋଟ୍ ଚୋର ଗାଦି ଛାଡ଼' ଦସ୍ତଖତ ଅଭିଯାନ

**ଭୁବନେଶ୍ୱର,୨୮।୯(ରବିନାରାୟଣ ଜେନା)**

ରାଜ୍ୟରେ ଚଳିତମାସ ୧୭ରୁ ଆରମ୍ଭ ହୋଇଥିବା 'ଭୋଟ୍ ଚୋର–ଗାଦି ଛାଡ଼' ଦସ୍ତଖତ ଅଭିଯାନରେ ଅକ୍ଟୋବର ୧୨ ତାରିଖ ସୁଦ୍ଧା ୨୦ଲକ୍ଷ ଦସ୍ତଖତ ସଂଗ୍ରହ କରିବୁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ମିଡିଆ ସେଲ୍ ଅଧକ୍ଷ ଅରବିନ୍ଦ ଦାସ କହିଛନ୍ତି, ଦେଶବ୍ୟାପୀ ଏହି କାର୍ଯ୍ୟକ୍ରମରେ ଘରକୁ ଘର ବୁଲି ଅଗଣିତ କଂଗ୍ରେସ ନେତା ଓ କର୍ମୀ ମୋଟ ୫ କୋଟି ଲୋକଙ୍କ ଦସ୍ତଖତ ସଂଗ୍ରହ କରିବେ। ଗଣତନ୍ତ୍ରର ସୁରକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଏହି ଦସ୍ତାବିଜକୁ ଆସନ୍ତା ୧୫ ଅକ୍ଟୋବର ଭାରତର ରାଷ୍ଟ୍ରପତି ଓ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ କଂଗ୍ରେସ ନେତୃବୃନ୍ଦ ଦାଖଲ କରିବେ। ଏହି କ୍ରମରେ ଓଡ଼ିଶାରେ ଆସନ୍ତା ୧୨ ଅକ୍ଟୋବର ସୁଦ୍ଧା ୨୦ ଲକ୍ଷ ଦସ୍ତଖତ ସଂଗ୍ରହ ହେବ। ଏଆଇସିସିର ଏହି କାର୍ଯ୍ୟକ୍ରମ ଭିତରେ ଆସନ୍ତା ଅକ୍ଟୋବର ୨ତାରିଖ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀଠାରୁ ଓଡ଼ିଶାରେ ବର୍ଷବ୍ୟାପୀ 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା ଆରମ୍ଭ ହେବ। ପିସିସି ସଭାପତି ଭକ୍ତ ଚରଣ ଦାସ ମାଲକାନଗିରିର ମୋଟୁଠାରୁ ଏହି ପଦଯାତ୍ରାର ଶୁଭାରମ୍ଭ କରିବେ। ନାରୀ ନ୍ୟାୟ ଅଧିକାର ପାଇଁ ୩ ତାରିଖ ମଧ୍ୟ ପଦଯାତ୍ରାର ପ୍ରଥମ ଦଫା ଚାଲୁରହିବ। ନୂଆପଡ଼ା ଉପନିର୍ବାଚନ ପରେ ପଦଯାତ୍ରା ପୁଣି ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗୋବିନ୍ଦଙ୍କ ପରିବାର

## ସିବିଆଇ ତଦନ୍ତ ଦାବି କଲେ ଝିଅ

ଭୁବନେଶ୍ୱର,୨୮।୯(ରବିନାରାୟଣ ଜେନା)

କଳାହାଣ୍ଡି ସ୍କୁଲର ପୃଷ୍ଠପୋଷକ ସ୍ୱର୍ଗତ ଗୋବିନ୍ଦ ସାହୁଙ୍କ ସ୍ତ୍ରୀ ଓ ଝିଅ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ଏହି ଅବସରରେ ଗୋବିନ୍ଦଙ୍କ ଝିଅ ଲିପିକା ସାହୁ ପରିବାରର ସୁରକ୍ଷା ମାଗିବା ସହିତ ବାପାଙ୍କ ପ୍ରକୃତ ହତ୍ୟାକାରୀଙ୍କୁ ଧରିବାପାଇଁ ଘଟଣାର ପୁନଃ ତଦନ୍ତ କରିବାକୁ ଦାବି ଜଣାଇଛନ୍ତି। ଲିପିକା ଘଟଣାର ସିବିଆଇ ତଦନ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ଏହି ଅବସରରେ ଲିପିକା ସାହୁ ଗଣମାଧ୍ୟମକୁ କହିଛନ୍ତି, ମମିତା ମେହେରଙ୍କୁ ଯିଏ ହତ୍ୟା କରିଛି, ସେ ହିଁ ମୋ ବାପାଙ୍କୁ ମାରିଛି। ଏବେ ଆମ ପରିବାର ସମ୍ପୂର୍ଣ୍ଣ ଭାବେ ଭୟଭୀତ ଅବସ୍ଥାରେ ରହିଛୁ। ବିଜେଡି ଲୋକେ ଆମ ଜମିବାଡ଼ି ଛଡ଼େଇ ନେବାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ହଇରାଣ ହରକତ କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ କଥା ଅବଗତ କରାଇଛୁ। ଏହାସହିତ ଉକ୍ତ ଘଟଣାରେ ସିବିଆଇ ତଦନ୍ତ କରିବାକୁ ଦାବି ରଖିଛୁ।

ସେ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପ ଦେଖି ବିଶ୍ୱାସ ଆସିବାରୁ ମୁହଁ ଖୋଲି ସବୁ କହିଛି। ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି, କେସ୍ ରି-ଓପନ୍ ହେବ ଏବଂ ସେମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଉପରେ ଆମର ବିଶ୍ୱାସ ରହିଛି।

ଉଲ୍ଲେଖଯୋଗ୍ୟ, ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ଗୋବିନ୍ଦ ସାହୁ ଜଣେ ଅଭିଯୁକ୍ତ ଥିଲେ। ରିପୋର୍ଟ ଅନୁଯାୟୀ ଜେଲରେ ଥିବା ଅବସ୍ଥାରେ ସେ ଆତ୍ମହତ୍ୟା କରିଥିଲେ। ମାତ୍ର ପରିବାର ପକ୍ଷରୁ ଏହାକୁ ସୁଚିନ୍ତିତ ଷଡ଼ଯନ୍ତ୍ରଜନିତ ହତ୍ୟା ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଲିପିକା କହିଛନ୍ତି। ଆଗାମୀ ଦିନରେ ଏହି ଘଟଣାରେ ସରକାରଙ୍କ ପକ୍ଷରୁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଦେଖିବାର ରହିଛି।

# ସ୍କୁଟି ଉପରେ ଚଢ଼ିଲା ହାଇୱା, ଦମ୍ପତି ମୃତ

ବରଗଡ଼,୨୮।୯
(ପ୍ରେମାନନ୍ଦ ଖମାରୀ)

- ଆହତ ୨ ଶିଶୁପୁତ୍ର ଏବେ ଅସହାୟ
- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ବରଗଡ଼ ସହର ସ୍ଥିତ ଗୁରୁଦ୍ୱାରା ଛକରେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟି ଉପରେ ହାଇୱା ଚଢ଼ିଯିବାରୁ ଚାପିହୋଇ ଘଟଣାସ୍ଥଳରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଅମ୍ବାଭୋନାର ହରେକୃଷ୍ଣ ଡୁଙ୍ଗୁରି(୩୬) ଏବଂ ତାଙ୍କ ସ୍ତ୍ରୀ କୁନ୍ତଳା(୩୦)। ଏହି ଦୁର୍ଘଟଣାରେ ଦମ୍ପତିଙ୍କ ୨ ଶିଶୁପୁତ୍ର ଆହତ ହୋଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଘଟଣାସ୍ଥଳରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁଯାୟୀ, ମୃତ ଦମ୍ପତି ୨ ଶିଶୁ ପୁତ୍ରଙ୍କୁ ଧରି ଏକ ସ୍କୁଟି(ନମ୍ବର – ଓଡି୧୭ଏଏଫ ୧୭୫୭)ରେ ଯାଉଥିବା ସମୟରେ ଅନ୍ୟ ଏକ ହାଇୱା ଗାଡି(ନମ୍ବର – ଓଡି୧୭ଏସି ୨୮୯୪) ତାଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ହାଇୱା ଗାଡି ଚକତଳେ ଚାପି ହୋଇ ରହିଯିବାରୁ ଘଟଣାସ୍ଥଳରେ ଦମ୍ପତିଙ୍କର ମୃତ୍ୟୁ ହୋଇଥିଲା ଏବଂ ୨ ଶିଶୁପୁତ୍ର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ଶିଶୁଙ୍କୁ ଉଦ୍ଧାର କରି ବରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମୃତ ହରେକୃଷ୍ଣ ପକ୍ଷାଘାତ ରୋଗୀ ହୋଇଥିବା ବେଳେ କୁନ୍ତଳା ଅମ୍ବାଭୋନା ତହସିଲ କାର୍ଯ୍ୟାଳୟରେ ଘରୋଇ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ ବୋଲି ଜଣାପଡ଼ିଛି। ଦମ୍ପତିଙ୍କ ମୃତ୍ୟୁ ପରେ ୨ ଶିଶୁପୁତ୍ର ଅସହାୟ ହୋଇଯାଇଥିବା ଯୋଗୁ ସେମାନଙ୍କ ଥଇଥାନ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ନିଆଁ ଲାଗି ଜଳିଗଲା ଟ୍ରକ୍

ନୂଆପଡ଼ା,୨୮।୯(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଉଦ୍ୟାନବନ୍ଧଠାରୁ କିଛି ଦୂର ଏକ ନୂତନ ପେଟ୍ରୋଲ ପମ୍ପ ନିକଟରେ ରବିବାର ଭୋର ସମୟରେ ଚଳନ୍ତା ଟ୍ରକରେ ନିଆଁ ଲାଗି ଯାଇଥିଲା। ଫଳରେ ସେଥିରେ ଥିବା ସାଇକେଲ, ସଉଦା ସାମଗ୍ରୀ, ଖାଇବା ତେଲ ଆଦି ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ସିଜି ୦୪ ଏଚଡବ୍ଲ୍ୟୁ ୯୫୧୬ ନମ୍ବର ବିଶିଷ୍ଟ ଟ୍ରକରେ ରାୟପୁରରୁ ସାମଗ୍ରୀ ଲୋଡ୍ ହୋଇ କଳାହାଣ୍ଡି ଜିଲା କେସିଙ୍ଗାକୁ ଯାଉଥିଲା। ଟ୍ରକ୍ ଡାଲାରେ ନିଆଁ ଲାଗିଥିବା ଡ୍ରାଇଭର ଦର୍ପଣରେ ଦେଖି ଗାଡ଼ିକୁ ଅଟକାଇଥିଲେ। କୋମନା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କେଉଁ କାରଣରୁ ଟ୍ରକ୍‌ରେ ନିଆଁ ଲାଗିଲା ତାହା ଜଣାପଡ଼ିନାହିଁ।

# ଉଧାର ଟଙ୍କା ଶୁଝି ନ ପାରି ଚାଷୀଙ୍କ ଜୀବନ ଗଲା

## ମୃତଦେହ ରଖି ପ୍ରତିବାଦ କଲେ ଗ୍ରାମବାସୀ

ଭୋଗରାଇ,୨୮।୯(ପ୍ରଦୀପ ଦାସ)

ଉଧାର ଟଙ୍କାର ଚକ୍ରବୃଦ୍ଧି ସୁଧ ବଦଳରେ ନିଜ ସମ୍ପତ୍ତିକୁ ବନ୍ଧକ ଦେବା ଓ ମାତ୍ରାଧିକ ସୁଧ ଆଦାୟ ଜୁଲୁମ ସହି ନ ପାରି ଜଣେ ଚାଷୀଙ୍କ ଜୀବନ ଯାଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ। ମୃତ ଚାଷୀ ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଗଣେଶ୍ୱରପୁର ଗ୍ରାମର ରବୀନ୍ଦ୍ର ନାଥ ସାହୁ (୬୫)।

ସୂଚନାନୁଯାୟୀ, ରବୀନ୍ଦ୍ର କିଛି ବର୍ଷ ପୂର୍ବରୁ ଦେହୁଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଚାଷ କାର୍ଯ୍ୟ ନିମନ୍ତେ ଲକ୍ଷାଧିକ ଟଙ୍କା ଉଧାର ନେଇ ଚାଷ କାମ କରିଥିଲେ। କିନ୍ତୁ ଏହି ଚାଷରେ ସେ କ୍ଷତି ସହିବାରୁ ଉଧାର ଆଣିଥିବା ଟଙ୍କା ଶୁଝି ନ ପାରି ପରିବାର ଲୋକଙ୍କ ଅଗୋଚରରେ ନିଜର ଘରଡିହ ସହ ୩୫ ଡିସିମିଲ ଜାଗା ଲିଖିତ ଭାବେ ବନ୍ଧକ ରଖିଥିଲେ। ପରିବାରର ୧୩ଜଣ ସଦସ୍ୟଙ୍କ ପ୍ରତିପୋଷଣ ଲାଗି ରବୀନ୍ଦ୍ର ମୁଖ୍ୟ ଥିବା ବେଳେ ଚାଷରେ କ୍ଷତି, ସୁଧଖୋରଙ୍କ ଚକ୍ରବୃଦ୍ଧି ସୁଧର ଜୁଲୁମ ତାଙ୍କୁ ଭାରାକ୍ରାନ୍ତ କରିଥିବା ମୃତ ଚାଷୀଙ୍କ ପୁତ୍ର ଅଭିଯୋଗ କରିଥିଲେ। ଅଭାବ ସହି ନ ପାରି ପରିବାରର ଅଜାଣତରେ ଗତ ୧୮ତାରିଖରେ ରବୀନ୍ଦ୍ର ନିରୁଦ୍ଦିଷ୍ଟ ହୋଇଥିଲେ। ପରିବାର ଲୋକେ ଏନେଇ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରି ଖୋଜଖବର ନେଉଥିଲେ। ରବୀନ୍ଦ୍ର ଏଣେତେଣେ ବୁଲିବା ପରେ ରୂପ୍‌ସାଠାରେ ରାସ୍ତାରେ ପଡିଯାଇଥିବା ସୂଚନା ମିଳିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ଲୋକେ ସେଠାକୁ ଯାଇ ମୃତଦେହ ଆଣି ଶନିବାର ମଧ୍ୟାହ୍ନରେ ସୁଧଖୋର ବ୍ୟକ୍ତିଙ୍କ ଘର ସମ୍ମୁଖରେ ମୃତଦେହ ରଖି କ୍ଷତିପୂରଣ ସହ ସମସ୍ତ ଜମିକୁ ଫେରସ୍ତ ଦାବି କରି ନାରାବାଜି ଦେଇଥିଲେ। ସ୍ଥିତି କ୍ରମଶଃ ଜଟିଳ ହେବାରୁ ଭୋଗରାଇ ଥାନାଧିକାରୀ ରୋହିତ କୁମାର ବଳ ଓ ପୋଲିସବାହିନୀ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାଶୁଝା କରି ପ୍ରତିଶ୍ରୁତି ଦେବାରୁ ମୃତଦେହକୁ ଗ୍ରାମବାସୀ ଗ୍ରାମକୁ ନେଇ ଦାହ କରିଥିଲେ। ମୃତ ଚାଷୀଙ୍କ ପୁଅ ଭାସ୍କର ସାହୁ ସୁଧଖୋର ବ୍ୟକ୍ତିଙ୍କୁ ଦାୟୀ କରି ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।









ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି। -ଶ୍ରୀମା

-ଗ୧୦ ମହାଷ୍ଟମୀ, ଶ୍ରୀମୃଣ୍ମୟୀ ଦେବୀଙ୍କ ତ୍ରିଦିନାତ୍ମକ ସପ୍ତମୀ ପୂଜା



# କ୍ଷୁବ୍ଧ ଲଦାଖ

କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିଥିଲେ। ଏହା ଦ୍ୱାରା ଜମ୍ମୁ ଓ କଶ୍ମୀର ଦୀର୍ଘବର୍ଷ ଧରି ପାଇ ଆସୁଥିବା ବିଶେଷ ସୁବିଧା ହରାଇଥିଲା। ଏଭଳି ପଦକ୍ଷେପ ଜମ୍ମୁ ଓ କଶ୍ମୀରକୁ ଭାଙ୍ଗି ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ(ୟୁଟି)ରେ ପରିଣତ କରିଥିଲା। ଗୋଟେ ଜମ୍ମୁ ଓ କଶ୍ମୀର ନାମ ଧାରଣ କରିଥିବା ବେଳେ ଅନ୍ୟଟି ଲଦାଖ ହୋଇଥିଲା। ଦେଖିବାକୁ ଗଲେ ଜମ୍ମୁରେ ହିନ୍ଦୁ, କଶ୍ମୀରରେ ମୁସଲମାନ ସଂଖ୍ୟାଗରିଷ୍ଠ ଥିବା ବେଳେ ଲଦାଖ ପ୍ରାୟତଃ ବୌଦ୍ଧବହୁଳ। ଲଦାଖର ବୈଶିଷ୍ଟ୍ୟ ଦେଖିଲେ ଏହାର ପୂର୍ବରେ ଚାଇନା ଥିବା ବେଳେ ପଶ୍ଚିମରେ ପାକିସ୍ତାନ ରହିଛି। ଫଳରେ ଏହା ଭାରତ ପାଇଁ ଅତ୍ୟନ୍ତ ରଣନୀତିକ ମହତ୍ତ୍ୱ ରଖୁଛି। ଏହାର ଅଧିବାସୀ ବେଶ୍ ଶାନ୍ତିପ୍ରିୟ ଭାବେ ଜଣାଶୁଣା। ପୂର୍ବରୁ ଏହା ଜମ୍ମୁ ଓ କଶ୍ମୀର ଭିତରେ ଥିବାରୁ ସ୍ୱତନ୍ତ୍ରତା ପାଇପାରୁ ନ ଥିଲା। ଯେବେ ଏହା ଜମ୍ମୁ ଓ କଶ୍ମୀରଠାରୁ ଅଲଗା ହୋଇଗଲା ସେବେ ଲେହେ ରାସ୍ତାରେ ଲୋକେ ଉଲ୍ଲସିତ ହୋଇଯାଇଥିଲେ। ୫ ବର୍ଷରୁ ଅଧିକ ସମୟ ପରେ ମଧ୍ୟ ଲଦାଖର ରାଜନୈତିକ ଭବିଷ୍ୟତ ଅସ୍ପଷ୍ଟ ରହିଛି। ଉତ୍ତମ ଶାସନ ଓ ଅଧିକ ପ୍ରତିନିଧିତ୍ୱର ପ୍ରତିଶ୍ରୁତି, ଯାହା ଏକଦା ଏହାର ବାସିନ୍ଦାଙ୍କୁ ଉତ୍ସାହିତ କରିଥିଲା, ଅନେକଙ୍କ ପାଇଁ ଏବେ ତିକ୍ତତାରେ ପରିଣତ ହେଲା ଭଳି ପ୍ରତୀୟମାନ ହେଉଛି। ତେଣୁ ଲଦାଖକୁ ରାଜ୍ୟ ମାନ୍ୟତା ଓ ସଂଖ୍ୟାଗରିଷ୍ଠ ଲଦାଖି ସମ୍ପ୍ରଦାୟ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ଅନ୍ତର୍ଭୁକ୍ତ ହେବାର ଯୋଗ୍ୟତା ପୂରଣ କରିଥିବା ଦାବି କରୁଛନ୍ତି। ଲଦାଖ ସିଡ୍ୟୁଲ ସନ୍ନିବେଶିତ ହେଲେ ଏହା ସ୍ଥାନୀୟବାସୀଙ୍କୁ ଅଧିକ ରାଜନୈତିକ ଓ ଆର୍ଥିକ ସ୍ୱାୟତ୍ତତା ପ୍ରଦାନ କରିବ। ସୂଚନା ଦିଆଯାଇପାରେ ଯେ, ସମ୍ବିଧାନର ୬ଷ୍ଠ ସିଡ୍ୟୁଲ ଆଦିବାସୀବହୁଳ ତ୍ରିପୁରା, ମେଘାଳୟ, ମିଜୋରାମ ଓ ଆସାମରେ ଲାଗୁ ହୋଇଛି। ତେବେ ଲଦାଖୀଙ୍କ ଅସନ୍ତୋଷ ୨୪ ସେପ୍ଟେମ୍ବରରେ ଲେହର ରାସ୍ତାରେ ପ୍ରକାଶ ପାଇଥିଲା ଯେତେବେଳେ ରାଜ୍ୟ ମାନ୍ୟତା ଓ ସାମ୍ବିଧାନିକ ସୁରକ୍ଷା ଦାବି କରୁଥିବା ବିକ୍ଷୋଭକାରୀମାନେ ଦୁଇ ଅନଶନକାରୀ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ହିଂସାତ୍ମକ ହୋଇପଡ଼ିଥିଲେ। କ୍ରୁଦ୍ଧ ବିକ୍ଷୋଭକାରୀଙ୍କର ପୋଲିସ ସହ ସଂଘର୍ଷ ହୋଇଥିଲା ଓ ଭାଜପାର ସ୍ଥାନୀୟ କାର୍ଯ୍ୟାଳୟକୁ ସେମାନେ ଜାଳି ଦେଇଥିଲେ। ହିଂସା ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହ ଲାଠିଚାର୍ଜ ଓ ଗୁଳିଚାଳନା କରିବାରୁ ପରିଣତି ସ୍ୱରୂପ ୪ ଜଣ ବିକ୍ଷୋଭକାରୀଙ୍କ ଜୀବନ ଯାଇଥିବା ବେଳେ ଅନେକେ ଆହତ ହୋଇଛନ୍ତି। ସ୍ଥିତି ଅସମ୍ଭାଳ ହେବାରୁ ପ୍ରଶାସନ ସେଠାରେ କର୍ଫ୍ୟୁ ଜାରି କରିବା ସହ ଇଣ୍ଟରନେଟ୍ ବନ୍ଦ କରିବାକୁ ବାଧ୍ୟ ହୋଇଛି। ବିକ୍ଷୋଭକୁ ହିଂସାତ୍ମକ ରୂପ ଦେବାରେ ସାମାଜିକ ତଥା ଜଳବାୟୁ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କ ହାତ ରହିଛି ବୋଲି କୁହାଯାଉଛି। ଏପରି କି ଲଦାଖ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏସ୍. ଡି. ସିଂ ଜମୱାଲ ପାକିସ୍ତାନ ସହ ୱାଙ୍ଗଚୁକଙ୍କ ସମ୍ପର୍କ ଥିବା ନେଇ ତଦନ୍ତ କରାଯାଉଥିବା କହିଛନ୍ତି। ଇତିମଧ୍ୟରେ ତାଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ କାରାଗାରକୁ ପଠାଇ ଦିଆଯାଇଛି। ତେବେ ବିକ୍ଷୋଭକାରୀ ନେତାମାନେ ପୋଲିସର ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

ମନେପକାଇ ଦିଆଯାଇପାରେ ଯେ ଇଞ୍ଜିନିୟରରୁ ଇନୋଭେଟର ପାଲଟିଥିବା ତଥା ଚର୍ଚ୍ଚିତ '୩ ଇଡିଅଟ୍ସ' ଚଳଚ୍ଚିତ୍ର କାହାଣୀର ପ୍ରେରଣାଦାୟୀ ଚରିତ୍ର ସୋନମ ୱାଙ୍ଗଚୁକ୍ ମଧ୍ୟ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ହେବା ପରେ ତାହାକୁ ସ୍ୱାଗତ କରିଥିଲେ। କେନ୍ଦ୍ର ଶାସିତ ଅଞ୍ଚଳ ଦେଖିବାକୁ ପ୍ରତୀକ୍ଷା କରିଥିବା ଲୋକଙ୍କ ଉତ୍ସାହ ଶୀଘ୍ର ହ୍ରାସ ପାଇଲା ଯେତେବେଳେ ଲଦାଖୀମାନେ ଉପଲବ୍ଧ କଲେ ସେମାନଙ୍କ ୟୁଟିରେ କୌଣସି ବିଧାନସଭା ରହିବ ନାହିଁ। ଏପରିକି ଏହି ଅଞ୍ଚଳ ପୂର୍ବର ଜମ୍ମୁ ଓ କଶ୍ମୀର ବିଧାନସଭାରେ ଥିବା ୪ ବିଧାୟକ ପଦବୀକୁ ହରାଇଲା ଏବଂ ଏହାର ପ୍ରଶାସନ ସମ୍ପୂର୍ଣ୍ଣ ନୂଆଦିଲ୍ଲୀ ନିଯୁକ୍ତ ଅମଲାତନ୍ତ୍ରୀଙ୍କ ହାତରେ ରହିଲା। ଦେଖିବାକୁ ଗଲେ ଏହା ୨୦୧୯ ପୂର୍ବର ଶାସନ ବ୍ୟବସ୍ଥାଠାରୁ ମଧ୍ୟ ଖରାପ ଥିଲା। ଏହି ଅସନ୍ତୋଷ ଜମି ଅଧିକାର, ନିଯୁକ୍ତି ଏବଂ ଲଦାଖର ଜନସଂଖ୍ୟା, ପରିବେଶ ଓ ସଂସ୍କୃତିର ସଂରକ୍ଷଣ ନେଇ ଅନେକ ଭୟ ସୃଷ୍ଟି କରିଛି। ଜମ୍ମୁ ଓ କଶ୍ମୀରରେ ପରିବର୍ତ୍ତିତ ବାସସ୍ଥାନ (ଡୋମିସାଇଲ) ନିୟମ ଲଦାଖରେ ସମାନ ନୀତି ଦ୍ୱାରା ଜନସାଂଖ୍ୟିକ ପରିବର୍ତ୍ତନର ଆଶଙ୍କାକୁ ବଢ଼ାଇଛି। ଫଳରେ ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା, ସମ୍ବିଧାନର ୬ଷ୍ଠ ପରିଚ୍ଛେଦ ଅଧୀନରେ ସୁରକ୍ଷା (ଯେଉଁଥିରେ ବିଧାନପାଳିକା ଓ ନ୍ୟାୟିକ କ୍ଷମତା ସହିତ ସ୍ୱୟଂଶାସିତ ଜିଲା ପରିଷଦ ଗଠନକୁ ଅନୁମତି ଦେଇଥାଏ) ଏବଂ ନିଯୁକ୍ତି ଓ ରାଜନୈତିକ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ଲାଗି ଦାବି ବଢ଼ିଲା।

ଲୋକଙ୍କ ସ୍ୱାଧୀନତାକୁ ସଙ୍କୁଚିତ କରିଦିଆଗଲେ ତାହାର ପ୍ରତିବାଦରେ ନାଗରିକ ତୀବ୍ର ସ୍ୱର ଉତ୍ତୋଳନ କରିବା ସ୍ୱାଭାବିକ। ଗଣତନ୍ତ୍ରରେ ଲୋକଙ୍କ ସ୍ୱରକୁ ଅଗ୍ରାହ୍ୟ କରି ଦିଆଯାଇଥିବାରୁ ଅଧିବାସୀଙ୍କ ମଧ୍ୟରେ ପ୍ରଥମେ ଅସନ୍ତୋଷ ଓ ପରେ ତାହା ବିକ୍ଷୋଭର ରୂପ ଧାରଣ କଲା ବୋଲି କୁହାଯାଉଛି। ମୌଳିକ ଆବଶ୍ୟକତା ପୂରଣ ନ ହେଲେ ବିଦ୍ରୋହ ଅବଶ୍ୟମ୍ଭାବୀ। ଅନ୍ୟପକ୍ଷରେ ଲଦାଖରେ ଦେଖାଯାଇଥିବା ଅପ୍ରୀତିକର ସ୍ଥିତି ପାଇଁ ଜଳବାୟୁ କର୍ମୀ ୱାଙ୍ଗଚୁକ୍ ବ୍ୟକ୍ତିଗତ ଭାବେ ଯଦି କାର୍ଯ୍ୟ କରିଥିବେ, ତାହା ହେଲେ ସେ ମଧ୍ୟ ଆଇନର ଊର୍ଦ୍ଧ୍ୱରେ ନୁହନ୍ତି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ନୂଆଦିଲ୍ଲୀ ଓ ଲଦାଖ ମଧ୍ୟରେ ଅବିଶ୍ୱାସ ଢେର ବଢ଼ିଯାଇଛି। ତେଣୁ ଏହାକୁ ସଂଘର୍ଷ ଭାବେ ନ ଦେଖି ବରଂ ଅତିସତର୍କତାର ସହିତ ପରିଚାଳନା କରାଯିବା ଦରକାର। ଲଦାଖ କେବଳ ଏକ ସୀମାନ୍ତ ଅଞ୍ଚଳ ନୁହେଁ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୀମାରେଖା, ଯାହାର ଲୋକମାନେ ନିଜକୁ ଭାରତୀୟ ଭାବେ ଗର୍ବ ଅନୁଭବ କରିଥାଆନ୍ତି। ଦୀର୍ଘ ଦଶନ୍ଧି ଧରି ଲଦାଖୀମାନେ ଭାରତର ସୀମାକୁ ରକ୍ଷା କରିଆସିଛନ୍ତି। ଏପରିକି ଚାଇନା କିମ୍ବା ପାକିସ୍ତାନର ଅନୁପ୍ରବେଶ ବିରୋଧରେ ପ୍ରଥମ ପ୍ରତିରୋଧ ରେଖା ଭାବେ ମଧ୍ୟ ସେମାନେ କାର୍ଯ୍ୟ କରିଛନ୍ତି। ଭିନ୍ନମତ ପ୍ରକାଶ କରୁଥିବା ଲଦାଖୀମାନଙ୍କୁ 'ଦେଶବିରୋଧୀ' ଭାବେ ଅଭିହିତ କରାଗଲେ ତାହା ବିଚ୍ଛିନ୍ନତାକୁ ବଢ଼ାଇବା ଆଶଙ୍କା ରହୁଛି। ଏଭଳି ସ୍ଥଳେ ଲଦାଖର ଲୋକମାନଙ୍କୁ ଆଶ୍ୱାସନା ଦିଆଯିବା କଥା ଯେ ସେମାନଙ୍କ ଗଣତାନ୍ତ୍ରିକ ଆକାଂକ୍ଷା ଓ ସାଂସ୍କୃତିକ ପରିଚୟ ଜାତୀୟ ନିରାପତ୍ତାକୁ ଦୁର୍ବଳ ନ କରି ସୁରକ୍ଷିତ ହୋଇପାରିବ।

ଲଦାଖରେ ଅଶାନ୍ତି ନୂଆଦିଲ୍ଲୀ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶେଷକରି ମଣିପୁର ସଙ୍କଟର ଭୁଲ୍ ପରିଚାଳନା ଯୋଗୁ ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଜାତିଗତ ହିଂସା ଆରମ୍ଭ ହେବାର ୨ ବର୍ଷ ୪ ମାସ ପରେ ମଧ୍ୟ ଜଳୁଛି। ଏପରି ଅଶାନ୍ତି ଦେଶର ସୀମା ମଧ୍ୟରେ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ନୂଆଦିଲ୍ଲୀର ବିଭ୍ରାନ୍ତିକର ବହିର୍ବ୍ୟାପାର ନୀତି ଦ୍ୱାରା ସୃଷ୍ଟ ସମସ୍ୟାଗୁଡ଼ିକୁ ଆହୁରି ଜଟିଳ କରୁଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | 4 | 8 | | | |
| | 8 | | 5 | | | | 6 | 3 |
| | | | | | 6 | | | |
| | 6 | 5 | | | | | | 7 |
| | 2 | 7 | | | 5 | 8 | 9 | |
| | | | 2 | | | | | 4 |
| | | 2 | | 1 | 4 | | | |
| 5 | | | 8 | | | | | 1 |
| | | | | | | 9 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 4 | 6 | 1 | 2 | 8 | 7 | 3 |
| 7 | 3 | 6 | 9 | 8 | 5 | 1 | 4 | 2 |
| 8 | 2 | 1 | 4 | 7 | 3 | 5 | 9 | 6 |
| 2 | 4 | 8 | 3 | 5 | 9 | 6 | 1 | 7 |
| 9 | 1 | 7 | 8 | 4 | 6 | 3 | 2 | 5 |
| 3 | 6 | 5 | 1 | 2 | 7 | 9 | 8 | 4 |
| 1 | 5 | 9 | 7 | 3 | 4 | 2 | 6 | 8 |
| 4 | 8 | 3 | 2 | 6 | 1 | 7 | 5 | 9 |
| 6 | 7 | 2 | 5 | 9 | 8 | 4 | 3 | 1 |

ଗତକାଲିର ଉତ୍ତର

# ମୁକ୍ତିମଣ୍ଡପ ଓ ପଣ୍ଡିତ ସଭା



ହରିଶଙ୍କର ମିଶ୍ର

ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀମନ୍ଦିରର ଦକ୍ଷିଣ ଭାଗରେ ଥିବା ମଣ୍ଡପଟି ହେଉଛି ମୁକ୍ତିମଣ୍ଡପ। ଶ୍ରୀଜୀଉମାନଙ୍କ ଦର୍ଶନ ପରେ ମୁକ୍ତିମଣ୍ଡପରେ ମୁଣ୍ଡିଆ ମାରି ଶ୍ରୀମନ୍ଦିରରୁ ଫେରିବା ବିଧି ରହିଛି। କିନ୍ତୁ ଏହି ମୁକ୍ତିମଣ୍ଡପ ନାମକରଣ ପଛରେ କୌଣସି ଐତିହାସିକ ସ୍ୱୀକୃତି ନ ଥିବାବେଳେ ଏହାର ନିର୍ମାଣ ଅବଧି ମଧ୍ୟ ଦ୍ୱନ୍ଦ୍ୱ ମୁକ୍ତ ନୁହେଁ। ଦକ୍ଷିଣ ଦିଗର ଅଧିପତି ଯମଙ୍କ ଦର୍ପ ଚୂର୍ଣ୍ଣ ପାଇଁ ଯଜ୍ଞାଦି କର୍ମରେ ଦକ୍ଷିଣ ପାର୍ଶ୍ୱରେ ବ୍ରହ୍ମାଙ୍କୁ ସ୍ଥାନ ଦେବାର ବିଧି ରହିଛି। 'ଦକ୍ଷିଣ ତୋ ବ୍ରହ୍ମାସନଂ'। ତେଣୁ ପ୍ରଥମେ ବ୍ରହ୍ମାସନ ବା ବ୍ରହ୍ମବେଦୀ ଏବଂ ପରେ ବାରାଣସୀର ମୁକ୍ତିମଣ୍ଡପ ଅନୁକରଣରେ ଏହାର ନାମକରଣ ହୋଇଛି ବୋଲି ଐତିହାସିକମାନେ ମତବ୍ୟକ୍ତ କରିଛନ୍ତି। ଏହି ମଣ୍ଡପକୁ ଆକବରଙ୍କ ହିନ୍ଦୁ ସେନାପତି ମାନସିଂହଙ୍କ ପତ୍ନୀ ଗୌରୀ ରାଣୀ ନିର୍ମାଣ କରିଥିଲେ ବୋଲି ମାଦଳାପାଞ୍ଜିରେ ଲିଖିତ ଅଛି। କିନ୍ତୁ ଐତିହାସିକଙ୍କ ତଥ୍ୟ ଅନୁଯାୟୀ ଏହି ମଣ୍ଡପ ମାନସିଂହଙ୍କ ଓଡ଼ିଶା ଆଗମନର ବହୁ ପୂର୍ବରୁ ବିଦ୍ୟମାନ ଥିଲା। ତାଙ୍କ ପତ୍ନୀ ଗୌରୀ ରାଣୀ ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ଏହାର ସଂସ୍କାର ବା ନବୀକରଣ କରାଇଥିଲେ। ଏଥିରେ ଷୋଳଟି ସ୍ତମ୍ଭ ଥିବାରୁ ଷୋଳ ଶାସନର ବ୍ରାହ୍ମଣମାନେ ଏହା ଉପରେ ବସିବା ପାଇଁ ପ୍ରାଧିକୃତ ବୋଲି କୁହାଯାଏ। ଏହା ମଧ୍ୟ ସତ୍ୟତା ଉପରେ ପର୍ଯ୍ୟବସିତ ନୁହେଁ। କାରଣ ପ୍ରତ୍ୟେକ ଯଜ୍ଞବେଦୀ ନିର୍ମାଣରେ ଯଜ୍ଞଶାଳାରେ ଚାରି ଓ ବାହ୍ୟ ଯଜ୍ଞଶାଳାରେ ବାର ଏପରି ଷୋଳଟି ସ୍ତମ୍ଭ ରହିବାର ବିଧି ରହିଛି। କେଉଁ ଷୋଳ ଶାସନର ବ୍ରାହ୍ମଣମାନେ ସେଠାରେ ବସିବାକୁ ପ୍ରାଧିକୃତ ସେ ସମ୍ପର୍କରେ କୌଣସି ତଥ୍ୟ କେଉଁଠି ମଧ୍ୟ ଉପଲବ୍ଧ ନାହିଁ। ସ୍ୱତ୍ୱଲିପି ଅନୁଯାୟୀ ଚବିଶଟି ଶାସନ ଗ୍ରାମର ବ୍ରାହ୍ମଣ ମହାଜନମାନେ ସେଠାରେ ବସିବାକୁ ପ୍ରାଧିକୃତ ହୋଇଥିବା ବେଳେ ଦଣ୍ଡୀ ସନ୍ନ୍ୟାସୀ, ରାଜଗୁରୁ , ଶ୍ରୀମନ୍ଦିର ପୁରୋହିତ ମଧ୍ୟ ବସିବାର ସ୍ୱତ୍ୱଲିପି ରହିଛି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଣ୍ଡପରେ ଆସନ ପକାଇ ଅଧିଷ୍ଠିତ ହେବାର ବିଧି ରହିଛି। କିଛି ଶାସନର ଅଧିକାର ଉପରେ ମାମଲା ଏବେ ଅଦାଲତରେ ବିଚାରାଧୀନ ଅଛି।

ଶ୍ରୀମନ୍ଦିରର ପ୍ରତ୍ୟେକ ଧାର୍ମିକ ବ୍ୟବସ୍ଥା ସହ ମୁକ୍ତିମଣ୍ଡପ ଓଡ଼ିଶାର ଧାର୍ମିକ କ୍ଷେତ୍ରରେ ଅଖଣ୍ଡ ପ୍ରଭାବ ବିସ୍ତାର କରିଥିଲା। ତାହାର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ବିବେଚିତ ହେଉଥିଲା। ସ୍ୱୟଂ ଗଜପତି ମଧ୍ୟ ସେଥିରେ ହସ୍ତକ୍ଷେପ କରୁ ନ ଥିଲେ। ବ୍ରିଟିଶ ଶାସନ ସମୟରେ ପୁରୀ କଲେକ୍ଟର ଗ୍ରୋମ ସାହେବ ୧୮୦୫ ମସିହାରେ ମୁକ୍ତିମଣ୍ଡପ ଦ୍ୱାରା ପରୀକ୍ଷା କରାଯାଇ ଶ୍ରୀମନ୍ଦିର ସେବାପୂଜାରେ ସେବକ ନିଯୁକ୍ତି ପାଇଁ ସୁପାରିସ କରିଥିବାର ପ୍ରମାଣ ରହିଛି। ସେଠାରେ ବ୍ରାହ୍ମଣମାନେ ପ୍ରତିଦିନ ବିଭିନ୍ନ ଶାସ୍ତ୍ର ଆଲୋଚନା କରୁଥିବା ଏବଂ ଏଥିପାଇଁ ଶ୍ରୀମନ୍ଦିର ତରଫରୁ ଥାଳି ଖେଚୁଡ଼ି ବ୍ୟବସ୍ଥା ଥିବା ସ୍ୱତ୍ୱଲିପିରେ ଲିଖିତ ଅଛି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିରେ ମୁକ୍ତିମଣ୍ଡପର ଜଣେ ସଭ୍ୟ ପ୍ରତିନିଧିତ୍ୱ କରନ୍ତି। ଏବେବି ଓଡ଼ିଶାର ଜନସାଧାରଣଙ୍କ ମନରେ ଅତୁଟ ବିଶ୍ୱାସ ଥିବାରୁ କୌଣସି ଧାର୍ମିକ ସଂକଟ ହେଲେ ମୁକ୍ତିମଣ୍ଡପର ନିର୍ଣ୍ଣୟ ସର୍ମାନ୍ୟ ହୋଇଥାଏ। କିନ୍ତୁ ଶ୍ରୀମନ୍ଦିରରେ ନକଲି ସେବକ, ନକଲି ବ୍ରାହ୍ମଣଙ୍କ ଉପସ୍ଥିତି ପରି 'ମୁକ୍ତିମଣ୍ଡପ ବ୍ୟବସ୍ଥା ସଭା' ନାମରେ ଆଉ ଗୋଟିଏ ଅନୁଷ୍ଠାନ ରହିଛି। ଶ୍ରୀମନ୍ଦିର ପରିସରରେ କୌଣସି ଭିତ୍ତି ବା ସ୍ୱତ୍ୱଲିପିରେ ନଥିବା ମୁକ୍ତିମଣ୍ଡପ ବ୍ୟବସ୍ଥା ସଭା ନାମରେ ସେଇ ଅନୁଷ୍ଠାନ ବେନିୟମ ଭାବରେ ନିଜର ସ୍ଥିତି ଜାହିର କରୁଛି। ଶ୍ରୀମନ୍ଦିର ପରିସରରେ ଏଭଳି କିଛି ଅନୁଷ୍ଠାନ ନାହିଁ ବୋଲି ପ୍ରଶାସନିକ ଆଦେଶ ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏହା ସାଧାରଣ ଭକ୍ତଙ୍କୁ ମଧ୍ୟ ବିଭ୍ରାନ୍ତ କରାଉଛି। ଏହା ସହିତ ମୁକ୍ତିମଣ୍ଡପ ପଣ୍ଡିତ ସଭା ନାମରେ ଗୋଟିଏ ଅନୁଷ୍ଠାନ ମଧ୍ୟ ରହିଛି। ଉପଲବ୍ଧ ଥିବା କାଗଜାଦିରୁ ଜଣାଯାଏ ଯେ, ୧୯୦୫ ମସିହାରେ ଅନେକ ପଣ୍ଡିତ ମୁକ୍ତିମଣ୍ଡପରେ ବସୁଥିବା ବ୍ରାହ୍ମଣମାନେ ବିଶୃଙ୍ଖଳିତ ହେବା, ପବିତ୍ର ସ୍ଥାନକୁ ଅପବିତ୍ର କରି କେବଳ ଅର୍ଥ ଲାଳସା ଚରିତାର୍ଥ ପାଇଁ ଗୋପନରେ ବ୍ୟବସ୍ଥା ଦେଉଥିବାରୁ ମର୍ମାହତ ହୋଇଥିଲେ। ଲୋକଙ୍କ ଧର୍ମ ରକ୍ଷା ପାଇଁ ଶ୍ରୀମନ୍ଦିର ମ୍ୟାନେଜରଙ୍କ ପରାମର୍ଶକ୍ରମେ ତତ୍କାଳୀନ ଶଙ୍କରାଚାର୍ଯ୍ୟ ଶ୍ରୀ ଶଙ୍କର ମଧୁସୂଦନ ତୀର୍ଥ ସ୍ୱାମୀଙ୍କ ଅଧକ୍ଷତାରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଠନ କରିଥିଲେ। ମହାମହୋପାଧ୍ୟାୟ ସଦାଶିବ ମିଶ୍ରଙ୍କୁ ସମ୍ପାଦକ ମନୋନୀତ କରାଯାଇଥିଲା, ଯାହାକି ୧୯୭୩ ମସିହାରେ ସମବାୟ ନିୟମରେ



ଅନୁବନ୍ଧିତ ହୋଇଛି। ଏହାର ପ୍ରାଧିକୃତ ଶାସନ ସଂଖ୍ୟା ୩୧ ହୋଇଥିବା ବେଳେ ମୁକ୍ତିମଣ୍ଡପର ପାଠାଗାର ଗୃହରେ ଏହାର କାର୍ଯ୍ୟାଳୟ ରହିଛି। ଉଭୟ ଅନୁଷ୍ଠାନର ସ୍ଥାୟୀ ସଭାପତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ପୃଷ୍ଠପୋଷକ ଗଜପତି ମହାରାଜା ଦୁଇ ଅନୁଷ୍ଠାନକୁ ମିଶାଇ ଗୋଟିଏ ଅନୁଷ୍ଠାନ କରିବାକୁ ପ୍ରୟାସ କରିଥିଲେ। ଶାସନ ସଂଖ୍ୟାରେ ତାରତମ୍ୟ ଯୋଗୁ ସ୍ୱତ୍ୱଲିପି ଆଧାରରେ ତାହା ସମ୍ଭବ ହୋଇନାହିଁ। ମୁକ୍ତିମଣ୍ଡପରେ ବସୁଥିବା ବ୍ରାହ୍ମଣଙ୍କ ଶୃଙ୍ଖଳା ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସୁପରିଣ୍ଟେଣ୍ଡେଣ୍ଟ ତତ୍କାଳୀନ ଗଜପତି ବୀରକିଶୋର ଦେ ତା୧୦।୮।୧୯୫୯ରିଖରେ କିଛି ନିୟମ ସହ ସେମାନେ କୌଣସି ବ୍ୟବସ୍ଥା ଦେଇପାରିବେ ନାହିଁ ବୋଲି ଆଦେଶ ଦେଇଥିଲେ, ଯାହାକି ଶ୍ରୀମନ୍ଦିର କାର୍ଯ୍ୟାଳୟର ମହାଫିସ ଖାନାରେ ଉପଲବ୍ଧ ଅଛି। କିନ୍ତୁ ମୁକ୍ତିମଣ୍ଡପ ଏବେବି ବିବିଧ ବ୍ୟବସ୍ଥା ଦେଇ ଚାଲିଛି। ମୁକ୍ତିମଣ୍ଡପରେ ବସୁଥିବା ବ୍ୟକ୍ତିମାନେ ଯେଉଁ ଶାସନର ଅଧିବାସୀ ଭାବରେ ପରିଚୟ ଦେଉଛନ୍ତି ସେ ଶାସନରେ ତାଙ୍କର ଘର ବା ଗ୍ରାମ୍ୟ କୋଠ ବ୍ୟବସ୍ଥାରେ ହକରା ଡାକରା ନାହିଁ। ଏ ସମ୍ପର୍କରେ ଅନେକ ଲିଖିତ ଅଭିଯୋଗ ସତ୍ତ୍ୱେ ମୁକ୍ତିମଣ୍ଡପ ଉପରେ ନିୟନ୍ତ୍ରଣ ଅଧିକାର ଥାଇ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନର ନୀରବତା ନିଶ୍ଚିତ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ଅନୁଷ୍ଠାନ ୨୦୧୬ ମସିହାରୁ ଆତ୍ମଘୋଷିତ ସଭାପତି ଓ ସମ୍ପାଦକଙ୍କ ନିୟନ୍ତ୍ରଣରେ ଚାଲିଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କ୍ଷୁବ୍ଧ ହୋଇ ତା'ର ସଂସ୍କାର ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପ୍ରଶାସକଙ୍କ ବଦଳି ପରେ ପ୍ରସ୍ତାବରେ ପୂର୍ଣ୍ଣଚ୍ଛେଦ ପଡୁଥିବାରୁ ସେ ମଧ୍ୟ ନୀରବ ରହିଛନ୍ତି।

ମୁକ୍ତିମଣ୍ଡପ ପଣ୍ଡିତ ସଭାର ମଧ୍ୟ ନିର୍ବାଚିତ କାର୍ଯ୍ୟ ନିର୍ବାହିକା ପରିଷଦର କାର୍ଯ୍ୟକାଳ ୨୦୨୦ ମସିହା ଏପ୍ରିଲ ମାସରୁ ଶେଷ ହୋଇଥିବାବେଳେ କୌଣସି ନିର୍ବାଚନ ହେଉନାହିଁ। ସ୍ଥାୟୀ ସଭାପତିଙ୍କ ଅନୁମୋଦନ ବିନା ପଣ୍ଡିତ ସଭାର ପ୍ରତ୍ୟେକ କାର୍ଯ୍ୟ ବା ନିର୍ଣ୍ଣୟ ଉପରେ ଅନିୟମିତତା ଅଭିଯୋଗ ମଧ୍ୟ ଉଠୁଛି। ଯେଉଁ ମହତ ଉଦ୍ଦେଶ୍ୟରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଠିତ ହୋଇଥିଲା, ଯେଉଁଠାରେ ମୂର୍ଦ୍ଧନ୍ୟ ପଣ୍ଡିତମାନଙ୍କର ଶାସ୍ତ୍ରାଲୋଚନା ହେଉଥିଲା ତାହା ଏବେ କିଛି ଅବସରପ୍ରାପ୍ତ ମଧ୍ୟମା ଶିକ୍ଷକ, କିରାଣି, ଓକିଲଙ୍କ ଦ୍ୱାରା ପରିଚାଳିତ ହେଉଛି। ପଣ୍ଡିତ ସଭା ଦ୍ୱାରା ସ୍ୱୀକୃତ ପଞ୍ଜିକା ତ୍ରୁଟିଯୁକ୍ତ ବୋଲି ନିୟମିତ ଗଣମାଧ୍ୟମରେ ପ୍ରକାଶ ପାଉଛି। ଚଳିତ ବର୍ଷର ରଥ ଅନୁକୂଳ ଏକ ରିକ୍ତା ତିଥିରେ ଆରମ୍ଭ ହେବାରୁ ତାହା ଅନେକ ଅଘଟଣର କାରଣ ବୋଲି ମଧ୍ୟ ପ୍ରକାଶ ପାଇଛି। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ଏହା ଉପରେ କୌଣସି ଦୃଷ୍ଟି ନଦେଇ ବୈଧତା ନଥିବା ପଣ୍ଡିତ ସଭା ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିବା ପ୍ରୟାସ କରିଚାଲିଛି। ବିଡ଼ମ୍ବନାର ବିଷୟ ହେଉଛି ଯେ, ରାଜ୍ୟରେ ଧାର୍ମିକ ଭାବନା ସୃଷ୍ଟି ପାଇଁ ଉଦ୍ଦିଷ୍ଟ ପଣ୍ଡିତ ସଭା ପ୍ରତ୍ୟେକ ଗୃହସ୍ଥ ନିଜ ଘରେ ମୃତ ବ୍ୟକ୍ତିଙ୍କ ଶ୍ରାଦ୍ଧ ନିଶ୍ଚିତ କରିବେ ଏବଂ କୌଣସି ପରିସ୍ଥିତିରେ ଶ୍ରାଦ୍ଧ ବନ୍ଦ ହେବନାହିଁ ବୋଲି ନିଜ ସ୍ୱୀକୃତ ପଞ୍ଜିକାରେ ଉଲ୍ଲେଖ କରୁଛନ୍ତି। କିନ୍ତୁ ପଣ୍ଡିତ ସଭାରେ ଅର୍ଥ ଜମାକରି ଶ୍ରାଦ୍ଧ ଦିବସରେ ବ୍ରାହ୍ମଣ ଭୋଜନ କରାଇବାକୁ ସେଇ ପଞ୍ଜିକାରେ ବିଜ୍ଞାପନ ଦେଉଛନ୍ତି। ଏବେବି ପଣ୍ଡିତ ସଭାରେ ପାଞ୍ଚ ହଜାରରୁ ଅଧିକ ଦୁଷ୍ପ୍ରାପ୍ୟ ଶାସ୍ତ୍ରୀୟ ପୁସ୍ତକ ରହିଥିଲେ ବି ଗତ ଦୁଇ ଦଶନ୍ଧି ଧରି ପୁସ୍ତକ ଆଲମିରା ଖୋଲାଯାଇ ନାହିଁ। ଶ୍ରୀମନ୍ଦିରରେ ଧାର୍ମିକ ବାତାବରଣ ସୃଷ୍ଟି ପାଇଁ ସଂସ୍କାର ନିଶ୍ଚିତ ଜରୁରୀ। ଶ୍ରୀମନ୍ଦିର ପରିଚାଳନା ନିୟମରେ ମୁକ୍ତିମଣ୍ଡପ ଓ ମୁକ୍ତିମଣ୍ଡପ ପଣ୍ଡିତ ସଭା ଉପରେ ପ୍ରଶାସନିକ କର୍ତ୍ତୃତ୍ୱ ରହିଛି। ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟି ଏହାକୁ ଗୁରୁତ୍ୱ ଦେଇ ସର୍ବୋପରି ଆମର ଧାର୍ମିକ ଭାବନାରେ ଦେଶ ବା ରାଜ୍ୟର ମଙ୍ଗଳ ପାଇଁ ଦକ୍ଷ ପଣ୍ଡିତ ସଭା ଗଠନ ସହ ଅପ୍ରାଧିକୃତ ଓ ଅଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଏଂ ଉଭୟ ଅନୁଷ୍ଠାନର ଗୌରବ ରକ୍ଷା ପ୍ରଶାସନ ସହ ସରକାରଙ୍କର ନିଶ୍ଚିତ କର୍ତ୍ତବ୍ୟ।

୧୧୩- ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# ନୂତନ ସୁଯୋଗ



ଡ. ଷ୍ଟାଲିନ ମିଶ୍ର

ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା ଏଚ୍.ୱାନ୍.ବି ଭିସା ଦେୟ ବୃଦ୍ଧି କରିଛି। ଅଚାନକ ଏହି ଦେୟ ଦେଢ଼ ହଜାର ଆମେରିକୀୟ ଡଲାରରୁ ଏକ ଲକ୍ଷ ଆମେରିକୀୟ ଡଲାରକୁ ବୃଦ୍ଧି କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଅନେକେ ଏହାକୁ ଭାରତୀୟ ସୂଚନା ପ୍ରଯୁକ୍ତି ବୃତ୍ତିଜୀବୀ ଓ କମ୍ପାନୀମାନଙ୍କ ପାଇଁ ବିପରୀତ ଭାବେ ଦେଖୁଛନ୍ତି। କିନ୍ତୁ ବାସ୍ତବରେ ଏହା ବିପଦ ନୁହେଁ ବରଂ ଭାରତ ପାଇଁ ନୂତନ ସୁଯୋଗ। ଏପରିକି ଏହି ଦେୟ ବୃଦ୍ଧି ପାଇଁ ଭାରତର ବିରୋଧୀ ଦଳଗୁଡିକ କେନ୍ଦ୍ର ସରକାରଙ୍କ ବିଫଳ ବିଦେଶ ନୀତି ଦାୟୀ ବୋଲି କହୁଛନ୍ତି।

ଏଚ୍.ୱାନ୍.ବି ଭିଜା କ'ଣ? ଏଚ୍.ୱାନ୍.ବି ଭିଜା ହେଉଛି ଯୁକ୍ତରାଷ୍ଟ୍ର ସରକାରଙ୍କ ଅଣ-ପ୍ରବାସୀ ଭିଜା କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଆମେରିକୀୟ କମ୍ପାନୀମାନେ ବିଦେଶୀ ଦକ୍ଷ ପେସାଜୀବୀଙ୍କୁ ନିଯୁକ୍ତ କରନ୍ତି। ବିଶେଷତଃ ସୂଚନା ପ୍ରଯୁକ୍ତି କ୍ଷେତ୍ର, ପ୍ରଯୁକ୍ତିବିଦ୍ୟା କ୍ଷେତ୍ର, ଅଟୋମୋଟିଭ ଶିଳ୍ପ, ଆର୍ଥିକ ପରାମର୍ଶ, ଚିକିତ୍ସା ସେବା କ୍ଷେତ୍ର ଭଳି କ୍ଷେତ୍ରରେ ଏହାର ବ୍ୟବହାର ଅଧିକ ହୁଏ। ଏହି ଭିଜାଧାରୀମାନେ ସାଧାରଣତଃ ତିନି ବର୍ଷ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ରରେ ରହି କାମ କରିପାରନ୍ତି, ଯାହାକୁ ପରେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ଆମେରିକାର ଶ୍ରମ ବିଭାଗର ନିର୍ଦ୍ଦେଶ ଅନୁସାରେ ଏହି ଭିଜାଧାରୀଙ୍କ ବାର୍ଷିକ ସର୍ବନିମ୍ନ ବେତନ ଷାଠିଏ ହଜାର ଆମେରିକୀୟ ଡଲାର ରହିଛି। ନିକଟ ଅତୀତରେ ଏହାକୁ ଦେଢ଼ଲକ୍ଷ ଡଲାରକୁ ବୃଦ୍ଧି କରିବାକୁ ଯୋଜନା ହେଉଛି। ଏହି ଭିଜାର ଅନ୍ୟ ସୁବିଧାଗୁଡିକ ଯେପରିକି ଗ୍ରୀନକାର୍ଡ ଆବେଦନ, ଜୀବନସାଥୀଙ୍କୁ ଆମେରିକାରେ କାର୍ଯ୍ୟ କରିବାକୁ ଅନୁମତି ଇତ୍ୟାଦି ଏହାକୁ ଅଧିକ ଲୋକପ୍ରିୟ କରିଥିଲା। ଏହା ପ୍ରକୃତରେ ଅସ୍ଥାୟୀ ରୂପେ କୁଶଳୀ କର୍ମଚାରୀଙ୍କୁ ବିଦେଶରୁ ଆଣି ଉଚ୍ଚ କୁଶଳୀ କ୍ଷେତ୍ରଗୁଡିକରେ ଆମେରିକୀୟ ବୃତ୍ତିଜୀବୀଙ୍କୁ ସାହାଯ୍ୟ କରିବା ପାଇଁ ସୃଷ୍ଟି କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କମ୍ପାନୀଗୁଡିକ ନିଜ ଲାଭ ପାଇଁ କମ୍ ଦରମାରେ ଅର୍ଦ୍ଧକୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି କରି ଆମେରିକୀୟ କୁଶଳୀ କର୍ମଚାରୀଙ୍କର ବିକଳ୍ପ ରୂପେ ବ୍ୟବହାର କରୁଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଲା। ଫଳ ସ୍ୱରୂପ ପ୍ରବାସୀଙ୍କ ବିରୋଧରେ ଏକ ବାତାବରଣ ସୃଷ୍ଟି ହୋଇ କଠୋର ନିୟମ ଆଣିବାକୁ ସରକାରଙ୍କ ଉପରେ ଚାପ ସୃଷ୍ଟି ହେଲା।

ବିଷୟଟିକୁ ଆଲୋଚନା କଲେ ସ୍ପଷ୍ଟ ହୁଏ ଯେ ଏହା ଆମ ପାଇଁ ବାଧା ନୁହେଁ, ବରଂ ସୁଯୋଗର ଦ୍ୱାର ଖୋଲିଦେଇଛି। ଡଲାର-ଟଙ୍କାର ଉଚ୍ଚ ବିନିମୟ ମୂଲ୍ୟ ହିଁ ବିଦେଶୀ କମ୍ପାନୀଗୁଡିକ ଭାରତୀୟ ପ୍ରତିଭାଙ୍କୁ ଅଗ୍ରାଧିକାର ଦେବାର ପ୍ରକୃତ କାରଣ। ଏହି ଉଚ୍ଚ ବିନିମୟ ମୂଲ୍ୟ ଲୋଭରେ ଭାରତରୁ ଅନ୍ୟ ଦେଶକୁ ଚାଲିଯାଉଥିବା କୁଶଳୀମାନେ ପରୋକ୍ଷରେ ଅନ୍ୟ ଦେଶର ଆର୍ଥିକ, ସାମାଜିକ ତଥା ଉଦ୍ୟୋଗ ବିକାଶର କାରଣ ହେଉଛନ୍ତି। ଯଦି ବର୍ଦ୍ଧିତ ଭିଜା ଦେୟ ପାଇଁ ବିଦେଶୀ କମ୍ପାନୀମାନେ ଭାରତୀୟଙ୍କୁ ନିଯୁକ୍ତି ଦେବାକୁ ଅସମର୍ଥ ହେବେ, ତେବେ ପରୋକ୍ଷରେ ସେମାନେ ତାଙ୍କ କାମକୁ ଭାରତକୁ ଆଉଟସୋର୍ସିଂ କରିବାକୁ ବାଧ୍ୟ ହେବେ। କାରଣ ସୂଚନା ପ୍ରଯୁକ୍ତି ବିଦ୍ୟା ତଥା ଅନ୍ୟ




ଟେକ୍ନୋଲୋଜି କ୍ଷେତ୍ରରେ ଭାରତୀୟ ପ୍ରତିଭାଙ୍କର କର୍ତ୍ତୃତ୍ୱ ବଜାୟ ରହିଛି। ବିଦେଶୀ କମ୍ପାନୀମାନଙ୍କ ପାଇଁ ଏହାର ବିକଳ୍ପ ନାହିଁ। ଭିଜା ଦେୟ ବଢ଼ିବାରୁ ଯୁକ୍ତରାଷ୍ଟ୍ର କମ୍ପାନୀମାନେ ପ୍ରଫେସନାଲକୁ ନେଇଯିବା ପରିବର୍ତ୍ତେ ଭାରତକୁ କାମ ଆଉଟସୋର୍ସ କରିବାକୁ ପସନ୍ଦ କରିବେ। ଏହା ସୂଚନା ପ୍ରଯୁକ୍ତି ସେବାକୁ ନେଇ ଭାରତର ପ୍ରଭାବକୁ ଆହୁରି ବିଶବ୍ୟାପୀ କରାଇବ। ଆଉଟସୋର୍ସିଂ ବଢ଼ିଲେ, ସେହି ପ୍ରତିଭା ଦେଶରେ ରହି ଭାରତର ଅର୍ଥନୀତିକୁ ଶକ୍ତିଶାଳୀ କରିପାରିବ। କୋଭିଡ-୧୯ ପରେ ରିମୋଟ ୱାର୍କ (ଘରୁ କାମ କରିବା ) ଏକ ସାଧାରଣ କଥାରେ ପରିଣତ ହୋଇଛି। ଭିଜାଦେୟ ବୃଦ୍ଧି ଏହାକୁ ଅଧିକ ଗତିଶୀଳ କରିବ ତଥା ଆଞ୍ଚଳିକ ବିକାଶ ପାଇଁ ବାଟ ଖୋଲିଦେବ। ଭାରତୀୟ ସହର ଏପରିକି ଗ୍ରାମାଞ୍ଚଳ ଗୁଡିକରେ ରହି ପ୍ରଫେସନାଲମାନେ ସିଲିକନ ଭ୍ୟାଲି ପାଇଁ କାମ କରିପାରିବେ। ଭାରତୀୟ ଷ୍ଟାର୍ଟଅପଗୁଡିକ ପାଇଁ ସୁବର୍ଣ୍ଣ ସମୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏ ଆଇ, ତଥ୍ୟ ବିଜ୍ଞାନ, ବ୍ଲକଚେନ, ଫିନଟେକ, ସାଇବର ନିରାପତ୍ତା ଭଳି ଉଦୀୟମାନ କ୍ଷେତ୍ରରେ ଭାରତୀୟ ଷ୍ଟାର୍ଟଅପ୍‌ଗୁଡିକ ବିଶ୍ୱସ୍ତରୀୟ କ୍ଲାଇଣ୍ଟ ପାଇବାର ସୁଯୋଗ ମିଳିବ। ଏହା ନୂତନ ଉଦ୍ୟମୀମାନଙ୍କ ପାଇଁ ସୁବର୍ଣ୍ଣ ଯୁଗ ଆଣିପାରେ।

ସୁଯୋଗକୁ ଚରିତାର୍ଥ କରିବା ପାଇଁ ଆମକୁ ଦକ୍ଷତା ବିକାଶ, ଛୋଟ ସହର ତଥା ଗ୍ରାମାଞ୍ଚଳ ଗୁଡିକରେ ସୂଚନା ପ୍ରଯୁକ୍ତି ଭିତ୍ତିଭୂମି ଉପଲବ୍ଧ କରାଇବା, ନବସୃଜନ ଷ୍ଟାର୍ଟଅପ ଅନୁକୂଳ ନୀତି ଓ ସରକାରୀ ପ୍ରୋତ୍ସାହନକୁ ପ୍ରାଥମିକତା ଦେବା ଆବଶ୍ୟକ। ଆମ ଉଚ୍ଚ କୁଶଳୀ ଯୁବପ୍ରତିଭା ଭାରତର ସବୁଠାରୁ ବଡ଼ ଶକ୍ତି। ଆତ୍ମନିର୍ଭର ଭାରତର ସ୍ଲୋଗାନକୁ ବାସ୍ତବତାର ରୂପ ଦେବା ପାଇଁ ଏହା କୃଷ୍ଟ ସମୟ। କୁଶଳୀ ଭାରତୀୟମାନେ ଏକ କୁଶଳ ତଥା ଆତ୍ମନିର୍ଭର ଭାରତ ନିର୍ମାଣରେ ଭାଗୀଦାରି ହେବା ଗୌରବର କଥା ନୁହେଁ କି ?

ବିଦେଶରେ ଭାରତୀୟମାନଙ୍କ ପ୍ରତି ଉଦ୍ଦେଶ୍ୟମୂଳକ ଭାବେ ଈର୍ଷା ଓ ହିଂସା ପ୍ରଦର୍ଶନର ଖବର ବ୍ୟାପକ ହେଉଛି। ମୋ ମତରେ ନିଜ ଦେଶରେ ରହି ନିଜକୁ ତଥା ନିଜ ପିଲାଙ୍କୁ ବିଶ୍ୱର ସର୍ବୋତ୍ତମ ସଂସ୍କୃତି ଭାରତୀୟ ସଂସ୍କୃତିରେ ଗଢିତୋଳିବା ଶ୍ରେୟସ୍କର ନୁହେଁ କି ? ଅଧିକ ଅର୍ଥ ଉପାର୍ଜନ ଲୋଭରେ ନିଜ ଦେଶ, ପରିବାର ଓ ସଂସ୍କୃତିର ପ୍ରତିକୂଳରେ ଯାଇ ନିଜକୁ ତଥା ନିଜର ଆଗାମୀ ପିଢ଼ିକୁ ଏକ ଅନିଶ୍ଚିତ ଦୁନିଆରେ ପ୍ରତିଷ୍ଠିତ କରାଇବାର ଆକାଂକ୍ଷା କେତେ ବୁଦ୍ଧିମତ୍ତା ତାହା ପୁନଃ ବିଶ୍ଳେଷଣ କରିବା ଉଚିତ ଯେତେବେଳେ ଆମ ଦେଶ ଭାରତ ନୂତନ ସୁଯୋଗର ଭୂମି ଭାବେ ଉଦୀୟମାନ ହୋଇ ସାରା ବିଶ୍ୱରୁ ଉଦ୍ୟୋଗପତିଙ୍କୁ ଭାରତରେ ନିବେଶ କରାଇବା ପାଇଁ ପ୍ରବର୍ତ୍ତାଇ ପାରୁଛି ସେତେବେଳେ ଅନ୍ୟ ଦେଶରେ ପ୍ରବାସୀ ବା ତୃତୀୟଶ୍ରେଣୀ ନାଗରିକ ହୋଇ ପ୍ରତି ମୁହୂର୍ତ୍ତରେ ଭୟ ଓ ଅନିଶ୍ଚିତତାକୁ ଆଲିଙ୍ଗନ କରିବାର ଆବଶ୍ୟକତା କ'ଣ ? ତେଣୁ ମୁଁ ଆଉ ଥରେ କହିବି ଭିସା ଶୁଳ୍କ ବୃଦ୍ଧି ଭାରତୀୟ ଉଦ୍ୟୋଗ କ୍ଷେତ୍ର ପାଇଁ ବିପଦ ନୁହେଁ। ବରଂ ଏହା ଆମ ନିଜସ୍ୱ ପ୍ରତିଭାକୁ ନୂତନ ସୁଯୋଗ ଦେଇ ବିଶ୍ୱକୁ ନେତୃତ୍ୱ ଦେବାର ରାସ୍ତା ଖୋଲିଛି।

ସୂଚନା ପ୍ରଯୁକ୍ତିବିତ୍, ସିଙ୍ଗାପୁର
ମୋ:୯୩୪୩୯୩୫୩୪୧

## ଏଇ ଭାରତରେ

ଦିଲ୍ଲୀର ଏକ ବସ୍ତିରେ ରହି ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଶିକ୍ଷା ଲାଭ କରି ଜଣେ କନ୍‌ଷ୍ଟେବଲ ଭାବେ ଚାକିରି କରୁଛନ୍ତି ଥାନ୍ ସିଂ। ଚାକିରିର ଦାୟିତ୍ୱ ଭିତରୁ ସମୟ ବାହାର କରି ସେ ବସ୍ତି ପିଲାମାନଙ୍କୁ ପଢାଉଛନ୍ତି। ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ପାର୍କ ସ୍ଥାନ ନିକଟସ୍ଥ ସାଇ ମନ୍ଦିରରେ ସେ ଏକ ପାଠଶାଳା ଖୋଲି ପିଲାମାନଙ୍କୁ ମାଗଣାରେ ପଢାଉଛନ୍ତି। ଥାନ୍ ସିଂ ଡ୍ୟୁଟି କରିବା ସମୟରେ ବସ୍ତି ପିଲାମାନେ ରାସ୍ତାରେ ପାଣିବୋତଲ ବିକିବା, ଜରି ଗୋଟାଇବା ଭଳି କାମ କରୁଥିବା ଦେଖିବା ପରେ ସେ ସେମାନଙ୍କୁ ପଢ଼ାଇବା ଲାଗି ନିଷ୍ପତ୍ତି ନେଇଥିଲେ। କାରଣ ତାଙ୍କ ପିଲାଦିନ ବି ବସ୍ତିରେ ବହୁ କଷ୍ଟରେ କଟିଥିଲା। ଥାନ୍‌ଙ୍କ ଜନ୍ମ ରାଜସ୍ଥାନର ଭରତପୁରରେ। ସେ ତାଙ୍କ ପରିବାର ସହ ଆସି ଦିଲ୍ଲୀର ଏକ ବସ୍ତିରେ ରହୁଥିଲେ। ତାଙ୍କ ପିତା ପୋଷାକ ଇସ୍ତ୍ରି କରି ଯାହା ରୋଜଗାର କରୁଥିଲେ ସେଥିରେ ସେମାନେ କଷ୍ଟରେ ଚଳୁଥିଲେ। ଏପରିକି ଥାନ୍‌ଙ୍କୁ ବି ମକା ବିକି ରୋଜଗାର କରିବାକୁ ପଡ଼ିଥିଲା। ଅନ୍ୟ କୌଣସି ବସ୍ତି ପିଲାଙ୍କ ଭାଗ୍ୟରେ ଏହା ନ ଜୁଟୁ ତାହା ବିଚାର କରି ୨୦୧୫ରେ ସେ ୩ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଥାନ୍‌ଙ୍କ ଏହି ସ୍କୁଲର ସକାରାତ୍ମକ ପ୍ରଭାବ ଏବେ ସ୍ପଷ୍ଟ ହୋଇଛି। ପିଲାମାନେ ରାସ୍ତାରେ ବୁଲି ଜିନିଷ ବିକିବା ପରିବର୍ତ୍ତେ ସ୍କୁଲକୁ ଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ସେପ୍ଟେମ୍ବର ୧୯୭୬

- ଭାରତ ଓ ନାଇଜେରିଆ ସାଧାରଣତନ୍ତ୍ର ମିଳିତ ଉଦ୍ୟମରେ ଫସଫରିକ ଏସିଡ ପ୍ରସ୍ତୁତ ପାଇଁ ଏକ କାରଖାନା ସ୍ଥାପନ ନିମନ୍ତେ ଚୁକ୍ତିବଦ୍ଧ ହୋଇଛନ୍ତି।
- ଜାତୀୟ କୋଠାବାଡ଼ି ନିର୍ମାଣ ସଂସ୍ଥା ପକ୍ଷରୁ ଭୂମିହୀନ କୃଷି ଶ୍ରମିକମାନଙ୍କ ପାଇଁ ସ୍ୱଳ୍ପ ବ୍ୟୟରେ ଗୃହ ନିର୍ମାଣ।

## ଚିରନ୍ତନୀ

ଅଞ୍ଚଳ ତବ ଚଞ୍ଚଳ ବାତେ
ସ୍ୱର୍ଣ୍ଣ ଜରିର ଧଟୀ
ନଚାଇ ସବେଗେ ନ ଚାଲୁ ତୁମର
ଚରଣ ନବୀନା ନଟୀ !

-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପଥ ହେଲାଣି ପଥଭ୍ରଷ୍ଟ

ମହାଶୟ,

ରାଜ୍ୟର ଚତୁର୍ଥ ବୃହତ୍ତମ ସହର କେନ୍ଦ୍ରାପଡ଼ା । ଏହା ତୁଳସୀ କ୍ଷେତ୍ର ନାମରେ ବିଦିତ। ଆଧ୍ୟାତ୍ମିକ, ସାଂସ୍କୃତିକ ଐତିହ୍ୟ ପରମ୍ପରାର ମହାନ୍ ଶୋଭନୀୟ ଓ ସୌନ୍ଦର୍ଯ୍ୟମୟ ଏହି ସହର। ମୁଖ୍ୟ ପ୍ରସଙ୍ଗ କେନ୍ଦ୍ରାପଡ଼ାର ତିନିମୁହାଣୀ, ଗରାପୁର ସଂଲଗ୍ନ ରାସ୍ତାଟି ହେଉଛି ବଳଦେବଜୀଉ ପଥ। ପରିତାପର ବିଷୟ ଉକ୍ତ ପଥଟି ଖାଲଖମା ଯୋଗୁ ଯାନବାହନ ଚଳାଚଳରେ ଘୋର ସମସ୍ୟା ଦେଖାଦେଲାଣି। କେନ୍ଦ୍ରାପଡ଼ା ସହରର ଜନସାଧାରଣ ବହୁ ଆଲୋଚନା ସମାଲୋଚନା କରନ୍ତି ସତ, ଫଳ କିନ୍ତୁ ଶୂନ। ବିକାଶ ନାଁରେ କୋଟି କୋଟି ଟଙ୍କା ଆସି ଫେରିଯାଏ। ରାଜ୍ୟ ସରକାରଙ୍କ ବାହୁସ୍ଫୋଟ ଭାଷଣକୁ କେନ୍ଦ୍ରାପଡ଼ାର ଲକ୍ଷ ଲକ୍ଷ ଜନସାଧାରଣ କର୍ଣ୍ଣପାତ କରନ୍ତି ସତ ହେଲେ ଉପଯୁକ୍ତ ପଥଟିକୁ ପାସୋରି ପକାନ୍ତି। ଯାହା ଫଳରେ ପ୍ରଶାସନକୁ ଚେଇଁ ଶୋଇବାକୁ ଯଥେଷ୍ଟ ସୁଯୋଗ ମିଳେ। ତଥାପି ରାଜ୍ୟ ସରକାର ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ଧୂଳିସାତ ନ କରନ୍ତୁ।

-ଆଦିକନ୍ଦ ସାହୁ, ଆଳି ବ୍ଲକ୍, ଏକମାଣିଆ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୋଟିଏ ବି ହୃତ୍‌ସ୍ପନ୍ଦନ ହରାନ୍ତୁ ନାହିଁ



ବର୍ତ୍ତମାନ ଯେଉଁ କେତୋଟି ସ୍ୱାସ୍ଥ୍ୟ ସମସ୍ୟା ପ୍ରମୁଖ ଭାବରେ ଆମେ ସମ୍ମୁଖୀନ ହେଉଛେ ତନ୍ମଧ୍ୟରୁ ହୃଦ୍‌ଜନିତ ସମସ୍ୟା ଅନ୍ୟତମ। ପ୍ରତ୍ୟେକ ତିନିଗୋଟି ମୃତ୍ୟୁର କାରଣ ହେଉଛି ହୃଦ୍‌ରୋଗଜନିତ। ଆମର ହାତମୁଠା ଆକାର ହୃତ୍‌ପିଣ୍ଡଟି ଛାତିର ବାମ ପଟେ ତିର୍ଯ୍ୟକ୍ ଭାବରେ ଅବସ୍ଥାପିତ। ଏହା ଗର୍ଭ ସଞ୍ଚାରର ୨ ମାସଠାରୁ ଆରମ୍ଭ କରି ଜୀବନର ଶେଷ ପର୍ଯ୍ୟନ୍ତ ନିରବଚ୍ଛିନ ଭାବେ କାମ କରିଥାଏ। ହୃତ୍‌ପିଣ୍ଡର ଚାରିଗୋଟି ଅଳିନ୍ଦ (artium)ଗୁଡ଼ିକର ମାଂସପେଶୀ ପତଳା ଓ ନିଳୟ (ventricle)ର ମାଂସପେଶୀ ଅପେକ୍ଷାକୃତ ମୋଟ। ଦକ୍ଷିଣପଟ ହୃତ୍‌ପିଣ୍ଡରୁ ଅମ୍ଳଜାନ ସଂଯୁକ୍ତ ହେବା ପାଇଁ ରକ୍ତ ଫୁସ୍‌ଫୁସ୍‌କୁ ଯାଏ ଓ ତା'ପରେ ଏହା ଫୁସ୍‌ଫୁସୀୟ ଶିରା ଦ୍ୱାରା ବାମ ପଟକୁ ଆସି ସାରା ଶରୀରରେ ପ୍ରବାହିତ ହୁଏ।



ଜଣେ ବୟସ୍କ ବ୍ୟକ୍ତିର ହୃତ୍‌ପିଣ୍ଡ ମିନିଟ୍‌କୁ ୭୨ ଥର ସ୍ପନ୍ଦିତ ହୋଇଥାଏ ଏବଂ ଗୋଟିଏ ଦିନରେ ଏହା ପାଖାପାଖି ଲକ୍ଷେ ଚାରି ହଜାର ଥର ସ୍ପନ୍ଦିତ ହୁଏ। ଆମ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ପାଖାପାଖି ୫ ଲିଟର ରକ୍ତ ସଞ୍ଚାରଣ କରିଥାଏ ଓ ଗୋଟିଏ ଦିନରେ ଏହା ୭୦୦୦-୮୦୦୦ ଲିଟର ରକ୍ତ ପମ୍ପ କରିଥାଏ।

ସାଧାରଣତଃ ହୃଦ୍‌ଯନ୍ତ୍ର କାମ କରିବା ବନ୍ଦ କରିଦେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯେ, ପ୍ରତି ବର୍ଷ ଦୁଇ କୋଟିରୁ ଊର୍ଦ୍ଧ୍ୱ ଲୋକ ହୃଦ୍‌ରୋଗ କାରଣରୁ ମୃତ୍ୟୁବରଣ କରିଥାଆନ୍ତି। ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏହା ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ମୃତ୍ୟୁକୁ ଆଗୁଆ ନିଦାନ ଦ୍ୱାରା ଟାଳି ଦିଆଯାଇପାରନ୍ତା, ମାତ୍ର ଜନସଚେତନତାର ଅଭାବରୁ ଏହା ହୋଇପାରୁନାହିଁ। ଏହା ମଧ୍ୟ ସ୍ୱାସ୍ଥ୍ୟସେବାର ବ୍ୟାପକତା, ସୁବିଧା ତଥା ପ୍ରାଥମିକ ସ୍ତରରେ ଯାଞ୍ଚ ଦ୍ୱାରା ପ୍ରତିହତ କରାଯାଇପାରନ୍ତା।

ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ 'ବିଶ୍ୱ ହୃତ୍‌ପିଣ୍ଡ ଦିବସ' (World Heart Day) ଭାବରେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷର ଏ ନେଇ ବାର୍ତ୍ତା ରହିଛି-'ଗୋଟିଏ ବି ହୃତ୍‌ସ୍ପନ୍ଦନ ହରାନ୍ତୁ ନାହିଁ (Don't miss a beat)।

ହୃତ୍‌ପିଣ୍ଡଜନିତ ରୋଗଗୁଡ଼ିକ ମଧ୍ୟରେ ସିଏଡି ବା କରୋନାରି ଆର୍ଟେରି ରୋଗ ପ୍ରମୁଖ। ଏଥିରେ ହୃତ୍‌ପିଣ୍ଡର ମାଂସପେଶୀକୁ ରକ୍ତ ଯୋଗାଉଥିବା ମୁଖ୍ୟ ଏବଂ ସହଯୋଗୀ ଧମନୀରେ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହୋଇଥାଏ। ଏହାଦ୍ୱାରା ମାଂସପେଶୀ କାମ କରିପାରି ନ ଥାଏ। ଉଚ୍ଚ ରକ୍ତଚାପ ମଧ୍ୟ ଏକ ନୀରବ ଘାତକ ରୋଗ। ଏହା ବାହାରକୁ ଜଣାପଡ଼ି ନ ଥାଏ ମାତ୍ର ପରୀକ୍ଷା ବେଳେ ଜଣାପଡ଼େ। ଏଥିଲାଗି ନିୟମିତ ଯାଞ୍ଚ ଓ ଔଷଧ ସେବନ ଆବଶ୍ୟକ। ହଠାତ୍ ହୃଦ୍‌ଘାତ ଓ କାର୍ଡିଆକ୍ ଆରେଷ୍ଟ ମଧ୍ୟ ଖୁବ୍ କମ୍ ସମୟ ମଧ୍ୟରେ ଜୀବନ ନେଇଯାଇଥାଏ। ହୃଦ୍‌ଯନ୍ତ୍ରର କାର୍ଯ୍ୟହୀନତା ଓ ହୃତ୍‌ସ୍ପନ୍ଦନରେ ଅନିୟମିତତା (arrythmia) ଅନ୍ୟ ଦୁଇଗୋଟି ପ୍ରମୁଖ ରୋଗ। ଏହା ବ୍ୟତୀତ ଜନ୍ମଜନିତ ହୃଦ୍‌ରୋଗ, ମାଂସପେଶୀ ସଂକ୍ରମଣ, କାର୍ଡିଓ ମାୟୋପାଥି, ଗଣ୍ଠିବାତଜନିତ ହୃଦ୍‌ରୋଗ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଚିକିତ୍ସା ବିଜ୍ଞାନର ବ୍ୟାପକ ଅଗ୍ରଗତି ଦ୍ୱାରା ସହଜରେ ଅଳ୍ପ ସମୟ ମଧ୍ୟରେ ହୃଦ୍‌ରୋଗର ନିର୍ଣ୍ଣୟ ସହିତ ଉପଯୁକ୍ତ ଚିକିତ୍ସା କରାଯାଇ ପାରୁଅଛି। ତେଣୁ ଏବର୍ଷର ବାର୍ତ୍ତା ଜଣାଉଛି ଯେ ହୃଦ୍‌ରୋଗର ଯାଞ୍ଚ ଓ ନିର୍ଣ୍ଣୟ ତଥା ଚିକିତ୍ସାରେ କୌଣସି ପ୍ରକାର ଅବହେଳା କରିବା ଉଚିତ ନୁହେଁ। ହୃଦ୍‌ରୋଗ ହେବାର ପ୍ରମୁଖ ବିପଦ ସୃଷ୍ଟିକାରୀ ବିଷୟଗୁଡ଼ିକ ହେଉଛି-ଅତ୍ୟଧିକ ଧୂମପାନ, ଅତ୍ୟଧିକ ମେଦବହୁଳତା, ଶାରୀରିକ କର୍ମରହିତ ଜୀବନ, ଡାଇବେଟିସ, ଅତ୍ୟଧିକ ରକ୍ତରେ ଚର୍ବି, ଅସନ୍ତୁଳିତ ଉଚ୍ଚ ରକ୍ତଚାପ ଏବଂ ଅତ୍ୟଧିକ ମାନସିକ ଅବସାଦ। ଏହା ସହିତ ପାରିବାରିକ ରୋଗ ପ୍ରାଦୁର୍ଭାବ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା।

ହୃଦ୍‌ରୋଗକୁ ପ୍ରତିହତ କରିବାର ସହଜ ଉପାୟଗୁଡିକ ମଧ୍ୟରେ ରହିଛି- ରକ୍ତଚାପ, ଚର୍ବି ବହୁଳତା ଏବଂ ମେଦବହୁଳତାର ନିୟନ୍ତ୍ରଣ। ଧୂମପାନ ଏବଂ ନିଶାଦ୍ରବ୍ୟ ସେବନ ବର୍ଜନ, ଶାରୀରିକ ପରିଶ୍ରମ ଓ ନିୟମିତ ବ୍ୟାୟାମ, ଚାଲିବା, ପହଁରିବା, ସାଇକେଲ ଚାଳନା ଇତ୍ୟାଦି ମଧ୍ୟ ଉପଯୋଗୀ। ପ୍ରତିଦିନ ଅଧ ଘଣ୍ଟାଏ ବ୍ୟାୟାମ ମନ ଏବଂ ଶରୀରକୁ ସୁସ୍ଥତା ପ୍ରଦାନ କରେ। ଅବସାଦ ଏବଂ ମାନସିକ ଚାପରୁ ଦୂରରେ ରହି ରାତିରେ ଅନ୍ତତଃ ୮ ଘଣ୍ଟା ଭଲରେ ଶୋଇବା ଉଚିତ। ହୃଦ୍‌ରୋଗର ନିୟନ୍ତ୍ରଣ ଓ ଚିକିତ୍ସା ପାଇଁ ହୃଦ୍‌ରୋଗ ବିଶେଷଜ୍ଞମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାଧାରଣ ପରୀକ୍ଷା ଯଥା-ଇସିଜି, ଇକୋ, ଷ୍ଟ୍ରେସ୍ ଟେଷ୍ଟ, ବ୍ଲଡ୍ ଟେଷ୍ଟ, କାର୍ଡିଆକ୍ କ୍ୟାଥେଟରାଇଜେଶନ, ଆଞ୍ଜିଓଗ୍ରାମ ଏବଂ ଷ୍ଟେଣ୍ଟିଙ୍ଗ ଇତ୍ୟାଦି ଦ୍ୱାରା ହୃଦ୍‌ରୋଗର ସଫଳ ଚିକିତ୍ସା କରାଯାଇପାରୁଅଛି।

**– ଡା. ରାମଚନ୍ଦ୍ର ରାଉତ,** ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର

## ଯୁବମାନଙ୍କ ମଧ୍ୟରେ ବଢୁଥିବା ହୃଦ୍‌ଘାତ ଗୁରୁତର ସାମାଜିକ ସଙ୍କଟ

ହୃଦ୍‌ଘାତ (Heart Attack) ପୂର୍ବରୁ ୫୦ ବର୍ଷରୁ ଅଧିକ ବୟସରେ ଦେଖାଯାଉଥିବା ରୋଗ ବୋଲି ମନେ କରାଯାଉଥିଲା। କିନ୍ତୁ ଏବେ ପରିସ୍ଥିତି ଦ୍ରୁତ ବଦଳିଛି। ଭାରତରେ ପ୍ରାୟ ୫୦% ହୃଦ୍‌ଘାତ ୫୦ ବର୍ଷରୁ କମ୍ ବୟସରେ ହେଉଛି, ଯେଉଁଥିରୁ ୨୫% କେସ୍ ୪୦ ବର୍ଷରୁ କମ୍ ବୟସରେ ଦେଖାଯାଉଛି। ଓଡ଼ିଶାରେ ମଧ୍ୟ ଏହି ପ୍ରବୃତ୍ତି ସ୍ପଷ୍ଟ। କେତେକ କେସ୍‌ରେ ୨୦-୨୫ ବର୍ଷ ବୟସରେ ଯୁବକମାନେ ମଧ୍ୟ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଓଡ଼ିଶାର କାର୍ଡିଆକ୍ ସେଣ୍ଟରଗୁଡ଼ିକରେ ୪୦ ବର୍ଷରୁ କମ୍ ବୟସୀ ରୋଗୀଙ୍କ ସଂଖ୍ୟା ୩୦% ପର୍ଯ୍ୟନ୍ତ ପହଞ୍ଚିଛି।



Dr. Ritesh Acharya
Cardiologist/Electrophysiologist
Hi-Tech Medical College

### କାହିଁକି ଯୁବମାନେ ହୃଦ୍‌ଘାତରେ ପୀଡ଼ିତ

- ✔ ଧୂମପାନ ଓ ମଦ୍ୟପାନ : ୨୦-୩୫ ବର୍ଷ ବୟସରେ ଅଧିକାଂଶ ରୋଗୀଙ୍କ ସାଧାରଣ କାରଣ।
- ✔ ମଧୁମେହ, ଉଚ୍ଚ ରକ୍ତଚାପ ଓ କଲେଷ୍ଟେରଲ : "Silent Killers" ଯାହା ଯୁବବର୍ଗରେ ଅନୁଦିଷ୍ଟ ଅବସ୍ଥାରେ ରହିଥାଏ।
- ✔ ଅସୁସ୍ଥ ଖାଦ୍ୟାଭ୍ୟାସ : ଫାଷ୍ଟ ଫୁଡ୍, ତେଲ-ମସଲା ଖାଦ୍ୟ, ଶର୍କରାଧିକ ପାନୀୟ।
- ✔ ନିଷ୍କ୍ରିୟ ଜୀବନଶୈଳୀ : Mobile-TV-Laptop ପାଖରେ ଘଣ୍ଟା, ଅଭ୍ୟାସର ଅଭାବ।
- ✔ ଚାପ ଓ ଅତିରିକ୍ତ କାର୍ଯ୍ୟଭାର : ଯୁବମାନଙ୍କ ପାଇଁ ମାନସିକ ଚାପର ପ୍ରବର୍ଦ୍ଧନ ବହୁତ କମ୍।
- ✔ ପରିବାରରେ ହୃଦ୍‌ରୋଗର ପୂର୍ବ ଇତିହାସ : Genetic Predisposition

### ସାମାଜିକ ପ୍ରଭାବ

୧. ଅର୍ଥନୈତିକ ଚାପ : ୨୦-୪୦ ବର୍ଷରେ ପରିବାରର ପ୍ରଧାନ ଉପାର୍ଜନକାରୀ ଯଦି ହୃଦ୍‌ଘାତରେ ପୀଡିତ, ସାରା ପରିବାର ଆଘାତିତ।
୨. ଉତ୍ପାଦନଶୀଳତାର ହାନି : ସମାଜର କାର୍ଯ୍ୟକ୍ଷମ ବର୍ଗରେ ରୋଗ ବଢିବା।
୩. ମାନସିକ ପ୍ରଭାବ : ପରିବାରରେ ଭୟ, ଉତ୍କଣ୍ଠା ଓ ନିରାଶା।

### ପ୍ରତିରୋଧ କିପରି ?

- ✔ ସୁସ୍ଥ ଖାଦ୍ୟ - ଅଧିକ ଶାକ-ସବ୍ଜୀ, ଫଳ, ଡାଲି, ପୂର୍ଣ୍ଣାନ୍ନ, କମ୍ ତେଲ, ଲୁଣ, ଚିନି।
- ✔ ନିୟମିତ ବ୍ୟାୟାମ - ପ୍ରତିଦିନ ୩୦-୪୫ ମିନିଟ୍।
- ✔ ନିୟମିତ ଚେକ୍‌ଅପ୍ - ୩୦ ବର୍ଷ ପରେ ଡାୟାବେଟିକ୍, ରକ୍ତଚାପ ଓ କଲେଷ୍ଟେରଲ ପରୀକ୍ଷା।
- ✔ ମାନସିକ ଚାପର ପ୍ରବର୍ଦ୍ଧନ - ପ୍ରତିଦିନ ଧ୍ୟାନ, ପ୍ରାଣାୟମ, ପରିବାର ସହିତ ସମୟ।
- ✔ ଧୂମପାନ ଓ ମଦ୍ୟପାନକୁ "ନା"।

### ସାରକଥା

ହୃଦ୍‌ଘାତର "ଯୁବ ପ୍ରବଳତା" ସମାଜ ପାଇଁ ଗୁରୁତର ସଙ୍କେତ। ୫୦% ହୃଦ୍‌ଘାତ ୫୦ ବର୍ଷରୁ କମ୍ ବୟସରେ ଘଟୁଥିବା ତଥ୍ୟ ସଚେତନତା ପାଇଁ ପର୍ଯ୍ୟାପ୍ତ ସମୟରେ ସୁସ୍ଥ ଜୀବନଶୈଳୀ, ନିୟମିତ ପରୀକ୍ଷା ଓ ମାନସିକ ସ୍ୱାସ୍ଥ୍ୟରେ ଯତ୍ନ - ଏହାହିଁ ଯୁବମାନଙ୍କୁ ହୃଦ୍‌ଘାତରୁ ରକ୍ଷା କରିପାରିବ।

**"ଯୁବମାନଙ୍କ ହୃଦୟ ସୁସ୍ଥ - ରାଷ୍ଟ୍ରର ଭବିଷ୍ୟତ ସୁସ୍ଥ"**

## ହୃତ୍‌ପିଣ୍ଡ ଅନୁକୂଳ ଖାଦ୍ୟ



ଶରୀରର ସବୁ ଅଙ୍ଗ ଭଳି ହୃତ୍‌ପିଣ୍ଡ ମଧ୍ୟ ଖାଦ୍ୟ ଉପାଦାନ ଓ ଅକ୍ସିଜେନ୍ ଦରକାର କରିଥାଏ। ଏହା ସେ ପାଇଥାଏ ହୃତ୍‌ଧମନୀ ନାମକ ରକ୍ତନଳୀ ସାହାଯ୍ୟରେ। ହୃତ୍‌ଧମନୀର ରନ୍ଧ୍ର ସରୁ ହୋଇଗଲେ ହୃତ୍‌ପିଣ୍ଡ ଆଶାନୁରୂପ ଖାଦ୍ୟ ଉପାଦାନ ଓ ଅମ୍ଳଜାନ ବା ଅକ୍ସିଜେନ ପାଇପାରେନି। ଫଳରେ ଜାତ ହୁଏ ମାରାତ୍ମକ ଧରଣର ହୃଦ୍‌ରୋଗ। ସ୍ୱାସ୍ଥ୍ୟ ହିତକର ଖାଦ୍ୟ ଖାଇ ନିୟମିତ ବ୍ୟାୟାମ କଲେ ହୃତ୍‌ପିଣ୍ଡ ସୁସ୍ଥ ରହେ।

**କ'ଣ ଖାଇବେ:** ହୃତ୍‌ପିଣ୍ଡ ସୁସ୍ଥ ରହିବା ପାଇଁ କ'ଣ ଖାଇବେ ? ସୁସ୍ଥ ହୃତ୍‌ପିଣ୍ଡ ଖାଦ୍ୟ ତାଲିକାରେ ରହିଛି ରୁଟି, ଭାତ, ଚୁଡ଼ା, ମୁଢ଼ି, ଖଇ, ସୁଜି, ଡାଲି, ଆଳୁ, ଶାଗ, ସାଲାଡ, ସବୁ ପ୍ରକାରର ତଟକା ସବୁଜ ପନିପରିବା, ତଟକା ଫଳମୂଳ, ଲେମ୍ବୁ, ସର କଢ଼ା କ୍ଷୀର, ସର କଢ଼ା କ୍ଷୀରରେ ପ୍ରସ୍ତୁତ ଦହି ଓ ଛେନା। ରୋଷେଇ କରିବା ସମୟରେ ଅଳ୍ପ ପରିମାଣର ସୋରିସ ତେଲ ବ୍ୟବହାର କରନ୍ତୁ। ଏହା ବ୍ୟତୀତ ସୋୟାବିନ ତେଲ, ସୂର୍ଯ୍ୟମୁଖୀ ତେଲରେ ଖାଦ୍ୟ ପ୍ରସ୍ତୁତ କରିପାରିବେ। ଚିନି, ଗୁଡ଼, ମାଛ, ଲୁଣିମାଛ, କୁକୁଡା ମାଂସ, ଅଣ୍ଡାର ଧଳା ଅଂଶ ଖାଇପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଅଳ୍ପ ଅଳ୍ପ ପରିମାଣରେ ଦିନକୁ ପାଞ୍ଚ-ଛଅ ଥର ଆହାର କରନ୍ତୁ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ଖାଆନ୍ତୁ।

**କ'ଣ ଖାଇବେନି:** ଲହୁଣି, ଘିଅ, କ୍ଷୀରସର, କ୍ରିମ୍, ତେଲରେ ଛଣାଛଣି ଏବଂ ଭଜାଭଜି ଖାଦ୍ୟ, ନଡିଆ, ବନସ୍ପତି, ମାଂସର ଚର୍ବି, ଛେଳି, ମେଣ୍ଢା, ଗୋରୁ, ଘୁଷୁରି ମାଂସ, ଅଣ୍ଡାର କେଶର, ବେଶି ତନ୍ତୁଯୁକ୍ତ ଓ ମିଷ୍ଟାନ୍ନ, ବେଶି ଲୁଣ, ଲୁଣିଆ ଖାଦ୍ୟ, ପାମ୍ପଡ଼, ଚଟଣି, ଆଚାର, କଳିଜା, ଚିଙ୍ଗୁଡି, କଙ୍କଡ଼ା, କଫି, ଫାଷ୍ଟଫୁଡ୍, କୋଲ୍ଡ ଡ୍ରିଙ୍କ୍ସ ଇତ୍ୟାଦି। କିନ୍ତୁ ଏଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ ନ କରି ଅଳ୍ପ ଅଳ୍ପ ଖାଇପାରିବେ। କିନ୍ତୁ ନିୟମିତ ସବୁଦିନ ଖାଇବା ମନା।

ଅଧିକ ପରିମାଣର ତନ୍ତୁଜାତୀୟ ଖାଦ୍ୟ, ଅଳ୍ପ ପରିମାଣର ତେଲ, ନିୟମିତ ବ୍ୟାୟାମ, ଅଳ୍ପ ପରିମାଣର ୫-୬ ଥର ଆହାର ବ୍ୟତୀତ ଧୂମପାନ, ମଦ୍ୟପାନ ବର୍ଜନ କରନ୍ତୁ। ଏହାଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ**
ଅଭୀପ୍‌ସା, ପ୍ଲଟ ନଂ-୧୧୩୧, ସେକ୍ଟର-୬, ସିଡିଏ, କଟକ







## ହୃଦ୍‌ରୋଗର ଆୟୁର୍ବେଦୀୟ ଉପଚାର

ହୃତ୍‌ପିଣ୍ଡ ଆମ ଶରୀରର ରକ୍ତକୁ ପମ୍ପିଙ୍ଗ କରି ଶରୀରର ସମସ୍ତ ଅଙ୍ଗର କୋଷକୁ ପହଞ୍ଚାଇଥାଏ। ଏପରିକି ହୃତ୍‌ପିଣ୍ଡ ଧମନୀ ଦ୍ୱାରା ହୃତ୍‌ପିଣ୍ଡକୁ ପୋଷଣ କରିଥାଏ। ଯଦି ତେଲ, ଚର୍ବିଜାତୀୟ ଖାଦ୍ୟ ଅଧିକ ଖାଇଲେ ପରିଶ୍ରମ ନ କଲେ ତା'ହେଲେ ଶରୀରରେ ଚର୍ବି ଜମା ହୋଇଥାଏ। ଏହା ଫଳରେ ଧମନୀ ରାସ୍ତା ସଙ୍କୁଚିତ ହୁଏ। ତା' ସହ ଅଧିକାଂଶ ସମୟ ଚିନ୍ତା, ଅବସାଦରେ ରହିଲେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହି ସମସ୍ୟାର କେତେକ ଆୟୁର୍ବେଦୀୟ ଉପଚାର ରହିଛି।



- ଅର୍ଜୁନ ଛେଲି ରସ ଦୁଇ ଚାମଚ ଉଷୁମ କ୍ଷୀର ଏକ କପ ସହ ମିଶାଇ ସକାଳେ ଖାଲି ପେଟରେ ଖାଇବେ।
- ଓସ୍ତପତ୍ର ରସ ବା ପତ୍ର ୬ଟି ପାଣିରେ ପକାଇ ଫୁଟାଇ ତାହାକୁ ଥଣ୍ଡା କରି ଦିନକୁ ଦୁଇ ଥର ପିଇବେ।
- ଅର୍ଜୁନାରିଷ୍ଟ, ସର୍ପଗନ୍ଧାରିଷ୍ଟ, ହୃଦୟବଲ୍ଲଭ ରସ, ଅକୀକ ଭସ୍ମ, ନାଗାର୍ଜୁନାଭ୍ର ଇତ୍ୟାଦି ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶରେ ଖାଇବେ।
- ମନ୍ଥର ଗତିରେ ଚାଲିବେ। ବାମ କଡ଼ ମାଡି ଶୋଇବେ, ଅନୁଲୋମ, ବିଲୋମ କରିବେ। କଞ୍ଚା ଲଙ୍କା ଅଳ୍ପ ପରିମାଣରେ ଖାଇବେ।
- ପୁରୁଣା ଚାଉଳ ଭାତ, ମୁଗ, ପୋଟଳ, ପାଣିକଖାରୁ, କଷିମୂଳା, ଛୋଟ ମାଛ, ଆମ୍ବ, ଡାଳିମ୍ବ, କିସ୍‌ମିସ୍, ରସୁଣ ଓ ଅଦା ଖାଇବା ହୃତ୍‌ପିଣ୍ଡ ପାଇଁ ହିତକର।
- ଦୂଷିତ ପାଣି ପିଇବେ ନାହିଁ, ଗୁରୁପାକ ଖାଦ୍ୟ ଏବଂ ଖଟା ଖାଇବେ ନାହିଁ।

**-ଡା. ଆଶିଷ ବାନାର୍ଜୀ,** ବେତନଟୀ, ମୟୂରଭଞ୍ଜ



# ଭାଗବତ ପ୍ରଚାରକଙ୍କ ପରଲୋକ

ବାଲିଅନ୍ତା, ୨୮।୯ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟା ଅଞ୍ଚଳର ଭାଗବତ ପ୍ରେମୀ ତଥା ପ୍ରଚାରକ ଡ. ପ୍ରସନ୍ନ କୁମାର ରାଉତରାୟ ମହାପାତ୍ରଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ହେଲା ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଡ. ମହାପାତ୍ର ଜଣେ ସ୍ତ୍ରୀ ଓ ପ୍ରସୂତି ବିଭାଗର ସୁନାମଧନ୍ୟ ଚିକିତ୍ସକ ଥିଲେ। ସେ ସମିତି ଗଠନ କରି ଭାଗବତ ପ୍ରଚାର ପ୍ରସାର ପାଇଁ ଭାଗବତ ପଠନ ସହ ଗୀତା ପାଠ ଓ ଭାଗବତ ଆଲୋଚନାଚକ୍ର ଆୟୋଜନ କରୁଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ,ଝିଅ ଓ ତାଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଡ. ମହାପାତ୍ରଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ବେଆଇନ ମଦ ଭାଟି, ଅଭିଯୁକ୍ତଙ୍କ ଘର ଭଙ୍ଗାହେଲା

**ଅବକାରୀ, ବିଏମ୍‌ସିର ମିଳିତ କାର୍ଯ୍ୟାନୁଷ୍ଠାନ**

- ଶନିବାର ବିପୁଳ ଦେଶୀ ମଦ, କଞ୍ଚାମାଲ ଆଦି ଜବତ ହୋଇଥିଲା
- ଗିରଫ ସଂଖ୍ୟା ୭କୁ ବୃଦ୍ଧି, ମାଷ୍ଟରମାଇଣ୍ଡ୍ ଚମ୍ପଟ

ଭୁବନେଶ୍ୱର, ୨୮।୯(ସତ୍ୟଜିତ ରାଉତ)

ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିରେ ସରକାରୀ ଜାଗାରେ ବେଆଇନ ଭାବେ ଚାଲିଥିବା ମଦ ଭାଟି ସହ ନିଶା ବେପାରୀଙ୍କ ଘରଗୁଡ଼ିକୁ ରବିବାର ଭଙ୍ଗାଯାଇଛି। ଅପରେଶନ ପ୍ରହାର ଜରିଆରେ ରବିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଅବକାରୀ ବିଭାଗର ମିଳିତ ଟିମ୍ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିରେ ସମ୍ପୃକ୍ତ ଆଉ ୩ଜଣ ଅଭିଯୁକ୍ତଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨ଜଣ ମହିଳା ଅଛନ୍ତି। ଘଟଣାସ୍ଥଳରୁ ୨୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ୩ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ମଦ ଭାଟି ଚଲାଉଥିବା ମାଷ୍ଟରମାଇଣ୍ଡ୍ ଫେରାର ହୋଇଯାଇଥିବା ବେଳେ ତାଙ୍କୁ ଗିରଫ କରିବାକୁ ପ୍ରୟାସ ଚାଲିଥିବା ଜିଲା ଅବକାରୀ ଏସ୍‌ପି ଦେବାଶିଷ ପଟେଲ ସୂଚନା ଦେଇଛନ୍ତି।

ଶନିବାର ସାଲିଆ ସାହିରେ ଭିନ୍ନ ଭିନ୍ନ ୩ଟି ଦେଶୀ ମଦ ଭାଟିରେ ଅବକାରୀ ଟିମ୍ ଚଢ଼ାଉ କରି ଦୁଇଜଣ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଥିଲା। ସେଠାରେ ୧୬ ହଜାର ୫୦ ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୬ ହଜାର ଲିଟର ଦେଶୀ ମଦ ଏବଂ ମଦ ପ୍ରସ୍ତୁତି ଓ କାରବାରରେ ବ୍ୟବହୃତ ଡ୍ରମ, ହାଣ୍ଡି, ଗ୍ୟାସ୍ ଚୁଲା ଆଦି ଜବତ କରାଯାଇଥିଲା। ଉକ୍ତ ସ୍ଥାନ ସରକାରୀ ଜାଗା ହୋଇଥିବା ବେଳେ ଦୀର୍ଘଦିନ ହେବ ଅସ୍ୱାସ୍ଥ୍ୟକର ପରିବେଶରେ ବେଆଇନ ଭାବେ ମଦ ତିଆରି ହେଉଥିବା ଜଣାପଡ଼ିଥିଲା। ସେଠାରେ ମଦ ରନ୍ଧା ଯାଉଥିବା ବେଳେ ବେପାରୀଙ୍କ ଭୟରେ ସ୍ଥାନୀୟ ଲୋକମାନେ ଚୁପ ରହୁଥିଲେ। ଶନିବାର ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ବିଏମ୍‌ସିକୁ ସୂଚନା ଦିଆଯାଇଥିଲା। ରବିବାର ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ସହ ଅବକାରୀ ଟିମ୍ ସେଠାରେ ପୁଣି ଚଢ଼ାଉ କରିଥିଲା। ଉକ୍ତ ଘରକୁ ଭାଙ୍ଗିଦିଆଯାଇଥିବା ବେଳେ ବିପୁଳ ପୋଚ, ମଦ ଆଦି ମଧ୍ୟ ନଷ୍ଟ କରାଯାଇଛି। ଏପରିକି ଉକ୍ତ ସ୍ଥାନରୁ ବିଦ୍ୟୁତ ସଂଯୋଗ ମଧ୍ୟ କାଟିଦିଆଯାଇଛି। ଆଗକୁ ବେଆଇନ ମଦଭାଟିକୁ ଚିହ୍ନଟ କରାଯାଇ ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନିଶାମୁକ୍ତ ପରିବେଶ ସୃଷ୍ଟି କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




ଅବକାରୀ ଓ ବିଏମ୍‌ସି କର୍ମଚାରୀମାନେ ମଦ ଭାଟି ସହ ବେପାରିଙ୍କ ଘରକୁ ଭାଙ୍ଗୁଛନ୍ତି।

# ବରମୁଣ୍ଡା ଓଭରବ୍ରିଜ୍ ଉପରେ ସିରିଜ୍ ଦୁର୍ଘଟଣା

ଭୁବନେଶ୍ୱର, ୨୮।୯ (ସତ୍ୟଜିତ ରାଉତ)

**୨ରୁ ଊର୍ଦ୍ଧ୍ୱ କାର୍‌କୁ ଧକ୍କା ଦେଲା ମିଲର ଟ୍ରକ୍**



ବରମୁଣ୍ଡା ଓଭରବ୍ରିଜ୍ ଉପରେ ରବିବାର ସିରିଜ ଦୁର୍ଘଟଣା ଘଟିଛି। ୧୬ ନମ୍ବର ଜାତୀୟ ରାଜପଥ ଉପରେ ଦିନବେଳା ଜାମ ହୋଇଥିବାବେଳେ ଏକ କଙ୍କ୍ରିଟ୍ ବୁହା ମିଲର ଗାଡି ଦୁଇରୁ ଊର୍ଦ୍ଧ୍ୱ କାର୍‌କୁ କାର୍‌କୁ ଧକ୍କା ଦେଇଥିଲା। ଏହି ଘଟଣାରେ କାର୍‌ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣାସ୍ଥଳରେ ଖଣ୍ଡଗିରି ପୋଲିସ ପହଞ୍ଚି ମିଲର ଟ୍ରକ୍‌କୁ ଜବତ କରିଥିଲା। ଏନେଇ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବାବେ ବେଳେ ମିଲର ଟ୍ରକ୍‌ର ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଭିଡ କାରଣରୁ ଟ୍ରାଫିକ୍ ଜାମ ହୋଇଥିବା ବେଳେ ପଛକୁ ପଛ ବହୁ ସଂଖ୍ୟାରେ ଗାଡି ଧୀରେ ଧୀରେ ଯାଉଥିଲା। ଏହି ସମୟରେ ରସୁଲଗଡ ପଟୁ ଯାଉଥିବା ମିଲର ଟ୍ରକ୍‌ଟି ହଠାତ କାର୍‌ଗୁଡଇକ ପଛପାର୍ଶ୍ୱରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପାଇଁ କିଛି ସମୟ ରାସ୍ତା ବନ୍ଦ୍ ଯାଇଥିଲା।

# 'ଭଗତ୍ ସିଂଙ୍କ ସ୍ୱପ୍ନକୁ ସାକାର କରନ୍ତୁ ଯୁବସମାଜ'

ଭୁବନେଶ୍ୱର, ୨୮।୯ (ବନ୍ଦନା ସେଠୀ)

ଭଗତ ସିଂ ବିଚାର ମଞ୍ଚ ପକ୍ଷରୁ ଶହୀଦ ଭଗତ ସିଂଙ୍କ ଜୟନ୍ତୀ ରବିବାର ନାଗଭୂଷଣ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସମ୍ପାଦକ ବଂଶୀଧର ପରିଡା ଯୋଗଦେଇ କହିଲେ, ଭଗତ ସିଂ ଯୁବକ ସମୟରେ ଯାହା ଚିନ୍ତା କରୁଥିଲେ, ଆଜି ବି ସେ କଥା ସମାଜରେ ବଞ୍ଚି ରହିଛି। ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଯୁବସମାଜ ଆଗକୁ ଆସିବାକୁ ପଡିବ ବୋଲି ବଂଶୀଧର କହିଛନ୍ତି। ମଞ୍ଚ ସଭାପତି ନୀଳମଣି ସାହୁ କହିଲେ, ଭାରତ ଏବେ ବଡ଼ ସଙ୍କଟ ଦେଇ ଗତି କରୁଛି। ଲୋକଙ୍କ ପ୍ରାକୃତିକ ସମ୍ପଦକୁ ପୁଞ୍ଜିପତିମାନେ ଲୁଟ୍ କରୁଛନ୍ତି। ଶିକ୍ଷାର ବଜାରୀକରଣ ଓ ସମ୍ପ୍ରଦାୟୀକରଣ କରାଯାଉଛି। ସମ୍ବିଧାନ ଉପରେ ଆକ୍ରମଣ ହେଉଛି। ଏଥିରୁ ମୁକ୍ତି ଲାଗି ଯୁବକମାନଙ୍କର ଭୂମିକା ଗୁରୁତ୍ୱ ବହନ କରେ ବୋଲି ସେ କହିଥିଲେ। ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ନରେନ୍ଦ୍ର ମହାନ୍ତି, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ସିପିଆଇ (ଏମ୍-ଏଲ୍) ଲିବରେଶନର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ପ୍ରମୁଖ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ବିଶିଷ୍ଟ ଶ୍ରମିକ ନେତା ମହେନ୍ଦ୍ର ପରିଡା ଧନ୍ୟବାଦ ଦେଇଥିଲେ।




ଶହୀଦ ଭଗତ୍ ସିଂଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି।

# ୩୨୫ ମହିଳା, ପୁରୁଷ, ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ତ୍ରିଶୂଳିଆ,୨୮।୯ (ତୁଷାର କାନ୍ତ ବେହେରା)

**ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ସେବା ଶିବିର**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଉପଲକ୍ଷେ ଭାଜପା ପକ୍ଷରୁ ସେବାପକ୍ଷ ଜାରି ରହିଛି। ଏହି ଅବସରରେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭାଜପା ସୋମନାଥମଣ୍ଡଳ ପକ୍ଷରୁ ରବିବାର ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ସେବା ଶିବିର ୫ପଞ୍ଚାୟତର ଇଞ୍ଚଣା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଞ୍ଚଣା, ବରିମୁଣ୍ଡ, କଲ୍ୟାଣପୁର, ଦାଢା, ରଘୁନାଥପୁର ଆଦି ୫ପଞ୍ଚାୟତରୁ ୩୨୫ଜଣ ମହିଳା, ପୁରୁଷ ଓ ଶିଶୁ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିସହ ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ମଣ୍ଡଳ ସଭାପତି ସଞ୍ଜୟ ପତିଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଏବଂ ପୂର୍ବତନ ଜିଲାପରିଷଦ ତଥା ଭାଜପା ଯୁବନେତା କୁନାଲ ରାଉତ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଡା. ସ୍ମୃତିରଞ୍ଜନ ନାୟକଙ୍କ ନେତୃତ୍ୱରେ ଆଖି, ଦାନ୍ତ, ମେଡିସିନ, ସ୍ତ୍ରୀ ପ୍ରସୂତି ଆଦି ୬ଟି ବିଭାଗର ୬ଜଣ ଚିକିତ୍ସକ ଯୋଗଦେଇ ମହିଳାମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସୁସ୍ଥ ଶରୀର ପାଇଁ ବିଭିନ୍ନ ଉପଦେଶ ଦେଇଥିଲେ। ଶିବିରରେ ମହିଳା ନେତ୍ରୀ ଲିନା ଚୌଧୁରୀ, ଲକ୍ଷ୍ମୀପ୍ରିୟା ପଡିହାରୀ, ଶ୍ୟାମସୁନ୍ଦର ଚୌଧୁରୀ, ପରେଶ ଜେନା, ସନ୍ତୋଷ ପ୍ରଧାନ, ଭୁବନାନନ୍ଦ ବେହେରା, ପ୍ରମୋଦ ପ୍ରଧାନ, ଅନିରୁଦ୍ଧ ପ୍ରଧାନଙ୍କ ସମେତ ବହୁ ଭାଜପାକର୍ମୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଦୁର୍ଗାପୂଜା ଅବସରରେ ରବିବାର ବନ୍ଦେ ମାତରମ୍ ଅନୁଷ୍ଠାନର କଳାକାରମାନେ ପଥପ୍ରାନ୍ତ ନାଟକ 'ଗାନ୍ଧୀଙ୍କ କଥା ରାବଣର ବ୍ୟଥା' ପରିବେଷଣ କରୁଛନ୍ତି।

# ମୋଦି ଅରଣ୍ୟ ବାଟିକାରେ ଚାରାରୋପଣ

ବାଲକାଟୀ,୨୮।୯ (ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସୁଦର୍ଶନ ଦାରୁପୀଠରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନାମରେ ନାମିତ ମୋଦି ଅରଣ୍ୟ ବାଟିକାରେ ରବିବାର ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ଚାରାରୋପଣ କରିଛନ୍ତି। ଏହି ଅବସରରେ ପାଣିଗ୍ରାହୀ ହୀରାପୁରସ୍ଥିତ ମହାମାୟା ଚଉଷଠି ଯୋଗିନୀଙ୍କ ପୀଠ ଦର୍ଶନ ସହ ମା'ଙ୍କ ପୂଜାର୍ଚ୍ଚନା କରିଛନ୍ତି। ଏଥିସହ ଯଶୁଆପୁରସ୍ଥିତ ନୃସିଂହନାଥ ମନ୍ଦିର ପରିଦର୍ଶନ କରିଥିଲେ। ଅନୁଷ୍ଠାନ ଟ୍ରଷ୍ଟି ଦୀନବନ୍ଧୁ ଭୋଇ, ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ହୋମିଓପାଥିକ ଚିକିତ୍ସକ ନେତ୍ରାନନ୍ଦ ଭୋଇ, ସରପଞ୍ଚ ରମାଲତା ନାୟକ, ସମିତି ସଭ୍ୟ ରଞ୍ଜନ ମହାପାତ୍ର, ସାମାଜିକ କର୍ମୀ ପ୍ରଦୀପ୍ତ ମହାନ୍ତି ଉପସ୍ଥିତ ରହି ଏମ୍‌ପିଙ୍କୁ ସ୍ୱାଗତ କରିଥିଲେ। ସୂଚନାଥାଉ କି ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେଶନ ପକ୍ଷରୁ ମୋଦିଜୀଙ୍କ ୭୫ତମ ଜନ୍ମ ଦିନ ଅବସରରେ ଉକ୍ତ ବାଟିକାରେ ୪୦ ପ୍ରକାର ଫଳ ଗଛ ସହ ଔଷଧୀୟ ଚାରା ରୋପଣ କରାଯାଇଥିଲା।



ମୋଦି ଅରଣ୍ୟ ବାଟିକାରେ ଚାରାରୋପଣ ଅବସରରେ ଏମ୍‌ପି ପ୍ରଦୀପ ପାଣିଗ୍ରାହୀଙ୍କ ସହ ଅନ୍ୟମାନେ।

# ଲେଖକ, ପାଠକ ଓ ପ୍ରକାଶକ ଯୋଡ଼ିହେଲେ ସାହିତ୍ୟର ଅଭିବୃଦ୍ଧି ହେବ

ଭୁବନେଶ୍ୱର, ୨୮।୯ (ସୌମ୍ୟରଞ୍ଜନ ରାଉତ)

**'ଅପୂର୍ବା ପ୍ରକାଶନୀ'ର ୨୭ତମ ସ୍ୱନକ୍ଷତ୍ର ଦିବସ**

'ଅପୂର୍ବା ପ୍ରକାଶନୀ'ର ୨୭ତମ ସ୍ୱନକ୍ଷତ୍ର ଦିବସ ରବିବାର ଗୀତ ଗୋବିନ୍ଦ ସଦନଠାରେ ପାଳିତ ହୋଇଯାଇଛି। ଅପୂର୍ବାର ଅଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ପତିଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଲେ, ସାହିତ୍ୟର ଅଭିବୃଦ୍ଧି ପାଇଁ ତିନୋଟି ବିନ୍ଦୁକୁ ଯୋଗ କରିବାକୁ ହେବ। ତାହା ହେଉଛି ଲେଖକ, ପାଠକ ଓ ପ୍ରକାଶକ। ମୁଖ୍ୟବକ୍ତା ଭାବେ କବି ହରପ୍ରସାଦ ଦାସ ଯୋଗଦେଇ କହିଲେ, ଆମ ସାହିତ୍ୟ ଦିନକୁ ଦିନ ପାଠକଙ୍କ ଅନାଗ୍ରହର ଶିକାର ହେଉଛି।

ସମ୍ମାନିତ ଅତିଥି କଥାଶିଳ୍ପୀ ଡ. ପଦ୍ମଜ ପାଳ କହିଲେ, ଆମ ଓଡିଶାରେ ସାହିତ୍ୟ ପତ୍ରିକାର ପାଠକ ସଂଖ୍ୟା ଦିନକୁ ଦିନ କମିଯାଉଛି। ତେଣୁ ଆମେ ସମସ୍ତେ ପତ୍ର ପତ୍ରିକା ପାଠ କରିବା ଉଚିତ। ଏହି ଅବସରରେ ସମାଜକୁ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ 'କବିତା ଗୌରବ ସମ୍ମାନ'ରେ କବି ରଞ୍ଜନ କୁମାର ଦାସ, 'ପ୍ରବନ୍ଧ ଗୌରବ ସମ୍ମାନ'ରେ ଡ. ଦୀନବନ୍ଧୁ ଦାଶ, 'ଉପନ୍ୟାସ ଗୌରବ ସମ୍ମାନ'ରେ କଥାକାର ଅଶୋକ ବିଶ୍ୱାଳ, 'ସମ୍ପାଦକ ଗୌର ସମ୍ମାନ'ରେ ଆମ ପଞ୍ଚବଟୀ ପତ୍ରିକାର ସମ୍ପାଦକ ସୁଶାନ୍ତ କୁମାର ନାୟକ ଓ 'ରବି ମହାପାତ୍ର ସ୍ମୃତି ସମ୍ମାନ'ରେ କଥାଶିଳ୍ପୀ ପଦ୍ମଜ ପାଳଙ୍କୁ ନଗଦ ଦଶହଜାର ଅର୍ଥରାଶି ସହ ଅଙ୍ଗବସ୍ତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା। ପରେ ଅପୂର୍ବାର ୨୭ତମ ଶାରଦୀୟ ବିଶେଷାଙ୍କ ଲୋକାର୍ପିତ ହେବାସହ ଅପୂର୍ବା ପ୍ରକାଶନୀ ପ୍ରକାଶିତ ଡ. ଅଶୋକ ମହାନ୍ତିଙ୍କ ଲିଖିତ ପ୍ରବନ୍ଧ ପୁସ୍ତକ 'ଓଡ଼ିଆ ଗୀତିକବିତାରେ ଲୋକସଂସ୍କୃତି', ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ଲିଖିତ ଗଳ୍ପ ପୁସ୍ତକ 'ଗୋଧୂଳି ରଙ୍ଗ', ଦୁର୍ଗା ପ୍ରସାଦ ମହାରଣାଙ୍କ ଲିଖିତ ଗୀତିକବିତା ପୁସ୍ତକ 'ମିତପାଇଁ ପ୍ରୀତିଛନ୍ଦ', ପ୍ରଶାନ୍ତି ସାହୁଙ୍କ ଲିଖିତ କବିତା ପୁସ୍ତକ 'ନିରବତାର ଚିତ୍ରାଙ୍କନ' ଉନ୍ମୋଚିତ ହୋଇଥିଲା। ଅପୂର୍ବାର ପ୍ରତିଷ୍ଠାତା ସମ୍ପାଦକ ଗାଳ୍ପିକ କ୍ଷୀରୋଦ ଚନ୍ଦ୍ର ପତି ସ୍ୱାଗତ ଭାଷଣ ଓ ତ୍ରିଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କୁନିପିଲାଙ୍କ କଳା ପ୍ରଦର୍ଶନରେ ମନ୍ତ୍ରମୁଗ୍ଧ ଦର୍ଶକ

ଭୁବନେଶ୍ୱର, ୨୮।୯ (ସୌମ୍ୟରଞ୍ଜନ ରାଉତ)

ତିତିଲି ହରାଇଜନ୍ ପ୍ରାଇଭେଟ୍ ଲିମିଟେଡ୍ ତିତିଲି ଫାଉଣ୍ଡେଶନର ବାର୍ଷିକ ଉତ୍ସବ ରବିବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛୋଟ ଛୋଟ ପିଲାମାନେ ଉଚ୍ଚକୋଟୀର କଳା ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଏହି ଅବସରରେ ଶିଶୁ କଳାକାରମାନେ ଚିତ୍ରାଙ୍କନ, ହସ୍ତାକ୍ଷର, କୁଇଜ୍, ଓଡ଼ିଶୀ ନୃତ୍ୟ, ରାମ୍ପ୍ ୱାକ୍ ଏବଂ ଆଧୁନିକ ନୃତ୍ୟ ପ୍ରଦର୍ଶନ କରିଥିଲେ। ସବ୍-ଜୁନିୟର, ଜୁନିୟର ଏବଂ ସିନିୟର୍ ଭଳି ବର୍ଗରେ ସ୍ୱତନ୍ତ୍ର ଭାବେ କଳା ପ୍ରଦର୍ଶନ ସହ ରୋମାଞ୍ଚକର ତଥା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ମାଇଁ ସିଟି ଲିଙ୍କ୍ସର ସମ୍ପାଦକ ସତ୍ୟବ୍ରତ ସାନୁ ରଥ, ଅଭିନେତା ସତ୍ୟବ୍ରତ ତ୍ରିପାଠୀ ଓ ଗୁରୁ ବିଜୟ ଦାସ, କୋରିଓଗ୍ରାଫର୍ ଏମ.ଡି. ସାଫିଉଲ୍ ହକ୍ ଏବଂ ଅମିତ କୁମାର ନାୟକ, ଫ୍ୟାଶନ୍ କୋରିଓଗ୍ରାଫର୍ ଜନ୍ ଅଜୟ, ଅନୁଷ୍ଠାନର ସ୍ଥାପକ ଅର୍ପିତା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ତିତିଲି ଫାଉଣ୍ଡେଶନର ବାର୍ଷିକ ଉତ୍ସବରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# କ୍ଲବ ଟାଉନ ପଡିଆରେ ହେବ ମା' ଦୁର୍ଗାଙ୍କ ଭସାଣି ମହୋତ୍ସବ

ଭୁବନେଶ୍ୱର, ୨୮।୯ (ବନ୍ଦନା ସେଠୀ)

**୧.୫ କୁଇଣ୍ଟାଲ ଲଡୁ ନିଲାମ ହୋଇ ଭକ୍ତଙ୍କ ମଧ୍ୟରେ ବଣ୍ଟାଯିବ**

ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତି ପକ୍ଷରୁ ଡମଣା ନିକଟସ୍ଥ କ୍ଲବ୍ ଟାଉନ ପଡିଆରେ ଚଳିତବର୍ଷ ୧୫ତମ ମା' ଦୁର୍ଗାଙ୍କ ଭସାଣି ମହୋତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହେବ। ଏଥିରେ ଉତ୍ତର ନିର୍ବାଚନମଣ୍ଡଳୀର ପ୍ରାୟ ୧୪ରୁ ଅଧିକ ମେଢ ଅଂଶ ଗ୍ରହଣ କରିବେ। ଅପରାହ୍ନ ସାଢେ ୫ଟାରେ ମେଢଗୁଡିକ ପଡିଆ ମଧ୍ୟକୁ ପ୍ରବେଶ କରିବେ। ଭସାଣି ସମିତି ପକ୍ଷରୁ ସମସ୍ତ ମେଢକୁ ପାଛୋଟି ଅଣାଯିବା ସହିତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ସନ୍ଧ୍ୟାଠାରୁ ମେଢ ମେଲାଣି ନେବା ପର୍ଯ୍ୟନ୍ତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ। ଏବର୍ଷର ମୁଖ୍ୟ ଆକର୍ଷଣ ରହିବ ୧ କୁଇଣ୍ଟା ୫୦କେଜିର ଲଡୁ। ନୀଳାଦ୍ରିବିହାର ପୂଜା କମିଟି ଦ୍ୱରା ପ୍ରସ୍ତୁତ ଏହି ଲଡୁ ନିଲାମ ଡକାଯାଇ ଭକ୍ତଙ୍କ ମଧ୍ୟରେ ବଣ୍ଟାଯିବ ବୋଲି ରବିବାର ସ୍ଥାନୀୟ ଏକ ହୋଟେଲଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ଭସାଣି ସମିତିର ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ର ସୂଚନା ଦେଇଛନ୍ତି। ପ୍ଲାଷ୍ଟିକ ମୁକ୍ତ, ଶବ୍ଦ ପ୍ରଦୂଷଣ ମୁକ୍ତ, ନିଶାମୁକ୍ତ ଓ ଶୃଙ୍ଖଳିତ ପୂଜା ସହ ଭସାଣି ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ସମ୍ମିଳନୀରେ ସମିତି ସଭାପତି ରଶ୍ମିରେଖା ଜେନା, ଉପଦେଷ୍ଟା ମଧୁମାଧବ ଜେନା, ସମରେନ୍ଦ୍ର ସାହୁ, କର୍ପୋରେଟର ଯଶୋଧାରା ପ୍ରଦାନ, ନିଶାକର ସାହୁ, ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତିର କର୍ମକର୍ତ୍ତାମାନେ।

# ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମା'ଙ୍କ ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାର ଉନ୍ମୋଚନ

ଭୁବନେଶ୍ୱର, ୨୮।୯ (ବନ୍ଦନା ସେଠୀ)

ଝାରପଡ଼ା ଦୁର୍ଗାପୂଜା ସମିତିର ୧୫ତମ ଦୁର୍ଗୋତ୍ସବ ଅବସରରେ ମା' ଦୁର୍ଗାଙ୍କ ନବନିର୍ମିତ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର ଉନ୍ମୋଚିତ ହୋଇଯାଇଛି। ଝାରପଡ଼ା ଅରବିନ୍ଦ ସ୍କୁଲ ନିକଟ ପୂଜା ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ମା' ଦୁର୍ଗାଙ୍କ ପୂଜାକୁ ଆବାହନ କରିବା ଆବଶ୍ୟକ ବୋଲି ଅପରାଜିତା କହିଥିଲେ। କାର୍ଯ୍ୟକ୍ରମରେ ମଧ୍ୟ ନିର୍ବାଚନ ମଣ୍ଡଳୀ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ। ସୋମବାର ସକାଳ ୯ଟା ୩୭ ମଧ୍ୟେ ଦେବୀଙ୍କ ନବପତ୍ରିକା ପ୍ରବେଶ ସହିତ ମହାସପ୍ତମୀ ବିହିତ ପୂଜା, ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା, ସପ୍ତସତୀ ଚଣ୍ଡିପାଠ ଓ ହୋମ ପୂଜା ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯିବ। ଅନ୍ୟ ଦିବସରେ ମଧ୍ୟ ଯଥାରୀତି ପୂଜା ଅର୍ଚ୍ଚନା କରାଯିବ। ସେହିପରି ଝାରପଡ଼ା ଅରବିନ୍ଦ ସ୍କୁଲ ପାଖରୁ ମିଳିତ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।



ଝାରପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ଅରବିନ୍ଦ ସ୍କୁଲ ନିକଟ ପୂଜା ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ।

# ଜଳାତଙ୍କ ରୋଗ ନିରାକରଣ ପାଇଁ ସଚେତନତା ଜରୁରୀ

## ବିଶ୍ୱ ଜଳାତଙ୍କ ଦିବସ

**ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାର ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ଜଳାତଙ୍କ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ତାଲିମ ଶିବିରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରବି ନାରାୟଣ ପଟ୍ଟନାୟକ, ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଯଶୋବନ୍ତ ପ୍ରଧାନ, ଡା. ମାନସ କୁମାର ଚାନ୍ଦ ପ୍ରମୁଖ ଯୋଗଦେଇ ଜଳାତଙ୍କ ରୋଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଜଳାତଙ୍କ ଏକ ଭୂତାଣୁଜନିତ ରୋଗ। ପାଗଳା କୁକୁର କାମୁଡ଼ିଲେ ଏହି ରୋଗର ଆଶଙ୍କା ଅଧିକ। ଏ ସମ୍ପର୍କରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୮କୁ ବିଶ୍ୱ ଜଳାତଙ୍କ ଦିବସ ଭାବେ ପାଳନ କରାଯାଇଥାଏ।



କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରବି ନାରାୟଣ ପଟ୍ଟନାୟକ ଏବଂ ଅଧିକାରୀମାନେ।

ଜଳାତଙ୍କ ରୋଗ କୁକୁର, ବିରାଡ଼ି, ବିଲୁଆ, ଗଧିଆ ଆଦି ସ୍ତନ୍ୟପାୟୀ ପ୍ରାଣୀଙ୍କଠାରୁ ମନୁଷ୍ୟ ତଥା ଅନ୍ୟ ପ୍ରାଣୀଙ୍କୁ ବ୍ୟାପିଥାଏ। ଜଳାତଙ୍କ ରୋଗ ଲାଇସା ଭୂତାଣୁ ଦ୍ୱାରା ବ୍ୟାପିଥାଏ। ଏହି ଭୂତାଣୁ ମୁଖ୍ୟତଃ ବୁଲା ପାଗଳା କୁକୁର କାମୁଡ଼ିବା କିମ୍ବା ସେମାନଙ୍କ ଲାଳ ଦ୍ୱାରା ସୁସ୍ଥ ମନୁଷ୍ୟ କିମ୍ବା ପଶୁମାନଙ୍କୁ ବ୍ୟାପିଥାଏ। କ୍ଷତ ସ୍ଥାନ ଜଳାପୋଡ଼ା ଏବଂ କୁଣ୍ଡେଇ ହେବା, ସ୍ନାୟବିକ ଦୁର୍ବଳତା ଓ ଅକ୍ଷମତା, ପାଣି, ପବନ, ନିଆଁ, ଶବ୍ଦ ଆଲୋକ ଆଦି ଭୟ କରିବା, ଦୁର୍ବଳ ଅନୁଭବ, ଖାଦ୍ୟ ଢୋକିବାରେ କଷ୍ଟ ଅନୁଭବ କରିବା ଏବଂ ବାନ୍ତି ହେବା ଜଳାତଙ୍କ ରୋଗର ପ୍ରମୁଖ ଲକ୍ଷଣ। ଯଦି ଗୋଟିଏ ସୁସ୍ଥ ପ୍ରାଣୀ କିମ୍ବା ମନୁଷ୍ୟଙ୍କୁ ଏକ ବୁଲାକୁକୁର କାମୁଡ଼ିଦେଲା, ତେବେ ଡାକ୍ତରୀ ଟିକା ନେବା ପୂର୍ବରୁ ଉକ୍ତ ଜାଗାକୁ ଭଲଭାବେ ସାବୁନରେ ୧୫ ମିନିଟ ଯାଏ ଧୁଅନ୍ତୁ। ଧୋଇସାରିବା ପରେ ଉକ୍ତ ଜାଗାଟିକୁ ଚଳନ୍ତା ପାଣିସ୍ରୋତ କିମ୍ବା ଟ୍ୟାପ୍ ପାଣିରେ ୧୫ ମିନିଟ ଯାଏ ଧୁଅନ୍ତୁ। ତା'ପରେ ଉକ୍ତ ସ୍ଥାନରେ ଆଣ୍ଟିସେପ୍ଟିକ୍ ମଲମ କିମ୍ବା ଲୋଶନ ଲଗାନ୍ତୁ, କୌଣସି ପରିସ୍ଥିତିରେ ଉକ୍ତ ଜାଗାକୁ ବ୍ୟାଣ୍ଡେଜ୍ କରନ୍ତୁ ନାହିଁ। ଉପରୋକ୍ତ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଟିକା ନେବାକୁ ଲୋକଙ୍କୁ ସଚେତନ କରିଥିଲେ। ସଚେତନତା ହିଁ ଏହି ରୋଗ ନିରାକରଣର ମାଧ୍ୟମ ବୋଲି କହିଥିଲେ। ବରିଷ୍ଠ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ହରିଚନ୍ଦନ ଏବଂ ଶିକ୍ଷାବିତ୍ ଭୀମସେନ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଡା. ଲିକେଶ କାନୁନ୍‌ଗୋ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀ ଉପସ୍ଥିତ ଥିଲେ।

ସେହିପରି ଜିଲାର ବିଭିନ୍ନ ବ୍ଲକରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧା ବ୍ଲକର ଜଙ୍କିଆସ୍ଥିତ ଭାଗବତ ଦେବ ବିଦ୍ୟାପୀଠରେ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ଜଳାତଙ୍କ ଦିବସ ଅବସରରେ ୫୦ ଜଣ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରଜ୍ଞା ହରିଚନ୍ଦନ, ପ୍ରାଣୀ ଚିକିତ୍ସା ଅଧିକାରୀ ଜଙ୍କିଆ ଡା. ଗାୟତ୍ରୀ ଖୁଣ୍ଟିଆ, ରୋଗ ବିଶେଷଜ୍ଞ ହଳଦିଆ ଡା. ଲିପ୍ସା ମହାପାତ୍ର ଯୋଗଦେଇ ଜଳାତଙ୍କ ରୋଗର କାରଣ, ପ୍ରତିକାର ଓ ପ୍ରତିଷେଧକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ଜଙ୍କିଆ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

# ବୋଲଗଡ଼ ମହୋତ୍ସବ ପାଇଁ ପ୍ରସ୍ତୁତି




**ବୋଲଗଡ଼,୨୮।୯(ଦେବବ୍ରତ ହୋତା)**

ପ୍ରତିବର୍ଷ ଡିସେମ୍ବର ୨୬ରୁ ୩୦ ପର୍ଯ୍ୟନ୍ତ ବୋଲଗଡ଼ରେ ଅନୁଷ୍ଠିତ ହୋଇଆସୁଥିବା ବୋଲଗଡ଼ ମହୋତ୍ସବକୁ ଚଳିତବର୍ଷ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଆୟୋଜକ କମିଟି ପକ୍ଷରୁ ତୃତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ସମ୍ପାଦକ ବୀର ଦାସ ଏବଂ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ମହୋତ୍ସବ ପୂର୍ବରୁ ଅନୁଷ୍ଠିତ ହେବାକୁଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ଓ ଅନ୍ୟାନ୍ୟ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇଛି। ସ୍ମରଣିକା ପାଇଁ ଲେଖା ସଂଗ୍ରହ ନିମନ୍ତେ ପାର୍ବତୀକାନ୍ତ ଚମ୍ପତିରାୟ ଓ ସାଂସ୍କୃତିକ ଦଳ ଚୟନ ନିମନ୍ତେ ସମ୍ପାଦକ ପ୍ରଫୁଲ୍ଲ ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଉପଦେଷ୍ଟା ପରିଡ଼ାଙ୍କ ପ୍ରସ୍ତାବକ୍ରମେ ଚଳିତ ଥର ୫ ଦିନ ବ୍ୟାପୀ ମହୋତ୍ସବ ସାଧାରଣ ସଭାରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ନିମନ୍ତ୍ରଣ ନେଇ ଆଲୋଚନା ପରେ ଏହାର ନିଷ୍ପତ୍ତି ମହୋତ୍ସବ କମିଟି ସଭାପତି ବିଧାୟକ ପ୍ରଦୀପ ସାହୁଙ୍କ ପରାମର୍ଶ ନେବାକୁ ସ୍ଥିର ହୋଇଛି। ବରିଷ୍ଠ ଉପଦେଷ୍ଟା ପ୍ୟାରୀମୋହନ ଦାସ, ପ୍ରଫୁଲ୍ଲ ମହାନ୍ତି, ରାଧାମୋହନ ସାହୁ, ଭଞ୍ଜକିଶୋର ଯତି, ଜୟକୃଷ୍ଣ ଦଳବେହେରା, ଗଦାଧର ଚମ୍ପତି, ବଗୁଲା ଚୌଧୁରୀ, ମନୋଜ ପଣ୍ଡା, ପ୍ରଫୁଲ୍ଲ କୁମାର ସିଂହ, ଦେବବ୍ରତ ହୋତା, ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ସନାତନ ପାଟ୍ଟଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ବନ୍ଧୁମିଳନ

**ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)**

ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ(ଓୟୁଡବ୍ଲୁଜେ) ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ କୁମାରବସ୍ତ ମା'ବାଉତିଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସଂଘର ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସଂଘର ରାଜ୍ୟ ସଙ୍ଗଠନ ସମ୍ପାଦକ ଅର୍ଜୁନ କୁମାର ମୁଦୁଲି , ସମ୍ମାନିତ ଅତିଥିଭାବେ ପ୍ରବାହର ସମ୍ପାଦକ ଅଭିମନ୍ୟୁ ମହାପାତ୍ର, କର୍ନେଲ ଅରୁଣ କୁମାର ରାଉତରାୟ, ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ସାମ୍ବାଦିକଙ୍କୁ ପେନସନ ଏବଂ ସୁରକ୍ଷା ପାଇଁ ସରକାର ଆଇନ ପ୍ରଣୟନ କରନ୍ତୁ। ସଂଘର ନୂତନ ଭାବେ ସଦସ୍ୟତା ଗ୍ରହଣ କରିଥିବା ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଖୋର୍ଦ୍ଧା ଜିଲ୍ଲା ଶାଖାର ପ୍ରତିଷ୍ଠାତା ସଦସ୍ୟ ଲଳିତ ମୋହନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କୃଷ୍ଣ ଚନ୍ଦ୍ର ଦାଶ, ପ୍ରଭାତ ରାଉତରାୟ, ସନ୍ତୋଷ ବାରିକ, ରଞ୍ଜିତ ସାମନ୍ତରାୟ, ସନ୍ତୋଷ ଚୌଧୁରୀ, ମହମ୍ମଦ ମୋତାହାର ୟୁସୁଫ, ଈଶ୍ୱର ଚନ୍ଦ୍ର ମଙ୍ଗରାଜ, ସୟଦ ଲିୟାକତ ଅଲ୍ଲୀ, ଆକାଶ ବିଶ୍ୱାଳ, ମନୋଜ ସାହୁ, ମନୋରଞ୍ଜନ ପ୍ରଧାନ, ସେକ୍ ଆବ୍ରାଉଲ ହକ, ସେକ ଆର୍ଶାଦୁଲ ହକ, ପ୍ରବୀଣ ଭଞ୍ଜ, ଜଗା ପ୍ରଧାନ, ଗୋବିନ୍ଦ ଖୁଣ୍ଟିଆ, ରାଜୀବ ଲୋଚନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବିଷ୍ଣୁପ୍ରିୟାଙ୍କୁ ନ୍ୟାଶନାଲ ଓମେନ୍ ଏଣ୍ଟରପ୍ରିନ୍ୟୁୟରଶିପ୍ ଆୱାର୍ଡ

**ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲା ଗଡ଼ରୋଡଙ୍ଗ ଗ୍ରାମର ବିଷ୍ଣୁପ୍ରିୟା ସ୍ୱାଇଁଙ୍କୁ ନ୍ୟାଶନାଲ ଓମେନ ଏଣ୍ଟରପ୍ରିନ୍ୟୁୟରଶିପ୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ଓଡ଼ିଶା କର୍ପୋରେଟ ଫାଉଣ୍ଡେଶନ ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ ସର୍ବଭାରତୀୟ ସମ୍ମିଳନୀରେ ବିଷ୍ଣୁପ୍ରିୟାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ୩୫ ବର୍ଷ ତଳେ ଚିଲିକା ଅଞ୍ଚଳରେ ମହିଳାଙ୍କ ବିକାଶ ପାଇଁ ବିଷ୍ଣୁପ୍ରିୟା ଅଣ୍ଟା ଭିଡ଼ିଥିଲେ। ୩୦ ମହିଳାଙ୍କୁ ନେଇ ମହିଳା ସମିତି ଗଠନ ସହ ମୁଠି ଚାଉଳ ସଂଗ୍ରହ କରି ସଞ୍ଚୟର ମୂଳଦୁଆ ପକାଇଥିଲେ। ଏବେ ୧୦ହଜାର ମହିଳାଙ୍କ ବିକାଶ ଆନ୍ଦୋଳନ 'ଆଲୋକ ମହିଳା ସଂଗଠନ' ରୂପ ନେଇ ୯୭ଟି ଗ୍ରାମକୁ ପରିବ୍ୟାପ୍ତ ହୋଇପାରିଛି। ଗାଁ ଗାଁରେ ମା'ମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଜଳ, ଜମି, ଜଙ୍ଗଲ ପରିଚାଳନା, ଜୀବନ ଜୀବିକା ସୁରକ୍ଷା, ୨୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାମୀଣ ମହିଳାଙ୍କ ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱ, ନାରୀ ନିର୍ଯ୍ୟାତନା ଓ ମଦ ବିରୋଧି ଆନ୍ଦୋଳନର ନେତୃତ୍ୱ ନେଇ ୨୦୯ଟି କେସ୍‌ର ଆପୋଷ ସମାଧାନ, ଶ୍ରମ ବ୍ୟାଙ୍କ ସୃଷ୍ଟି, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା, ଜଳବାୟୁ ପରିବର୍ତ୍ତନ ଦୃଷ୍ଟିରୁ ହେନ୍ତାଳ ବଣ ସୃଷ୍ଟି, ଭୂମିହୀନ ପରିବାର ଚିହ୍ନଟ କରି ପଟା ଦେବା ନିମନ୍ତେ ସରକାରଙ୍କ ସହିତ ଆଲୋଚନା ଆଦି କାର୍ଯ୍ୟକ୍ରମ ବିଷ୍ଣୁପ୍ରିୟାଙ୍କ ଦ୍ୱାରା ହୋଇପାରିଛି। ସେ ପୂର୍ବରୁ ବିଭିନ୍ନ ପୁରସ୍କାର ଗ୍ରହଣ କରିଛନ୍ତି।

# କୁନିପିଲାଙ୍କ କଳା ପ୍ରଦର୍ଶନରେ ମନ୍ତ୍ରମୁଗ୍ଧ ଦର୍ଶକ



ବିଧାୟକ ବାବୁ ସିଂ ଜଣେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରୁଛନ୍ତି।

**ଭୁବନେଶ୍ୱର, ୨୮।୯ (ସୌମ୍ୟରଞ୍ଜନ ରାଉତ)**

ତିତିଲି ହରାଇଜନ୍ ପ୍ରାଇଭେଟ୍ ଲିମିଟେଡ୍ ତିତିଲ ଫାଉଣ୍ଡେଶନର ବାର୍ଷିକ ଉତ୍ସବ ରବିବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛୋଟ ଛୋଟ ପିଲାମାନେ ଉଚ୍ଚକୋଟୀର କଳା ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଏହି ଅବସରରେ ଶିଶୁ କଳାକାରମାନେ ଚିତ୍ରାଙ୍କନ, ହସ୍ତାକ୍ଷର, କୁଇଜ୍, ଓଡ଼ିଶୀ ନୃତ୍ୟ, ରାମ୍ପ୍ ୱାକ୍ ଏବଂ ଆଧୁନିକ ନୃତ୍ୟ ପ୍ରଦର୍ଶନ କରିଥିଲେ। ସବ୍-ଜୁନିୟର, ଜୁନିୟର ଏବଂ ସିନିୟର୍ ଭଳି ବର୍ଗରେ ସ୍ୱତନ୍ତ୍ର ଭାବେ କଳା ପ୍ରଦର୍ଶନ ସହ ରୋମାଞ୍ଚକର ତଥା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ମାଇଁ ସିଟି ଲିଙ୍କ୍ସର ସମ୍ପାଦକ ସତ୍ୟବ୍ରତ ସାନୁ ରଥ, ଅଭିନେତା ସତ୍ୟବ୍ରତ ତ୍ରିପାଠୀ ଓ ଗୁରୁ ବିଜୟ ଦାସ, କୋରିଓଗ୍ରାଫର୍ ଏମ.ଡି. ସାଫିଉଲ୍ ହକ୍ ଏବଂ ଅମିତ କୁମାର ନାୟକ, ଫ୍ୟାଶନ୍ କୋରିଓଗ୍ରାଫର୍ ଜନ୍ ଅଜୟ, ଅନୁଷ୍ଠାନର ସ୍ଥାପକ ଅର୍ପିତା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# 'ଶାକ୍ତ ପରମ୍ପରା ଓ ଶ୍ରୀକ୍ଷେତ୍ର' ଶୀର୍ଷକ ଆଲୋଚନାଚକ୍ର

**ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)**

କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ 'ଶାକ୍ତ ପରମ୍ପରା ଓ ଶ୍ରୀକ୍ଷେତ୍ର' ଶୀର୍ଷକ ମାସିକ ଆଲୋଚନାଚକ୍ର ଶୁକ୍ରବାର ଜଗନ୍ନାଥବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ବଳରାମ ଦାଶ ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ଶାକ୍ତ ପରମ୍ପରା ଅତି ପ୍ରାଚୀନ। ଭାରତର ବିଭିନ୍ନ ରାଜ୍ୟ ତଥା ଓଡ଼ିଶାରେ ଅନେକ ଶାକ୍ତପୀଠ ଯଥା ବିରଜା, କଟକଚଣ୍ଡୀ, ସମଲେଶ୍ୱରୀ, ମାଣିକେଶ୍ୱରୀ, ବିମଳା ପୀଠ ଆଦି ଅତି ପ୍ରାଚୀନ। ଶ୍ରୀକ୍ଷେତ୍ରରେ ଦୁର୍ଗାମାଧବ ଉପାସନା ଅନନ୍ୟ। ଏଠାରେ ଦୁର୍ଗା ହେଉଛନ୍ତି ଲକ୍ଷ୍ମୀଙ୍କ ସ୍ୱରୂପ। ସମ୍ପାଦକ ଦୟାନିଧି ପଣ୍ଡା ଶ୍ରୀକ୍ଷେତ୍ରର ବିଭିନ୍ନ ଶାକ୍ତ ପୀଠର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ରୂପେ ସମାଜସେବୀ ସତ୍ୟବାଦୀ ଦାଶ ଯୋଗଦେଇ କହିଥିଲେ, ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ସହିତ ଶାକ୍ତ ପରମ୍ପରା ପ୍ରାଚୀନ କାଳରୁ ଜଡ଼ିତ। ଜଗନ୍ନାଥ ସ୍ୱୟଂ ଶାକ୍ତ ଓ ଅଷ୍ଟଚଣ୍ଡୀମାନେ ଶ୍ରୀକ୍ଷେତ୍ରକୁ ଜଗି ରହିଛନ୍ତି। ମୁଖ୍ୟବକ୍ତା ଭାବେ ଡ. ପ୍ରମୋଦ କୁମାର ଦଳେଇ, ସମ୍ମାନିତ ଅତିଥି ଭାବେ ପଣ୍ଡିତ ରମାକାନ୍ତ କର, ପଣ୍ଡିତ ଟୁକୁନା କୁମାର କର, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଏବଂ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ମହାଭାରତ, ରାମାୟଣ ଓ ପ୍ରାଚୀନ ପୁରାଣ ଶାସ୍ତ୍ରର ଉଦାହରଣ ଦେଇ ଶକ୍ତିପୂଜା, ଶାକ୍ତ ପରମ୍ପରା ଓ ଏହାର ପୂଜାର୍ଚ୍ଚନା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଆଲୋଚନାଚକ୍ରରେ ଅନେକ ବକ୍ତା ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଶେଷରେ କବିତାରାଣୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଓସିଏସ୍ ପରୀକ୍ଷାରେ ସସ୍ମିତା, ଅତ୍ୟା ଅନିଷାଙ୍କ ସଫଳତା

**ବାଣପୁର,୨୮।୯(ଦିଲୀପ କୁମାର ସ୍ୱାଇଁ)**

ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ୍(ଓସିଏସ୍) ୨୦୨୩ର ଚୂଡ଼ାନ୍ତ ଫଳ ଗତ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ବାଣପୁର ଏନ୍‌ଏସି ଅନ୍ତର୍ଗତ ବିଶରପାଟଣା ସାହିର ସସ୍ମିତା ସାହୁ ୧୭୧ ର୍ୟାଙ୍କ୍ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ଖୋର୍ଦ୍ଧାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ଏବଂ ଆନ୍ଧ୍ରପ୍ରଦେଶର ଶ୍ରୀ ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହାୟର ଲର୍ନିଙ୍ଗ ମହାବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ସ୍ନାତକ ଶିକ୍ଷା ପରେ ୩ ବର୍ଷ ହେବ ଉକ୍ତ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ତୃତୀୟ ପ୍ରଚେଷ୍ଟାରେ ସେ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ତାଙ୍କର ଏହି ସଫଳତା ପାଇଁ ସେ ପରିବାରବର୍ଗ ଏବଂ ଗୁରୁଜନମାନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।





ସେହିପରି ବାଣପୁର ଥାନା ଭୀମପୁର ଗ୍ରାମର ଅତ୍ୟା ଅନିଷା ନାୟକ ୧୭୭ ର୍ୟାଙ୍କ୍ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ୨୦୨୩ ମସିହାରେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ କୃଷି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ଏହି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଦ୍ୱିତୀୟ ପ୍ରଚେଷ୍ଟାରେ ସେ ଏଥିରେ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ସମାଜର ନିଷ୍ପେଷିତ ଏବଂ ଅସହାୟ ଜନସାଧାରଣଙ୍କୁ ସହଯୋଗ କରିବା ତାଙ୍କର ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି।

# ଜଟଣୀ ପୁସ୍ତକ ମେଳା ପ୍ରସ୍ତୁତି ବୈଠକ

**ଜଟଣୀ,୨୮।୯(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୁସ୍ତକ ମେଳା ପ୍ରସ୍ତୁତି ବୈଠକ ରବିବାର ସ୍ଥାନୀୟ ଉତ୍ତରାୟଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟକାରୀ ସଭାପତି ଜବାହର ଲାଲ୍ ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ୨୩ତମ ପୁସ୍ତକ ମେଳା ଆସନ୍ତା ନଭେମ୍ବର ଶେଷ ସପ୍ତାହରେ ଟାଉନ ହଲ୍ ସ୍ରଷ୍ଟା ପରିସରରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ପୁସ୍ତକ ମେଳା କିପରି ସମ୍ପାଦନ ହେବ, ସ୍ମରଣିକା ପାଇଁ କିପରି ଲେଖା ପ୍ରଦାନ କରାଯିବ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଶଶୀ ରଥ, କ୍ଷୀରୋଦ କୁମାର ନନ୍ଦ, ସୁନୀଲ କୁମାର ରାଉତରାୟ, ସୀତାକାନ୍ତ ଶତପଥୀ, ସୁଶାନ୍ତ କୁମାର ରାଉତ, ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# 'କଠିନ ପରିଶ୍ରମ କଲେ ସଫଳତା ମିଳିବ'

**ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ୨୦୨୩ର ଚୂଡ଼ାନ୍ତ ଫଳ ଗତ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ଶ୍ରଦ୍ଧା ସୁମନ ୧୯୧ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ଏହି ସଫଳତାର ଶ୍ରେୟ ମା'ବାପା, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦେଇଛନ୍ତି। ତାଙ୍କର ଏହି ସଫଳତା



ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ସୁମନଙ୍କ ମା' ସବିତା ଜେନା ଜଣେ ଗୃହିଣୀ ହୋଇଥିବା ବେଳେ ବାପା ସନତ କୁମାର ଜେନା ଜଣେ କୃଷକ। ଝିଅର ଏହି ସଫଳତା ପାଇଁ ସେମାନେ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି ବୋଲି କହିଛନ୍ତି। ଲୋକଙ୍କ ତ୍ୱରିତ ସେବା ପ୍ରାଥମିକତା ରହିବ ବୋଲି କହିଛନ୍ତି ସୁମନ। କୌଣସି କ୍ଷେତ୍ରରେ ଅସଫଳ ହେଲେ ପଛକୁ ଫେରି ନ ଯାଇ ଧୈର୍ଯ୍ୟ, ନିଷ୍ଠା, ଏକାଗ୍ରତାର ସହ କଠିନ ପରିଶ୍ରମ ଜାରି ରଖିଲେ ସଫଳତା ନିଶ୍ଚିତ ମିଳିବ ବୋଲି ସେ ଆଜିର ଯୁବପିଢ଼ିଙ୍କୁ କହିଛନ୍ତି।

# ବୃଦ୍ଧାଙ୍କୁ ଆକ୍ରମଣ ଅଭିଯୋଗ

**ବଳଙ୍ଗା,୨୮।୯(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଥାନା ଚକସୋଲଣା ଗ୍ରାମର ଜଣେ ବୃଦ୍ଧାଙ୍କୁ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ସେ ସାକ୍ଷୀଗୋପାଳ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବଳଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଅଭିଯୋଗକୁ ଗ୍ରହଣ କରି ଥାନା କେସ୍ ନଂ. ୨୧୩/୨୫ରେ ଏକ ମାମଲା ରୁଜୁ କରିଛନ୍ତି। ଅଭିଯୋଗକାରୀ ଚକସୋଲଣା ଗ୍ରାମର କୃଷ୍ଣଚନ୍ଦ୍ର ଜେନା ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ବୋଉ ସୁନାମଣି ଜେନା(୭୫) ଘରେ ଏକୁଟିଆ ଥିବା ବେଳେ ଆକ୍ରମଣ ହୋଇଥିଲା।

# ଦେବଯୁଗ୍ ପରିବାର ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ବାବୁ ସିଂଙ୍କ ସହ ଅନ୍ୟ ଅତିଥି।

**ଭୁବନେଶ୍ୱର, ୨୮।୯ (ସୌମ୍ୟରଞ୍ଜନ ରାଉତ)**

**ରକ୍ତଦାନ ସମସ୍ୟା ସମାଧାନ ଲାଗି 'ବ୍ରହ୍ମବିନ୍ଦୁ' ଉଦ୍‌ଘାଟିତ**

ଦେବଯୁଗ୍ ପରିବାର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ରବିବାର ଲୁଇସ୍ ରୋଡ୍ କେଦାରଗୌରୀ ରିସର୍ଟଠାରେ ଅନୁଷ୍ଠିତ ହୋଇଯାଇଛି। ପରିବାରର ସଂସ୍ଥାପକ ଦେବବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥି ଭାବରେ ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସଂଗ୍ରାମ କେଶରୀ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସରକାରୀ, ବେସରକାରୀ ଏବଂ ସ୍ଥାନୀୟ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରକ୍ତଦାନର ସମସ୍ୟା ଓ ଏହାର ସମାଧାନ ପାଇଁ 'ବ୍ରହ୍ମବିନ୍ଦୁ' ଉଦ୍‌ଘାଟିତ ହୋଇଥିଲା। ବିଏମ୍‌ସି ସଫେଇ କର୍ମଚାରୀ, ଡାକ କର୍ମଚାରୀ, ଖବରକାଗଜ ହକର, ବାରିକ, ବିଦ୍ୟୁତ୍ କର୍ମଚାରୀ, ସେଲୁନ୍ କର୍ମୀ, ଜନସ୍ୱାସ୍ଥ୍ୟ କର୍ମଚାରୀ, ଅଙ୍ଗନୱାଡ଼ି, ଆଶାକର୍ମୀ, ଖିରବାଲା, ଗ୍ୟାସ୍ ଯୋଗାଣ କର୍ମଚାରୀଙ୍କ ସହିତ ସମାଜସେବୀମାନଙ୍କୁ ସମ୍ମାନିତ କରାଯାଇଥିଲା।

# ବେଆଇନ ମଦ ଭାଟି, ଅଭିଯୁକ୍ତଙ୍କ ଘର ଭଙ୍ଗାହେଲା

**ଅବକାରୀ, ବିଏମ୍‌ସିର ମିଳିତ କାର୍ଯ୍ୟାନୁଷ୍ଠାନ**

- ଶନିବାର ବିପୁଳ ଦେଶୀ ମଦ, କଞ୍ଚାମାଲ ଆଦି ଜବତ ହୋଇଥିଲା
- ଗିରଫ ସଂଖ୍ୟା ୭କୁ ବୃଦ୍ଧି, ମାଷ୍ଟରମାଇଣ୍ଡ୍ ଚମ୍ପଟ

**ଭୁବନେଶ୍ୱର, ୨୮।୯(ସତ୍ୟଜିତ ରାଉତ)**

ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିରେ ସରକାରୀ ଜାଗାରେ ବେଆଇନ ଭାବେ ଚାଲିଥିବା ମଦ ଭାଟି ସହ ନିଶା ବେପାରୀଙ୍କ ଘରଗୁଡିକୁ ରବିବାର ଭଙ୍ଗାଯାଇଛି। ଅପରେଶନ ପ୍ରହାର ଜରିଆରେ ରବିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଅବକାରୀ ବିଭାଗର ମିଳିତ ଟିମ୍ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିରେ ସମ୍ପୃକ୍ତ ଆଉ ୩ଜଣ ଅଭିଯୁକ୍ତଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨ଜଣ ମହିଳା ଅଛନ୍ତି। ଘଟଣାସ୍ଥଳରୁ ୨୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ୩ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ମଦ ଭାଟି ଚଳାଉଥିବା ମାଷ୍ଟରମାଇଣ୍ଡ୍ ଫେରାର ହୋଇଯାଇଥିବା ବେଳେ ତାଙ୍କୁ ଗିରଫ କରିବାକୁ ପ୍ରୟାସ ଚାଲିଥିବା ଜିଲା ଅବକାରୀ ଏସ୍‌ପି ଦେବାଶିଷ ପଟେଲ ସୂଚନା ଦେଇଛନ୍ତି।



ମଦ ଭାଟି ଓ ମଦ ବେପାରୀଙ୍କ ଘରକୁ ଭଙ୍ଗାଯାଉଛି।

ଶନିବାର ସାଲିଆ ସାହିରେ ଭିନ୍ନ ଭିନ୍ନ ୩ଟି ଦେଶୀ ମଦ ଭାଟିରେ ଅବକାରୀ ଟିମ୍ ଚଢ଼ାଉ କରି ଦୁଇଜଣ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଥିଲା। ସେଠାରେ ୧୬ ହଜାର ୫୦ ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୬ ହଜାର ଲିଟର ଦେଶୀ ମଦ ଏବଂ ମଦ ପ୍ରସ୍ତୁତି ଓ କାରବାରରେ ବ୍ୟବହୃତ ଡ୍ରମ, ହାଣ୍ଡି, ଗ୍ୟାସ୍ ଚୁଲା ଆଦି ଜବତ କରାଯାଇଥିଲା। ଉକ୍ତ ସ୍ଥାନ ସରକାରୀ ଜାଗା ହୋଇଥିବା ବେଳେ ଦୀର୍ଘଦିନ ହେବ ଅସ୍ୱାସ୍ଥ୍ୟକର ପରିବେଶରେ ବେଆଇନ ଭାବେ ମଦ ତିଆରି ହେଉଥିବା ଜଣାପଡିଥିଲା। ସେଠାରେ ମଦ ରନ୍ଧା ଯାଉଥିବା ବେଳେ ବେପାରୀଙ୍କ ଭୟରେ ସ୍ଥାନୀୟ ଲୋକମାନେ ଚୁପ ରହୁଥିଲେ। ଶନିବାର ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ବିଏମ୍‌ସିକୁ ସୂଚନା ଦିଆଯାଇଥିଲା। ରବିବାର ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ସହ ଅବକାରୀ ଟିମ୍ ସେଠାରେ ପୁଣି ଚଢାଉ କରିଥିଲା। ଉକ୍ତ ଘରକୁ ଭାଙ୍ଗିଦିଆଯାଇଥିବା ବେଳେ ବିପୁଳ ପୋଚ, ମଦ ଆଦି ମଧ୍ୟ ନଷ୍ଟ କରାଯାଇଛି। ଏପରିକି ଉକ୍ତ ସ୍ଥାନରୁ ବିଦ୍ୟୁତ ସଂଯୋଗ ମଧ୍ୟ କାଟିଦିଆଯାଇଛି। ଆଗକୁ ବେଆଇନ ମଦଭାଟିକୁ ଚିହ୍ନଟ କରାଯାଇ ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନିଶାମୁକ୍ତ ପରିବେଶ ସୃଷ୍ଟି କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


ମା'ଶ୍ୟାମାକାଳୀଙ୍କ ମହିଷାମର୍ଦ୍ଦିନ ବେଶ ।


ପୁରୀ ଅବକାଶ ଲେନ୍ ମା' ଭୁବନେଶ୍ୱରୀଙ୍କ ଗାୟତ୍ରୀ ବେଶ ।


ଶ୍ରୀକ୍ଷେତ୍ର କଲୋନୀ ମା' ମଙ୍ଗଳାଙ୍କ ମହିଷାମର୍ଦ୍ଦିନ ବେଶ ।

# ମା' ବିମଳାଙ୍କ ପ୍ରତିନିଧି ଭାବେ ପୂଜା ପାଆନ୍ତି ମା' କାକୁଡ଼ିଖାଇ

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

ମା' ବିମଳାଙ୍କ ପ୍ରତିନିଧି ଭାବେ ମା' କାକୁଡ଼ିଖାଇ ପୂଜା ପାଉଛନ୍ତି। ମା' କାକୁଡ଼ିଖାଇ ଶ୍ରୀମନ୍ଦିର ସଂଲଗ୍ନ ପେଜନଳା ନିକଟରେ ବିଦ୍ୟମାନ। ଶାରଦୀୟ ପୂଜାରେ ଶ୍ରୀକ୍ଷେତ୍ରରେ ପୂଜା ପାଉଥିବା ଦେବୀ ବା ଗୋସାଣୀମାନେ ଭଉଣୀ ଭାବେ ବିବେଚିତ ହେଉଥିବାବେଳେ ମା' କାକୁଡ଼ିଖାଇଙ୍କୁ ଦେବୀମାନଙ୍କ ମା' ଭାବେ ବିବେଚନା କରାଯାଇଥାଏ। ଅନ୍ୟ ସ୍ଥାନରେ ବିରାଜିତ ଦେବୀମାନେ ସେମାନଙ୍କ ସନ୍ତତି। ସୂଚନା ଅନୁଯାୟୀ, କାକୁଡ଼ିଖାଇଙ୍କ ମୃଣ୍ମୟୀ ମୂର୍ତ୍ତି ଶ୍ରୀବଳଭଦ୍ରଙ୍କ ଦାରୁ କିଳାରେ ନିର୍ମିତ ହୋଇଥାଏ। ନବକଳେବର ସମୟରେ ଶ୍ରୀବଳଭଦ୍ରଙ୍କ ପାଇଁ ଉଦ୍ଦିଷ୍ଟ ଦାରୁରୁ ମା' କାକୁଡ଼ିଖାଇଙ୍କ ପାଇଁ କିଳା ପ୍ରସ୍ତୁତ ହୋଇଥାଏ। ଭାଦ୍ରବ କୃଷ୍ଣରେ କିଳା ବାହାର କରି ପ୍ରତିଷ୍ଠା କରାଯିବା ପରେ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଆରମ୍ଭ ହୁଏ। ବିଲ୍ୱବରଣ ଦିନ ଘାଟ ନିକଟରେ କାକୁଡ଼ି ବଳି ପଡ଼ିବା ପରେ ପାଣି ତୋଳାଯାଏ। ମା' ଦଶଭୁଜା। ଦଶ ଭୁଜରେ ଖଡ଼ଗ, ଶଙ୍ଖ, ଚକ୍ର, ଗଦା, ପଦ୍ମ, ଅଙ୍କୁଶ, ଧନୁ, ତୀର, ସର୍ପ ଓ ତ୍ରିଶୂଳ ଧାରଣ କରିଥାଆନ୍ତି। ସପ୍ତମୀରୁ ନବମୀ ପର୍ଯ୍ୟନ୍ତ ମା'ଙ୍କ ନିକଟରେ ୩ଟି ସଙ୍କୁଡ଼ି ଭୋଗ କରାଯାଏ। ଖେଚୁଡ଼ି, ଘିଅ ଅନ୍ନ, କାନିକା, ମାଛ ମହୁର ପ୍ରସ୍ତୁତ କରି ଭୋଗ କରାଯାଏ। ଏହି ଭୋଗ ପ୍ରସ୍ତୁତିରେ ବି ରହିଛି ସ୍ୱତନ୍ତ୍ରତା। ମା'ଙ୍କ ପାଇଁ ପ୍ରସ୍ତୁତ ମାଛ ବେସରରେ ଖଇଙ୍ଗା ମାଛର ମୁଣ୍ଡ କିମ୍ବା ଲାଞ୍ଜ ପଡ଼େ ନାହିଁ। ବାକି ଅଂଶରେ ମାଛ ବେସର ପ୍ରସ୍ତୁତ କରାଯାଏ। ଦେବୀ କାକୁଡ଼ିଖାଇ ବଡ଼ ମା' ହୋଇଥିବାରୁ ଗୋସାଣୀ ଯାତ ତଥା ଦେବସଭାରେ ସାମିଲ୍ ହୁଅନ୍ତି ନାହିଁ। ମା'ଙ୍କୁ ଦଶମୀରେ ହିଁ ବିସର୍ଜନ କରାଯାଏ।


ମା' କାକୁଡ଼ିଖାଇ ଠାକୁରାଣୀ ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୯।୨୦୨୫

| | |
|---|---|
| | ୫,୮୫,୨୨୫ ଟଙ୍କା |
| ସୁନା | ମିଳିନାହିଁ |
| ରୁପା | ୩୦.୩୦୦ ଗ୍ରାମ୍ |

# ମା'ଙ୍କ ଧରାବତରଣ: ଶ୍ରୀକ୍ଷେତ୍ର ଉତ୍ସବମୁଖର

- ବିଭିନ୍ନ ଦେବୀପୀଠରେ ସପ୍ତମୀ ପୂଜା ସମ୍ପନ୍ନ
- ଆଜି ମଣ୍ଡପରେ ହେବ ମହାସପ୍ତମୀ ପୂଜା

ପୁରୀ,୨୮।୯(ଅଜିତ୍ ମହାନ୍ତି)

ଶାରଦୀୟ ଦୁର୍ଗାପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି ଶ୍ରୀକ୍ଷେତ୍ର। ମା' ଦଶଭୁଜାଙ୍କ ଆବାହନ ମନ୍ତ୍ରରେ ଝଙ୍କୃତ ହେଉଛି ପୂଜାମଣ୍ଡପ। ଶାରଦୀୟ ଦୁର୍ଗୋତ୍ସବର ସ୍ୱାତନ୍ତ୍ର୍ୟ ବହନ କରୁଥିବା ଶ୍ରୀକ୍ଷେତ୍ର ଏବେ ନବବଧୂଟିଏ ଭଳି ସଜେଇ ହୋଇଛି। ରଙ୍ଗିନ ଆଲୋକ ମାଳାରେ ଝଲସୁଛି ପୂଜାମଣ୍ଡପ ଓ ବିଭିନ୍ନ ଦେବୀପୀଠ। ସହରର ଗଳିକନ୍ଦିରେ ଆକର୍ଷଣୀୟ ଦେବୀ ମୂର୍ତ୍ତି ଓ ନାଗା ଆକର୍ଷଣ ପାଲଟିଛି। ପ୍ରତ୍ୟେକ ଦେବୀ ମୂର୍ତ୍ତିଙ୍କ ଉପାସନା ସହିତ ସାହିର ଜାଗା, ଆଖଡ଼ା ସମ୍ପୃକ୍ତ ରହିଛି। ସେଥିଲାଗି ସମସ୍ତ ଜାଗା, ଆଖଡ଼ା ମଧ୍ୟ ବେଶ୍ ଚଳଚଞ୍ଚଳ ହୋଇପଡ଼ିଛି। ଶ୍ରୀକ୍ଷେତ୍ରର ବିଭିନ୍ନ ଶକ୍ତିପୀଠରେ ରବିବାର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ବିଶେଷକରି ରବିବାର ଶ୍ରୀମନ୍ଦିରରେ ମା' ବିମଳାଙ୍କ ସମେତ ଭିତରବେଢ଼ା ପରିସରସ୍ଥ ମା' ଭୁବନେଶ୍ୱରୀ, ବାଟମଙ୍ଗଳା, ଉତ୍ତରାୟଣୀଙ୍କ ସମେତ ଶ୍ରୀକ୍ଷେତ୍ର ଠାକୁରାଣୀ, ମା' ଦକ୍ଷିଣକାଳୀ, ଆଲାମଚଣ୍ଡୀ, କପିଳେଶ୍ୱର ଶାସନର ମା' ପଞ୍ଚମୁଖୀ, ମା' ବାସେଳୀ, ମା' ମଙ୍ଗଳା, ମା' ମରିଚୀ ଠାକୁରାଣୀ, ମା' ବାଟକାଳୀ, ବାଙ୍କୀମୁହାଣ ମା' ରାମଚଣ୍ଡୀ, ଜେନାରୀଗଛ ରାମଚଣ୍ଡୀ, ଶ୍ୟାମାକାଳୀ ପ୍ରଭୃତି ପୀଠରେ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ମା' ବିମଳାଙ୍କ ପ୍ରତିନିଧି ଭାବେ ପୂଜିତ କାକୁଡ଼ିଖାଇ ମୃଣ୍ମୟୀ ପ୍ରତିମାଙ୍କ ମଧ୍ୟ ସପ୍ତମୀ ପୂଜା କରାଯାଇଛି। ମହାସପ୍ତମୀ ତିଥି ଅବସରରେ ମା' ଦକ୍ଷିଣକାଳୀଙ୍କ ସୁନାବେଶ, ବାଙ୍କୀମୁହାଣ ମା' ରାମଚଣ୍ଡୀଙ୍କୁ ସିଂହବାହିନୀ ବେଶ, ଜେନାରୀ ଗଛ ରାମଚଣ୍ଡୀ ପୀଠରେ ଚନ୍ଦନ ବେଶ, ମା' ଶ୍ୟାମାକାଳୀଙ୍କ ମହିଷମର୍ଦ୍ଦିନୀ, ଶ୍ରୀକ୍ଷେତ୍ର କଲୋନୀ ମା' ମଙ୍ଗଳାଙ୍କ ମହିଷମର୍ଦ୍ଦିନୀ ବେଶ କରାଯାଇଥିବାବେଳେ ବାସେଳୀସାହି ବାସେଳୀ ଠାକୁରାଣୀ ସ୍ୱର୍ଣ୍ଣବେଶ ଏବଂ ମରୀଚେଇ ଠାକୁରାଣୀଙ୍କୁ ମହାଗାୟତ୍ରୀ ବେଶ କରାଯାଇଥିଲା। ଶ୍ରୀକ୍ଷେତ୍ରର ବିଭିନ୍ନ ସାହି ପୂଜାମଣ୍ଡପରେ ଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଥିବାବେଳେ ସୋମବାର ସପ୍ତମୀ ପୂଜା ଅନୁଷ୍ଠିତ ହେବ। ପୂଜାମଣ୍ଡରେ ନିର୍ମିତ ବାରବାଟୀ, ଜହ୍ନିଖାଇ, ଶୂନ୍ୟଗୋସାଣୀ, ହରଚଣ୍ଡୀ, ଗେଲବାଇ ବନଦୁର୍ଗା, ଚକ୍ରକୋଟ, ଭୋଗଜାଗା, ବେଲବାଇ, ତ୍ରିପୁରା ସୁନ୍ଦରୀ ଆଦି ଦେବୀ ମୂର୍ତ୍ତିଙ୍କୁ ଦୁର୍ଗାମନ୍ତ୍ର ଏବଂ ନାଗାଙ୍କୁ ବନଦୁର୍ଗା ମନ୍ତ୍ରରେ ଆବାହନ କରାଯିବ। ଏଥିପାଇଁ ବିଭିନ୍ନ ପୂଜାମଣ୍ଡରେ ପ୍ରସ୍ତୁତି ଶେଷ ହୋଇଛି।

## ସଂକ୍ଷେପରେ

### ଆପରାଧିକ ଆଇନ ସଂକ୍ରାନ୍ତ ସଚେତନତା

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

ଭାରତର ୩ଟି ନୂତନ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସଂଖ୍ୟାବିଧି ସମ୍ପର୍କରେ ଜନସଚେତନତା ପାଇଁ ଆଇନସେବା ସଂସ୍ଥା କ୍ଲାପ୍ ତରଫରୁ ପୁରୀ ଜିଲା ଆଇନସେବା ସଂସ୍ଥା ସହଯୋଗରେ ଏଡିଆର୍ ହଲ୍‌ରେ ଏକ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷା ପ୍ରତିମା ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ସୈକତ୍ ପାତ୍ର, ପୋକ୍‌ସୋ କୋର୍ଟ ବିଚାରପତି ହୃଷୀକେଶ ସାହୁ, ଜିଲା ଆଇନସେବା ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀ, ପୁରୀ ଓକିଲ ସଂଘ ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, କ୍ଲାପ୍ ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସଦାନନ୍ଦ ବାଗ୍ ଯୋଗଦେଇଥିଲେ। ଶିବିରରେ ପାରା ଲିଗାଲମାନଙ୍କୁ ତାଲିମ ଦେବା ପାଇଁ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯିବାକୁ ପଦକ୍ଷେପ ନିଆଯାଇଛି। ଡ. ସଦାନନ୍ଦ ବାଗ୍, ବିଜୟଶ୍ରୀ ବାରିକ, ଚନ୍ଦ୍ରଦେବ ପୁରୋହିତ ଏବଂ ସୁଶ୍ରୀ ଶାଶ୍ୱତୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାପ କାମୁଡ଼ାରେ ମହିଳା ମୃତ

ଗୋପ,୨୮।୯ (ଭାରତୀ ଭୂଷଣ ଉପାଧ୍ୟାୟ)

ଜଣେ ମହିଳା ଶନିବାର ବିଳମ୍ବିତ ରାତିରେ ଶୋଇଥିବା ବେଳେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ମୃତା ହେଲେ ଗୋପ ଥାନା ଅନ୍ତର୍ଗତ ଏରବଙ୍ଗ ଗ୍ରାମର ସୌଦାମିନୀ ମହାନ୍ତି (୫୬)। ପୋଲିସ ମୃତ ମହିଳାଙ୍କ ଭାଇ ବଂଶୀଧର ମହାନ୍ତିଙ୍କ ଅଭିଯୋଗକୁ ନେଇ ଥାନାରେ ୨୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ କହିଛନ୍ତି। ପ୍ରକାଶ ଯେ, ଶନିବାର ରାତିରେ ସବୁଦିନ ପରି ମହିଳା ଜଣଙ୍କ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ମହିଳାଙ୍କ ଶରୀର ଭଲ ନ ଲାଗିବାରୁ ପରିବାର ସଦସ୍ୟ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ଜଣାପଡ଼ିବା ପରେ ମହିଳାଙ୍କ ପରିବାରରେ ଏକପ୍ରକାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତାଙ୍କ ଭାଇଙ୍କ ଅଭିଯୋଗକୁ ନେଇ ରବିବାର ଗୋପ ଥାନାରେ ଅଭିଯୋଗ ଦେବା ପରେ ପୋଲିସ ପୁରୀ ସଦର ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ମହିଳାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ତୁରନ୍ତ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଏରବଙ୍ଗ ପଞ୍ଚାୟତର ଯୁବନେତା ଶିବ ପ୍ରସାଦ ସ୍ୱାଇଁ ପୁରୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଅଷ୍ଟମୀରେ ମା' ରାମଚଣ୍ଡୀଙ୍କ ପାଖରେ ହୁଏ ଆମିଷ ଭୋଗ

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ ମାସ କୃଷ୍ଣପକ୍ଷ ପବିତ୍ର ମୂଳାଷ୍ଟମୀ ତଥା ଦ୍ୱିତୀୟା ଓଷାଠାରୁ ଶ୍ରୀକ୍ଷେତ୍ରରେ ବିଭିନ୍ନ ଦେବୀ ପୀଠରେ ଷୋଳପୂଜା ଆରମ୍ଭ ହୋଇଥାଏ। ଶ୍ରୀକ୍ଷେତ୍ରର ବିଭିନ୍ନ ଦେବୀପୀଠ ମଧ୍ୟରେ ବାଙ୍କୀମୁହାଣ ରାମଚଣ୍ଡୀ ସାହିରେ ଅବସ୍ଥାନ କରୁଥିବା ମା' ରାମଚଣ୍ଡୀ ଅନ୍ୟତମ। ପବିତ୍ର ମୂଳାଷ୍ଟମୀଠାରୁ ଦଶମୀ ପର୍ଯ୍ୟନ୍ତ ମା'ଙ୍କ ଷୋଳପୂଜା ଅନୁଷ୍ଠିତ ହୋଇଥାଏ। ମା' ହେଉଛନ୍ତି ପରମ ବୈଷ୍ଣବୀ। ମା' ଦକ୍ଷିଣହସ୍ତରେ ଖଡ୍ଗ, ତୀର ଧାରଣ କରିଥିବାବେଳେ ବାମହସ୍ତରେ ଧନୁ ଓ ତ୍ରିଶୂଳ ଧାରଣ କରିଥାନ୍ତି। ମନ୍ଦିର ମୁଖଶାଳା ଉପରେ ୧୦ ଦେବୀ ଶୋଭା ପାଉଥିବାବେଳେ ହାତୀ ଉପରେ ସିଂହ ଓ ଦ୍ୱାରପାଳ ଭାବେ ଗଣେଶ, କାର୍ତ୍ତିକ, ବ୍ୟାଘ୍ରମୁଖୀ, ସିଂହମୁଖୀ, ଗଙ୍ଗା ଯମୁନା ମୂର୍ତ୍ତି ଶୋଭା ପାଉଛନ୍ତି। ପ୍ରତିଦିନ ଭୋରରେ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳା ଆଳତି, ଅବକାଶ, ମହାସ୍ନାନ, ସକାଳ ବେଶ, ବାଲଭୋଗ, ସକାଳ ଧୂପ, ଦ୍ୱିପ୍ରହର ଧୂପ, ସନ୍ଧ୍ୟା ଆଳତି, ସନ୍ଧ୍ୟାବେଶ, ସନ୍ଧ୍ୟା ଧୂପ ଓ ରାତ୍ର ପହୁଡ଼ କରାଯାଏ। ଷୋଳପୂଜା ଅବସରରେ ମା'ଙ୍କୁ ପାର୍ବତୀ, ଭୁବନେଶ୍ୱରୀ, ସର୍ବମଙ୍ଗଳା, ମହାଲକ୍ଷ୍ମୀ, ବନଦୁର୍ଗା, ଜୟଦୁର୍ଗା, ମାତଙ୍ଗି, ସିଂହବାହିନୀ, ତ୍ରିପୁରା ସୁନ୍ଦରୀ, ନାରାୟଣୀ ଓ ମହିଷାମର୍ଦ୍ଦିନୀ ଆଦି ବେଶ ହୋଇଥାନ୍ତି। ମାଙ୍କ ନିକଟରେ ଚାରି ଧୂପରେ ବିଭିନ୍ନ ଭୋଗ ହୋଇଥାଏ। ଶ୍ରୀମନ୍ଦିରରୁ ପ୍ରତିଦିନ ମା'ଙ୍କ ନିକଟକୁ ମହାପ୍ରସାଦ ଏବଂ ମାଳ ମାହାର୍ଦ୍ଧ ଆସିଥାଏ।



ଆଶ୍ୱିନ ଅମାବାସ୍ୟା ଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଥାଏ। ସପ୍ତମୀରେ ଆୟୁଧ ପୂଜା ସହ ବିଶେଷ ପୂଜା ଅନୁଷ୍ଠିତ ହୁଏ। ସପ୍ତମୀରେ ମା'ଙ୍କୁ ସିଂହବାହିନୀ ବେଶରେ ସଜ୍ଜିତ କରାଯାଏ। ଅଷ୍ଟମୀ ତିଥିରେ ଆମିଷ ଭୋଗ ହୋଇଥାଏ। ଏହି ଦିନ ମା' ମହିଷମର୍ଦ୍ଦିନୀ ବେଶରେ ସଜ୍ଜିତ ହୋଇଥାନ୍ତି। ଅଷ୍ଟମୀ ଓ ନବମୀରେ ମା'ଙ୍କ ସନ୍ଧି ପୂଜା ହେବା ସହ ପାଣିକଖାରୁ ବଳି ପଡିଥାଏ। ମା'ଙ୍କୁ ୧୦୮ ପଦ୍ମ ଲାଗି କରାଯିବା ସହ ୧୦୮ ବଳିତାରେ ଆଳତି କରାଯାଏ। ମା'ଙ୍କ ପ୍ରତିମୂର୍ତ୍ତି ପାଷାଣରେ ନିର୍ମିତ ହୋଇଥିବାବେଳେ ଷଡ଼ଭୂଜା ବିଶିଷ୍ଟା। ମା ଖଡ୍ଗ, ଖର୍ପର, ଧନୁଶର, ଦୁଇ ହାତରେ ମୂଷଳ ଧରି ତ୍ରିପୁରାସୁରକୁ ବଧ କରିବା ମୁଦ୍ରାରେ ରହିଛନ୍ତି।

# ବାଲିପୁଟ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ଶିବିର

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

ବାଲିପୁଟସ୍ଥିତ ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍)ର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚକ୍ଷୁରୋଗ ବିଶେଷଜ୍ଞ ଡା. ରାଜେନ୍ଦ୍ର କୁମାର ବେହେରା ଯୋଗଦେଇ ସେବାରେ ସମର୍ପଣ ଭାବର କଥା ହିଁ ଜାତୀୟ ସେବା ଯୋଜନା କହେ ଏବଂ ଏହା ଯୁବଗୋଷ୍ଠୀଙ୍କୁ ସତ୍‌ମାର୍ଗ ଦେଖାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ବଦ୍ରି ମିଶ୍ର ଯୋଗଦେଇ କହିଥିଲେ, ଦୀର୍ଘ ୫୬ବର୍ଷ ଧରି ଏହି ଯୋଜନା, ଭାରତକୁ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିଛି। ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପବିତ୍ର ମୋହନ ଦାଶଙ୍କ ପରିଚାଳନା ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବଗୋଷ୍ଠୀମାନେ ସମାଜ ଶୃଙ୍ଖଳା ଓ ଦେଶାତ୍ମବୋଧ ପାଇଁ ସଂକଳ୍ପ ପାଠ କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ନିକଟସ୍ଥ ଗ୍ରାମାଞ୍ଚଳରେ ସ୍ୱଚ୍ଛତା ଅଭିଯାନ, ପୁଷ୍କରିଣୀ ସଫେଇ ସହ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ସୁଶାନ୍ତ କୁମାର ଭୂୟାଁ, ପ୍ରଜ୍ଞାପ୍ରକାଶ ପରିଡ଼ା, ସୁମିତ୍ରା ମହାନ୍ତି, ସୁଜାତା ସ୍ୱାଇଁ ଏବଂ କମଳ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଶାକ୍ତ ପରମ୍ପରା ଓ ଶ୍ରୀକ୍ଷେତ୍ର' ଶୀର୍ଷକ ଆଲୋଚନାଚକ୍ର

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

କ୍ଷେତ୍ରାଧିପତି ଆଧାତ୍ମିକ ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ 'ଶାକ୍ତ ପରମ୍ପରା ଓ ଶ୍ରୀକ୍ଷେତ୍ର' ଶୀର୍ଷକ ମାସିକ ଆଲୋଚନାଚକ୍ର ଶୁକ୍ରବାର ଜଗନ୍ନାଥବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ବଳରାମ ଦାଶ ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ଶାକ୍ତ ପରମ୍ପରା ଅତି ପ୍ରାଚୀନ। ଭାରତର ବିଭିନ୍ନ ରାଜ୍ୟ ତଥା ଓଡ଼ିଶାରେ ଅନେକ ଶାକ୍ତପୀଠ ଯଥା ବିରଜା, କଟକଚଣ୍ଡୀ, ସମଲେଶ୍ୱରୀ, ମାଣିକେଶ୍ୱରୀ, ବିମଳା ପୀଠ ଆଦି ଅତି ପ୍ରାଚୀନ। ଶ୍ରୀକ୍ଷେତ୍ରରେ ଦୁର୍ଗାମାଧବ ଉପାସନା ଅନନ୍ୟ। ଏଠାରେ ଦୁର୍ଗା ହେଉଛନ୍ତି ଲକ୍ଷ୍ମୀଙ୍କ ସ୍ୱରୂପ। ସମ୍ପାଦକ ଦୟାନିଧି ପଣ୍ଡା ଶ୍ରୀକ୍ଷେତ୍ରର ବିଭିନ୍ନ ଶାକ୍ତ ପୀଠର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ରୂପେ ସମାଜସେବୀ ସତ୍ୟବାଦୀ ଦାଶ ଯୋଗଦେଇ କହିଥିଲେ, ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ସହିତ ଶାକ୍ତ ପରମ୍ପରା ପ୍ରାଚୀନ କାଳରୁ ଜଡ଼ିତ। ଜଗନ୍ନାଥ ସ୍ୱୟଂ ଶାକ୍ତ ଓ ଅଷ୍ଟଚଣ୍ଡୀମାନେ ଶ୍ରୀକ୍ଷେତ୍ରକୁ ଜଗି ରହିଛନ୍ତି। ମୁଖ୍ୟବକ୍ତା ଭାବେ ଡ. ପ୍ରମୋଦ କୁମାର ଦଳେଇ, ସମ୍ମାନିତ ଅତିଥି ଭାବେ ପଣ୍ଡିତ ରମାକାନ୍ତ କର, ପଣ୍ଡିତ ଟୁକୁନା କୁମାର କର, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଏବଂ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ମହାଭାରତ, ରାମାୟଣ ଓ ପ୍ରାଚୀନ ପୁରାଣ ଶାସ୍ତ୍ରର ଉଦାହରଣ ଦେଇ ଶକ୍ତିପୂଜା, ଶାକ୍ତ ପରମ୍ପରା ଓ ଏହାର ପୂଜାର୍ଚ୍ଚନା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଆଲୋଚନାଚକ୍ରରେ ଅନେକ ବକ୍ତା ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଶେଷରେ କବିତାରାଣୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ସୁନିନ୍ଦା ଗ୍ରାମରେ ୧୨ ମେଣ୍ଢା ଚୋରି

ବଳଙ୍ଗା,୨୮।୯(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଉଛୁପୁରୁ ପଞ୍ଚାୟତ ଅଧୀନ ସୁନିନ୍ଦା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ମେଣ୍ଢା ଚୋରି ହୋଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ କରିଥିବା ଅଭିଯୋଗ ଅନୁଯାୟୀ, ସବୁଦିନ ପରି ଶନିବାର ରାତିରେ ମେଣ୍ଢାମାନଙ୍କୁ ଖାଇବାକୁ ଦେଇ ଘରକୁ ଯାଇଥିଲି। ରାତିରେ ବାହାର ପଟୁ କିଛି ଶବ୍ଦ ଶୁଣାଯିବାରେ ମୁଁ ଉଠି ଗୁହାଳ ଘର ଦେଖିଲା ବେଳକୁ ପାଲ ସବୁ ଚିରାଚିରି ହୋଇଛି। ଗୁହାଳ ଘର ଭିତରକୁ ଯାଇ ଦେଖେ ତ ୨୦ଟି ମେଣ୍ଢାରୁ ୮ଟି ମାଈ ମେଣ୍ଢା ଓ ୪ଟି ବୋଦା ନ ଥିବା ଦେଖିଥିଲି। ଚାରିଆଡ଼େ ଖୋଜାଖୋଜି କରିବାରେ ମୋର ୧୨ଟି ମେଣ୍ଢା ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲି। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି।

# ସପ୍ତମୀରେ ସିଂହବାହିନୀ ବେଶରେ ଦର୍ଶନଦେଲେ ମା' ମଙ୍ଗଳା

କାକଟପୁର/ଅସ୍ତରଙ୍ଗ,୨୮।୯
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ନବରାତ୍ରର ସପ୍ତମ ଦିନ ରବିବାର ସନ୍ଧ୍ୟାରେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କର ପ୍ରସିଦ୍ଧ ସିଂହବାହିନୀ ବେଶ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଭଅଣ୍ଡ ଧୂପ ପରେ ମା'ଙ୍କ ଚଳନ୍ତି ପ୍ରତିମା ମନ୍ଦିର ମଧ୍ୟରେ ଥିବା ଦୁର୍ଗା ପ୍ରତିମାଙ୍କୁ ରତ୍ନବେଦିରୁ ବାହାରକୁ ଅଣାଯାଇଥିଲା। ପରେ ଏକତ୍ର ଭାବେ ଏକ ଖଟୁଲିରେ ଜଗତି ପୂଜା କରାଯାଇଥିଲା। ଜଗତି ପୂଜା ପରେ ମା'ଙ୍କ ଚଳନ୍ତି ପ୍ରତିମାକୁ ରତ୍ନସିଂହାସନରେ ପୁନଃ ଅବସ୍ଥାପିତ କରାଯାଇଥିଲା। ତା'ପରେ ମା' ମହିଷାକୁ ଖୋଜିବା ପାଇଁ ସିଂହବାହିନୀ ବେଶ ଧାରଣ କରିଥିଲେ। ମା'ଙ୍କ ନିକଟରେ କାଷ୍ଠନିର୍ମିତ ସିଂହ ଲାଗି କରାଯିବା ସହ ବିଭିନ୍ନ ଦେବଦେବୀଙ୍କ ଦ୍ୱାରା ପ୍ରଦତ୍ତ ଅସ୍ତ୍ର ଲାଗି କରାଯାଇଥିଲା। ରବିବାର ରାତିରେ ଶ୍ରଦ୍ଧାଳୁମାନେ ମା'ଙ୍କ ସିଂହବାହିନୀ ବେଶ ଦର୍ଶନ କରିଥିଲେ, ଯେଉଁଥିପାଇଁ ବିଳମ୍ବିତ ରାତିପର୍ଯ୍ୟନ୍ତ ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।



# 'ସମାଜବାଦୀ ଭାରତ ଗଢ଼ିବା ଭଗତ ସିଂଙ୍କ ଲକ୍ଷ୍ୟ ଥିଲା'

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

ସ୍ୱାଧୀନତା ପରେ ଭାରତକୁ ଏକ ସମାଜବାଦୀ, ଧର୍ମନିରପେକ୍ଷ ଓ ସାଧାରଣତନ୍ତ୍ର ରାଷ୍ଟ୍ର ଭାବେ ଗଢ଼ିବା ପାଇଁ ଭଗତ୍ ସିଂହ ଏବଂ ତାଙ୍କ ସାଥୀ ବିପ୍ଳବୀମାନେ ମୁକ୍ତି ଆନ୍ଦୋଳନ କାଳରେ ଖସଡ଼ା ପ୍ରସ୍ତୁତ କରିଥିଲେ ବୋଲି ଭାରତର ଛାତ୍ର ଫେଡେରେଶନ୍ (ଏସ୍ଏଫ୍ଆଇ) ମତ ପ୍ରକାଶ କରିଛି। ଏସ୍ଏଫ୍ଆଇ ପୁରୀ ସହର କମିଟି ପକ୍ଷରୁ କୁଳମଣି ଭବନ ସମ୍ମିଳନୀ କକ୍ଷରେ ରବିବାର ଛାତ୍ରନେତା ଅନିଲ ବେହେରାଙ୍କ ସଭାପତିତ୍ୱରେ ଭଗତ ସିଂହଙ୍କ ଜୟନ୍ତୀ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। 'ଭଗତ ସିଂହ ଓ ସାଥୀଙ୍କ ସ୍ୱପ୍ନର ଭାରତ ବର୍ଷ ଏବଂ ସାମ୍ପ୍ରତିକ ପରିସ୍ଥିତିରେ ଆମର ଦାୟିତ୍ୱ' ଶୀର୍ଷକ ଆଲୋଚନାରେ ରାଜ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା କହିଲେ ଯେ, ଭଗତ ସିଂହ ଓ ତାଙ୍କ ସହଯୋଦ୍ଧା ମିଶି ମୁକ୍ତି ଆନ୍ଦୋଳନ କାଳରେ ହିନ୍ଦୁସ୍ଥାନ ସମାଜବାଦୀ ସାଧାରଣ ତନ୍ତ୍ର ସଂଘ ଗଠନ କରିଥିଲେ। ଏହି ସଂଗଠନର ଇସ୍ତାହାରରେ ଉଲ୍ଲେଖ ଥିଲା ଯେ, ଦେଶ ସ୍ୱାଧୀନତା ପରେ ପୁଞ୍ଜିବାଦୀ ବ୍ୟବସ୍ଥାର ବିଲୋପ କରି ସମାଜବାଦୀ ସମାଜ ଗଢ଼ିବା ଓ ଏଥିପାଇଁ ସୁବିସ୍ତୃତ ଯୋଜନା ପ୍ରସ୍ତୁତ ହୋଇଥିଲା। ପଞ୍ଜାବୀ ଭାଷାରେ ଲିଖିତ କୀର୍ତ୍ତି ପତ୍ରିକାରେ ପ୍ରକାଶିତ 'ସାମ୍ପ୍ରଦାୟିକତାବାଦ ସମସ୍ୟା ସମାଧାନ', 'ମୁକ୍ତି ସଂଗ୍ରାମ ଓ ଧର୍ମ', 'ଅସ୍ପୃଶ୍ୟତା ସମସ୍ୟା' ପ୍ରବନ୍ଧରେ ଜାତିବାଦ ଓ ସାମ୍ପ୍ରଦାୟିକତାକୁ ସମାଜର ଶତ୍ରୁ ବୋଲି ଭଗତ୍ ସିଂ ଅଭିହିତ କରିଥିଲେ। ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ପାଇଁ କାର୍ଯ୍ୟରତ ଶକ୍ତି ଏବଂ ବୃହତ୍ କର୍ପୋରେଟ ଲୁଣ୍ଠନ ଯୋଗୁ ଭଗତ ସିଂହ ଓ ତାଙ୍କ ସାଥୀଙ୍କ ସ୍ୱପ୍ନ ଧୂଳିସାତ ହେବାକୁ ବସିଛି। ବୃହତ୍ ପୁଞ୍ଜିପତିଙ୍କ ହାତରେ ବିପୁଳ ସମ୍ପତ୍ତି ଠୁଳ ହେବା, ଶ୍ରମିକ ଓ କୃଷକଙ୍କ ଜୀବନ ଜୀବିକା ଉପରେ ଆକ୍ରମଣ ଏବଂ ଗଣତାନ୍ତ୍ରିକ ଅଧିକାର ଛଡ଼ାଇ ନିଆଯିବା ଦେଶର ବିପନ୍ନ ସ୍ଥିତିର ଅସଲ ଚିତ୍ର ବୋଲି ସେ କହିଥିଲେ। ଭଗତ ସିଂହ ଓ ତାଙ୍କ ସାଥୀମାନଙ୍କ ଆତ୍ମବଳିଦାନରୁ ପ୍ରେରଣା ଲାଭ କରି ଛାତ୍ରୀଛାତ୍ରମାନେ ଦେଶର ନିପୀଡ଼ିତ ମଣିଷଙ୍କ ସଂଗ୍ରାମରେ ସାମିଲ ହେବାକୁ ଭାରତର ଛାତ୍ର ଫେଡେରେଶନ୍, ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ଚନ୍ଦନ ସାହୁ ଆହ୍ୱାନ ଦେଇଥିଲେ। ରାଜ୍ୟ କୋଷାଧ୍ୟକ୍ଷ ରାକ୍ଷୀ ସ୍ୱାଇଁ କହିଲେ, ଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାର ଓ ଶିକ୍ଷାନୁଷ୍ଠାନ ହତାର ନିରାପତ୍ତା ପାଇଁ ଲଢ଼େଇ କରିବାକୁ ଛାତ୍ରୀଛାତ୍ର ଆଗେଇ ଆସିବା ଉଚିତ। ଛାତ୍ର ନେତା ମାନସ ରଞ୍ଜନ ଦଳବେହେରା ଏବଂ ପ୍ରଭାତ କୁମାର ପତି କହିଲେ, ଦେଶରେ ବଢୁଥିବା ଜାତିଗତ ନିର୍ଯାତନା ଯୋଗୁ ସାମାଜିକ ନ୍ୟାୟ ହାସଲର ଲକ୍ଷ୍ୟ ପରାହତ ହେଉଛି। କାର୍ଯ୍ୟକ୍ରମକୁ ଏସ୍ଏଫ୍ଆଇ ପୁରୀ ସହର ଆବାହକ ରାଜେଶ କୁମାର ମହାନ୍ତି, ନେତ୍ରୀ ଦୀପାଞ୍ଜଳି ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସଭ୍ୟାସଭ୍ୟମାନେ ଶହୀଦଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କାର୍ଯ୍ୟକର୍ତ୍ତାମାନେ ।


ରବିବାର ମା' କଟକଚଣ୍ଡୀଙ୍କ ବଗଳାମୁଖୀ ବେଶ।


ମା' ଗଡ଼ଚଣ୍ଡୀଙ୍କ ମହାସରସ୍ୱତୀ ବେଶ।


ମା' ବାସନ୍ତୀଦୁର୍ଗାଙ୍କ ଅନ୍ନପୂର୍ଣ୍ଣା ବେଶ।


ମା' ଝାଞ୍ଜିରିମଙ୍ଗଳାଙ୍କ ଜୟଦୁର୍ଗା ବେଶ।


ପିଠାପୁର ମା' ଧାକୁଲେଇଙ୍କ ଚାମୁଣ୍ଡା ବେଶ।


ରବିବାର ହରିପୁର ମା' ବିମଳାଙ୍କ ଜଗଦ୍ଧାତ୍ରୀ ବେଶ।


ବାଙ୍କୀ ମା' ଚର୍ଚ୍ଚିକାଙ୍କ ନବରାତ୍ରର ୭ମ ଦିନର ବେଶ।


ବଡ଼ମ୍ବାର ମା' ଭଟ୍ଟାରିକାଙ୍କ ବଗଳାମୁଖୀ ବେଶ।


ତିଗିରିଆ ନୂଆପାଟଣାସ୍ଥିତ ମା' କଳାପାଟଙ୍କ ମହାକାଳୀ ବେଶ।


ତିଗିରିଆ ବିନ୍ଧାଣିମା ବାଇପାସସ୍ଥିତ ମା' ବୁଢ଼ୀ ମଙ୍ଗଳାଙ୍କ ନାରାୟଣୀ ବେଶ।

## ରାସ୍ତାଘାଟ ମରାମତି, ପରିମଳ ସ୍ଥିତିର ସମୀକ୍ଷା

କଟକ,୨୮।୯(ଶିଳ୍ପା ପ୍ରିୟଦର୍ଶିନୀ)

ଦୁର୍ଗାପୂଜାକୁ ନଜରରେ ରଖି ରବିବାର କଟକ ମେୟର ସୁବାସ ସିଂ, ସିଏମ୍‌ସି କମିଶନର କିରଣଦୀପ କୌର ସହୋତା ଚାଉଳିଆଗଞ୍ଜ, ମାଲଗୋଦାମ, କଲେଜ ଛକ, ଯୋବ୍ରା, ରାଣୀହାଟ, ସିଡିଏ ଅଞ୍ଚଳର ରାସ୍ତାଘାଟ, ସଫେଇ, ପରିମଳ, ଆଲୋକୀକରଣ, ଡ୍ରେନ ଓ ସ୍ଲାବ୍‌ର ସ୍ଥିତି ଯାଞ୍ଚ କରିଥିଲେ। ଏଥିସହ ରାସ୍ତା ଉପରକୁ ବାହାରିଥିବା ଗଛଗୁଡ଼ିକର ଡାଳ କାଟିବା ସହ ଅନ୍ୟାନ୍ୟ ସମସ୍ୟା ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସିଡିଏ ଅଞ୍ଚଳରେ ରାସ୍ତା କାମକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ, କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ, ରିତାଞ୍ଜଳୀ ବେହେରା, ପଦ୍ମିନୀ ସାହୁ, ଝିଲ୍ଲୀ ବିହାରୀ, ମିନା ସାହୁ, ପ୍ରମିଳା ମହାନ୍ତି, ସୁବାଶିଷ ପଟ୍ଟନାୟକ ଏବଂ ବଟକୃଷ୍ଣ ସାହୁଙ୍କ ସମେତ ସିଏମ୍‌ସି ଓ ଅନ୍ୟାନ୍ୟ ବିଭାଗୀୟ ଯନ୍ତ୍ରୀ, ଚାଉଳିଆଗଞ୍ଜ ଦୁର୍ଗାପୂଜା କମିଟି, ମାଲଗୋଦାମ ଦୁର୍ଗାପୂଜା କମିଟି, କଲେଜ ଛକ ଦୁର୍ଗା ପୂଜା କମିଟି, ଯୋବ୍ରା ଦୁର୍ଗା ପୂଜା କମିଟି, ରାଣୀହାଟ ଦୁର୍ଗା ପୂଜା କମିଟି, ସିଡିଏ ସମେତ ଅନ୍ୟାନ୍ୟ ପୂଜା କମିଟିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଚାନ୍ଦି, ସୁନାରେ ଝଲସିବେ ମା'

- ଚାନ୍ଦିମେଢ଼ ଦୌଡ଼ରେ ଆଉ ୨ ପୂଜାମଣ୍ଡପ
- ମେଢ଼ରେ ୧୦୦ କୁଇଣ୍ଟାଲ ଚାନ୍ଦି ଓ ୯୭ କେଜି ସୁନା
- ମଣ୍ଡପ ଜଗିବେ ବନ୍ଧୁକଧାରୀ ପୋଲିସ

କଟକ,୨୮।୯(ଶିଳ୍ପା ପ୍ରିୟଦର୍ଶିନୀ)

ରୌପ୍ୟନଗରୀ କଟକରେ ଚାନ୍ଦି ଓ ସୁନା ଅଳଙ୍କାରରେ ଝଲସିବେ ମା' ଜଗଜ୍ଜନନୀ ଦୁର୍ଗା। ପୂର୍ବରୁ ୩୪ଟି ମଣ୍ଡପରେ ଚାନ୍ଦିମେଢ଼ ହେଉଥିବା ବେଳେ ଚଳିତବର୍ଷ ଯୋବ୍ରା ଦୁର୍ଗା ମନ୍ଦିର ପରିଚାଳନା ସମିତି ଓ ମା' ମଙ୍ଗଳା ପୂଜା କମିଟି ଗୋପାଳଜୀଉ ଲେନ୍, ମଠସାହି ପୂଜା ମଣ୍ଡପ ଏହି ଦୌଡ଼ରେ ସାମିଲ ହୋଇଛନ୍ତି। ଏବେ ଚାନ୍ଦିମେଢ଼ ସଂଖ୍ୟା ୩୬ରେ ପହଞ୍ଚିଛି। ଏହି ସମସ୍ତ ୩୬ଟି ମେଢ଼ରେ ପ୍ରାୟ ୧୦୦ କୁଇଣ୍ଟାଲରୁ ଅଧିକ ଓଜନର ଚାନ୍ଦି ବ୍ୟବହାର କରାଯାଇଛି। ବିଭିନ୍ନ ମେଢ଼ରେ ପ୍ରାୟ ୯୭ କେଜିରୁ ଅଧିକ ଓଜନର ସୁନା ଅଳଙ୍କାର ବ୍ୟବହୃତ ହୋଇଛି। ସେହିପରି ୩୬ଟି ପୂଜା ମଣ୍ଡପରେ ପ୍ରାୟ ୧୦୦ କୁଇଣ୍ଟାରୁ ଅଧିକ ଓଜନର ଚାନ୍ଦି ବ୍ୟବହାର କରାଯାଇଛି। ପୂଜା ସମୟରେ ଏହି ମଣ୍ଡପଗୁଡ଼ିକରେ ବନ୍ଧୁକଧାରୀ ପୋଲିସ ଦିନରାତି ଜଗିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ସୂଚନା ମୁତାବକ, କଟକରେ ୧୭୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମା' ଦୁର୍ଗା ଓ ହରପାର୍ବତୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଇଆସୁଛି। ୧୯୫୬ ମସିହାରେ ସହରରେ ପ୍ରଥମଥର ଚୌଧୁରୀ ବଜାରରେ ଚାନ୍ଦିମେଢ଼ ନିର୍ମାଣ କରାଯାଇଥିଲା। ୧୯୯୧ରେ ସହରର ଦ୍ୱିତୀୟ ଚାନ୍ଦିମେଢ଼ ଭାବେ ଶେଖ୍‌ବଜାର ପୂଜା କମିଟି ଚାନ୍ଦିମେଢ଼ ନିର୍ମାଣ କରିଥିଲା। ଧୀରେ ଧୀରେ ଚାନ୍ଦିମେଢ଼ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଲା। ପରେ ଶିଖରପୁର-ଗଣ୍ଡରପୁର ପୂଜା କମିଟି, ଚାଉଳିଆଗଞ୍ଜ ପୂଜା କମିଟି, ରାଣୀହାଟ ଛତ୍ରବଜାର, ବାଖରାବାଦ, ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି, କାଜିବଜାର, ଫିରିଙ୍ଗୀ ବଜାର, ନୟାସଡ଼କ, ଅଲିଶାବଜାର, ବାଲୁବଜାର- ବିନୋଦ ବିହାରୀ, ଦରଘାବଜାର, କାଠଗଡ଼ା ସାହି, ଗଙ୍ଗାମନ୍ଦିର, ଗଣେଶଘାଟ, ମାଛୁଆ ବଜାର, ଶଙ୍କରପୁର-ବାଦାମବାଡ଼ି, ମଙ୍ଗଳାବାଗ, ପିଠାପୁର କାଳୀୟଦଳନ, ହରିପୁର-ଦୋଳମୁଣ୍ଡାଇ, ଚାନ୍ଦିନୀଚୌକ, ବୁଢ଼ୀ ଠାକୁରାଣୀ କାଳିଗଳି, ବିଡ଼ାନାସୀ, ତୁଳସୀପୁର ମହାଦେବ ଏବଂ ଖଟବିନ୍ ସାହିରେ ଚାନ୍ଦି ମେଢ଼ କରାଯାଇଛି।

### କେଉଁ ମଣ୍ଡପରେ କେତେ ଚାନ୍ଦି

କଲେଜଛକ ପୂଜା ପ୍ରତିଷ୍ଠାନରେ ୩ କୁଇଣ୍ଟାଲ ଓଜନର ଚାନ୍ଦି, ରାଣୀହାଟ ପୂଜା କମିଟିରେ ୫ କୁଇଣ୍ଟାଲ, ଦରଘାବଜାର ପୂଜା କମିଟିରେ ୨ କୁଇଣ୍ଟାଲ ୫୦ କେଜି, କାଜିବଜାର ପୂଜା କମିଟିରେ ୧ କୁଇଣ୍ଟାଲ ୬୦ କେଜି, ଶେଖ୍ ବଜାର ପୂଜା କମିଟିରେ ୩ କୁଇଣ୍ଟାଲ ୧୦ କେଜି, ଚାନ୍ଦିନୀଚୌକ ପୂଜା କମିଟିରେ ୪ କୁଇଣ୍ଟାଲ, ଅଲିଶା ବଜାର ପୂଜା କମିଟିରେ ୩ କୁଇଣ୍ଟାଲ, ଚାଉଳିଆଗଞ୍ଜ ପୂଜା କମିଟିରେ ୪ କୁଇଣ୍ଟାଲ ୫୦ କେଜି, ବାଲୁବଜାର ପୂଜା କମିଟିରେ ୩ କୁଇଣ୍ଟାଲ ୫୪ କେଜି, ଫିରିଙ୍ଗୀ ବଜାର ପୂଜା କମିଟିରେ ୨ କୁଇଣ୍ଟାଲ, ଚୌଧୁରୀ ବଜାର ପୂଜା କମିଟିରେ ୨ କୁଇଣ୍ଟାଲ ୫୦ କେଜି, ହରିପୁର- ଦୋଳମୁଣ୍ଡାଇର ସାଢ଼େ ୩ କୁଇଣ୍ଟାଲ, ଶିଖରପୁର-ଗଣ୍ଡରପୁରର-ମହାନଦୀ ବିହାର ପୂଜା କମିଟିରେ ୨ କୁଇଣ୍ଟାଲ ୨୦ କେଜି, ଗଣେଶ ଘାଟ ପୂଜା କମିଟିରେ ୧ କୁଇଣ୍ଟାଲ ୨୦କେଜି, କାଠଗଡ଼ା ସାହି ପୂଜା କମିଟିରେ ୩ କୁଇଣ୍ଟାଲ ୭୦ କେଜି, ମାଛୁଆ ବଜାର ପୂଜା କମିଟିରେ ୩ କୁଇଣ୍ଟାଲ, ଖାନନଗର ପୂଜା କମିଟିରେ ୩ କୁଇଣ୍ଟାଲ, ଖଟ୍‌ବିନ ସାହି ପୂଜା କମିଟିରେ ୧ କୁଇଣ୍ଟାଲ ୫୦ କେଜି, ପିଠାପୁର ପୂଜା କମିଟିରେ ୨ କୁଇଣ୍ଟାଲ ୩୦ କେଜି, ବୁଢ଼ୀ ଠାକୁରାଣୀ ପୂଜା କମିଟିରେ ୨ କୁଇଣ୍ଟାଲ, ତୁଳସୀପୁର ପୂଜା କମିଟିରେ ୨ କୁଇଣ୍ଟାଲ, ଛତ୍ରବଜାର ପୂଜା କମିଟିରେ ୨ କୁଇଣ୍ଟାଲ ୫୦ କେଜି ଓ ଗଙ୍ଗାମନ୍ଦିର ପୂଜା କମିଟିରେ ୧ କୁଇଣ୍ଟାଲ ୫୨ କେଜି ଚାନ୍ଦିରେ ମେଢ଼ ନିର୍ମାଣ କରାଯାଇଛି।

### ସୁନା ଅଳଙ୍କାର

ମେଢ଼ରେ ଚାନ୍ଦି ସହ ସୁନାର ବ୍ୟବହାର ମଧ୍ୟ କଟକର ପୂଜାକୁ ଅଧିକ ଆକର୍ଷଣୀୟ କରିଆସିଛି। ଚୌଧୁରୀ ବଜାର ମେଢ଼ରେ ୯ଟି ସୁନାକଳିକା ଲାଗିଛି। ପ୍ରତି କଳିକାର ଓଜନ ୧ କିଲୋରୁ ଅଧିକ ହେବ। ସେହିପରି ଶେଖ୍‌ବଜାର ମେଢ଼ରେ ୫ କିଲୋରୁ ଅଧିକ ସୁନା କାରୁକାର୍ଯ୍ୟ କରାଯାଇଥିବାବେଳେ ଚାଉଳିଆଗଞ୍ଜ, ରାଣୀହାଟ, ଖାନ୍‌ନଗର, କାଠଗଡ଼ା ସାହି, ହରିପୁର- ଦୋଳମୁଣ୍ଡାଇ, ମଙ୍ଗଳାବାଗ ଏବଂ କଲେଜଛକ ଭଳି ପୂଜା ମଣ୍ଡପରେ ସୁନାର ମୁକୁଟ ଲାଗିଛି। ଏହି ୭ଟି ମଣ୍ଡପରେ ହାରାହାରି ୫ କିଲୋ ଲେଖାଏ ସୁନା ବ୍ୟବହାର ହୋଇଛି। ପ୍ରାୟ ୯୭ କିଲୋରୁ ଅଧିକ ସୁନା ବ୍ୟବହାର ହୋଇଥିବା ଜଣାପଡ଼ିଛି।

## 'ଲେଖକମାନେ ନୂତନ ମୂଲ୍ୟବୋଧ ସ୍ଥାପନ କରନ୍ତୁ'


ଜନସୁଧା ସାହିତ୍ୟପତ୍ର ଓ ବିଜୟିନୀ ପବ୍ଲିକେଶନ୍ସର ୨୮ତମ ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ 'ଜନସୁଧା ମହାପୂଜା ସଂଖ୍ୟା' ସମେତ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କଟକ,୨୮।୯(କାର୍ତ୍ତିକ ସାହୁ)

ସାହିତ୍ୟପତ୍ର ଜନସୁଧା ଓ ବିଜୟିନୀ ପବ୍ଲିକେଶନ୍ସର ୨୮ତମ ବାର୍ଷିକ ଉତ୍ସବ ରବିବାର ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ମୁଖ୍ୟସମ୍ପାଦକ ପ୍ରକାଶ କୁମାର ପରିଡ଼ା ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଗାଳ୍ପିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଆ ସାହିତ୍ୟକୁ ଆନ୍ତର୍ଜାତିକ ସ୍ତରକୁ ଉନ୍ନୀତ କରିବା ପାଇଁ ପ୍ରାଚୀନ ପଞ୍ଚସଖାଯୁଗୀୟ ସାହିତ୍ୟିକ ଆଚରଣବିଧିର ଲକ୍ଷ୍ମଣରେଖାକୁ ଅଧୁନାତନ ପ୍ରଗତିଶୀଳ କବି, ଲେଖକମାନେ ଅତିକ୍ରମ କରନ୍ତୁ। ଲେଖକମାନେ ନୂତନ ମୂଲ୍ୟବୋଧ ସ୍ଥାପନ କରନ୍ତୁ। ପ୍ରଫେସର ନଟବର ଶତପଥୀ ଓଡ଼ିଆ ପତ୍ରପତ୍ରିକା ଓ ପୁସ୍ତକ ସମ୍ପାଦକମାନେ ଗୁଣବତ୍ତା ଏବଂ ଭାଷାରୀତି ଉପରେ ଧ୍ୟାନ ଦେବା ପାଇଁ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ କବି ସନତ ଦାସପଟ୍ଟନାୟକ ଶାନ୍ତନୁ ଲେଖକମାନେ ଉଚ୍ଚାଙ୍ଗ ଓଡ଼ିଆ ସାହିତ୍ୟ ସୃଷ୍ଟି ଓ କଥନଶୈଳୀର ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ କବି ଅମରେଶ ପଟ୍ଟନାୟକ କବିତା ବା ଗଳ୍ପରେ ସାଧାରଣ ଜୀବନ ଓ ସମାଜ ସହିତ ସମ୍ପର୍କ ନଥିଲେ ତାହା ପାଠକକୁ ଛୁଇଁପାରିବ ନାହିଁ ବୋଲି କହିଥିଲେ। ଗାଳ୍ପିକ ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଇଂ. ନନ୍ଦ ମହାନ୍ତି, ସନତ ଦାସପଟ୍ଟନାୟକ, ଡ. ନଟବର ଶତପଥୀ ଏବଂ ଡ. କୈଳାସ ଚନ୍ଦ୍ର ଦାଶଙ୍କୁ ଯଥାକ୍ରମେ କଥା, କାବ୍ୟ, ସମୀକ୍ଷା ଓ ପ୍ରବନ୍ଧ ସାହିତ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସାହିତ୍ୟ ପତ୍ର 'ଜନସୁଧା ମହାପୂଜା ସଂଖ୍ୟା' ସମେତ ୨୮ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ସ୍ୱାତୀ ସୁଚରିତା, ସ୍ନିଗ୍ଧା ସୁଚରିତା, ଜ୍ଞାନ ବିଜୟିନୀ, ସମରଜିତ୍ ସ୍ୱାଇଁ, କାବୁଲି ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଇଂ ସୁରେଶ ଚନ୍ଦ୍ର ବେହେରା ଶ୍ରୀଜଗନ୍ନାଥାଷ୍ଟକ ଗାନ କରିଥିଲେ। ଡ. ବନଜ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


ଯୋବ୍ରା ଦୁର୍ଗାମନ୍ଦିର ପରିଚାଳନା କମିଟି ପକ୍ଷରୁ ନବନିର୍ମିତ ଚାନ୍ଦିମେଢ଼କୁ ରବିବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରିବା ଅବସରରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ମହମ୍ମଦ ମୋକିମ ପ୍ରମୁଖ ଅତିଥିବୃନ୍ଦ ଉପସ୍ଥିତ ଅଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)


ରାଣୀହାଟ ପୂଜାମଣ୍ଡପ ପକ୍ଷରୁ ନିର୍ମିତ ଚାନ୍ଦିମେଢ଼ ଓ ଶୋଭାପାଉଥିବା ସୁନାମୁକୁଟ।


ଚୌଧୁରୀ ବଜାର ପୂଜାମଣ୍ଡପ ପକ୍ଷରୁ ନିର୍ମିତ ମା' ଦୁର୍ଗାଙ୍କ ଚାନ୍ଦିମେଢ଼।







ମହାଭାରତ ଓ ବର୍ତ୍ତମାନର ଅତ୍ୟାଧୁନିକ ଯୁଦ୍ଧ ପରିପ୍ରେକ୍ଷୀରେ ଶ୍ରୀକୃଷ୍ଣଙ୍କ ଭଳି ଭାରତର ଶାନ୍ତି ଓ ଧର୍ମ ପ୍ରତିଷ୍ଠାକୁ ନେଇ ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ତିଆରି ହୋଇଥିବା ନିଆରା ତୋରଣ।




ପଳାଶୁଣି ଦୁର୍ଗାପୂଜା।



ଡମଣା ଦୁର୍ଗାପୂଜା ତୋରଣ। (ଫଟୋ: ବିକାଶ ନାୟକ, ମନୋରଞ୍ଜନ ମିଶ୍ର)

# ଆଜି ମହାସପ୍ତମୀ

## ଉତ୍ସବମୁଖର ରାଜଧାନୀ



ଝାରପଡ଼ା ଅରବିନ୍ଦ ସ୍କୁଲ ନିକଟରେ ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ଅନୁଷ୍ଠିତ ଦୁର୍ଗାପୂଜା।

ଭୁବନେଶ୍ୱର, ୨୮।୯(ସୌମ୍ୟରଞ୍ଜନ ରାଉତ)

ଦୁର୍ଗାପୂଜା ପାଇଁ ଉତ୍ସବମୁଖରିତ ହୋଇଉଠିଛି ରାଜଧାନୀ ଭୁବନେଶ୍ୱର। ରବିବାର ମହାଷଷ୍ଠୀରେ ମା'ଙ୍କ ପାଇଁ ବେଲବରଣୀ ସହ ଅନ୍ୟାନ୍ୟ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ସୋମବାର ମହାସପ୍ତମୀରେ ମା'ଙ୍କ ଚକ୍ଷୁଦାନ ଓ ପ୍ରାଣପ୍ରତିଷ୍ଠା ହେବ। ହେଲେ ଏହା ପୂର୍ବରୁ ମଣ୍ଡପରେ ମା'ଙ୍କୁ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ଆରମ୍ଭ ହୋଇଯାଇଛି। ଶ୍ରଦ୍ଧାଳୁଙ୍କ ଉତ୍କଣ୍ଠାକୁ ଦେଖି କେତେକ ମଣ୍ଡପରେ ମଧ୍ୟ ଠାକୁରଙ୍କ ମୁହଁ ଖୋଲାଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ବର୍ଷା କମିଯିବା ସହ ଭଲ ପାଗ ହୋଇଥିବାରୁ ଭିଡ଼ ମଧ୍ୟ ବଢ଼ିବାରେ ଲାଗିଛି। ସହରରେ ଛୋଟଠାରୁ ବଡ଼ ମଣ୍ଡପ ପକ୍ଷରୁ ମେଢ଼, ତୋରଣ ଓ ଆଲୋକ ସଜ୍ଜା ବେଶ୍ ଆକର୍ଷଣୀୟ ହୋଇଥିବାବେଳେ ଶ୍ରଦ୍ଧାଳୁଙ୍କୁ ମନୋରଞ୍ଜନ ସୃଷ୍ଟି ସହ ମନରେ ଭକ୍ତିଭାବ ଜାଗ୍ରତ ଲାଗି ଭଜନ, ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ପ୍ରତିବର୍ଷ ଭଳି ଚଳିତବର୍ଷ ନୟାପଲ୍ଲୀ ଦୁର୍ଗାପୂଜା ମଣ୍ଡପରେ ରବିବାର ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ମେଲୋଡି ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ରସୁଲ୍‌ଗଡ଼ରେ ନୃତ୍ୟ ଓ ଭଜନ କାର୍ଯ୍ୟକ୍ରମ ମନୋରଞ୍ଜନ ଯୋଗାଇଥିବାବେଳେ ଆଗକୁ ମେଲୋଡି ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି। ଶହୀଦନଗର ପୂଜାମଣ୍ଡପରେ ମଧ୍ୟ ଭଜନ ସମାରୋହ ଆରମ୍ଭ ହୋଇଛି, ଯାହା ଦଶମୀ ପର୍ଯ୍ୟନ୍ତ ଚାଲିବ। ପୁରୁଣା ଷ୍ଟେଶନ ବଜାରରେ ପ୍ରତି ସନ୍ଧ୍ୟାରେ ଭଜନ, ମେଲୋଡି ଆୟୋଜନ କରାଯାଉଛି। ଝାରପଡ଼ା, ବମିଖାଲ ଦୁର୍ଗାପୂଜା ସମେତ ଅନ୍ୟାନ୍ୟ ଛୋଟବଡ଼ ମଣ୍ଡପରେ ମଧ୍ୟ ଭଜନ ସନ୍ଧ୍ୟା ଦେଖିବାକୁ ମିଳିଛି।



ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମେଲଣ ପଡ଼ିଆରେ ହୋଇଥିବା ଦୁର୍ଗାପୂଜା ତୋରଣ।



ଭୁବନେଶ୍ୱରର ଜୟଦେବ ବିହାର-ନନ୍ଦନକାନନ ରୋଡ୍‌ରେ ରବିବାର ସନ୍ଧ୍ୟାରେ ହୋଇଥିବା ଟ୍ରାଫିକ ଜାମ୍‌ରେ ଗାଡିଗୁଡିକ ଫସି ରହିଛି।

# ଅନୁକୂଳ ପାଗ, ଅଣାୟତ୍ତ ଭିଡ଼

ମହାଷଷ୍ଠୀ ରବିବାରଠାରୁ ରାଜଧାନୀର ପୂଜାମଣ୍ଡପଗୁଡିକ ଚଳଚଞ୍ଚଳ ହୋଉଠିଛି। ବିଶେଷକରି ଭଲ ପାଗ ଓ ଛୁଟିଦିନ ପାଇଁ ଲୋକେ ମଣ୍ଡପ ବୁଲାକୁ ଠାକୁର ଦର୍ଶନ ଓ ମିନାବଜାରରେ କିଣାକିଣି ସୁଯୋଗ ହାତ ଛଡ଼ା କରି ନ ଥିଲେ। ଫଳରେ ଅପରାହ୍ନରୁ ପୂଜା ମଣ୍ଡପରେ ଭିଡ଼ ଆରମ୍ଭ ହୋଇଥିଲା। ନୟାପଲ୍ଲୀ, ରସୁଲଗଡ଼, ଶହୀଦନଗର, ବମିଖାଲ୍, ଷ୍ଟେଶନ୍ ବଜାର ଭଳି ମଣ୍ଡପରେ ଭକ୍ତଙ୍କ ସମାଗମ ଅଧିକ ରହିଥିଲା। ଦିନରେ ଅଧିକାଂଶ ଲୋକେ ଘରେ ରହିବା ସହ ହଠାତ୍ ସନ୍ଧ୍ୟାରେ ପୂଜା ବୁଲି ଆସିବାରୁ ରାସ୍ତାଘାଟରେ ଅଣାୟତ୍ତ ଭିଡ଼ ସୃଷ୍ଟି ହୋଇଥିଲା। ରାସ୍ତା ପାର୍ଶ୍ୱରେ ମଣ୍ଡପଗୁଡିକ ଥିବାରୁ ଜାତୀୟ ରାଜପଥଠାରୁ ଆରମ୍ଭ କରି ସହରର ମୁଖ୍ୟ ଓ କଲୋନୀ ରାସ୍ତାରେ ଟ୍ରାଫିକ ଜାମ୍ ହୋଇଥିଲା। ଲୋକେ ବାଟରେ ଗାଡି ରଖିବା ସହ ଠିଆ ହୋଇ ଠାକୁର ଦର୍ଶନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା, ମଣ୍ଡପକୁ ଯିବାଆସିବା କରିବା, ବାଟରେ ଠେଲାଗାଡି ଖାଦ୍ୟ ପସରା ମେଲାଇବା ଆଦି ବିଭିନ୍ନ କାରଣ ଯୋଗୁ ଗାଡିମୋଟର ଚଳାଚଳରେ ସମସ୍ୟା ଉପୁଜିଥିଲା। ଆଗକୁ ମଣ୍ଡପରେ ଗହଳି ଓ ରାସ୍ତାରେ ଟ୍ରାଫିକ ଜାମ ସ୍ଥିତି ଆହୁରି ବିଗିଡିଯିବ ବୋଲି ଆଶଙ୍କା କରାଯାଉଛି।

**ପର୍ଯ୍ୟଟନ ଦିବସ ପାଳିତ**

ବ୍ରାହ୍ମଣଗରିଲୋ: ସ୍ବେଚ୍ଛାସେବୀ ସଂଗଠନ ପ୍ରାଚୀପ୍ରଜ୍ଞା ପରିଷଦ ପକ୍ଷରୁ ଜାତୀୟ ପର୍ଯ୍ୟଟନ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବାଇକ ଶୋଭାଯାତ୍ରା କୁରାଙ୍ଗ ଶାସନ ଶ୍ରୀ ଜଗନ୍ନାଥ ମନ୍ଦିରରୁ ବାହାରି ଫୁଲନଖରା - ନିଆଳି ରାସ୍ତା ଦେଇ ରାଧାକାନ୍ତ ମଠରେ ପହଞ୍ଚିଥିଲା । ଏଥିରେ ସଭାପତି ହଂସନାଥ ସାହୁ, ମ୍ୟାନେଜିଂ ଟ୍ରଷ୍ଟି ଅଶ୍ୱିନୀ ମହାପାତ୍ର, ସରପଞ୍ଚ ରୋହିଣୀ ଭୋଇ, ସମିତି ସଭ୍ୟ ସତ୍ୟବ୍ରତ ଜେନା, ଅରୁଣ କୁମାର ସାହୁ ,ରାଧାଶ୍ୟାମ ମହାନ୍ତି, କୈଳାଶ ଚନ୍ଦ୍ର ପାତ୍ର, କୈଳାଶ ଚନ୍ଦ୍ର ସାହୁ, ଉମାକାନ୍ତ କର, ସୁଧାଂଶୁ ଶେଖର ମହାନ୍ତି, ସୁବୋଧ ପ୍ରଧାନ, ଲଳିତ କୁମାର ଦାଶ, ଧୀରେନ୍ଦ୍ର ନାଥ ସାହୁ, ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ଯୋଗଦେଇ ପର୍ଯ୍ୟଟନ ଦିବସ ଉପରେ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ଚାରା ଲଗାଇବା ଦ୍ୱାରା ଜୀବନ ସୁରକ୍ଷିତ ହୋଇପାରିବ

**କଟକ,୨୮।୯(ଶିଲ୍ପା ପ୍ରିୟଦର୍ଶିନୀ):** ଭାଜପା ବାରବାଟୀ କଟକ ନିର୍ବାଚନମଣ୍ଡଳୀ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ଜନ୍ମଦିବସ ପୂର୍ତ୍ତି ଉପଲକ୍ଷେ ଭାଜପା ସଂଗଠନର ସେବା ପକ୍ଷ ଅବସରରେ ରବିବାର ମର୍କତ ନଗର ଭକ୍ତି ବେଦାନ୍ତ ଆଶ୍ରମ ପରିସରରେ କାଠଯୋଡ଼ି ନଦୀକୂଳେ ଚାରାରୋପଣ କରାଯାଇଥିଲା। ଭାଜପା ନେତା ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ କୁମାର ସେଠୀ ଯୋଗ ଦେଇ ମୋଦିଜୀଙ୍କ ଆହ୍ୱାନରେ ମାଆ ପାଇଁ ଚାରା ରୋପଣ ଆମ ବିଶ୍ୱ ଓ ଜୀବନ ସୁରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବସନ୍ତ କୁମାର ଜେନା, ଜଗନ୍ନାଥ ପରିଡା, ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ଅଜୟ କୁମାର ସ୍ୱାଇଁ, କୁମାର ରାଜମନ୍ୟୁ, ଶାରଦା ପଟ୍ଟନାୟକ, ଦେବାଶିଷ ଦାଶ, ଇଂ. ହରିଚନ୍ଦନ ନାୟକ, ବିଶ୍ୱଜିତା ଜେନା, ମନୋଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ସେବାପକ୍ଷ ଦିବସରେ ସଫେଇ, ମନ୍ କୀ ବାତ୍ କାର୍ଯ୍ୟକ୍ରମ

**ବାଙ୍କୀ/ସାଲେପୁର, ୨୮।୯(ଶୁଭେନ୍ଦୁ ମହାପାତ୍ର/ଅରବିନ୍ଦ ଭୂୟାଁ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ଅବସରରେ ଗତ ୧୭ଠାରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦେଶରେ ସେବାପକ୍ଷ ଦିବସ ଜାରି ରହିଛି। ଏହି ଅବସରରେ ଡମପଡ଼ା ମଣ୍ଡଳର ପାଥପୁର ଶକ୍ତି କେନ୍ଦ୍ରର ଅମରେନ୍ଦ୍ରପୁର ଗ୍ରାମ ଅଧୀନ ରାମ ମନ୍ଦିର ଏବଂ ଶିବ ମନ୍ଦିର ପରିସରକୁ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କରାଯାଇଛି। ଏଥିସହ ଚାରାରୋପଣ ଏବଂ ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପରେ ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ଯୋଗଦେବା ସହ ମଣ୍ଡଳ ସଭାପତି ଦାଶରଥି ପଢ଼ିଆରୀ, ସମ୍ପାଦକ ସିଦ୍ଧେଶର ମିଶ୍ର, ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସେହିପରି ଟାଙ୍ଗୀ -ସାଲେପୁର ନିର୍ବାଚନ ମଣ୍ଡଳୀର ରାଇସୁଙ୍ଗୁଡା ମଣ୍ଡଳ ଅନ୍ତର୍ଗତ ନରଦା ପଞ୍ଚାୟତ କୁକୁଡାଙ୍ଗ ଠାରେ ଥିବା କଲ୍ୟାଣ ମଣ୍ଡପ ବୁଥ ନମ୍ବର ୧୮୧ରେ 'ମନ କି ବାତ' କାର୍ଯ୍ୟକ୍ରମ ଭାଜପା ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୌରାଙ୍ଗ ସୁବୁଦ୍ଧି, ବିଜୟ ମହାନ୍ତି, ଅଲେଖ କୁମାର ମଲ୍ଲିକ, ମଧୁସ୍ମିତା ମହାନ୍ତି, କୈଳାଶ ଚନ୍ଦ୍ର ବେହେରା, ନୃସିଂହ ନାୟକ, ସୁବାସ ବେହେରା, ଅରୁଣ ଲେଙ୍କା, ଶାନ୍ତନୁ ଓଝା, ସୁକାନ୍ତ ଷଡ଼ଙ୍ଗୀ, ମନୋଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଅପରାହ୍ନ ୪ଟାରୁ କନ୍ଦରପୁରରୁ ନୟାବଜାର ଭାରିଯାନ ଚଳାଚଳ ବନ୍ଦ

**ପାର୍ବଣ କଟକଣା ଆରମ୍ଭ**
- ଷ୍ଟାଣ୍ଡ ବ୍ୟତୀତ ସହର ଭିତରେ ପଶିବନି ବସ୍
- ଜଗିଛନ୍ତି ୭୦ ପ୍ଲାଟୁନ୍ ଫୋର୍ସ
- ଭକ୍ତଙ୍କ ପାଇଁ ୩୪ ପାର୍କିଂସ୍ଥଳ

**କଟକ,୨୮।୯(କାର୍ତ୍ତିକ ସାହୁ)** କଟକ ସହରରେ ଆରମ୍ଭ ହୋଇଯାଇଛି ଶାରଦୀୟ ଦୁର୍ଗାପୂଜା। କମିଶନରେଟ ପୋଲିସ ପୂଜାରେ ଶାନ୍ତି, ଶୃଙ୍ଖଳା ବଜାୟ ରଖିବା ପାଇଁ ଟ୍ରାଫିକ ପରିଚାଳନାକୁ ଗୁରୁତ୍ୱ ଦେଇଛି। ପୁରା ସହରରେ ୭୦ ପ୍ଲାଟୁନ ପୋଲିସ ଫୋର୍ସ ଜଗି ରହିଛନ୍ତି। ବିଭିନ୍ନ ସ୍ଥାନରେ ମୋଟ ୩୧ଟି ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଛି।

ପ୍ରକାଶ ଯେ, ପ୍ରତ୍ୟହ ଅପରାହ୍ନ ୨ଟାରୁ ରାତି ୨ଟା ଯାଏ ୱାନ ୱେ ଯାନ ଚଳାଚଳ କଟକଣା ଜାରି ହୋଇଛି। ପୂଜା ଦିନମାନଙ୍କରେ ସହର ମଧ୍ୟରେ କୌଣସି ପ୍ରକାରର ସରକାରୀ ଅବା ବେସରକାରୀ ବସ୍ ଚଳାଚଳ କରିପାରିବ ନାହିଁ। ସେହି ଗାଡ଼ିଗୁଡ଼ିକ ଲିଙ୍କ ରୋଡ଼ ଦେଇ ବାଦାମବାଡ଼ି କିମ୍ବା ସିଏନ୍‌ବିଟି ବସ୍‌ଷ୍ଟାଣ୍ଡକୁ ଯାଇପାରିବେ। ସେହିପରି ଭାରୀଯାନ ଚଳାଚଳ ଉପରେ ମଧ କଟକଣା ଲଗାଯାଇଛି। ମଣି ମନ୍ଦିର ଛକରୁ ଜୁଡିସିଆଲ ଏକାଡେମୀ ଛକ ମଧ୍ୟରେ ରିଙ୍ଗ ରୋଡ ଦେଇ କୌଣସି ଭାରିଯାନ ଚଳାଚଳ କରିପାରିବ ନାହିଁ। ନୂଆବଜାର ଛକରୁ ଓଏମ୍‌ପି ଛକ ଆଡ଼କୁ କୌଣସି ଚାରି ଚକିଆ ଏବଂ ଭାରୀ ଯାନ ଯିବାକୁ ଅନୁମତି ଦିଆଯିବ ନାହିଁ। ସେହି ଗାଡ଼ିଗୁଡ଼ିକ ପୋଟାପୋଖରୀ, କାଳିଆବୁଦା, ଓଏମ୍‌ପି ଛକ ଏବଂ ନୂଆପଡ଼ା ଦେଇ ପ୍ରେସ୍ ଛକ ଯାଇପାରିବେ। ଅପରାହ୍ନ ୪ଟାରୁ ରାତ୍ର ୧୨ଟା ପର୍ଯ୍ୟନ୍ତ କିମ୍ବା ଭିଡ଼ ଲାଗିବା ପର୍ଯ୍ୟନ୍ତ କନ୍ଦରପୁର ଛକ ଠାରୁ ନୟାବଜାର ଛକ ମଧ୍ୟରେ କୌଣସି ଭାରିଯାନ ଚଳାଚଳ କରିପାରିବ ନାହିଁ। କାଳିଆବୁଦା ନିକଟସ୍ଥ ସଂକୀର୍ଣ୍ଣ ରେଳପଥ ଦେଇ ତିନି ଓ ଚାରିଚକିଆ ଯାନ ଚଳାଚଳ କରିପାରିବ ନାହିଁ।

ଅପରପକ୍ଷରେ, ଦୁର୍ଗାମେଢ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ଯାନବାହନ ରଖିବା ପାଇଁ ୩୪ଟି ପାର୍କିଂସ୍ଥଳ କରାଯାଇଛି। ଦୁଇଚକିଆ ଓ ଚାରିଚକିଆ ଯାନଗୁଡ଼ିକ ପାଇଁ ବେଲିଭ୍ୟୁ ଛକ, ବିଡ଼ାନାସୀ ହାଇସ୍କୁଲ ପରିସର, ଖ୍ରୀଷ୍ଟିୟାନ ଗ୍ରାଉଣ୍ଡ, ଉପର ବାଲିଯାତ୍ରା ପଡ଼ିଆ, ତଳବାଲିଯାତ୍ରା ପଡ଼ିଆ, ବୋଷ ଇଞ୍ଜିନିୟରିଂ କଲେଜ ସାମ୍ନା, କାଠଗୋଲା ଛକ ସାମ୍ନା, ଶ୍ରୀମା ହସ୍‌ପିଟାଲ ସାମ୍ନା, ପୁରୁଣା ପୁରୀ ବସ୍‌ଷ୍ଟାଣ୍ଡ, ପୁରୁଣା ବାଦାମବାଡ଼ି ବସଷ୍ଟାଣ୍ଡ, ମାତା ମଠ ସାମ୍ନା, ସିଏନବିଟି ସାମ୍ନା, ସିଏମସି କଲ୍ୟାଣ ମଣ୍ଡପ ପାର୍କିଂ, ନେତାଜୀ ସଂଗ୍ରହାଳୟ ପାର୍କିଂ, ମାଛୁଆ ବଜାଇ ପାର୍କିଂ, ଚାଉଳିଆଗଞ୍ଜ ଓ ସନସାଇନ ଖେଳପଡ଼ିଆ ପାର୍କିଂ ବ୍ୟବସ୍ଥା କରାଯାଇଛି।

ସେହିପରି କେବଳ ଦୁଇଚକିଆ ଯାନ ପାଇଁ ଶହୀଦ ଭବନ ପାର୍କିଂ, ଆଇନକ୍ସ ପାର୍କିଂ, ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ପାର୍କିଂ, ଗୌରୀଶଙ୍କର ପାର୍କ ପାର୍କିଂ, ପି.ଏମ୍. ଏକାଡେମୀ ପାର୍କିଂ, କର ପ୍ୟାଲେସ ପାର୍କିଂ, କଲେଜ ଛକ ପେଟ୍ରୋଲ ପମ୍ପ ସାମ୍ନା, ମଙ୍ଗଳାବାଗ ଥାନା ନିକଟ, ରାଣୀହାଟ ଘଣ୍ଟା ଟାୱାର ପାଖ, ବକ୍ସି ବଜାର ପେଟ୍ରୋଲ ପମ୍ପ ସାମ୍ନାରେ ପାର୍କିଂ ବ୍ୟବସ୍ଥା ହୋଇଛି। ଏଥିସହ ଚଣ୍ଡୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ପାଇଁ ଶୈଳବାଳା ମହିଳା ମହାବିଦ୍ୟାଳୟ ବିଜ୍ଞାନ ବ୍ଲକ ଓ ବାସ୍କେଟବଲ ପଡ଼ିଆ, ୟୁନିୟନ କ୍ଲବ ଗ୍ରାଉଣ୍ଡ, ଖ୍ରୀଷ୍ଟ କଲିଜିଏଟ ସ୍କୁଲ ପଡ଼ିଆ, ଗେଟ୍ ନମ୍ବର-୧ ଓ ୨ ଭିତର ଅଞ୍ଚଳ, ଚଣ୍ଡୀ ମନ୍ଦିର ନ୍ୟୁ-ମାର୍କେଟ କମ୍ପ୍ଲେକ୍ସ ନିକଟରେ ପାର୍କିଂସ୍ଥଳ କରାଯାଇଛି।

# 'ମୋ ମାତୃଭୂମି ତିଗିରିଆ' ପୁସ୍ତକ ଉନ୍ମୋଚିତ



କବିତା ପାଠୋତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ଶାରଦୀୟ ଅଭିନନ୍ଦନ, କବିତା ପାଠୋତ୍ସବ**

**ତିଗିରିଆ,୨୮।୯(ଜାଫର ଖାଁ):** ତିଗିରିଆ ବ୍ଲକର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସଂସ୍କୃତି ପରିଷଦ ପକ୍ଷରୁ ଶାରଦୀୟ ଅଭିନନ୍ଦନ ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ନିଜିଗଡ଼ ପଞ୍ଚାୟତସ୍ଥିତ ସର୍ବ ପୁରାତନ ଟାଉନ କ୍ଲବ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଇଞ୍ଜିନିୟର ଦୀପ୍ତିରଞ୍ଜନ ପଣ୍ଡାଙ୍କ ସ୍ୱରଚିତ 'ମୋ ମାତୃଭୂମି ତିଗିରିଆ' ପୁସ୍ତକ ଉନ୍ମୋଚନ କରାଯାଇଛି। ଅନୁଷ୍ଠାନର ସଭାପତି ତଥା ଶିକ୍ଷାବିତ୍ ସୁବୋଧ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁନାମଧନ୍ୟ କବି ତଥା ସାହିତ୍ୟିକ ରବି ନାରାୟଣ ମଙ୍ଗରାଜ ଯୋଗଦେଇଥିଲେ। ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକଙ୍କ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଉପ ସଭାପତି ତଥା ଆଇନଜୀବୀ ବିକ୍ରମ କେଶରୀ ଦାଶ, ସମ୍ପାଦକ ପ୍ରଣବ ପଟ୍ଟନାୟକ, ସହ ସମ୍ପାଦକ ଶିକ୍ଷାବିତ୍ ବ୍ରଜସୁନ୍ଦର ଦାସ, କୋଷାଧ୍ୟକ୍ଷ ଦୀପ୍ତିରଞ୍ଜନ ଦାସ, ତିଗିରିଆ ସମ୍ବାଦ ସାହିତ୍ୟ ଘର ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ, ସଭ୍ୟ ତଥା ଆଇନଜୀବୀ ଗିରିଜା ପ୍ରସାଦ ପଟ୍ଟନାୟକ, ଆଇନଜୀବୀ ଲଳିତ କୃଷ୍ଣ ଦାସ, ସାମାଜିକ କର୍ମୀ ଜୟନ୍ତ କୁମାର ସିଂହ, ସୁନାମଧନ୍ୟ କଣ୍ଠଶିଳ୍ପୀ ଓ ଗୀତିକାର ପୂର୍ଣ୍ଣଚନ୍ଦ୍ର ଦାସ, ସାମାଜିକ କର୍ମୀ ସୁଶୀଳ କୁମାର ନନ୍ଦ, କୃଷ୍ଣ ବଲ୍ଲଭ ଦାସ, ଶିକ୍ଷାବିତ ମମତା ମିଶ୍ର, ଇଞ୍ଜିନିୟର ଦୀପ୍ତିରଞ୍ଜନ ପଣ୍ଡା, ଶ୍ରୀଧର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଅତିଥି ନିଜ ଅଭିଭାଷଣରେ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଅଞ୍ଚଳରେ ଲୁକ୍କାୟିତ ପ୍ରତିଭାକୁ ସାମ୍ନାକୁ ଆଣିବାର ପ୍ରୟାସକୁ ଧନ୍ୟବାଦ ଜଣାଇଥିଲେ। ପରେ କାର୍ଯ୍ୟକ୍ରମକୁ ଅଞ୍ଚଳ ତଥା ଅଞ୍ଚଳ ବାହାରୁ ଆସିଥିବା କବି ସର୍ବଶ୍ରୀ ବିଷ୍ଣୁପ୍ରସାଦ ସାହୁ, ବିଷ୍ଣୁପ୍ରସାଦ ଦାସ, ସଂଗ୍ରାମ କେଶରୀ ଦାସ, ସୁରେଶ୍ୱର ବେହେରା, ସୁରେଶ ଚନ୍ଦ୍ର ପ୍ରଧାନ, ସୁଶୀଲ କୁମାର ନନ୍ଦ, ପ୍ରଦ୍ୟୁମ୍ନ ଦାଶ, ସନ୍ତୋଷ କୁମାର ମିଶ୍ର, ମାଷ୍ଟର ଲୁଟୁ ମାନସ, ମାନସ କୁମାର ରଣା, ଚନ୍ଦ୍ରମଣି ପଣ୍ଡା, ରମେଶ କୁମାର ମାଝୀ, ମାନସୀ ମହାନ୍ତି, ମନୋଜ କୁମାର ସାହୁ ପ୍ରମୁଖ କବିତା ପାଠ କରିଥିଲେ।

# ନିଜସ୍ୱ ଅର୍ଥରେ ରାସ୍ତା ପୁନରୁଦ୍ଧାର କଲେ ସାମାଜିକ କର୍ମୀ



ରାସ୍ତା ମରାମତି ସମୟରେ ସାମାଜିକ କର୍ମୀଙ୍କ ସହ ଗ୍ରାମବାସୀ ।

**ଶୁଣିଲାନି ପ୍ରଶାସନ**

**ସାଲେପୁର,୨୮।୯( ଅରବିନ୍ଦ ଭୂୟାଁ):** ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ପଞ୍ଚାୟତର କଲ୍ୟାଣପୁରଠାରୁ ଜାହାଙ୍ଗୀରାବାଦ ପର୍ଯ୍ୟନ୍ତ ଥିବା ଭୀଷ୍ମକୁଣ୍ଡି ନଦୀ ପୋଲର ଉଭୟ ପାର୍ଶ୍ୱ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ଏହି ନଦୀ ପୋଲର ସଂଯୋଗୀକରଣ ରାସ୍ତାର ଗୋଟିଏ ପାର୍ଶ୍ୱ ଶିଶୁଆ ଓ ଆର ପାର୍ଶ୍ୱ ସୌରୀ ପଞ୍ଚାୟତ ଅଧିନରେ ରହିଛି। ଏହି ରାସ୍ତା ଉପରେ ବହୁ ପଞ୍ଚାୟତର ଲୋକେ ନିର୍ଭରଶୀଳ। ମାତ୍ର ରାସ୍ତାର ଦୂରବସ୍ଥା ଯୋଗୁ ଲୋକମାନେ ଯାତାୟାତ କ୍ଷେତ୍ରରେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ରାସ୍ତାର ପୁନରୁଦ୍ଧାର ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର ପ୍ରଶାସନ ଏଥିପ୍ରତି କୌଣସି କର୍ଣ୍ଣପାତ କରୁ ନ ଥିଲା।

ପ୍ରତିବର୍ଷ ପରି ଚଳିତବର୍ଷ ନଦୀ ପୋଲ ନିକଟ କଲ୍ୟାଣପୁର ଗ୍ରାମରେ ମା' ଦୁର୍ଗାଙ୍କ ପୂଜା ସମାରୋହରେ ଅନୁଷ୍ଠିତ ହେଉଛି। ଅଞ୍ଚଳରଏହା ପ୍ରସିଦ୍ଧ ଦୁର୍ଗାପୂଜା ମଣ୍ଡପ ହୋଇଥିବାରୁ ଉକ୍ତ ଦୁର୍ଗା ପୂଜା ଦେଖିବାକୁ ବହୁ ସଂଖ୍ୟାରେ ଭକ୍ତ ଆସିବାର ସମ୍ଭାବନା ରହିଛି। ଏହସତ୍ତ୍ୱେ ରାସ୍ତା ମରାମତି ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ସୌରୀ ଓ ଶିଶୁଆ ପଞ୍ଚାୟତର ଲୋକମାନେ ସାମାଜିକ କର୍ମୀ ହରିବନ୍ଧୁ ଶତପଥୀଙ୍କୁ ସାକ୍ଷାତ କରି ରାସ୍ତାର ପୁନରୁଦ୍ଧାର ନିମନ୍ତେ ସହଯୋଗ ଲୋଡିଥିଲେ। ଏହାପରେ ଶତପଥୀ ନିଜସ୍ୱ ଅର୍ଥରେ ଏବଂ ନିଜେ ଉପସ୍ଥିତ ରହି ରବିବାର ନଦୀ ପୋଲର ଉଭୟପଟ ରାସ୍ତା ପୁନରୁଦ୍ଧାର କରିଛନ୍ତି। ଶତପଥୀଙ୍କ ଏଭଳି ମହତ କାର୍ଯ୍ୟକୁ ସଙ୍ଗଠକ ବୈକୁଣ୍ଠନାଥ ସ୍ୱାଇଁ, ହିରେନ କୁମାର ଦତ୍ତ, ନିରଞ୍ଜନ ସ୍ୱାଇଁ, ପ୍ରସନ୍ନଜିତ୍ ଦାସ, ହରେକୃଷ୍ଣ ଚକ୍ରବର୍ତ୍ତୀ, ପ୍ରମୋଦ କୁମାର ଦତ୍ତ, ତ୍ରିଲୋଚନ ରାଉତ, ବିଦ୍ୟାଧର ଦାସ, ରୁଦ୍ର ଭୋଇ, ଓ କହ୍ନେଇ ପ୍ରଧାନଙ୍କ ସମେତ ସୌରୀ ଓ ଶିଶୁଆ ପଞ୍ଚାୟତର ଲୋକମାନେ ପ୍ରଶଂସା କରିଛନ୍ତି।

### ନଦୀ ସୁରକ୍ଷା ଉପରେ ଆଭାସୀ ଆଲୋଚନାଚକ୍ର

**ବାଙ୍କୀ,୨୮।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂଗୋଳ ବିଭାଗ ଆନୁକୂଲ୍ୟରେ ରବିବାର ବିଶ୍ୱ ନଦୀ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆଭାସୀ ମାଧ୍ୟମରେ ନଦୀଗୁଡିକର ଜଳ ଓ ନଦୀର ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରିଜିତ୍ ମିଶ୍ର ସଭାପତିତ୍ୱ କରିବା ସହ ଭାରତର ବିଭିନ୍ନ ନଦୀ ଓ ନଦୀଗୁଡିକର ଦୈର୍ଘ୍ୟ, ଜଳସ୍ତର, ପ୍ରଦୂଷଣ ଏବଂ ସୁରକ୍ଷା ପାଇଁ ଛାତ୍ରୀଛତ୍ରମାନଙ୍କର ଭୂମିକା ସମ୍ପର୍କରେ ବହୁ ଉଦାହରଣ ମାଧ୍ୟମରେ ତଥ୍ୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଭାରତ ହେଉଛି ନଦୀମାତୃକାର ଦେଶ ଏବଂ ନଦୀର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଦରକାର ବୋଲି ପ୍ରକାଶ କରିଥିଲେ। ବିଶେଷ କରି ମହାନଦୀ ବାଙ୍କୀ ଅଞ୍ଚଳ ଦେଇ ୪୨କିମି ପ୍ରଭାହିତ ଏବଂ ମହାନଦୀର ଦୁଇ ପାର୍ଶ୍ୱରେ ବାଙ୍କୀର ୩୪ଟି ପଞ୍ଚାୟତ ରହିଛି। ଏଠାରେ ବସବାସ କରୁଥିବା ଜନସାଧାରଣ ମହାନଦୀ ଉପରେ ନିର୍ଭରଶୀଳ ଅଟନ୍ତି ବୋଲି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମହେନ୍ଦ୍ର ଦାସ, ଧରିତ୍ରୀ ବେହେରା, ସତ୍ୟବାଦୀ ମଲିକ, ଜ୍ୟୋତିପ୍ରଭା ପ୍ରଧାନ, ସ୍ୱାଗତିକା ବେଉରା ଓ ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଅନୀଲ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିବିରରେ ୧୨୬ ୟୁନିଟ୍ ରକ୍ତ ସଂଗୃହୀତ

**କଟକ/ବାଙ୍କୀ,୨୮।୯(ଶିଲ୍ପା ପ୍ରିୟଦର୍ଶିନୀ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ଅବସରରେ ସେବାପକ୍ଷ ପାଳନ କରାଯାଉଛି। ଏହି ଅବସରରେ ରବିବାର କଟକ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଦୀପକ ସାହୁ ଓ ରାଜେଶ ବେହେରାଙ୍କ ସଂଯୋଜନାରେ କଲେଜଛକ ଶିଶୁ ମନ୍ଦିରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ବରିଷ୍ଠ ନେତ୍ରୀ ସ୍ମୃତି ପଟ୍ଟନାୟକ, ପ୍ରତିଭା ଶତପଥୀ, ବଜେନ୍ଦ୍ର ରାୟ, ପ୍ରମୋଦ କୁମାର ସାହୁ, ସ୍ମୃତି ରଞ୍ଜନ ମିଶ୍ର, ଗୌତମ ପରିଡ଼ା, ରୀତା ନାୟକ, ନିତାଇଗୌର ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ। ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୟ ମା'ଦୁର୍ଗାପୂଜା କମିଟି ଓ ସେଣ୍ଟର ଫର୍ ୟୁଥ୍ ଆଣ୍ଡ୍ ସୋସିଆଲ ଆୱାରନେସ ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରକୁ ଉତ୍କଳ ଗ୍ରାମ୍ୟ ସ୍ୱରାଜ ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଶୁଭ ଉଦଘାଟନ କରିଛନ୍ତି। କଟକ କେନ୍ଦ୍ରୀୟ ରେଡ଼କ୍ରସ୍ ବ୍ଲଡ ବ୍ୟାଙ୍କ କେନ୍ଦ୍ରର ଡ. କିଶୋର ଚନ୍ଦ୍ର ବେହେରା, ସୌମ୍ୟରଞ୍ଜନ ସାହୁଙ୍କ ସହାୟତାରେ ୫୧ୟୁନିଟ ରକ୍ତ ସଂଗ୍ରହ କରାଯାଇ ଥିଲା।

# ଘରୋଇ ହିଂସା ପୀଡ଼ିତାଙ୍କୁ ମିଳିବ ଆଇନ ସହାୟତା



ଡ. ରଙ୍ଗିନ ପଲ୍ଲବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପରାମର୍ଶ ସଭାରେ ଅତିଥି ଓ ସୁରକ୍ଷା ଅଧିକାରୀ ।

**କଟକ,୨୮।୯(କାର୍ତ୍ତିକ ସାହୁ):** ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା ଏବଂ ନେଦରଲାଣ୍ଡ ସରକାରଙ୍କ ଦୂତାବାସ ମିଳିତ ଆନୁକୁଲ୍ୟରେ ବିଡ଼ାନାସୀସ୍ଥିତ ଏକ ଘରୋଇ ରିସର୍ଟ ପରିସରରେ ରବିବାର ରାଜ୍ୟସ୍ତରୀୟ ପରାମର୍ଶ ସଭାଅନୁଷ୍ଠିତ ହୋଇଯାଇଛି। ଡ. ରଙ୍ଗିନ ପଲ୍ଲବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ସୁମନ ଦାଶ ଭଟ୍ଟମିଶ୍ର ଯୋଗଦେଇ ଘରୋଇ ହିଂସାରୁ ନାରୀଙ୍କ ସୁରକ୍ଷା ଆଇନ ୨୦୦୫ ମାଧ୍ୟମରେ ଘରୋଇ ହିଂସା ପିଡ଼ିତାଙ୍କୁ ଆଇନ ସହାୟତା ମିଳିବ ବୋଲି କହିଥିଲେ। ଘରୋଇ ହିଂସାର ସମାଧାନ, ସମସ୍ୟା, ଆହ୍ୱାନ ଓ ଆଗାମୀ ପଥ ବିଷୟରେ ଆଲୋକପାତ କରାଯାଇଥିଲା। ଘରୋଇ ହିଂସାରୁ ନାରୀଙ୍କ ସୁରକ୍ଷା ଆଇନ-୨୦୦୫ ଅନୁସାରେ ସୁରକ୍ଷା ଅଧିକାରୀଙ୍କୁ ଦିଆଯାଇଥିବା ବିଭିନ୍ନ ଦାୟିତ୍ୱ ସହିତ ଘରୋଇ ହିଂସା ପୀଡ଼ିତାଙ୍କୁ ଆଇନ ଏବଂ ଅପରାଧିକ ନ୍ୟାୟ ପ୍ରଣାଳୀରେ ସାହାଯ୍ୟ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ପ୍ରକଳ୍ପ ପ୍ରବନ୍ଧକ ମନ୍‌ମିତ ସିଂହ ଅରୋରା, ତନ୍ମୟା ଦାସ ଏବଂ ଅମ୍ଲାନ ଜ୍ୟୋତି ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରକାରୀ ଦୋକାନ ଘର ଭଡ଼ାକୁ ନେଇ ଗୋଷ୍ଠୀ ବିବାଦ

**ଥାନାରେ ଦିଆ ଯାଇଥିବା ଏତଲାକୁ ବିରୋଧ କଲା ଗ୍ରାମ କମିଟି**



ଗ୍ରାମ କମିଟି ପକ୍ଷରୁ ଡକାଯାଇଥିବା ଖବରଦାତା ସମ୍ମିଳନୀ ।

**ଆଠଗଡ଼,୨୮।୯(ସତ୍ୟ ପ୍ରସାଦ ରଥ)** ପଞ୍ଚାୟତ ତରଫରୁ ତିଆରି ହୋଇ ଥିଲା ଦୋକାନ ଘର। ତେବେ ଘରଭଡ଼ା ଦେବାକୁ ନେଇ ଆଠଗଡ଼ ଥାନା ଅନ୍ତର୍ଗତ ଦହିସରା ଗ୍ରାମର୨ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଦେଖା ଦେଇଛି। ଉଭୟ ପକ୍ଷ ଉଭୟଙ୍କ ନାମରେ ଆଠଗଡ଼ ଥାନାରେ ଏକାଧିକ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଥାନାରେ ଦିଆଯାଇଥିବା ଏତଲାକୁ ନେଇ ଗ୍ରାମ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇ ନିନ୍ଦା କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପୁରୁଣା କଟକ ସମ୍ବଲପୁର ରାସ୍ତା ଦହିସରା ଛକରେ ମହାକାଳବସ୍ତ ପଞ୍ଚାୟତ ପକ୍ଷରୁ ୩ ଦୋକାନ ଘର ନିର୍ମାଣ କରାଯାଇଥିଲା। ଗ୍ରାମ କମିଟି ପକ୍ଷରୁ ପଞ୍ଚାୟତରୁ ଏହାକୁ ଅନ୍ୟ ଲୋକଙ୍କ ନାମରେ ନିଆଯାଇ କମିଟି ନିଷ୍ପତ୍ତି ଅନୁସାରେ ଭଡାସୂତ୍ରରେ ଦିଆଯାଇଥାଏ। ପଞ୍ଚାୟତର ଭଡା ବାବଦରେ ଯାହା ବଳକା ରହେ ତାହା ମହାଦେବଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ ଲାଗିଯାଏ। କିନ୍ତୁ ସେହି ଗ୍ରାମର ଜଣେ ବ୍ୟକ୍ତି ଜାଲିଆତି କରି ଉକ୍ତ ଘରକୁ ନିଜର ଏବଂ ସମ୍ପର୍କୀୟଙ୍କ ନାମରେ ଲିଜ ସୂତ୍ରରେ ଆଣି ଜବରଦସ୍ତ ଅଧିକାର କରିବା ପାଇଁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ତରଫରୁ ଏ ବାବଦରେ ଆଠଗଡ଼ ଉପଜିଲାପାଳଙ୍କଠାରୁ ଆରମ୍ଭ କରି ବିଡିଓ ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କୁ ଲିଖିତ ଭାବରେ ଜଣାଯାଇଥିଲା। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଅପରପକ୍ଷେ ଗ୍ରାମର କେତେଜଣ ଆଗଧାଡିର ବ୍ୟକ୍ତିଙ୍କ ନାମରେ ଆଠଗଡ଼ ଥାନାରେ ଏକାଧିକ ମାମଲା କରାଯାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଗ୍ରାମ କମିଟି ସଭାପତି ବଂଶୀଧର ରାଉତ, ସମ୍ପାଦକ ବେଣୁଧର ଦାସ, ବସନ୍ତ ରାଉତ,ଶରତ କୁମାର ସାହୁ, ଶଶଧର ରାଉତ,ସୁବାସ ମଲ୍ଲିକ,ନୁରି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହିଘଟଣାରେସେପ୍ଟେମ୍ବର ୨୫ରେ ଦହିସରା ଗ୍ରାମର ଏକାଧିକ ବ୍ୟକ୍ତିଙ୍କ ନାମରେ ମାମଲା ହୋଇଥିଲା। ମାତ୍ର ପୋଲିସ ସେମାନଙ୍କୁ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହୋଇଛି।

**ଫଟୋ ଖବର**



ଜେ.ଏନ୍. ଇନ୍‌ଡୋର ଷ୍ଟାଡିୟମ୍‌ରେ ରବିବାର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ କର୍ମଚାରୀ ସଂଘର ଦ୍ୱାଦଶ ତ୍ରୈବାର୍ଷିକ ମଣ୍ଡଳ ସାଧାରଣ ପରିଷଦ ସଭାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।




ଡ୍ରିମ୍ସ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର। (ଫଟୋ- ରାଜକିଶୋର ମହାନ୍ତି)

# ରଙ୍ଗିନ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ

**ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାର ପ୍ରମୁଖ ଶକ୍ତିପୀଠରେ ଷୋଡ଼ଶ ଉପଚାରରେ ଚାଲିଛି ପୂଜା। ବାଟ ଭୁଆସୁଣୀ, ମା' ଉଗ୍ରତାରା, ବାଣପୁରର ପ୍ରସିଦ୍ଧ ମା' ଭଗବତୀଙ୍କ ମନ୍ଦିରରେ ପୂଜାପାଠ, ଚଣ୍ଡୀପାଠରେ କମ୍ପୁଛି ପରିବେଶ। ରବିବାର ପୀଠରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ପୂଜାମଣ୍ଡପରେ ମହାଷଷ୍ଠୀ ପୂଜା ଆରମ୍ଭ ହୋଇଛି। ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା ସହର। ସନ୍ଧ୍ୟାରେ ମଣ୍ଡପଗୁଡିକରେ ବିଲ୍ୱବରଣ କରାଯାଇ ରୀତିନୀତି ପ୍ରକାରେ ପୂଜାରମ୍ଭ ହୋଇଛି। ସହରର ୮ଟି ମଣ୍ଡପରେ ଆରମ୍ଭ ହୋଇଛି ମା'ଦୁର୍ଗା ଏବଂ ହରପାର୍ବତୀଙ୍କ ପୂଜା। ଗୁରୁଜଙ୍ଗ, ଖୋର୍ଦ୍ଧା କ୍ଲବ୍, ଇଗଲ କ୍ଲବ୍, ଫାୟର ଷ୍ଟେଶନ ରୋଡ, କଂଟା ଛକରେ ଦୁର୍ଗାପୂଜା ହେଉଥିବା ବେଳେ ୪୦୭ ଷ୍ଟାଣ୍ଡ ଛକ, ମାଛ ମାର୍କେଟ ଛକ ଏବଂ ଦୁଲଣା ସାହିରେ ହରପାର୍ବତୀ ପୂଜା ଚାଲିଛି। ୫ ଦିନ ଧରି ଆଡ଼ମ୍ବରରେ ପୂଜା ହେବ। ଆକର୍ଷଣୀୟ ମୂର୍ତ୍ତି, ସୁଉଚ୍ଚ ତୋରଣ ଏବଂ ରଙ୍ଗିନ ଆଲୋକମାଳାରେ ଝଲସୁଛି ଖୋର୍ଦ୍ଧା ସହର। ଖୋର୍ଦ୍ଧା କ୍ଲବ୍‌ର ମଣ୍ଡପ ଆକର୍ଷଣୀୟ ହୋଇଥିବା ବେଳେ ଇଗଲ କ୍ଲବ୍ ପକ୍ଷରୁ ଚଳିତ ବର୍ଷ ଶହେଫୁଟର ଆକର୍ଷଣୀୟ ତୋରଣ କରାଯାଇଛି। ପ୍ରଥମ ଦିନରେ ତୋରଣ ଆଗରେ ସେଲ୍ଫି ନେବା ପାଇଁ ଯୁବପିଢ଼ିଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ଏନେଇ ଅତିରିକ୍ତ ଜିଲାପାଳ ପ୍ରତାପ ବେଉରା କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ପୂଜା କମିଟି ଏବଂ ପ୍ରଶାସନ ମଧ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳାରେ ଶାରଦୀୟ ପୂଜା ଆୟୋଜନ ସହ ମୂର୍ତ୍ତି ବିସର୍ଜନ ଏବଂ ରାବଣପୋଡ଼ି କାର୍ଯ୍ୟକ୍ରମ ସହ କୌଣସି ପୂଜାମଣ୍ଡପରେ ଯେପରି ଅଘଟଣ କିମ୍ବା ସମସ୍ୟା ନ ଉପୁଜିବ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି।



ଇଗଲ କ୍ଲବ୍ ପକ୍ଷରୁ ନିର୍ମିତ ତୋରଣ।

### ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଇଛି: ଏସ୍‌ପି

ପୂଜା ମଣ୍ଡପରେ ଶୃଙ୍ଖଳିତ ଦର୍ଶନ, ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମା କହିଛନ୍ତି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସହରବାସୀଙ୍କ ସହଯୋଗ ଆବଶ୍ୟକ। ଅଯଥା ରାସ୍ତା ଉପରେ ପାର୍କିଂ କରି ଅବରୋଧ କରନ୍ତୁ ନାହିଁ। ଜନଗହଳି ସ୍ଥାନରେ ମେଳିହୋଇ ଗପନ୍ତୁ ନାହିଁ। ଟ୍ରାଫିକ୍ ସମାଧାନ ପାଇଁ ପୋଲିସକୁ ସହଯୋଗ କରିବାକୁ ଏସ୍‌ପି ନିବେଦନ କରିଛନ୍ତି। ଭିଡ଼ ନିୟନ୍ତ୍ରଣ ନିମନ୍ତେ ସହରର କିଛି ଜାଗାରେ ରୁଟ୍ ପରିବର୍ତ୍ତନ ସହ ୱାନ୍ ୱେ କରାଯାଇଛି।



ଖୋର୍ଦ୍ଧାରେ ଦୁର୍ଗାପୂଜା ଅବସରରେ ଏଲ୍‌ଇଡି ଲାଇଟ୍‌ରେ ଶୋଭାପାଉଥିବା ତୋରଣ।

## ସଂକ୍ଷେପରେ

### ଅଳଙ୍କାର ଦୋକାନରୁ ଚୋରି

**ଜଟଣୀ,୨୮।୯(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ଥାନା ଅଧୀନ ରାଜାବଜାରସ୍ଥିତ ସୋନି ଅଳଙ୍କାର ଦୋକାନରୁ ଚୋରି ହୋଇଛି। ଶନିବାର ରାତିରେ ଦୁର୍ବୃତ୍ତମାନେ ଉକ୍ତ ଦୋକାନର ଶଟର କାଟି ଅଳଙ୍କାର ଲୁଟିନେଇଛନ୍ତି। ରବିବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଦୋକାନରେ ଲାଗିଥିବା ସିସିଟିଭି ଏବଂ ବଜାରରେ ରହିଥିବା ଅନ୍ୟ ସିସିଟିଭି ଫୁଟେଜ୍‌କୁ ଆଧାରକରି ତଦନ୍ତ ଚଳାଇଛି। ରାତିରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

### ବଡ଼ପୋଖରିଆ ଶାନ୍ତି କମିଟି ସମ୍ପାଦକଙ୍କ ପରଲୋକ

**ନିରାକାରପୁର,୨୮।୯(ମାନସ ଚନ୍ଦ୍ର ପଟ୍ଟନାୟକ)**

ବଡ଼ପୋଖରିଆ ପଞ୍ଚାୟତ ଶାନ୍ତି କମିଟି ସମ୍ପାଦକ ରବୀନ୍ଦ୍ର ବଳିୟାରସିଂହ(୬୨)ଙ୍କ ପରଲୋକ ହୋଇଯାଇଛି। ଅଞ୍ଚଳରେ ଶାନ୍ତି ସ୍ଥାପନା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସେ ଜଣେ ପରୋପକାରୀ, ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ରାଜେନ୍ଦ୍ର କୁମାର ବଳିୟାରସିଂହ ମୁଖାଗ୍ନି ଦେଇଥିଲେ। ତିନି ଝିଅ, ଜ୍ୱାଇଁ, ପରିବାରବର୍ଗ, ଗ୍ରାମବାସୀଙ୍କ ସମେତ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ମଣ୍ଡଳ ସଭାପତି ସାଗର ବାରିକ, ପୂର୍ବତନ ଜିଲା ପରିଷଦ ସଭ୍ୟା ମମତା ଜେନା, ସାମାଜିକ କର୍ମୀ ବାପି ଜେନା, ବିଧାୟକଙ୍କ ପ୍ରତିନିଧି ଭାଗୀରଥି ସାମନ୍ତରାୟ, ପୂର୍ବତନ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ଜେନା ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସାମାଜିକ କର୍ମୀ ଡ. ସଞ୍ଜୟ କୁମାର ପଟ୍ଟନାୟକ, ଭାଜପା ନେତା ଦିଲୀପ ହୋତା, ଟାଙ୍ଗୀ ବ୍ଲକ ଖବରଦାତା ସଙ୍ଘ ସଭାପତି ପଦ୍ମନାଭ ବିଶ୍ୱାଳ, ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ମନୋଜ ପଟ୍ଟନାୟକ, ମଣ୍ଡଳ ସଭାପତି ରମାକାନ୍ତ ଜେନା, ମାଧବ ମହାନ୍ତି, ଅଜୟ ପାଇକରାୟ, ଶିକ୍ଷାବିତ୍ ଲିଙ୍ଗରାଜ ପାଇକରାୟ, ଲିଙ୍ଗରାଜ ସାମନ୍ତସିଂହାର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।



ନବରାତ୍ରର ସପ୍ତମ ଦିବସରେ ରବିବାର ଟାଙ୍ଗୀ ବ୍ଲକ୍ ରାଉତପଡ଼ା ପଞ୍ଚାୟତ ଅଧୀନ ମା'ଉଗ୍ରତାରା ଏବଂ ରାମେଶ୍ୱର ପଞ୍ଚାୟତର ମା' ବନଦୁର୍ଗା କାଳରାତ୍ରି ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

### ଡଙ୍ଗାରେ ପଡ଼ି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ଟାଙ୍ଗୀ,୨୮।୯(ରଘୁନାଥ ସାହୁ)**

ଚିଲିକାରେ ମାଛ ବାହାଣ କରୁଥିବା ବେଳେ ଡଙ୍ଗାରେ ପଡ଼ିଯିବାରୁ ରବିବାର ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ମାନସିଂହପୁର ଗ୍ରାମର ଜଗନ୍ନାଥ ବେହେରା(୩୦)। ସୂଚନା ମୁତାବକ, ସକାଳେ ଜଗନ୍ନାଥ ଚିଲିକାରେ ମାଛ ବାହାଣ କରିବା ପାଇଁ ଡଙ୍ଗା ନେଇ ଯାଇଥିଲେ। ମାଛ ବାହାଣ କରୁଥିବା ବେଳେ ଅସାବଧାନତା ବଶତଃ ସେ ଡଙ୍ଗାରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଅନ୍ୟ ମତ୍ସ୍ୟଜୀବୀମାନେ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ଗାହାଣୀ ଯାତ୍ରାରେ ମା' ଗୌରୀଙ୍କ କାଳରାତ୍ରି ବେଶ

**ଟାଙ୍ଗୀ,୨୮।୯(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରତନପୁର ଛେଳିଆସାହିରେ ଚାଲିଥିବା ଗାହାଣୀ ଯାତ୍ରାରେ ରବିବାର ସ୍ୱତନ୍ତ୍ର ନୀତିକାନ୍ତି ହୋଇଛି। ମା' ଗୌରୀ କାଳରାତ୍ରି ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ପ୍ରାତଃରେ ମଙ୍ଗଳଆଳତି, ସୂର୍ଯ୍ୟ ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ ସହିତ ବାଲଭୋଗ ଏବଂ ସନ୍ଧ୍ୟା ଆଳତିରେ ବହୁ ଭକ୍ତ ଯୋଗଦେଇ ମା'ଙ୍କର ଏହି ଦିବ୍ୟ ବେଶ ଦର୍ଶନ କରିଥିଲେ।



## 'ପରମ ବୈଭବଶାଳୀ ରାଷ୍ଟ୍ର ଗଠନ ଲକ୍ଷ୍ୟ'

### ଆର୍‌ଏସ୍‌ଏସ୍ ଶତାବ୍ଦୀ ଉତ୍ସବ ସମାରୋହ

**ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଶତାବ୍ଦୀ ଉତ୍ସବ ସମାରୋହ ଆରମ୍ଭ ହୋଇଯାଇଛି। ଏହି ଅବସରରେ ରବିବାର ଖୋର୍ଦ୍ଧା ନଗର ପକ୍ଷରୁ ବିଶାଳ ପଥ ସଂଚଳନ ଏବଂ ଶତାବ୍ଦୀ ସମାରୋହ ଉତ୍ସବ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ୫ଶହରୁ ଊର୍ଦ୍ଧ୍ୱ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶରେ ଘୋଷବାଦ୍ୟ ତାଳେତାଳେ ନଗର ପରିକ୍ରମା କରି ବିଜେବି ହାଇସ୍କୁଲଠାରେ ପହଞ୍ଚିଥିଲେ। ସେଠାରେ ସ୍ୱୟଂସେବକମାନେ ଶାରୀରିକ ବ୍ୟାୟାମ, ଦଣ୍ଡ ଏବଂ ଘୋଷର ପ୍ରଦର୍ଶନୀ କରିଥିଲେ।

ଆୟୋଜିତ ସମାରୋହରେ ଆର୍‌ଏସ୍‌ଏସ୍ ପୂର୍ବ ପ୍ରାନ୍ତ ସଦ୍‌ଭାବନା ପ୍ରମୁଖ ଇଂ. ପ୍ରଭାତ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ସଂଘର ଗୌରବମୟ ଇତିହାସ ଏବଂ ଶତାବ୍ଦୀ ବର୍ଷ ସମ୍ପର୍କରେ କହିଥିଲେ। ଭାରତରେ ଜ୍ଞାନୀଗୁଣୀ, ବୀରତ୍ୱ, ତ୍ୟାଗ, ବଳିଦାନ, ସାଧୁସନ୍ଥ ତଥା ଐଶ୍ୱର୍ଯ୍ୟଶାଳୀ ସତ୍ତ୍ୱେ ଦୀର୍ଘବର୍ଷ ଧରି କାହିଁକି ପରାଧୀନତା ରଜ୍ଜୁରେ ରହିଲା, ଏହା ଡକ୍ଟରଜୀଙ୍କ ମନକୁ ଆନ୍ଦୋଳିତ କରିଥିଲା। ସେ ଜଣେ ଆଜନ୍ମ ଦେଶଭକ୍ତ ଥିଲେ। ପିଲାବେଳୁ ସ୍କୁଲରେ ୟୁନିୟନ ଜାକ୍ ପତାକାକୁ ବାହାର କରିବା, ରାଣୀ ଭିକ୍ଟୋରିଆଙ୍କ ଜନ୍ମଦିନ ମିଠେଇ ଖାଇବାକୁ ମନା କରିବା, ପରେ କ୍ରାନ୍ତିକାରୀ ସଙ୍ଗଠନ, କିଛି ଦିନ ଜାତୀୟ କଂଗ୍ରେସରେ ଯୋଗଦେଇ ଜେଲ ଯାଇଥିଲେ। ଜେଲରେ ଥିବା ସମୟରେ ଏହି ପରାଧୀନତାର ପ୍ରଶ୍ନରୁ ସଂଘର ସୃଷ୍ଟି। ଖେଳପଡିଆରେ କେତେଜଣ ପିଲାଙ୍କୁ ଡ. କେଶବ ବଳିରାମ ହେଡ୍‌ଗୱାର ଭାରତବର୍ଷର ଏକ ଉଜ୍ଜ୍ୱଳ ଭବିଷ୍ୟତ ଲକ୍ଷ୍ୟ ନେଇ ସଂଘ ଆରମ୍ଭ କରିଥିଲେ। ଲକ୍ଷ୍ୟ ପରମ ବୈଭବଶାଳୀ ରାଷ୍ଟ୍ର ଗଠନ। ସଂଘ ଶାଖାରେ ସ୍ୱୟଂସେବକଙ୍କୁ ଦେଶ, ମାତୃତ୍ୱର ଭାବଧାରାରେ ଗଢ଼ାଯାଇଥାଏ। ବ୍ୟକ୍ତି ସଂସ୍କାରିତ ହେଲେ କାର୍ଯ୍ୟରେ ପ୍ରଭାବ ପଡ଼ିବ। ନିତ୍ୟ ବୈଚାରିକ ଲଢ଼େଇ ଜାରି ରହିଛି। ସଂସ୍କାରିତ ବ୍ୟକ୍ତି ହିଁ ସମାଜରେ ପରିବର୍ତ୍ତନ ଆଣିପାରିବେ। ବ୍ୟକ୍ତି ନିର୍ମାଣରୁ ରାଷ୍ଟ୍ର ନିର୍ମାଣ ହୋଇଥାଏ। ସଂଘ କିଛି କରେ ନାହିଁ, ବରଂ ଶାଖାରୁ ପ୍ରସ୍ତୁତ ସ୍ୱୟଂସେବକମାନେ ସମାଜ ପରିବର୍ତ୍ତନରେ ଲାଗିଛନ୍ତି। ୧୯୨୫ ମସିହା ବିଜୟା ଦଶମୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍‌ଏସ୍) ପ୍ରତିଷ୍ଠା ହୋଇଥିଲା। ସାରା ବିଶ୍ୱରେ ସଂଘ ସମାଜକୁ ମାର୍ଗଦର୍ଶନ କରୁଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନ୍ୟାୟିକ ଅଧିକାରୀ ସୁରେନ୍ଦ୍ର ନାଥ ପାଢ଼ୀ ମୁଖ୍ୟ ଅତିଥି, ଜିଲା ସଂଘଚାଳକ ନିରଞ୍ଜନ ସାହୁ, ନଗର ସଂଘ ଚାଳକ କିଶୋର ଚନ୍ଦ୍ର ବରାଳ ପ୍ରମୁଖ ମଞ୍ଚାସୀନ ଥିଲେ। ନଗର କାର୍ଯ୍ୟବାହ ପ୍ରଶାନ୍ତ ବେହେରା ଓ ଅନ୍ୟମାନେ ପରିଚାଳନା କରିଥିଲେ।




ସମାରୋହରେ ମଞ୍ଚାସୀନ ଅତିଥି।

### ନଭେମ୍ବର ୧ରୁ ଶରତ ରାସ ମହୋତ୍ସବ



ବୈଠକରେ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଅତିଥି।

**ବେଗୁନିଆ,୨୮।୯(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମର ଆରାଧ ବାବା ସୋମନାଥ ଦେବଙ୍କ ପୀଠରେ ରବିବାର ଶରତ ରାସ ମହୋତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ହରିବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷାବିତ୍ ଶରତ କୁମାର ଦାଶଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ମୁଖ୍ୟବକ୍ତା, ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନ, ମଳିପଦର ଆମ ଗାଁ ମହୋତ୍ସବ ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ, ଉପଦେଷ୍ଟା ପରେଶ କୁମାର ଜଗଦ୍ଦେବ, ସମ୍ପାଦକ ଦିବ୍ୟସିଂହ ରଣା, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ସମାଜସେବୀ ବ୍ରଜବନ୍ଧୁ ପଣ୍ଡା, ଦାଶରଥି ମହାପାତ୍ର, ପ୍ରଦୀପ କୁମାର ବଡ଼ଜେନା, ରାଜୀବ ରଣା, ବଳରାମ ରଣା, କାହ୍ନୁଚରଣ ସାହୁ, ସୁଧିର କୁମାର ବଡ଼ଜେନାଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ମହୋତ୍ସବକୁ ସଫଳ କରିବା ପାଇଁ ମତ ଉପସ୍ଥାପନ କରିଥିଲେ। ଏହି ମହୋତ୍ସବ ନଭେମ୍ବର ୧ରୁ ୫ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ଥିର ହେବା ସହ ବିଧାୟକ ସାହୁଙ୍କୁ ସ୍ଥାୟୀ ସଭାପତିଭାବେ ମନୋନୀତ କରାଯାଇଛି। ଦୁର୍ଗାପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ସାରସ୍ୱତ ସାଧକ ଥିଲେ ଲକ୍ଷ୍ମୀଧର

**ବେଗୁନିଆ,୨୮।୯(ହର ପ୍ରସନ୍ନ ପଣ୍ଡା)**

ସୁସାହିତ୍ୟିକ ତଥା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଲକ୍ଷ୍ମୀଧର ମହାପାତ୍ରଙ୍କ ରଚିତ କବିତା ଗୁଚ୍ଛ 'ନୀତି ମାଳିକା' ରବିବାର ଉନ୍ମୋଚିତ ହୋଇଯାଇଛି। ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଆଦର୍ଶ କ୍ଲବ ପରିସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ସଂସଦର ସଭାପତି ପ୍ରଫେସର ଡ. ହରିପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ବିଷ୍ଣୁପ୍ରସାଦ କର ଓ ଗାୟକ ବସନ୍ତ ଦାସଙ୍କ ମଙ୍ଗଳାଚରଣ ପାଠ କରିଥିଲେ। ଦିବଂଗତଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ସହିତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ତାଙ୍କ ରଚନା ଓ ସ୍ୱର ସଂଯୋଜନାରେ ଛାତ୍ରୀ ସୁଶ୍ରୀ ସଙ୍ଗୀତା ଦାସ ଓ ବୀଣାପାଣି କର ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ନାଟ୍ୟକାର ଡ. ବନବିହାରୀ ମହାପାତ୍ର ମୁଖ୍ୟ ଅତିଥି, ଡା. ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟବକ୍ତା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାପାତ୍ର ଏକାଧାରରେ ଜଣେ ସାରସ୍ୱତ ସ୍ରଷ୍ଟା, ଆଦର୍ଶ ଶିକ୍ଷକ ଓ ଅନନ୍ୟ ଉପସ୍ଥାପକ ଥିଲେ ବୋଲି ମତପ୍ରକାଶ ପାଇଥିଲା। ଆରିକେମାସ୍ଥିତ ବଣମଲ୍ଲୀ ସାହିତ୍ୟ ସଂସଦ ପକ୍ଷରୁ କବିଙ୍କ ପରିଜନଙ୍କୁ ତାଙ୍କ ଆଜୀବନ ସାହିତ୍ୟ ସାଧନା ପାଇଁ ମରଣୋତ୍ତର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। କବି ଲୁଣ୍ଠୁ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ଡ. ଅଖିଳେଶ ପ୍ରସାଦ ପଣ୍ଡା, ଅଧ୍ୟାପକ ରଙ୍କନିଧି ବଳିୟାରସିଂହ, କବୟିତ୍ରୀ ମାନସୀ ଦାସ, ଡ. ଗୀତାଞ୍ଜଳି ମହାପାତ୍ର, ଶ୍ରୀନିବାସ ବାଘସିଂହ, ସୁରେନ୍ଦ୍ର ପାଲ୍‌ଟାସିଂହ, ଦିବ୍ୟଲୋଚନ ଭାରିମଲ୍ଲ, ବ୍ରଜମୋହନ ନିଶଙ୍କ, ଇଂ. ରାମ ମାନସ ପଣ୍ଡା, ରସାନନ୍ଦ ସାମନ୍ତରାୟ, କୈଳାସ ନାଥ ପଟ୍ଟନାୟକ, ପ୍ରଧାନଶିକ୍ଷକ ଦିବାକର ସାହୁ, ବସନ୍ତ ହୋତା, ତ୍ରିଲୋଚନ ଗଡ଼ବାଡ଼, ସଦାନନ୍ଦ ମହାପାତ୍ର, ଦୀନବନ୍ଧୁ ଦାଶ, ବ୍ରଜବନ୍ଧୁ ପଣ୍ଡା, ଶ୍ୟାମସୁନ୍ଦର ସାହୁ, ଫକୀର ଚରଣ ଛୋଟରାୟ, ଅଶ୍ୱିନୀ ପଟ୍ଟନାୟକ, ସରୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କବି ବସନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

### ମା' ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ: ସେମିଫାଇନାଲରେ ପଟିଆ

**ବୋଲଗଡ଼,୨୮।୯(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ବାଙ୍କୋଇ କଚେରିବର କବାଡ଼ି ଖେଳପଡ଼ିଆରେ ମା' ରାମଚଣ୍ଡୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୫ତମ ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟର ରବିବାର ଅନୁଷ୍ଠିତ ତୃତୀୟ ଲିଗ୍ ମ୍ୟାଚ୍‌ରେ ନୟାଗଡ଼ ବାଦଭୂଇଁ ଟିମ୍‌କୁ ୩ ପଏଣ୍ଟ ଅଧିକ ବ୍ୟବଧାନରେ ହରାଇ ଭୁବନେଶ୍ୱରର ପଟିଆ ଟିମ୍ ବିଜୟୀ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ସୁଦ୍ଧା ପଟିଆ ଟିମ୍ ୧୨ ପଏଣ୍ଟ ହାସଲ କରିଥିବା ବେଳେ ବାଦଭୂଇଁ ୧୫ ପଏଣ୍ଟ ପାଇ ଆଗୁଆ ରହିଥିଲା। ତେବେ ମ୍ୟାଚ୍‌ର ନିର୍ଦ୍ଧାରିତ ଶେଷ ସୁଦ୍ଧା ବାଦଭୂଇଁ ଟିମ୍ ୨୮ ପଏଣ୍ଟ ପାଇଥିବା ବେଳେ ପଟିଆ ଟିମ୍ ୩୧ ପଏଣ୍ଟ ହାସଲକରି ମ୍ୟାଚ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ରେଫରି ଭାବେ ଭାଗୀରଥି ଜେନା, ଗୋପାଳ ଚନ୍ଦ୍ର ମହାନ୍ତି, ନୀଳକଣ୍ଠ ବେହେରା, ଅଜୟ ବଳିୟାରସିଂହ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ମାନସ କୁମାର ବେହେରା, ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ଗୁଣନିଧି ପାଇକରାୟ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚତୁର୍ଥ ଲିଗ୍ ମ୍ୟାଚ୍ ପୁରୀ ଜିଲା ପିପିଲି ଟିମ୍ ଏବଂ ଭୁବନେଶ୍ୱର ୟୁନିଟ୍-୯ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୁରେଶ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି।



### ପରିଛଳ କପ୍: ଯଦୁପୁର କ୍ଲବ୍ ବିଜୟୀ

**ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)**

ପରିଛଳ ୟୁଥ୍ କ୍ଲବ୍ ଦ୍ୱାରା ଆୟୋଜିତ ୩୩ତମ ପରିଛଳ କପ୍ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ଯଦୁପୁର କ୍ରିକେଟ କ୍ଲବ୍ ବିଜୟୀ ହୋଇଛି। ରବିବାର ସ୍ଥାନୀୟ ଖେଳପଡିଆର ଯଦୁପୁର କ୍ଲବ୍ ଏବଂ ମାଣିଆବନ୍ଧ କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଯଦୁପୁର କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ୧୦ଉଇକେଟ ବିନିମୟରେ ୧୮୯ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମନୋଜ ବେହେରା ୬୨ ଏବଂ ମହମ୍ମଦ ସୁଲେମାନ ୨୯ ରନ କରିଥିଲେ। ବିପକ୍ଷ ଦଳର ଆକାଶ ନାୟକ ୪ ଉଇକେଟ ନେଇଥିଲେ। ଜବାବରେ ମାଣିଆବନ୍ଧ ଟିମ୍ ୧୪୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଡି. ରାଉତ ୪୭ ଏବଂ କାକୁନ ୨୯ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ମହମ୍ମଦ ସୁଲେମାନ ୩ଟି ଉଇକେଟ ନେଇଥିଲେ। ଶ୍ରୀନିବାସ ବାରିକ ଏବଂ ଅନୁପ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ଷଣ୍ଢ ଯୋଗଦେଇ ମନୋଜ ବେହେରାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହେଲେ ହିମାଂଶୁ

ପୁରୀ,୨୮।୯ (ଅଜିତ୍ କୁମାର ମହାନ୍ତି)



ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାରେ ପୁରୀ ମୁକୁନ୍ଦମିଶ୍ର ନଗରର ହିମାଂଶୁ ମହାନ୍ତି କୃତକାର୍ଯ୍ୟ ହୋଇଛନ୍ତି। ମୃତ୍ୟୁଞ୍ଜୟ ମହାନ୍ତି ଓ ଗୀତାଞ୍ଜଳି ମହାନ୍ତିଙ୍କ ପୁଅ ହିମାଂଶୁ ୧୪୪ତମ ର୍‍ୟାଙ୍କ ସହ ଏହି ସଫଳତା ହାସଲ କରିଛନ୍ତି। ହିମାଂଶୁ ଏବେ ରାଉରକେଲାରେ ଘରୋଇ ଅନୁଷ୍ଠାନ ଆଇଏଫଜିଏଲ୍‌ରେ ବରିଷ୍ଠ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ସେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ସେବା କରିବା ପାଇଁ ଛୋଟବେଳୁ ମନସ୍ଥ କରିଥିଲେ। ସେହି ଲକ୍ଷ୍ୟ ନେଇ ସେ ପ୍ରସ୍ତୁତି ଆରମ୍ଭ କରିଥିଲେ। ପୁରୀ ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର ସ୍କୁଲରୁ ବିଦ୍ୟାରମ୍ଭ କରିଥିବାବେଳେ ୨୦୧୦ରେ ଦଶମ ବୋର୍ଡ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ କରିଥିଲେ। ଭୁବନେଶ୍ୱର ବିଜେବି କଲେଜରେ ଯୁକ୍ତ୨ ପଢ଼ିବା ପରେ ରାଉରକେଲା ଏନ୍‌ଆଇଟିରୁ ୨୦୧୭ରେ ବି.ଟେକ୍ ଡିଗ୍ରୀ ହାସଲ କରିଥିଲେ। ପରେ ସେ ଜାମସେଦପୁରରେ ଏକ ଘରୋଇ ସଂସ୍ଥାରେ ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲେ। ଏଥିସହ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ମଧ୍ୟ କରିଆସୁଥିଲେ। ଲୋକଙ୍କ ପାଇଁ ସେବା କରିବାର ଇଚ୍ଛା ରଖିଥିବା ହିମାଂଶୁ ଏହି ସଫଳତା ପାଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି।

### କଣାସରେ ବିଶ୍ୱ ନଦୀ ଦିବସ ପାଳିତ

କଣାସ,୨୮।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ବଡ଼ାସ ପଞ୍ଚାୟତର ବଡ଼ାସ ଗ୍ରାମରେ ପ୍ରତିଷ୍ଠିତ ପଞ୍ଚମୁଖୀ କଲ୍ୟାଣ ମଣ୍ଡପଠାରେ ରବିବାର ପୂର୍ବତନ ସମିତିସଭ୍ୟ ପବିତ୍ର ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ବିଶ୍ୱ ନଦୀ ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱରର ସମସ୍ତ ସ୍ୱେରେଜ୍ ପାଣି ମଞ୍ଚେଶ୍ୱର ଓ ଚନ୍ଦକା ଶିଳ୍ପାଞ୍ଚଳର ପ୍ରଦୂଷିତ ପାଣି ନୟାନଦୀକୁ ଗଗୁଆ ନାଳ ଦେଇ ଆସୁଥିବାରୁ ଦୟାନଦୀ ପାଣି ପ୍ରଦୂଷିତ ହେଉଛି। ଆଗାମୀ ଦିନରେ ଦୟାନଦୀକୁ ପ୍ରଦୂଷଣମୁକ୍ତ କରିବାକୁ ବଡ଼ଗୋଠଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଜନଗଣଙ୍କ ପଦଯାତ୍ରା ଆରମ୍ଭ ହୋଇ ମୁଖ୍ୟମନ୍ତ୍ରୀ ବାସଭବନ ସମ୍ମୁଖରେ ଧାରଣା ଦିଆଯିବା ପାଇଁ ଆଜିର ସଭାରେ ନିଷ୍ପତ୍ତି ହୋଇଥିଲା। ଏଥିରେ ସମସ୍ତ କ୍ଷତିଗ୍ରସ୍ତ ଚାଷୀ, ମତ୍ସ୍ୟଜୀବୀ ଓ ସାଧାରଣ ଜନତା ଯୋଗଦେବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଅଖିଳ ଭାରତ କୃଷକ ମହାସଂଘ ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନ, ପୂର୍ବତନ ସରପଞ୍ଚ ବଳରାମ ପଲେଇ, ଜଗନ୍ନେଶ୍ୱର ଜେନା, ସୁବୋଧ କୁମାର ଦାଶ, ସନ୍ତୋଷ ପଟ୍ଟନାୟକ, ଗଙ୍ଗାଧର ମହାପାତ୍ର, ଧବଳେଶ୍ୱର ପରିଡ଼ା ପ୍ରମୁଖ ନଦୀ ପ୍ରଦୂଷିତ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଶ୍ରୀସିଦ୍ଧବକୁଳ ମନ୍ଦିର ଉନ୍ନୟନ ପାଇଁ ସ୍ମାରକପତ୍ର ପ୍ରଦାନ

ସାକ୍ଷୀଗୋପାଳ,୨୮।୯(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଜାଘର ସତ୍ୟବାଦୀ ବକୁଳବନରେ ଅବସ୍ଥିତ ଶ୍ରୀସିଦ୍ଧବକୁଳ ଠାକୁରଙ୍କ ମନ୍ଦିର ଉନ୍ନୟନ ପାଇଁ ସିଦ୍ଧବକୁଳ ମନ୍ଦିର ଉନ୍ନୟନ ପରିଷଦ ପକ୍ଷରୁ ରବିବାର ଏକ ସ୍ମାରକପତ୍ର ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହନ୍ତ ରଘୁବୀର ଦାସ ମହାରାଜଙ୍କୁ ପ୍ରଦାନ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଉନ୍ନୟନ ପରିଷଦ ଆବାହକ ଆଡ୍‌ଭୋକେଟ ସୁଶାନ୍ତ ରଥ ଅନୁରୋଧ କରିଛନ୍ତି। ସେହିପରି ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର ଓ ସତ୍ୟବାଦୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ରଥ କହିଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ମହାପ୍ରଭୁଙ୍କ ସେନାପଟା ଓ ବାହୁଟଲାଗି ସେବା ପାଇଁ ସତ୍ୟବାଦୀ ବକୁଳବନ ସିଦ୍ଧବକୁଳ ପୀଠରୁ ବଉଳକାଠ ପରମ୍ପରା କ୍ରମେ ସଂଗ୍ରହ କରାଯାଉଛି। ବଉଳକାଠର ଅଭାବ ଦୂରକରି ଶ୍ରୀମନ୍ଦିରର ପ୍ରାଚୀନ ପରମ୍ପରାକୁ ବଜାୟ ରଖିବା ନିମନ୍ତେ ବଉଳ ବାଟିକାର ଯତ୍ନ ଏବଂ ବ୍ୟାପକ ବଉଳଚାରା ରୋପଣ ଉପରେ ଗୁରୁତ୍ୱ ଦିଆଯିବା ନେଇ ଉନ୍ନୟନ ପରିଷଦ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ସହ ଶ୍ରଦ୍ଧାଳୁଙ୍କ ଆବଶ୍ୟକତା ଅନୁଯାୟୀ ପୀଠର ଉନ୍ନୟନ ନିମନ୍ତେ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି।

# ସାର ପାଇଁ ଚାଷୀଙ୍କ ମଧ୍ୟରେ ଠେଲାପେଲା

**କଣାସରେ ୟୁରିଆ ସାର ଯୋଗାଣ ସମୁଦ୍ରକୁ ଶଙ୍ଖେ**

କଣାସ,୨୮।୯(ବିଭୂତି ଭୂଷଣ ତ୍ରିପାଠୀ)

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ପ୍ରଗତି ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ଗଣମାଧ୍ୟମରେ ଡିଣ୍ଡିମ ପିଟୁଥିବା ବେଳେ ଚାଷୀଙ୍କ ପ୍ରଗତି ପାଇଁ ବିଭିନ୍ନ ଯୋଜନାମାନ କରି ବହୁକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଚାଷୀମାନଙ୍କୁ ଠିକ୍ ସମୟରେ ସାର ଯୋଗାଇ ପାରୁ ନ ଥିବାରୁ କଣାସ ବ୍ଲକର ଚାଷୀମାନେ ୟୁରିଆ ସାର ପାଇଁ ହଟହଟା ହେଉଥିବା ଦେଖିବାକୁ ମିଳିଛି। କଣାସଠାରେ ଥିବା ପଞ୍ଚୁପଦ୍ମା ମହିଳା ସମିତି ସାର ବିକ୍ରି କରିବା ପାଇଁ ସରକାରଙ୍କ ଠାରୁ ସ୍ୱୀକୃତି ପାଇଥିବା ବେଳେ ରବିବାର ମାତ୍ର ୬୬୬ ବସ୍ତା ସାର ପହଞ୍ଚିଥିବାରୁ କଣାସ, ସିରେଇ, ତ୍ରିଲୋଚନପୁର, ଦୋକନ୍ଦା, ବଡ଼ାସ, ପାଣ୍ଡିଆକେରା, ଗଡ଼ବଡ଼ପୁଟ, ଗଡ଼ସାନପୁଟ ଗ୍ରାମର ଶହଶହ ଚାଷୀ ସାର ନେବା ପାଇଁ ଭିଡ଼ ଜମାଇବା ସହିତ ଠେଲାପେଲା ହେଉଥିବା ଦେଖିବାକୁ ମିଳିଥିଲା। ସାର ସମ୍ପର୍କରେ ପଞ୍ଚୁପଦ୍ମାର କର୍ମକର୍ତ୍ତାଙ୍କୁ ପଚାରିବାରୁ ସେ କୁହନ୍ତି, ୨ହଜାର ୫ଶହ ବସ୍ତା ସାର ପାଇଁ ଦୀର୍ଘ ଏକ ମାସ ହେଲା ଲେଖି ଜଣାଇବା ପରେ ମାତ୍ର ୬୬୬ ବସ୍ତା ସାର ଆସିଥିବାରୁ ନେବାପାଇଁ ଚାଷୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଆଉ କେତେକ ସ୍ଥାନରେ ସାର ନିର୍ଦ୍ଦିଷ୍ଟ ମୂଲ୍ୟଠାରୁ ଚଢ଼ାଦରରେ ବିକ୍ରି ହେଉଥିଲେ ମଧ୍ୟ କଣାସଠାରେ ନିଯୁକ୍ତି ପାଇଥିବା କୃଷି ଅଧିକାରୀ ସେଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ରାଜ୍ୟ ସରକାର ଚାଷୀମାନଙ୍କ ଆବଶ୍ୟକ ମୁତାବକ ୟୁରିଆ ସାର ଯୋଗାଇଦେବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

## ନିର୍ମାଣ ଶ୍ରମିକ ସହାୟତା ରାଶି ପ୍ରଦାନ ମେଳା




ଜଣେ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି ।

ସାକ୍ଷୀଗୋପାଳ,୨୮।୯(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପୁରୀ ଡିଭିଜନ ଶ୍ରମ କମିଶନର କାର୍ଯ୍ୟାଳୟ ଓ ଅଟଳ ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ସତ୍ୟବାଦୀ ବ୍ଲକ ଛକସ୍ଥିତ ଏକ ମଣ୍ଡପରେ ରବିବାର ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଦେଶର ବିକାଶରେ ଶ୍ରମିକମାନଙ୍କର ଭୂମିକା ଅତୁଳନୀୟ ବୋଲି କହିଥିଲେ। ଉତ୍ସବରେ ମହାସଂଘ ସଭାପତି ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ମଣ୍ଡଳ ଶ୍ରମ କମିଶନର ଚୌଧୁରୀ ସୁବ୍ରତ କୁମାର ଜେନା, ଜିଲା ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ ଯୋଗଦେଇ ହିତାଧିକାରୀଙ୍କୁ ସହାୟତା ରାଶି ବାବଦ ଚେକ୍ ପ୍ରଦାନ କରିଥିଲେ। ୨୩ ଛାତ୍ରୀଛାତ୍ରଙ୍କୁ ୨.୯୪ ଲକ୍ଷ ଟଙ୍କା ଶିକ୍ଷା ସହାୟତା, ୯୯୮ ଜଣଙ୍କୁ ୪ କୋଟି ୯୭ ଲକ୍ଷ ୫୦ ହଜାର ବିବାହ ସହାୟତା, ୯୧ଜଣ ଆର୍ଥିକ ଅନଗ୍ରସରଙ୍କ ଅନ୍ତ୍ୟେଷ୍ଟିକ୍ରିୟା ବାବଦରେ ୪.୫୫ ଲକ୍ଷ ଏବଂ ୯୬ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ପାଇଁ ୨ କୋଟି ୫୮ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ୧୦୦ ଜଣଙ୍କୁ ଶ୍ରମିକ ପରିଚୟପତ୍ର ପ୍ରଦାନ କରାଯାଇଛି। ଅଟଳ ନିର୍ମାଣ ଶ୍ରମିକ ମହାସଂଘ କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ କୁମାର ନନ୍ଦ, ଉପସଭାପତି ସୁଦର୍ଶନ ରାଉଳ, ବିଚିତ୍ର କୁମାର ସାହୁ, ସମ୍ପାଦକ ମହେଶ୍ୱର ମୁଦୁଲିଙ୍କ ସହିତ ବ୍ଲକ ଶ୍ରମ ଅଧିକାରୀ, ମହାସଂଘର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନାରେ କଣାସ ଓ ସତ୍ୟବାଦୀ ବ୍ଲକର ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଉପସ୍ଥିତ ହିତାଧିକାରୀମାନେ ଦେଖିବାର ସୁଯୋଗ ପାଇଥିଲେ।

## ପାଚିକା ସଂଘର ବ୍ଲକସ୍ତରୀୟ ସମ୍ମିଳନୀ, କର୍ମକର୍ତ୍ତା ନିର୍ବାଚନ



ସମ୍ମିଳନୀରେ ଅତିଥିମାନଙ୍କ ଗହଣରେ ପାଚିକା ବୃନ୍ଦ।

ନିମାପଡ଼ା,୨୮।୯(ବିଚିତ୍ରାନନ୍ଦ ସାହୁ)

ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ସଂଘ ନିମାପଡ଼ା ବ୍ଲକ କମିଟି ପକ୍ଷରୁ ତୃତୀୟ ବ୍ଲକ ସମ୍ମିଳନୀ ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ସଂଘର ପୁରୀ ଜିଲା ସଭାପତି ପୀତବାସ ବେହେରା ଯୋଗଦେଇ ଉକ୍ତ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଏହି ସମ୍ମିଳନୀର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ନିରୁପମା ରଥ, ନିମାପଡ଼ା ବ୍ଲକ ନେତ୍ରୀ ଭାରତୀ ପରିଜା, ଶାନ୍ତିଲତା ସାହୁ, ମମତା ଭୋଇ, ନୀହାରିକା ମିଶ୍ର, ସୁଷମା ବାରିକ, ରୀତି ସ୍ୱାଇଁ ପ୍ରମୁଖ ଯୋଗଦେଇ ସଂଘର ସାଙ୍ଗଠନିକ ସ୍ଥିତିକୁ ଅଧିକ ମଜଭୁତ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ୩ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଆଗାମୀ ୩ବର୍ଷ ପାଇଁ ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ଚୟନ କରାଯାଇ ଏକ ୨୫ଜଣିଆ କମିଟି ଗଠନ କରାଯାଇ ସଭାନେତ୍ରୀ ଭାବେ ନିରୁପମା ରଥ, ଉପସଭାନେତ୍ରୀ କୁନି ନାୟକ, ସମ୍ପାଦିକା ଭାବେ ଭାରତୀ ପରିଜା, ସହସମ୍ପାଦିକା ଭାବେ ନୀହାରିକା ମିଶ୍ର, କୋଷାଧ୍ୟକ୍ଷ ଭାବେ ବିଶ୍ୱଜିତା ବେହେରାଙ୍କ ସମେତ ଅନ୍ୟ ସଦସ୍ୟାମାନେ ଚୟନ ହୋଇଥିଲେ। ଏହି ସମ୍ମିଳନୀରେ ୯୦ଜଣ ପାଚିକା ଯୋଗଦେଇଥିଲେ।

## ବୃଦ୍ଧାଙ୍କୁ ଆକ୍ରମଣ ଅଭିଯୋଗ

ବଳଙ୍ଗା,୨୮।୯(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ରୂପଦେଇପୁର ପଞ୍ଚାୟତ ଚକସୋଲଣା ଗ୍ରାମର ଜଣେ ୭୫ ବର୍ଷୀୟା ବୃଦ୍ଧାଙ୍କୁ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ବୃଦ୍ଧା ଗୁରୁତର ହୋଇ ସାକ୍ଷୀଗୋପାଳ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବଳଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଅଭିଯୋଗକୁ ଗ୍ରହଣ କରି ଥାନା କେସ୍ ନଂ. ୨୧୩/୨୫ରେ ଏକ ମାମଲା ରୁଜୁ କରିଛନ୍ତି। ଅଭିଯୋଗକାରୀ ଚକସୋଲଣା ଗ୍ରାମର କୃଷ୍ଣଚନ୍ଦ୍ର ଜେନା ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ବୋଉ ସୁନାମଣି ଜେନା(୭୫) ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ କୃଷ୍ଣଙ୍କ ଜାଗାକୁ ଲାଗି ପଡ଼ୋଶୀ ଘର ଭାସ୍କର ଜେନାଙ୍କ ଜାଗାଥିବାରୁ ତାଙ୍କ ପୁଅ ପବିତ୍ର ଜେନା ଓ ଝିଅ ଲିଜା ଜେନା ୨୨ତାରିଖରେ ବାଡ଼ିରୁ ଘାସ ଓ ଅଳିଆକୁ କୃଷ୍ଣଙ୍କ ବାରିକୁ ଫୋପାଡ଼ି ଦେଇଥିଲେ। କୃଷ୍ଣଙ୍କ ବୋଉ ଏହା ଦେଖି ଅଭିଯୁକ୍ତମାନଙ୍କୁ କିଛି ନ କହି ଘାସ ଓ ଅଳିଆକୁ ଗୋଟାଇ ଭାସ୍କର ଜେନାଙ୍କ ଘରର ନଡ଼ିଆ ଗଛମୂଳେ ଗଦାଇଥିଲେ। କିଛି ସମୟ ପରେ ୨ଜଣ ଅଭିଯୁକ୍ତ ପାଖକୁ ଚିହିଁକି ଆସିଲେ। ଅଶ୍ରାବ୍ୟ ଭାଷାରେ ଗାଳିମନ୍ଦ ମଧ୍ୟ କରି କହିଥିଲେ କାହିଁକି ଆମ ନଡ଼ିଆ ଗଛମୂଳେ ଅଳିଆ ଘାସ ପକେଇଲୁ। କୃଷ୍ଣଙ୍କ ମା’ ପ୍ରତିବାଦ କରିବାରୁ ଲିଜା ଜେନା ବୃଦ୍ଧାଙ୍କ ଦୁଇ ହାତକୁ ଧରି ତଳେ ପକାଇ ବିଧା ଗୋଇଠା ମାରିଥିଲେ। ପବିତ୍ର ଜେନା ହାତରେ ଏକ କାଠଫାଳିଆ ଧରି ଜୀବନରୁ ମାରିଦେବି ବୋଲି କହି ବୃଦ୍ଧାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଏକ ଶକ୍ତ ପ୍ରହାର ପକାଇଥିଲେ। ମୁଣ୍ଡରେ କାଠଫାଳିଆ ମାଡ଼ହୋଇ ଘଟଣାସ୍ଥଳରେ ବାନ୍ତି ହେବାରୁ ବୃଦ୍ଧା ସେଠାରେ ଚେତାଶୂନ୍ୟ ହୋଇଗଲେ। ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ସାକ୍ଷୀଗୋପାଳ ନେଇ ଚିକିତ୍ସା କରି ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି।

## ମା’ ଦୁର୍ଗାଙ୍କ ଶାରଦୀୟ ପାର୍ବଣ ପୂଜା ଆରମ୍ଭ



ପୂଜା ପାଇଁ କଳସରେ ଜଳ ଆଣୁଛନ୍ତି ।

କୋଣାର୍କ,୨୮।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କଠାରେ ନରସିଂହ ଦେବ ଦୁର୍ଗାପୂଜା କମିଟି ପକ୍ଷରୁ ଜଗଜ୍ଜନନୀ ମା’ ଦୁର୍ଗାଙ୍କ ଶାରଦୀୟ ପାର୍ବଣ ପୂଜା ନିମନ୍ତେ ପବିତ୍ର ଚନ୍ଦ୍ରଭାଗା ତୀର୍ଥରୁ ପାଣିତୋଳା ନୀତି ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ସମ୍ପନ୍ନ କରାଯାଇଛି। କୋଣାର୍କଠାରେ ମା’ ଦୁର୍ଗାଙ୍କ ଘଟ ପ୍ରତିଷ୍ଠା ଓ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ସହ ପାର୍ବଣ ପୂଜା ନିମନ୍ତେ ରବିବାର ସନ୍ଧ୍ୟାରେ ନରସିଂହ ଦେବ ଦୁର୍ଗା ପୂଜା କମିଟି ପକ୍ଷରୁ ପାଣିତୋଳା କାର୍ଯ୍ୟ ଶେଷ ହୋଇଛି। ନରସିଂହ ଦେବ ଦୁର୍ଗାପୂଜା କମିଟିର କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବାହାରି ଘଣ୍ଟ ଘଣ୍ଟାର ତାଳେ ତାଳେ ଆଧ୍ୟାତ୍ମିକ ପରିବେଶରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀଠାରେ ପହଞ୍ଚିଥିଲେ। ସେଠାରେ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ସମ୍ପାଦନ କରାଯାଇ ତୀର୍ଥରୁ ପବିତ୍ର ଜଳ ଅଣାଯାଇ ମଣ୍ଡପରେ ଅବସ୍ଥାପିତ କରାଯାଇଥିଲା। ମହାସପ୍ତମୀ ମଧ୍ୟରାତି ତିଥିରେ ମା’ ଦୁର୍ଗାଙ୍କ ଘଟ ସ୍ଥାପନ, ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ପରେ ଜଗଜ୍ଜନନୀ ମା’ ଦୁର୍ଗାଙ୍କ ଶାରଦୀୟ ପାର୍ବଣ ପୂଜା ଆରମ୍ଭ ହେବ। ମା’ ଦୁର୍ଗାଙ୍କ ପାଣିତୋଳା କାର୍ଯ୍ୟକ୍ରମରେ ନରସିଂହ ଦେବ ଦୁର୍ଗାପୂଜା କମିଟିର ମୁଖ୍ୟ ଉପଦେଷ୍ଟା ଗୋପାଳ ଚନ୍ଦ୍ର ବେହେରା, ଉପଦେଷ୍ଟା ରାମକୃଷ୍ଣ ମହାନ୍ତି, ସଭାପତି ସୁଶାନ୍ତ କୁମାର ମହାନ୍ତି, ଉପସଭାପତି ପ୍ରମୋଦ ଛୋଟରାୟ, ସମ୍ପାଦକ ନଟବର ମହାରଣା, କୋଷାଧ୍ୟକ୍ଷ ବୀରବର ସ୍ୱାଇଁ, ସୁବୋଧ ଖଟୁଆ ସମେତ ସଂଗଠନର କର୍ମକର୍ତ୍ତାମାନେ ସାମିଲ ଥିଲେ।

## ନିୟମ ଭାଙ୍ଗି ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହାକୁ ନେଇ ସେବାୟତଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବର୍ଷ ବର୍ଷ ଧରି ଚାଲି ଆସିଥିବା ଶ୍ରୀମନ୍ଦିର ପରମ୍ପରା ଭାଙ୍ଗିଥିବା ନେଇ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ରବିବାର ରାତିରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଜିଲାର କେତେଜଣ ବିଧାୟକ ମହାପ୍ରଭୁଙ୍କ ଦର୍ଶନ କରିବା ନିମନ୍ତେ ଶ୍ରୀମନ୍ଦିରକୁ ଆସିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ପୂର୍ବତନ ବିଧାୟକ, ଭାଜପା ବିଧାୟକ, ଜିଲାସ୍ତରୀୟ ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଇଥିଲେ। ଅପରପକ୍ଷରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାତ୍ର ପହୁଡ଼ ନିମନ୍ତେ ନୀତି ଜାରି ରହିଥିଲା। ପଲଙ୍କ ବିଜେ ନୀତି ସମ୍ପନ୍ନ ହୋଇଥିଲା। ଆଳତି ମଧ୍ୟ ଶେଷ ହୋଇଥିଲା। ନିଦ୍ରା ଦେବୀ ବିଜେ ହେବାକୁ ପ୍ରସ୍ତୁତ ହୋଇଥିଲେ। ଏହି ସମୟରେ କେନ୍ଦ୍ରମନ୍ତ୍ରୀ, ବିଧାୟକ, ପୂର୍ବତନ ବିଧାୟକଙ୍କ ସହ କେତେଜଣ କର୍ମୀ ଓ ନେତା ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ଡେଇଁ ଭିତରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏପରିକି କେତେଜଣ ମହିଳା ମଧ୍ୟ ତାଙ୍କ ସହ ଥିଲେ। ନିୟମ ଅନୁଯାୟୀ ଚନ୍ଦନ ଲାଗି ସମ୍ପନ୍ନ ହେବା ପରେ ଭିତରକାଠ ନିକଟକୁ ଭକ୍ତଙ୍କ ପ୍ରବେଶ ଉପରେ ବାରଣ ରହିଛି। ଭିଆଇପି, ଭିଭିଆଇପିଙ୍କୁ ବି ଛଡ଼ାଯାଏ ନାହିଁ। ଏପରିକି ସେବାୟତ ଘରର ମହିଳାଙ୍କ ପ୍ରବେଶ ଉପରେ ବାରଣ ରହିଛି। ରବିବାର ନିୟମକୁ ଉଲ୍ଲଂଘନ କରି ଭାଜପାର କେନ୍ଦ୍ରୀୟ ନେତା, ବିଧାୟକ, କର୍ମୀ ମିଶି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ପ୍ରବେଶ କରିଥିଲେ। ଏପରିକି ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ ରହିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସେବାୟତଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ, ପୁରୀବାସୀ ଓ ଭକ୍ତମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ପରମ୍ପରା ଭାଙ୍ଗିଥିବା ନେତା ଓ ସହଯୋଗ କରିଥିବା ସେବାୟତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାମାଜିକ କର୍ମୀ ତଥା ଆଇନଜୀବୀ ଦିଲୀପ କୁମାର ବରାଳ ଦାବି କରିଛନ୍ତି। ତେବେ ସୁରକ୍ଷା ବ୍ୟବସ୍ଥାରେ ଥିବା ସୁରକ୍ଷା କର୍ମୀମାନେ କାହିଁକି ଅଟକାଇଲେ ନାହିଁ ତାହାକୁ ନେଇ ମଧ୍ୟ ବରାଳ ପ୍ରଶ୍ନ ଉଠାଇଛନ୍ତି।

## ଗାଁ ପାଇଁ ଗୌରବ ଆଣିଲେ ମୋନାଲିସା

ଚାରିଛକ,୨୮।୯(ଶିଶିର କୁମାର ସ୍ୱାଇଁ)

ନିମାପଡ଼ା ନିର୍ବାଚନମଣ୍ଡଳୀ ଛଣିଜଙ୍ଗ ପଞ୍ଚାୟତ ବିଲସାହି ଗ୍ରାମର ଧର୍ମାନନ୍ଦ ଦାସ ଓ ଆରତି ଦାସଙ୍କ ସୁକନ୍ୟା ମୋନାଲିସା ଦାସ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୨୧୦ ର୍‍ୟାଙ୍କ୍ ରଖି ଉତ୍ତୀର୍ଣ୍ଣ ହୋଇ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶ ତାଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମୋନାଲିସାଙ୍କ ବାପା ଜଣେ ପୂଜକ ହୋଇଥିବା ବେଳେ ମା’ ଆରତି ମିଶ୍ର ଜଣେ ଗୃହିଣୀ ଅଟନ୍ତି।

## ଓସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ସାହିଲ୍‌ଙ୍କୁ ସମ୍ବର୍ଦ୍ଧନା

ନୟାହାଟ,୨୮।୯ (ମହମ୍ମଦ ସମ୍‌ସୁଲ ଆରେଫିନ)

ଗୋପ ବ୍ଲକ ଈଶାଣପୁର ପଞ୍ଚାୟତ କଦମ୍ବପାଟଣା ଗ୍ରାମର ଆଲୋକ ପାତ୍ର ଓ ସୁବାସିନୀଙ୍କ ପୁଅ ସାହିଲ ଓଡ଼ିଶା ପ୍ରଶାସନିକ ସେବା(ଓସିଏସ୍) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନୟାହାଟ ବଜାର ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶୁଭେଚ୍ଛୁ ଏକ ପଟୁଆରରେ ତାଙ୍କୁ ପାଛୋଟି ନେଇଥିଲେ। ଏହି ଅଞ୍ଚଳରେ ପ୍ରଥମକରି ସାହିଲ୍ ପାତ୍ର ଓସିଏସ୍ ପାଇଥିବା ହେତୁ ଖୁସିର ଲହରି ଖେଳିଯାଇଛି। ନୟାହାଟ ବଣିକ ସଂଘ, ନୟାହାଟ ବରିଷ୍ଠ ନାଗରିକ ମଞ୍ଚ ଓ ଦଳଗତ ନିର୍ବିଶେଷରେ ସମସ୍ତ ନେତୃତ୍ୱ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ବିଷ୍ଣୁପ୍ରିୟାଙ୍କୁ ନ୍ୟାଶନାଲ ଓମେନ୍ ଏଣ୍ଟ୍ରେପ୍ରିନ୍ୟୁୟରଶିପ୍ ଆୱାର୍ଡ

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଗଡ଼ରୋଡଙ୍ଗ ଗ୍ରାମର ବିଷ୍ଣୁପ୍ରିୟା ସ୍ୱାଇଁଙ୍କୁ ନ୍ୟାଶନାଲ ଓମେନ ଏଣ୍ଟରପ୍ରିନ୍ୟୁୟରଶିପ୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ଓଡ଼ିଶା କର୍ପୋରେଟ ଫାଉଣ୍ଡେଶନ ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ ଏକ ସର୍ବଭାରତୀୟ ସମ୍ମିଳନୀରେ ବିଷ୍ଣୁପ୍ରିୟାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ୩୫ ବର୍ଷ ତଳେ ଚିଲିକା ଅଞ୍ଚଳରେ ମହିଳାଙ୍କ ବିକାଶ ପାଇଁ ବିଷ୍ଣୁପ୍ରିୟା ଅଣ୍ଟା ଭିଡ଼ିଥିଲେ। ୩୦ ଜଣ ମହିଳାଙ୍କୁ ନେଇ ମହିଳା ସମିତି ଗଠନ ସହ ମୁଠି ଚାଉଳ ସଂଗ୍ରହ କରି ସଞ୍ଚୟର ମୂଳଦୁଆ ପକାଇଥିଲେ। ଏବେ ୧୦ହଜାର ମହିଳାଙ୍କ ବିକାଶ ଆନ୍ଦୋଳନ ‘ଆଲୋକ ମହିଳା ସଂଗଠନ’ ରୂପ ନେଇ ୯୭ଟି ଗ୍ରାମକୁ ପରିବ୍ୟାପ୍ତ ହୋଇପାରିଛି। ଗାଁ ଗାଁ ରେ ମା’ମାନେ ଏବେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଜଳ, ଜମି, ଜଙ୍ଗଲ ପରିଚାଳନା, ଜୀବନ ଜୀବିକା ସୁରକ୍ଷା, ୨୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାମୀଣ ମହିଳାଙ୍କ ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱ, ନାରୀ ନିର୍ଯାତନା ଓ ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇ ୨୦୯ଟି କେସ୍‌ର ଆପୋଷ ସମାଧାନ, ଶ୍ରମ ବ୍ୟାଙ୍କ ସୃଷ୍ଟି, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା, ଜଳବାୟୁ ପରିବର୍ତ୍ତନ ଦୃଷ୍ଟିରୁ ହେନ୍ତାଳ ବଣ ସୃଷ୍ଟି, ଭୂମିହୀନ ପରିବାର ଚିହ୍ନଟ କରି ପଟ୍ଟା ଦେବା ନିମନ୍ତେ ସରକାରଙ୍କ ସହିତ ଆଲୋଚନା ଆଦି କାର୍ଯ୍ୟକ୍ରମ ବିଷ୍ଣୁପ୍ରିୟାଙ୍କ ଦ୍ୱାରା ହୋଇପାରିଛି। ସେ ପୂର୍ବରୁ ସି. ଶିବରମଣ ଆୱାର୍ଡ, କେୟାର ଇଣ୍ଡିଆ ଆୱାର୍ଡ ଓ ସିଆଇଆଇର ସର୍ବଭାରତୀୟ ମହିଳା ମାର୍ଗଦର୍ଶକ ଆୱାର୍ଡ ପାଇଥିଲେ।




ବିଷ୍ଣୁପ୍ରିୟା ସ୍ୱାଇଁ

## ୩୦୦ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶରେ କଲେ ପଥ ସଞ୍ଚଳନ

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ଉଦ୍‌ଘାଟନ
- ଘୋଷବାଦ୍ୟରେ କମ୍ପିଲା ପିପିଲି ବଜାର

ପିପିଲି,୨୮।୯(ପ୍ରଭାତ କୁମାର ମହାପାତ୍ର)



ସ୍ୱୟଂସେବକ ସଂଘର କର୍ମକର୍ତ୍ତାମାନେ ପଥ ସଞ୍ଚଳନରେ ଯାଉଛନ୍ତି ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ତମ ଶତାବ୍ଦୀ ବର୍ଷ ସାରା ଦେଶରେ ପାଳନ ଅବସରରେ ପିପିଲି ଖଣ୍ଡରେ ମହାଆଡ଼ମ୍ବରରେ ଆୟୋଜିତ ହୋଇଯାଇଛି ଶତାବ୍ଦୀ ଉଦ୍‌ଘାଟନୀ ସମାରୋହ ତଥା ବିଜୟାଦଶମୀ ଉତ୍ସବ। ଏହି ଅବସରରେ ପିପିଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଅଧୀନ ଗ୍ରାମରୁ ୩୦୦ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶରେ ଯୋଗଦାନ କରିଥିଲେ। ସକାଳ ସମୟରୁ ବିଭିନ୍ନ ଶାରୀରିକ ଅଭ୍ୟାସ ଓ ଘୋଷବାଦ୍ୟ ବାଦନ ଅଭ୍ୟାସ କରାଯାଇଥିଲା। ଏକ ସାମୂହିକ ବୈଠକରେ କାର୍ଯ୍ୟକ୍ରମ ରୂପରେଖ ଓ ବୃତ୍ତ କଥନ ପରେ ଶତାବ୍ଦୀ ସ୍ୱାଗତ ପଥ ସଞ୍ଚଳନ ପିପିଲି ସଙ୍କଟମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣରୁ ୩୦୦ ସ୍ୱୟଂସେବକ ପୂର୍ଣ୍ଣ ୟୁନିଫର୍ମରେ ସଂଘ ଘୋଷ ବ୍ୟାଣ୍ଡ ବାଦନରେ ପଥ ସଞ୍ଚଳନରେ ବାହାରି ସମ୍ପୂର୍ଣ୍ଣ ପିପିଲି ବଜାର ଅଞ୍ଚଳ ଦେଇ ପଦାସାହି ଖେଳପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଅପରାହ୍ନ ୪ଟାରେ ପଡ଼ିଆରେ ଶତାବ୍ଦୀ ସମାରୋହ ସଭା ଆୟୋଜନ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇ ଭାରତ ଗଠନରେ ସଂଘର ଭୂମିକାକୁ ପ୍ରଶଂସା କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୁରୀ ବିଭାଗ ବୌଦ୍ଧିକ ସୁଶାନ୍ତ କୁମାର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂଘର ୧୦୦ ବର୍ଷର କାର୍ଯ୍ୟଗତି ଓ ସମାଜ ପରିବର୍ତ୍ତନରେ ସଂଘର ଉଲ୍ଲେଖନୀୟ ଭୂମିକାର ବିଷୟ ରଖିବା ସହିତ ଆଗାମୀ ଦିନରେ ସଶକ୍ତ ଭାରତ ଗଠନରେ ସଂଘର ଶତାବ୍ଦୀ ପ୍ରଭାବ ଉପଲବ୍ଧି। ମଞ୍ଚରେ ଖଣ୍ଡ କାର୍ଯ୍ୟବାହ ରଣଜିତ୍ ପଣ୍ଡା ଉପସ୍ଥିତ ଥିଲେ। ସ୍ୱାଗତ ଅଭିଭାଷଣ ପ୍ରସନ୍ନ କୁମାର ଦାସ ଦେବା ସହ ସହ ଖଣ୍ଡ କାର୍ଯ୍ୟବାହ ଅଭିଷେକ ଲେଙ୍କା ପରିଚୟ ପ୍ରଦାନ କରିଥଲେ। ମୁଖ୍ୟ ଶିକ୍ଷକ ଭାବେ ସଞ୍ଜୀବ ସେଠୀ ଶାରୀରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରଞ୍ଜନ ମହାପାତ୍ର ଓ ମନୋଜ ପ୍ରଧାନ ବ୍ୟବସ୍ଥା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ପୁଣି ଉଡ଼ିଲା ଡ୍ରୋନ୍



ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ବାରମ୍ବାର ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳୁଛି। ରବିବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଛି। ଡ୍ରୋନ୍‌ଟି ୧୫ ମିନିଟ୍ ଧରି ଶ୍ରୀମନ୍ଦିର, ଆନନ୍ଦବଜାର ଓ ସ୍ନାନମଣ୍ଡପ ସହ ପରିକ୍ରମା ପ୍ରକଳ୍ପ ଅଞ୍ଚଳରେ ଉଡ଼ିଥିବା କୁହାଯାଉଛି। ରବିବାର ନୀଳଚକ୍ରରେ ସଂଲଗ୍ନ ଥିବା ବାନା ପରିବର୍ତ୍ତନ ସମୟରେ ଡ୍ରୋନ୍ ଉଡ଼ିଥିବା ସୂଚନା ମିଳିଛି। ନୋ ଫ୍ଲାଇଙ୍ଗ ଜୋନ୍‌ରେ କିଭଳି ବାରମ୍ବାର ଡ୍ରୋନ୍ ଉଡୁଛି ତାକୁ ନେଇ ପ୍ରଶ୍ନ ଉଠିଛି। ଡ୍ରୋନ୍‌ଟି କେଉଁଠାରୁ ଅପରେଟ୍ ହେଉଥିଲା ତାହା ଅସ୍ପଷ୍ଟ ରହିଛି। ତେବେ ଏ ନେଇ ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ୍। ଅପରପକ୍ଷରେ ଆଣ୍ଟିଡ୍ରୋନ ସିଷ୍ଟମ କାର୍ଯ୍ୟକାରୀ ପାଇଁ ପ୍ରସ୍ତୁତି ଚାଲିଛି, ଖୁବ୍‌ଶୀଘ୍ର କାର୍ଯକାରୀ କରାଯିବ ବୋଲି ପୋଲିସ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ପଡ଼ିବ

### କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ

- ୧୯୫ଜଣଙ୍କୁ ପିଏଚ୍.ଡି, ୨୦୩୪ଜଣଙ୍କୁ ସ୍ନାତକୋତ୍ତର, ୭୨୩୨ ଜଣଙ୍କୁ ସ୍ନାତକ ଡିଗ୍ରୀ
- ୭ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ

ଭୁବନେଶ୍ୱର, ୨୮।୯
(ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ରବିବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଉତ୍ସବରେ ୧୯୫ଜଣ ଛାତ୍ରୀଛାତ୍ରଙ୍କୁ ପିଏଚ୍.ଡି, ୨୦୩୪ଜଣଙ୍କୁ ସ୍ନାତକୋତ୍ତର ଓ ୭୨୩୨ ଜଣଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ବିଜେତା ଓଉଇଦେଦ ବୋଚାମାଉଇ, ୱକହର୍ଡ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ ମାନବବାଦୀ ଓ ଶାନ୍ତି ପ୍ରବକ୍ତା ଡ. ହୁଜେଫା ଖୋରାକିୱାଲା, କମ୍ପିଟିଶନ ସକ୍‌ସେସ୍ ରିଭ୍ୟୁର ଅଧ୍ୟକ୍ଷ ତଥା ସମ୍ପାଦକ ଏସ୍. କେ. ସଚଦେବା, ଗୁଏତମାଲା ଗଣରାଜ୍ୟର ଏମ୍‌ପି ଡ. ଫିଡେଲ ରାଏସ୍‌ଲି, ଜର୍ମାନୀର ପ୍ରତ୍ନତାତ୍ତ୍ୱିକ ପାର୍କର ଅଧ୍ୟକ୍ଷ ତଥା ବିଶ୍ୱ ମାନବବାଦୀ ପ୍ରବକ୍ତା ନର୍ବର୍ଟ ସାଉର ଏବଂ ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଉତ୍ସବର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଛାତ୍ରୀଛାତ୍ରଙ୍କୁ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ମୁନାସିଂଘେ କହିଲେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ଚେଷ୍ଟା କରିବା ଉଚିତ। ବିଶ୍ୱର ସ୍ଥାୟିତ୍ୱ ଓ ଶାନ୍ତି ପ୍ରତିଷ୍ଠା ହେଉଛି ପ୍ରମୁଖ ଆହ୍ୱାନ। ଦାରିଦ୍ର୍ୟ, ଅସମାନତା ଏବଂ ସମ୍ବଳ ଅଭାବ ଉପରେ ଆଲୋକପାତ କରି ସେ ଚେତାଇ ଦେଇ କହିଲେ, ବର୍ତ୍ତମାନ ସମୟରେ ମାନବବାଦ ପାଇଁ ପରିବେଶର ସୁରକ୍ଷା ତୁରନ୍ତ ଆବଶ୍ୟକ। ସମ୍ପ୍ରତି ବିଶ୍ୱ ପାଇଁ ଯେତିକି ସମ୍ବଳର ଆବଶ୍ୟକତା ରହିଛି, ୨୦୩୦ ମସିହା ବେଳକୁ ଦୁଇଗୁଣା ହୋଇଯିବ। ଦ୍ୱିତୀୟ ଦିନରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସର ବିଚାରପତି ଜଷ୍ଟିସ ଅବଦୁଲକ୍ୱାଇ ଅହମ୍ମଦ ଇସୁଫ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ନାତକମାନଙ୍କୁ ବିଶ୍ୱ ଶାନ୍ତି ନିର୍ମାତା ଏବଂ ନ୍ୟାୟର ସ୍ୱର ଭାବରେ ନିଜ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ତୃତୀୟ ଦିନରେ ନୋବେଲ ବିଜେତା ଓଉଇଦେଦ ବୋଚାମାଉଇ ଛାତ୍ରୀଛାତ୍ରଙ୍କୁ ଡ. ଅଚ୍ୟୁତ ସାମନ୍ତଙ୍କ ଭଳି ଦୟା, କରୁଣା ଓ ମାନବିକତାକୁ ଜୀବନର ମୂଳ ମନ୍ତ୍ର ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କିସ୍ ଓ କିଟ୍ ପ୍ରତିଷ୍ଠାତା ଡ. ସାମନ୍ତ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ଦୁଇ ଛାତ୍ରୀଛାତ୍ରଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣ ପଦକ, ପିପିଏଲ ସ୍ୱର୍ଣ୍ଣ ପଦକ, ପିକେ ବଳ ସ୍ମାରକୀ ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମାରକୀ ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ଡ. ୱାଟି ପରମଗୁରୁ ସ୍ମାରକୀ ସ୍ୱର୍ଣ୍ଣ ପଦକ ଓ କୁଳପତି ରୌପ୍ୟ ପଦକ ପ୍ରଦାନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଡା. ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ. ଡି. ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଅନ୍ୟ ଅତିଥିଙ୍କ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ନୋବେଲ ବିଜେତା ପ୍ରଫେସର ମୋହନ ମୁନାସିଂଘେଙ୍କୁ ସମ୍ମାନସୂଚନ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରୁଛନ୍ତି।

# ମା'ଭଟ୍ଟାରିକା ମନ୍ଦିର ବେଢ଼ା ଛୁଇଁଲା ବନ୍ୟା ଜଳ



ମନ୍ଦିର ବେଢ଼ାକୁ ଲାଗି ମହାନଦୀ ଜଳ ପ୍ରବାହିତ ହେଉଛି।



ପୂଜକ ମା'ଙ୍କ ପୂଜାର୍ଚ୍ଚନା କରୁଛନ୍ତି।

- ଭିତରେ ଚାଲିଛି ପୂଜାର୍ଚ୍ଚନା
- ବେଢ଼ା ଭିତରକୁ ପାଣି ପଶିଲେ ରୋଷ ଘରକୁ ମା' ସ୍ଥାନାନ୍ତର ହେବେ

ବଡ଼ମ୍ବା,୨୮।୯(ମାୟାଧର ମଲ୍ଲିକ)

କଟକ ଜିଲା ବଡ଼ମ୍ବା ବ୍ଲକର ସସାଙ୍ଗ ଗ୍ରାମରେ ବିଜେ ମା'ଭଟ୍ଟାରିକା ମନ୍ଦିର ବେଢ଼ାକୁ ଚଳିତ ବର୍ଷ ଚତୁର୍ଥ ଥର ପାଇଁ ମହାନଦୀ ଜଳ ଛୁଇଁଛି। ଏହାସତ୍ତ୍ୱେ ମନ୍ଦିରରେ ପୂଜାର୍ଚ୍ଚନା ଜାରି ରହିଛି। ମହାନଦୀ ଜଳ ମନ୍ଦିର ବେଢ଼ାରେ ପ୍ରବେଶ କଲେ ମା'ଙ୍କ ଚଳନ୍ତି ପ୍ରତିମାକୁ ନିକଟସ୍ଥ ରୋଷ ଘରକୁ ନିଆଯାଇ ପୂଜାର୍ଚ୍ଚନା କରାଯିବ ବୋଲି ମନ୍ଦିର ମୁଖ୍ୟ ପୂଜକ କହିଛନ୍ତି। ଏବେ ପୀଠରେ ନବରାତ୍ର ପୂଜା ଚାଲିଥିବାବେଳେ ସପ୍ତମ ଦିବସ ସୋମବାର ମା'ଙ୍କ ମହାଷ୍ଟମୀ ପର୍ବ ପାଳିତ ହେବ। ଏହା ମା'ଙ୍କ ମୁଖ୍ୟପର୍ବ। ଏହିଦିନ ମା'ଙ୍କ ଉଭା ଯାତ୍ରା ହୋଇଥାଏ। ସେହିପରି ମଙ୍ଗଳବାର ନବମୀ ଯାତ୍ରା ଓ ଏହା ପରେ ପୀଠରେ ଦଶହରା ପର୍ବ ପାଳନ କରାଯିବ। ପ୍ରକାଶଯୋଗ୍ୟ, ୨୦୧୯ ଓ ୨୦୨୦ରେ ମହାନଦୀରେ ବନ୍ୟା ଆସି ମନ୍ଦିର ଭିତରେ ପ୍ରବେଶ କରିଥିଲା। ଏହି ସମୟରେ ରୋଷ ଘରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

# ନଦୀରେ ଭାସିଯାଇ ଜଣେ ନିଖୋଜ

ପୁରୀ,୨୮।୯(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ବ୍ଲକ ଗଡ଼ମୃଗଶିରା ପଞ୍ଚାୟତ ଅଧୀନ ନୂଆଗାଁ ଗ୍ରାମର ଜଣେ ବ୍ୟକ୍ତି ରବିବାର ନୂଆନଈରେ ଭାସିଯାଇଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ତଲାସି ଅଭିଯାନ ଜାରି ରଖିଥିବାବେଳେ ତାଙ୍କର ପତ୍ତା ମିଳିପାରିନାହିଁ। ସୂଚନା ଅନୁଯାୟୀ, ସକାଳେ ନୂଆ ଗାଁ ଅଞ୍ଚଳର ନବା ଭୋଇ(୫୦) ନୂଆନଈକୁ ଶୌଚ ହେବାକୁ ଯାଇଥିବାବେଳେ ନଦୀସୁଅରେ ଭାସିଯାଇଥିଲେ। ନିକଟରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ନଦୀରେ ପ୍ରବଳ ସୁଅ ଯୋଗୁ ତାଙ୍କୁ ଉଦ୍ଧାର କରିପାରି ନ ଥିଲେ। ପରେ ଏନେଇ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ ଏବଂ ଅନ୍ୟ କର୍ମଚାରୀମାନେ ରବରବୋଟ ସହ ପହଞ୍ଚି ନୂଆନଈରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ରାଜେଶ କୁମାର ସ୍ୱାଇଁ ରବର ବୋଟରେ ଏହି ଟିମ୍‌ର ନେତୃତ୍ୱ ନେଇଥିଲେ। ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ନୂଆଗାଁ ବ୍ରିଜଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି କରିଥିଲେ, କିନ୍ତୁ ନବାଙ୍କୁ ଠାବ କରିପାରି ନ ଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ସର୍ଚ୍ଚ ଅପରେଶନ ବନ୍ଦ କରାଯାଇଛି ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ରାଉତ ସୂଚନା ଦେଇଛନ୍ତି। ସୋମବାର ସକାଳେ ପୁନର୍ବାର ସର୍ଚ୍ଚ ଅପରେଶନ ହେବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

# ଆର୍‌ଏସ୍‌ଏସ୍ ଭାରତବର୍ଷର ସୁରକ୍ଷା କବଚ



ସ୍ୱୟଂସେବକମାନେ ଆତ୍ମରକ୍ଷା ଶାରୀରିକ କଳା ପ୍ରଦର୍ଶନ କରୁଛନ୍ତି।

### ବିଜୟା ଦଶମୀ ଉତ୍ସବ

ଭୁବନେଶ୍ୱର, ୨୮।୯
(ସୌମ୍ୟରଞ୍ଜନ ରାଉତ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୁଦ୍ଧେଶ୍ୱରୀ ନଗର ଶାଖା ପକ୍ଷରୁ ରବିବାର ବିଜୟା ଦଶମୀ ଉତ୍ସବ ବଡଗଡ ବ୍ରିଟ୍ କଲୋନୀରେ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘର ସ୍ୱୟଂସେବକମାନେ ଆତ୍ମରକ୍ଷା ଶାରୀରିକ କଳା ପ୍ରଦର୍ଶନ କରିବା ପରେ ପଥ ସଞ୍ଚାଳନ କାର୍ଯ୍ୟକ୍ରମ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ନାଟ୍ୟକାର ମନୋଜ କୁମାର ପଟ୍ଟନାୟକ ଯୋଗଦେଇ ସ୍ୱୟଂସେବକଙ୍କ ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ସଂଘ ଚାଳକ ଶ୍ରୀନିବାସ ମାନସିଂହ ଯୋଗଦେଇ ସଂଘର ନିତ୍ୟ ଶାଖା ହେଉଛି ଏକ ଭଲ ମଣିଷ ତିଆରି କାରଖାନା। ଭାରତ ବର୍ଷର ବିଭିନ୍ନ ବିଭାଗରେ ଅନେକ ଉଚ୍ଚ ପଦାଧିକାରୀ ହେଉଛନ୍ତି ସଂଘ ଶାଖାର ସ୍ୱୟଂସେବକ। ଭାରତ ବର୍ଷର ସୁରକ୍ଷା କବଚ ସାଜିଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଆଜି ପ୍ରତ୍ୟେକ ଭାରତୀୟ ପରିବାରର ଆଶା ଓ ଭରସା ବୋଲି ମାନସିଂହ କରିଛନ୍ତି। ବୁଦ୍ଧେଶ୍ୱରୀ ନଗର ସଂଘ ଚାଳକ ଅକ୍ଷୟ କୁମାର ବିଟ୍‌ଙ୍କ ନେତୃତ୍ୱରେ ଉତ୍ସବର ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ମା'ଙ୍କ ସନ୍ଦେହଜନକ ମୃତ୍ୟୁ, ପୁଅ ଅଟକ

ବ୍ରାହ୍ମଣଝରିଲୋ, ୨୮।୯

କଟକ ସଦର ଥାନା ଅନ୍ତର୍ଗତ ତ୍ରିନାଥ ବଜାରରୁ ମହିଧରପଡା ମେଡିକାଲ ରୋଡ ତାରିଣୀ ମନ୍ଦିର ସମ୍ମୁଖ ଏକ ଆପାର୍ଟମେଣ୍ଟରରେ ରହୁଥିବା ଜଣେ ବୃଦ୍ଧାଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ହେଲେ କେନ୍ଦ୍ରାପଡ଼ାର ଡାଳିମ୍ବି ଦାସ(୯୫)। ଏହି ଘଟଣାରେ ପୋଲିସ ତାଙ୍କ ପୁଅଙ୍କୁ ରବିବାର ଥାନାରେ ଅଟକ ରଖିଛି। ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛନ୍ତି।

ସୂଚନାଯୋଗ୍ୟ, ତାରିଣୀ ମନ୍ଦିର ସମ୍ମୁଖ ଏକ ଆପାର୍ଟମେଣ୍ଟରର ୩ୟ ମହଲାରେ କେନ୍ଦ୍ରାପଡ଼ାସ୍ଥିତ ଆଳୀ ଅଞ୍ଚଳର ଅବସରପ୍ରାପ୍ତ ସେନା କର୍ମଚାରୀ ସନ୍ତୋଷ ଦାସ ଭଡ଼ାରେ ରୁହନ୍ତି। ତାଙ୍କ ସ୍ତ୍ରୀ ଓ ବଡ ଝିଅକୁ ନେଇ ବାପ ଘରକୁ ଯାଇଥିବା ବେଳେ ଶନିବାର ଦିନ ସନ୍ତୋଷ ମା'ଙ୍କ ସହ ଘରେ ଥିଲେ। ପୁଅ ସନ୍ତୋଷଙ୍କ କହିବା କଥା ଯେ, ସେ ୩ୟ ମହଲାର ବାରଣ୍ଡାରେ ମା'ଙ୍କୁ ବସାଇ ରୋଷେଇ କାର୍ଯ୍ୟରେ ନିୟୋଜିତ ଥିଲେ। ମାତ୍ର ଡାଳିମ୍ବି ତୃତୀୟ ମହଲାରୁ ତଳକୁ ଆସିବା ପରେ କିପରି ତାଙ୍କ ମୃତ୍ୟୁ ଘଟିଲା ସେ ବିଷୟରେ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି। ମାତ୍ର ତାଙ୍କ ଦେହରେ କୌଣସି କ୍ଷତ ସ୍ଥାନ ନ ଥିବାରୁ ଡାଳିମ୍ବିଙ୍କ ମୃତ୍ୟୁ କିପରି ଘଟିଲା ସେ ନେଇ ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ପୋଲିସ ସନ୍ତୋଷଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ବିଦ୍ୟୁତ୍ ବ୍ୟବହାର ନେଇ ସଚେତନ କଲା ଟିପିସିଓଡିଏଲ୍

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର ନେଇ ସଚେତନ କରାଯାଉଛି। ଭୁବନେଶ୍ୱରର ୟୁନିଟ-୧, ୟୁନିଟ-୨, ବଡଗଡ, ରସୁଲଗଡ଼, ଖଣ୍ଡଗିରି, ବରମୁଣ୍ଡା, ଚନ୍ଦ୍ରଶେଖରପୁର, ପାୱାରହାଉସ୍ ଛକ, ସିଆର୍‌ପି ଛକ ଏବଂ କଟକର ବାଦାମବାଡ଼ି, ଦୋଳମୁଣ୍ଡାଇ, ରାଣୀହାଟ, ବକ୍ସିବଜାର, ଚୌଧୁରୀ ବଜାର, ସିଡିଏ ଓ ବିଡାନାସୀରେ ଥିବା ପୂଜା ପେଣ୍ଡାଲ୍, ଭେଣ୍ଡିଂ ଜୋନ ଓ ବଜାର ଅଞ୍ଚଳରେ ତଦାରଖ କାର୍ଯ୍ୟ ଚାଲିଛି। ଏହାସହ କମ୍ପାନୀ ପକ୍ଷରୁ ଜନବହୁଳ ଅଞ୍ଚଳଗୁଡିକରେ ପାର୍ବଣ ସମୟରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଉପରେ କଡା ନଜର ରଖିବା ପାଇଁ ବିଶେଷ ନିରୀକ୍ଷଣ ଦଳ ମୁତୟନ କରାଯାଇଛି। ଅଧିକ ଜନସଚେତନତା ସୃଷ୍ଟି କରିବା ପାଇଁ ଚୟନ କରାଯାଇଥିବା ଅଞ୍ଚଳଗୁଡ଼ିକରେ ପାମ୍ପଲେଟ୍ ଏବଂ ସୁରକ୍ଷା ପରାମର୍ଶବଳୀ ବିତରଣ କରାଯାଇଛି। ଟିପିସିଓଡିଏଲ ସିଇଓ ଅରବିନ୍ଦ ସିଂହ କହିଛନ୍ତି, ବିଦ୍ୟୁତ୍‌ଜନିତ ଦୁର୍ଘଟଣା ରୋକିବା ଏବଂ ଆଇନଗତ ବିଦ୍ୟୁତ୍ ବ୍ୟବହାରକୁ ଉତ୍ସାହିତ କରିବା ପାଇଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି।

# କଟନ ଫାବ ବସ୍ତ୍ର ମେଳା ୪ଦିନ ବଢ଼ିଲା

ଭୁବନେଶ୍ୱର, ୨୮।୯
(ଅନୁରାଧା ମହାରଣା)




ପାର୍ବଣ ସମୟରେ ଗ୍ରାହକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ୧୪ତମ କଟନ ଫାବ ବସ୍ତ୍ର ମେଳାକୁ ଆହୁରି ୪ ଦିନ ବୃଦ୍ଧି କରାଯାଇଛି। ଏହି ମେଳା ଆସନ୍ତା ୨ ତାରିଖ ଯାଏ ଚାଲିବ ବୋଲି କଟନ ଫାବ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ମେଳାରେ ୧୨ଟି ରାଜ୍ୟର କାରିଗର, ବୁଣାକାର ଓ ବିକ୍ରେତା ସେମାନଙ୍କ ଉତ୍ପାଦ ବିକ୍ରି କରୁଛନ୍ତି। ଏଥିରେ ଲକ୍ଷ୍ନୌର ଚିକନୱାକ ମ୍ୟାଟେରିଆଲ, ଶାଢ଼ି, କୁର୍ତ୍ତା, ପାଇଜାମା, ଟପ୍ସ ରହିଛି। ଗୁଜରାଟରୁ ଆସିଥିବା ବିକ୍ରେତା ସେମାନଙ୍କ ସମ୍ଭାରରେ ଏଥନିକ ପ୍ରିଣ୍ଟ୍ କୁର୍ତ୍ତା, ଡ୍ରେସ ମ୍ୟାଟେରିଆଲ ସାମିଲ କରିଛନ୍ତି। ରାଜସ୍ଥାନୀ ବ୍ଲକ ପ୍ରିଣ୍ଟ, କୋଟା ଦରୀ ଡ୍ରେସ୍ ମ୍ୟାଟେରିଆଲସ୍, ଲେଡିଜ କୁର୍ତ୍ତା, ଲେହେଙ୍ଗା-ଚୋଲି, ମଲ୍ ମଲ, ପଞ୍ଜାବୀ ବର ଫୁଲ୍କରୀ ଡ୍ରେସ ଓ ପଟିଆଲା ସାମଗ୍ରୀ, ମଧ୍ୟପ୍ରଦେଶର ଚନ୍ଦେରୀ, ମହେଶ୍ୱରୀ, ବାଗ ପ୍ରିଣ୍ଟ ଓ ବାଟିକ ପ୍ରିଣ୍ଟ ଡ୍ରେସ ମ୍ୟାଟେରିଆଲ, ପଶ୍ଚିମବଙ୍ଗର ଶାନ୍ତିନିକେତନ ତନ୍ତ, କନ୍ଥା, ଜାମଦାନୀ ଶାଢ଼ି, ଟସର ଡ୍ରେସ, ସିଫୋନ ଓ କ୍ରାଫ୍ଟ, ଓଡ଼ିଶାର ସମ୍ବଲପୁରୀ ଇକତ୍ ଶାଢ଼ି ଓ ଡ୍ରେସ ମ୍ୟାଟେରିଆଲ୍‌ସ, ଆନ୍ଧ୍ର ପ୍ରଦେଶର କଲାମକରୀ ଭେଜିଟେବୁଲ ଡାୟଡ଼, ମଙ୍ଗଲଗିରି ଓ ଜରି ବର୍ଡ଼ର ଡ୍ରେସ ମ୍ୟାଟେରିଆଲ, ତାମିଲନାଡୁର ମଦୁରାଇ ଶାଢ଼ି, ହିମାଚଳପ୍ରଦେଶର କଟନ କୁର୍ତ୍ତା ଓ ଟିପସ, ଉତ୍ତର ପ୍ରଦେଶର ପ୍ରସିଦ୍ଧ ବନାରସ ସିଲ୍କ, କଟନ ଶାଢ଼ି, ସୁଇଟ ମ୍ୟାଟେରିଆଲସ, ଛତିଶଗଡ଼ର ସିଲ୍କଲ କଟନ ଓ ଖଦି ଡ୍ରେସ ମ୍ୟାଟେରିଆଲ୍‌ସ, ଝାଡଖଣ୍ଡର ଟସର ସିଲ୍କ ଡ୍ରେସ ଓ ଶାଢ଼ି, ଦିଲ୍ଲୀର ଚିକନ ଏମ୍ବ୍ରୋଡ଼ରୀ ଡ୍ରେସ ମ୍ୟାଟେରିଆଲ ଓ ଶାଢ଼ି, ସୀତାପୁରୀର ଏକ୍ସପୋର୍ଟ କାଲିଟ ଦରି(ସାତରଙ୍ଗି), ମ୍ୟାଟ୍‌ସ, ରନର ଓ ରଗ୍‌ସ, ବିଭିନ୍ନ ପ୍ରକାରର ଗହଣା, ରାଜସ୍ଥାନ ଷ୍ଟୋନ ଓ ମେଟାଲ ଗହଣା, ଦିଲ୍ଲୀ ଆର୍ଟିଫିସିଆଲ ଗହଣା ସହ ଅନେକ ହସ୍ତତନ୍ତ ସାମଗ୍ରୀ ଉପଲବ୍ଧ ହୋଇଛି।

# ଓଡ଼ିଶା ହେଉଛି ଅପାର ସମ୍ଭାବନାର ରାଜ୍ୟ

### ଓଡ଼ିଶା ରିସର୍ଚ୍ଚ ସେଣ୍ଟର- ଟିଆଇଏସ୍‌ଏସ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୮।୯
(ଅନୁରାଧା ମହାରଣା)

ଓଡ଼ିଶା ରିସର୍ଚ୍ଚ ସେଣ୍ଟର(ଓଆର୍‌ଏସ୍), ଭୁବନେଶ୍ୱର ଏବଂ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ(ଟିଆଇଏସ୍‌ଏସ୍) ମୁମ୍ବାଇ ମଧ୍ୟରେ ଏକ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ଏହି ଏମ୍‌ଓୟୁ ସାମାଜିକ ଗବେଷଣାକୁ ପ୍ରୋତ୍ସାହନ ଦେବାସହ ଓଡ଼ିଶାର ଭବିଷ୍ୟତ ଓ ଯୁବପିଢ଼ିର ଗବେଷଣା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା କେବଳ ଦୁଇଟି ଶିକ୍ଷାନୁଷ୍ଠାନ ମଧ୍ୟରେ ଚୁକ୍ତିନାମା ନୁହେଁ, ବରଂ ଓଡ଼ିଶାର ଭବିଷ୍ୟତ ତଥା ଯୁବପିଢ଼ିର ଗବେଷଣାକୁ ଆଗକୁ ନେବା ପାଇଁ ଏକ ମହତ୍ତ୍ୱାକାଂକ୍ଷୀ ଉଦ୍ୟମ। ଏହି ପଦକ୍ଷେପ ଓଡ଼ିଶାର ସାମାଜିକ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ନୂଆ ଅଧ୍ୟାୟ ଆରମ୍ଭ କରିବ। ଓଡ଼ିଶା ହେଉଛି ଅପାର ସମ୍ଭାବନାର ରାଜ୍ୟ। ରାଜ୍ୟର ପ୍ରତିଟି ଜିଲା ଶିକ୍ଷା, ଐତିହ୍ୟ, କଳା, ସଂସ୍କୃତି, ଇତିହାସ ଓ ସାହିତ୍ୟ ଦୃଷ୍ଟିରୁ ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଆମର ଦେବତା। ଓଡ଼ିଆ ଲୋକମାନେ ସବୁବେଳେ ସାହସୀ। ବାଇମୁଣ୍ଡି, ଧର୍ମପଦ, ବାଜି ରାଉତ ସମୟ ସମୟରେ ଗୋଟିଏ ସମାଜ ଓ ଯୁବପିଢ଼ିର ତ୍ୟାଗ ଓ ସାହସକୁ ପ୍ରତିନିଧିତ୍ୱ କରିଛନ୍ତି। ବର୍ତ୍ତମାନର ସମୟ ଆସିଛି, ଆମକୁ ବଡ଼ ସ୍ୱପ୍ନ ଦେଖିବାକୁ ପଡିବ। ଗବେଷଣା ମାଧ୍ୟମରେ ଓଡ଼ିଶାର ଥିବା ସବୁ ସମ୍ଭାବନାକୁ ଉପଯୋଗ କରିବା ଦିଗରେ ଆଜିର ଏମ୍‌ଓୟୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଥିଲେ। ସମାରୋହରେ ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇଆଇଟି ଖଡଗପୁରର ନିର୍ଦ୍ଦେଶକ ପ୍ରଫେସର ସୁମନ ଚକ୍ରବର୍ତ୍ତୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ଆଇସିଏସ୍‌ଏସ୍‌ଆରର ମେମ୍ବର ସେକ୍ରେଟାରି ପ୍ରଫେସର ଧନଞ୍ଜୟ ସିଂହ, ଟିଆଇଏସ୍‌ଏସ୍‌ର କୁଳପତି ପ୍ରଫେସର ବଦ୍ରି ନାରାୟଣ ତିୱାରୀ, ଓଡ଼ିଶା ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ସିଏସଆଇଆର-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ, ପ୍ରଫେସର କିଶୋର ବାସା ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସାନ୍‌ଭି



@ ଗୁଡୁ



@ ସତ୍ୟଜିତ୍



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଇରାନ୍‌କୁ ଫେରିଲା ଜାତିସଂଘ କଟକଣା

**ପ୍ରାୟ ୧ ଦଶନ୍ଧି ପରେ ଇରାନ୍‌କୁ ଫେରିଛି ଜାତିସଂଘ କଟକଣା। ରୁଷିଆ ଓ ଚାଇନାର ବିରୋଧ ସତ୍ତ୍ୱେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଚାପ ତେହରାନ୍ ଉପରେ ଭାରି ପଡ଼ିଛି। ରବିବାର ଗ୍ରୀନ୍‌ୱିଚ୍ ମିନ୍ ଟାଇମ୍ (ଜିଏମ୍‌ଟି) ମଧ୍ୟରାତ୍ରିରୁ ଏହି କଟକଣା ସ୍ୱତଃ ଲାଗୁ ହୋଇଛି। ଇରାନ୍‌ର ୨୦୧୫ ଆଣବିକ ଚୁକ୍ତିର ୟୁରୋପୀୟ ସ୍ୱାକ୍ଷରକାରୀ ରାଷ୍ଟ୍ରଗୁଡ଼ିକ ସ୍ନାପ୍‌ବ୍ୟାକ୍ (ପୂର୍ବ ଦଣ୍ଡ ପୁନର୍ବାର ଫେରାଇ ଆଣିବା) ବ୍ୟବସ୍ଥା ଲାଗୁ କରିଛନ୍ତି। ଫଳରେ ଇରାନ୍‌ର ଅସ୍ତ୍ରଶସ୍ତ୍ର, ସମ୍ପତ୍ତି, ଯାତ୍ରା, ଆଣବିକ, କ୍ଷେପଣାସ୍ତ୍ର ଓ ବ୍ୟାଙ୍କିଙ୍ଗ୍ ଆଦି କାର୍ଯ୍ୟକଳାପ ଉପରେ କଟକଣା ଜାରି ହୋଇଛି। ଖରାପ ଅବସ୍ଥା ଦେଇ ଗତି କରୁଥିବା ଇରାନ୍ ଅର୍ଥନୀତିର ସବୁ କ୍ଷେତ୍ର ଏଥିଯୋଗୁ ବହୁଳ ପ୍ରଭାବିତ ହୋଇପାରେ। ଆଗାମୀ କିଛି ମାସ ମଧ୍ୟରେ ଇସ୍‌ଲାମୀୟ ରାଷ୍ଟ୍ରର ୯୦ ନିୟୁତରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି।**

ଜାତିସଂଘ/ତେହରାନ୍, ୨୮।୯(ଏପି/ଏଜେନ୍ସି)

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ନେଇ ଜାତିସଂଘ ପକ୍ଷରୁ ରବିବାର ତେହରାନ୍ ଉପରେ କଟକଣା ପୁନଃ ଜାରି କରାଯାଇଛି। ଏହି କଟକଣା ପରେ ବିଦେଶରେ ଥିବା ଇରାନୀୟ ସମ୍ପତ୍ତି ବାଜାପ୍ତ ହେବ, ତେହରାନ୍ ସହ ଅନ୍ୟ ଦେଶଗୁଡ଼ିକର ଅସ୍ତ୍ରଶସ୍ତ୍ର ଡିଲ୍‌ଗୁଡ଼ିକ ଅକାମୀ ହୋଇପଡ଼ିବ। ଇରାନର ଦୂରଗାମୀ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ କୌଣସି ପ୍ରକାର ଅଗ୍ରଗତି ଦେଖାଦେଲେ ଏହାକୁ ଦଣ୍ଡ ଭାଗିବାକୁପଡ଼ିବ। ଜାତିସଂଘ କଟକଣା ପ୍ରଭାବରେ ଇରାନୀୟ ମୁଦ୍ରା ରିଆଲ୍ ସର୍ବକାଳୀନ ନିମ୍ନସ୍ତରକୁ ଖସିଆସିଛି। ବର୍ତ୍ତମାନ ଖୋଲା ବଜାରରେ ଡଲାର ସହ ରିଆଲ୍‌ର ବିନିମୟ ମୂଲ୍ୟ ୧.୩ ନିୟୁତକୁ ହ୍ରାସ ପାଇଛି।

ପୂର୍ବରୁ ଖାଦ୍ୟ ସାମଗ୍ରୀର ଦରଦାମ୍ ବୃଦ୍ଧି ସମେତ ନାନା ଅସୁବିଧା ଦେଇ ଗତି କରୁଥିବା ଇରାନୀୟମାନେ ନିଜ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି। ଏହା ପୂର୍ବରୁ ଜୁନ୍‌ରେ ଇସ୍ରାଏଲ୍ ବୈଶ୍ୱିକ ଆଣବିକ ଜଗୁଆଳି ସଂସ୍ଥା ଇଣ୍ଟରନ୍ୟାଶନାଲ ଆଟମିକ୍ ଏନର୍ଜି ଏଜେନ୍ସି (ଆଇଏଇଏ) ପକ୍ଷରୁ ଜାରି ସଂକଳ୍ପନାମାର ଦୁରୁପଯୋଗ କରି ତେହରାନ୍‌କୁ ଟାର୍ଗେଟ କରିଥିଲା। ୧୨ ଦିନ ଧରି ଚାଲିଥିବା ଏହି ଆକ୍ରମଣରେ ୧,୦୦୦ରୁ ଊର୍ଦ୍ଧ୍ୱ ଇରାନୀୟ ନାଗରିକ ନିହତ ହେବା ସହ ବହୁ ବିଲିୟନ୍ ଡଲାର ସମ୍ପତ୍ତି ନଷ୍ଟ ହୋଇଥିଲା। ଏହା ପରେ ଇରାନ୍ ଆଇଏଇଏରୁ ଓହରିଯାଇଥିଲା। ପରିଣାମସ୍ୱରୂପ ଇରାନ୍‌ର ଆଣବିକ କେନ୍ଦ୍ରଗୁଡ଼ିକୁ ଆମେରିକା ଆକ୍ରମଣ କରିବା ସହଜ ହୋଇଥିଲା। ତେଣୁ ସଦ୍ୟ କଟକଣା ଆଳରେ ଇସ୍ରାଏଲ୍ ଇରାନ୍‌କୁ ପୁଣି ଟାର୍ଗେଟ କରିବା ଆଶଙ୍କା ଉପୁଜିଛି। ଏଭଳି ଆହ୍ୱାନପୂର୍ଣ୍ଣ ସ୍ଥିତି ପୂର୍ବରୁ କେବେ ଦେଖାଦେଇ ନ ଥିଲା। ଏପରି କି ୧୯୮୦ ଦଶକରେ ଇରାନ୍-ଇରାକ୍ ଯୁଦ୍ଧ ଓ ତତ୍ ପରବର୍ତ୍ତୀ କଟକଣା ବେଳେ ମଧ୍ୟ ଏପରି ସଙ୍କଟକୁ ଦେଶବାସୀ ସାମ୍ନା କରି ନ ଥିଲେ ବୋଲି ଜଣେ ବ୍ୟକ୍ତି ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି। ଇତିମଧ୍ୟରେ ଇରାନ୍ ଏହାର ୟୁରାନିୟମ୍ ସମ୍ବର୍ଦ୍ଧନକୁ ୬୦%ରୁ ୯୦% ପର୍ଯ୍ୟନ୍ତ ବଢ଼ାଇସାରିଛି। ୯୦% ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟର ତାତ୍ପର୍ଯ୍ୟ ହେଉଛି ତେହରାନ୍ ଏହାକୁ ନେଇ ପର୍ଯ୍ୟାପ୍ତ ପରିମାଣର ଆଣବିକ ଅସ୍ତ୍ର ନିର୍ମାଣ କରିପାରିବ। ଅନ୍ୟପକ୍ଷେ ଇରାନ୍ କେବଳ ଶାନ୍ତିପୂର୍ଣ୍ଣ ବ୍ୟବହାର ପାଇଁ ଆଣବିକ କାର୍ଯ୍ୟକ୍ରମ ଚଳାଇଥିବା ସଫେଇ ଦେଇଆସୁଛି। ଏଭଳି ସ୍ଥିତିରେ ଇରାନ୍‌ର ପରବର୍ତ୍ତୀ ପଦକ୍ଷେପ ଉପରେ ବିଶ୍ୱ ସମୁଦାୟର ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି।



"ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ତଥାକଥିତ 'ସ୍ନାପ୍‌ବ୍ୟାକ୍' ବ୍ୟବସ୍ଥାର ଦୁରୁପଯୋଗ କରୁଛନ୍ତି। ସଦ୍ୟ କଟକଣା ଏକ ବେଆଇନ ପଦକ୍ଷେପ, ଯାହାର କୌଣସି ଯଥାର୍ଥତା ନାହିଁ। ଜାତିସଂଘ ଏମାନଙ୍କ ଚାପରେ ପଡ଼ି ଇରାନ୍ ଉପରେ ଏପରି କଟକଣା ଲଗାଇଛି।

**-ଆୟାତୋଲ୍ଲା ଅଲୀ ଖାମେନେଇ, ଇରାନ୍ ସୁପ୍ରିମ୍ ଲିଡର**

## ସ୍ନାପ୍‌ବ୍ୟାକ୍ କ'ଣ

୨୦୧୫ରେ ବିଶ୍ୱର ମହାଶକ୍ତିଗୁଡ଼ିକ ସହ ଇରାନ୍ ନିଜ ଆଣବିକ ଚୁକ୍ତି ସ୍ୱାକ୍ଷର କରାଇବାବେଳେ 'ସ୍ନାପ୍‌ବ୍ୟାକ୍' ବ୍ୟବସ୍ଥା ଆଣିଥିଲା। ତଦନୁସାରେ ଜାତିସଂଘ ସଦ୍ୟ କଟକଣା ଜାରି କରିଛି। ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)କୁ ଭିଟୋ ପ୍ରତିରୋଧୀ କ୍ଷମତା ପ୍ରଦାନ କରିବା ଲାଗି 'ସ୍ନାପ୍‌ବ୍ୟାକ୍' ପ୍ରସ୍ତୁତ କରାଯାଇଥିଲା। ଅର୍ଥାତ୍ ଚାଇନା ଓ ରୁଷିଆ ଚାହିଁଲେ ମଧ୍ୟ ୟୁଏନ୍‌ଏସ୍‌ସିକୁ କଟକଣା ଜାରିରୁ ନିବୃତ୍ତ ରଖିପାରିବେ ନାହିଁ। ତଦନୁସାରେ ଫ୍ରାନ୍ସ, ଜର୍ମାନୀ ଓ ବ୍ରିଟେନ୍ ଅଗଷ୍ଟ ୨୮ରେ 'ସ୍ନାପ୍‌ବ୍ୟାକ୍' କ୍ଷମତାର ପ୍ରୟୋଗ କରିଥିଲେ, ଯେତେବେଳେ କି ୱାଶିଂଟନ୍ ସହ ତେହରାନ୍‌ର ଆଣବିକ ଆଲୋଚନା ବିଫଳ ହୋଇଥିଲା।

## କଡ଼ା ଜବାବର ଚେତାବନୀ ଦେଲା ତେହରାନ୍

ଇରାନ୍ ଉପରେ ପୁନଃ କଟକଣାର କଡ଼ା ଜବାବ ଦିଆଯିବ ବୋଲି ରବିବାର ତେହରାନ୍ ଚେତାବନୀ ଦେଇଛି। ଏଥିସହ ଜାତିସଂଘ ପକ୍ଷରୁ ଲଗାଯାଇଥିବା କଟକଣା ପଛରେ ଥିବା ବ୍ରିଟେନ୍, ଫ୍ରାନ୍ସ ଓ ଜର୍ମାନୀରୁ ନିଜ ରାଷ୍ଟ୍ରଦୂତମାନଙ୍କୁ ପରାମର୍ଶ ପାଇଁ ଫେରାଇ ଆଣିଛି। ଜାତିସଂଘରେ କଟକଣା ପ୍ରସ୍ତାବ ଆଗତ ବେଳେ ରୁଷିଆ ଏହାକୁ ବିରୋଧ କରିଥିଲା। କଟକଣା ବେଆଇନ ହୋଇଥିବାରୁ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ ବୋଲି ଜାତିସଂଘରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ କହିଥିଲେ। ଏତେ ବଡ଼ ଭୁଲ୍ ପଦକ୍ଷେପ ନ ନେବା ପାଇଁ ଲାଭ୍ରୋଭ୍ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କୁ ଲିଖିତ ଭାବେ ସତର୍କ କରାଇଥିଲେ।

# ଟ୍ରମ୍ପଙ୍କୁ ରେୟାର ଆର୍ଥ ଦେଖାଇ ନିବେଶ ପ୍ରସ୍ତାବ ଦେଲା ପାକିସ୍ତାନ

ୱାଶିଂଟନ୍, ୨୮।୯

ହ୍ୱାଇଟ୍ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପାକିସ୍ତାନ ଆର୍ମି ଚିଫ୍ ଆସିମ ମୁନିର ଓ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଭେଟିଛନ୍ତି। ହ୍ୱାଇଟ୍ ହାଉସ୍ ପକ୍ଷରୁ ଦେଢ଼ ଘଣ୍ଟା ଧରି ଚାଲିଥିବା ଏହି ସାକ୍ଷାତ୍‌ର କେତେକ ଫଟୋକୁ ଶେୟାର କରାଯାଇଛି। ସେଥିମଧ୍ୟରୁ ଏକ ଫଟୋ ବେଶ୍ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ମୁନିର ଟ୍ରମ୍ପଙ୍କୁ ପାକିସ୍ତାନର ଏକ ରେୟାର ଆର୍ଥ ମିନେରାଲ୍ସର ନମୁନା ଦେଖାଉଛନ୍ତି। ଫଟୋରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶରିଫ୍ ମଧ୍ୟ ଦେଖାଯାଉଛନ୍ତି। ଉକ୍ତ ଫଟୋରେ ମୁନିର ଟ୍ରମ୍ପଙ୍କୁ ଏକ ଖୋଲା କାଠବାକ୍ସ ଦେଖାଉଛନ୍ତି, ଯେଉଁଥିରେ ବିଭିନ୍ନ ରଙ୍ଗିନ ପଥର ରଖାଯାଇଛି।



ପାକିସ୍ତାନ ସେନାମୁଖ୍ୟ ଆସିମ ମୁନିର ଓ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ରେୟାର ଆର୍ଥ ମିନେରାଲ୍ସ ନମୁନା ଦେଖାଉଛନ୍ତି।

ଉକ୍ତ କାଠବାକ୍ସରେ ୨ଟି ବଡ଼ ପଥର ବାଷ୍ଟେନ୍‌ଜାଇଟ ଏବଂ ମୋନାଜାଇଟ ଦୃଶ୍ୟମାନ ହେଉଛି, ଯାହା ସାଧାରଣତଃ ସେରିୟମ୍, ଲାଣ୍ଟେନମ୍ ଏବଂ ନିୟୋଡିମିୟମ୍ ଭଳି ରେୟାର ଆର୍ଥ ମିନେରାଲ୍ସରେ ଗଠିତ। ପାକିସ୍ତାନରେ ଆମେରିକୀୟ ନିବେଶକୁ ଆକର୍ଷିତ କରିବା ଏବଂ ୱାଶିଂଟନ୍ ସହ ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମୁନିର ଏହି ରେୟାର ଆର୍ଥ ମିନେରାଲ୍ସକୁ ଟ୍ରମ୍ପଙ୍କ ସମ୍ମୁଖରେ ପ୍ରଦର୍ଶିତ କରିଥିବା ନେଇ ବିଶେଷଜ୍ଞମାନେ ଆକଳନ କରିଛନ୍ତି।

# ନୂଆଦିଲ୍ଲୀ-ମସ୍କୋ ବନ୍ଧୁତା ପାଇଁ ଭାରତ-ଆମେରିକା ସମ୍ପର୍କ ମାପଦଣ୍ଡ ନୁହେଁ: ଲାଭ୍ରୋଭ୍

ନ୍ୟୁୟର୍କ, ୨୮।୯

ଭାରତ-ରୁଷିଆ ସମ୍ପର୍କକୁ ନେଇ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ରବିବାର ଏକ ବଡ଼ ବୟାନ ଦେଇଛନ୍ତି। ଜାତିସଂଘ ସାଧାରଣ ପରିଷଦ ଅଧିବେଶନ ଅବସରରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନକରି ସେ କହିଛନ୍ତି, ନୂଆଦିଲ୍ଲୀ ଓ ମସ୍କୋ ମଧ୍ୟରେ ମଜଭୁତ ସମ୍ପର୍କ ରହିଛି। ଭାରତର ଜାତୀୟ ସ୍ୱାର୍ଥ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆପଣାଯାଇଥିବା ସ୍ୱତନ୍ତ୍ର ବିଦେଶ ନୀତିକୁ ମସ୍କୋ ପୂରା ସମ୍ମାନ କରେ। ଆମେରିକା କିମ୍ବା ଅନ୍ୟ କୌଣସି ଦେଶ ସହ ନୂଆଦିଲ୍ଲୀର ସମ୍ପର୍କ ଭାରତ-ରୁଷିଆ ସମ୍ପର୍କର ମାନଦଣ୍ଡ ହୋଇପାରିବ ନାହିଁ ବୋଲିସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ମଧ୍ୟରେ ନିବିଡ଼ ବନ୍ଧୁତା ରହିଛି।



ସର୍ଗେଇ ଲାଭ୍ରୋଭ୍

# ମାଓବାଦୀଙ୍କ ଅସ୍ତ୍ରବିରତି ପ୍ରସ୍ତାବକୁ କେନ୍ଦ୍ରର ନା

ନୂଆଦିଲ୍ଲୀ, ୨୮।୯

ଅସ୍ତ୍ରବିରତି ପାଇଁ ମାଓବାଦୀ ଦେଇଥିବା ପ୍ରସ୍ତାବକୁ ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଯଦି ମାଓବାଦୀ ଅସ୍ତ୍ର ତ୍ୟାଗ କରିବା ସହ ଆତ୍ମସମର୍ପଣ ପାଇଁ ଚାହାନ୍ତି, ତେବେ ସେମାନଙ୍କୁ ଏଥିପାଇଁ ସ୍ୱାଗତ କରାଯାଉଛି। ସୁରକ୍ଷା ବଳ ସେମାନଙ୍କ ଉପରେ ଗୋଟିଏ ବି ଗୁଳି ଚଳାଇବେ ନାହିଁ। ଦ୍ୱନ୍ଦ୍ୱ ସୃଷ୍ଟି ପାଇଁ ମାଓବାଦୀମାନେ ନିକଟରେ କେନ୍ଦ୍ରକୁ ଚିଠି ଲେଖି ଜଣାଇଥିଲେ, ଏପର୍ଯ୍ୟନ୍ତ ଯାହା କିଛି ହୋଇଯାଇଛି ତାହା ଭୁଲ୍ ଥିଲା। ଅସ୍ତ୍ରବିରତି ଘୋଷଣା ହେବା ଆବଶ୍ୟକ ଏବଂ ମାଓବାଦୀମାନେ ଆତ୍ମସମର୍ପଣ କରିବାକୁ ଚାହାନ୍ତି ବୋଲି ଏଥିରେ ଉଲ୍ଲେଖ ଥିଲା। ତେବେ ଅସ୍ତ୍ରବିରତିର ପ୍ରଶ୍ନ ଉଠୁନାହିଁ ବୋଲି ଶାହା ସ୍ପଷ୍ଟ କରିଦେଇଛନ୍ତି। ମାଓବାଦୀ ଆତ୍ମସମର୍ପଣ କରିବାକୁ ଚାହିଁଲେ, ସେମାନଙ୍କୁ ରେଡ୍ କାର୍ପେଟ ସ୍ୱାଗତ କରାଯିବା ସହ ଲାଭଦାୟକ ପୁନର୍ବାସ ନୀତିରେ ସହାୟତା ଦିଆଯିବ। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶ ନିଶ୍ଚୟ ମାଓବାଦୀମୁକ୍ତ ହେବ ବୋଲି 'ନକ୍ସଲ ମୁକ୍ତ ଭାରତ' ଉପରେ ଆୟୋଜିତ ସେମିନାରରେ ଉଦ୍‌ବୋଧନ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

# କଂଗ୍ରେସର ଲୋକପ୍ରିୟତାକୁ ଡରୁଛନ୍ତି ମୋଦି: ଭକ୍ତ

ଭୁବନେଶ୍ୱର, ୨୮।୯(ରବିନାରାୟଣ ଜେନା)

କଂଗ୍ରେସ କ୍ଷମତାକୁ ଆସିଲେ ଲୁଟ୍ ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଓଡ଼ିଶାରେ କଂଗ୍ରେସର ଲୋକପ୍ରିୟତା ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡରି ଯାଇଛନ୍ତି। ଦୀର୍ଘ ୧୧ ବର୍ଷ କେନ୍ଦ୍ରରେ ଏବଂ ୨୫ ବର୍ଷ ରାଜ୍ୟରେ କଂଗ୍ରେସ ନ ଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ କାହିଁକି କଂଗ୍ରେସ ବିରୋଧରେ ଏଭଳି କହୁଛନ୍ତି ତାହା ରାଜ୍ୟବାସୀ ବୁଝି ସାରିଲେଣି ବୋଲି ରବିବାର ଭକ୍ତ ଗଣମାଧ୍ୟମକୁ କହିଛନ୍ତି।

ଭକ୍ତ କହିଛନ୍ତି, ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମ, ଜିଲାପାଳ କାର୍ଯ୍ୟାଳୟ ଘେରାଉ, ବିଧାନସଭା ଘେରାଉ ଓ ନାରୀ ନିର୍ଯାତନାକୁ ନେଇ କଂଗ୍ରେସ କରିଥିବା ଆନ୍ଦୋଳନକୁ ଲୋକଙ୍କ ଅକୁଣ୍ଠିତ ଜନ ସମର୍ଥନରେ ଭାଜପା ଭୟଭୀତ ହୋଇପଡ଼ିଛି। ଏପରି କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ମଧ୍ୟ ଓଡ଼ିଶାରେ ନାରୀ ସୁରକ୍ଷିତ ନୁହେଁ ବୋଲି କହିସାରିଛି। ପ୍ରଧାନମନ୍ତ୍ରୀଙ୍କ କଂଗ୍ରେସ ଲୁଟି ଖାଇବା କଥାର ଯଦି ଦମ୍ ଅଛି ତେବେ ଭାଜପା ଓ କଂଗ୍ରେସର ବ୍ୟାଙ୍କ୍ ଆକାଉଣ୍ଟ ଚେକ୍ କରାଯାଉ। କଂଗ୍ରେସର ୪୦ ବର୍ଷ ଶାସନରେ କେତେ ଲୁଟ୍ ହୋଇଛି ଓ ଭାଜପାର ୧୧ ବର୍ଷ ଶାସନରେ କେତେ ଲୁଟ୍ ହୋଇଛି ତାହା ପ୍ରମାଣିତ ହୋଇଯିବ। କଂଗ୍ରେସ ସମୟରେ କେତେ ଖଣିଜ ସମ୍ପଦ ଉତ୍ତୋଳନ ହୋଇଥିଲା, ଭାଜପା ସମୟରେ କେତେ ହୋଇଛି। ଓଡ଼ିଶାରେ ଏବେ ଖାଲି ଖଣି ଲିଜ ଓ ମାଇନ୍ସ ଉଦ୍‌ଘାଟନ କରାଯାଉଛି। ହେଲେ ବେକାରଙ୍କୁ କାମ ନାହିଁ, ଚାଷୀଙ୍କୁ ସାର ମିଳୁନି, ନାରୀଙ୍କୁ ସମ୍ମାନ କି ସୁରକ୍ଷା ମିଳୁନି।

ସେ କହିଥିଲେ, ଅନୁଗୋଳରେ ୩୪ଟି କୋଇଲା ଖଣିକୁ ଅପରେଟ କରିବାକୁ ଦିଆଯାଉଛି। ସରକାର କୋଟି କୋଟି ଗଛ କାଟୁଛନ୍ତି। ସେପଟେ ଗଛ ଲଗାଇବା ପ୍ରହସନ କରୁଛନ୍ତି। ଆମକୁ ନିର୍ବାଚନ ଲଢ଼ିବାକୁ ଅର୍ଥ ମିଳୁ ନ ଥିବାବେଳେ ଭାଜପା ଏତେ କୋଟି କେମିତି ଖର୍ଚ୍ଚ କରୁଛି ବୋଲି ପ୍ରଶ୍ନ କରିଛନ୍ତି ଭକ୍ତ।

୨୦୨୪ ନିର୍ବାଚନରେ ବିଜେଡିର ୫୧ ବିଧାୟକ ଜିତିଲେ କିନ୍ତୁ ଗୋଟିଏ ବି ଏମ୍‌ପି ଜିତିଲେ ନାହିଁ। ଏହା ଭାଜପାର ଭୋଟ ଚୋରି ନୁହେଁ ତ ଆଉ କ'ଣ ହୋଇଥାଇ ପାରେ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ବିଜେଡି ଭାଜପା ସହିତ ସଲାସୁତୁରା କରୁଛି, ଏସବୁ ରାଜ୍ୟବାସୀ ଦେଖୁଛନ୍ତି। ଓଡ଼ିଶା ଜନତାଙ୍କ ସ୍ୱର କଂଗ୍ରେସ ପାଲଟିଛି। ନାରୀ ଏବଂ ସାଧାରଣ ଜନତାଙ୍କ ସମସ୍ୟା ପାଇଁ କଂଗ୍ରେସର ଘନ ଘନ ଆନ୍ଦୋଳନରେ ଦିଲ୍ଲୀ ଭାଜପାରେ ମଧ୍ୟ ଭୟର ବାତାବରଣ ସୃଷ୍ଟି ହୋଇଛି। କଂଗ୍ରେସ ସାଧାରଣ ଜନତାଙ୍କଠାରୁ ଭିକ ମାଗି ଲଢ଼େଇ କରୁଛି। ଯଦି ଅପାରଗ ସରକାରଙ୍କ ବିରୋଧରେ କଂଗ୍ରେସ ଆନ୍ଦୋଳନକୁ ବ୍ୟାପକ କରିବ ତେବେ ଭାଜପା ସମ୍ଭାଳିପାରିବ କି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି।

### ନୂଆପଡ଼ାରେ କଂଗ୍ରେସ ଜିତିବ

ନୂଆପଡ଼ା ଦଖଲ ରଣନୀତି ସମ୍ପର୍କରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ରଖି ପିସିସି ସଭାପତି କହିଛନ୍ତି, ନୂଆପଡ଼ାରେ ଯାହା କଲେ ବି ଭାଜପା ଜିତିପାରିବ ନାହିଁ। ଘାସିରାମ ମାଝୀ ନୂଆପଡ଼ା ମାଟିର ପୁଅ। ମାଟିର ମଣିଷ ଘାସିରାମ ମାଝୀ ହିଁ ସେଠାରେ ଜିତିବେ ଏବଂ କଂଗ୍ରେସର ବିଜୟ ହେବ ବୋଲି ଭକ୍ତ କହିଛନ୍ତି। ସେ କହିଥିଲେ, ନୂଆପଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ୱାରରୁମ୍ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ୬ଟି ଜୋନ୍‌ରେ ୬ଟି କମିଟି ହୋଇସାରିଲାଣି। ଆସନ୍ତା ୫ କିମ୍ବା ୬ ତାରିଖ ଆଡ଼କୁ ନୂଆପଡ଼ା ଯିବି ଏବଂ କଂଗ୍ରେସର ବିଜୟ ପର୍ବ ଆରମ୍ଭ ହେବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି।

# ଦେଶ ନିର୍ମାଣରେ ସହାୟକ ହୋଇଛି ମୋଦିଙ୍କ ମନ୍ତ୍ର: ମନମୋହନ

ଭୁବନେଶ୍ୱର, ୨୮।୯ (ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରୟାସ ବ୍ୟକ୍ତି, ସମାଜ ଓ ଦେଶ ନିର୍ମାଣରେ ସହାୟକ ହୋଇପାରିଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ରବିବାର ଖୋର୍ଦ୍ଧା ଅନ୍ତର୍ଗତ ଚନ୍ଦକା ମଣ୍ଡଳ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ୧୨୬ତମ 'ମନ କୀ ବାତ୍' କାର୍ଯ୍ୟକ୍ରମରେ ଯୋଗଦେଇ ସାମଲ କହିଛନ୍ତି, ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତ ପାଇଁ ସ୍ୱଦେଶୀ ଅଭିଯାନ ଉପରେ ଗୁରୁତ୍ୱ ଦେବା ସହ ଶହୀଦ ଭଗତ୍ ସିଂ ଏବଂ ଭାରତରତ୍ନ ଲତା ମଙ୍ଗେସ୍କରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ନାରୀଶକ୍ତି କିଭଳି ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ସେ ବିଷୟରେ କହିବା ସହ ଛଟ୍‌ପୂଜାଠାରୁ ଆରମ୍ଭ କରି ଦଶହରା ପର୍ଯ୍ୟନ୍ତ ସବୁ ପର୍ବପର୍ବାଣି ପ୍ରସଙ୍ଗରେ ତାଙ୍କର ଅଭିବ୍ୟକ୍ତି ରଖିଛନ୍ତି। ଏହି କାର୍ଯ୍ୟକ୍ରମ କେବଳ ଏକ ରେଡିଓ କାର୍ଯ୍ୟକ୍ରମ ନୁହେଁ ବରଂ ସାମାଜିକ ପରିବର୍ତ୍ତନର ଏକ ମାଧ୍ୟମ। ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଏବଂ ଜନସାଧାରଣଙ୍କ ସହ ହୃଦୟସ୍ପର୍ଶୀ ବାର୍ତ୍ତା ଦେଶର ପ୍ରତ୍ୟେକ ନାଗରିକଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣରେ ଅଂଶୀଦାର ହେବାକୁ ପ୍ରେରଣା ଯୋଗାଉଛି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ସମସ୍ତେ ଖଦି ବସ୍ତ୍ର କିଣିବା ସହ ପରିଧାନ କରିବାକୁ ମୋଦି ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତୀୟ ନୌସେନାର ୨ ମହିଳା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେମାନେ କିପରି ୮ ମାସ କାଳ ସମୁଦ୍ର ଭିତରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ସାହସ ଓ ଦୃଢ଼ତାର ପରିଚୟ ଦେଇଥିଲେ, ତାହା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ବିଷୟ। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ମୋଦି ଦେଇଥିବା ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ସାମଲ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟ ସଭାପତି ଚନ୍ଦକାଠାରେ ମହାନ୍ ବିପ୍ଳବୀ ପାଇକ ଯୋଦ୍ଧା ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମୁଖପାତ୍ର ସୁଦୀପ୍ତ କୁମାର ରାୟ, ଖୋର୍ଦ୍ଧା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନ ପ୍ରମୁଖ ସାମିଲ ଥିଲେ।

### ପ୍ରଧାନମନ୍ତ୍ରୀଙ୍କ ୧୨୬ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ

# ସାପକାମୁଡ଼ାରେ ମା'ଝିଅଙ୍କ ମୃତ୍ୟୁ

ପାଟଣା, ୨୮।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ବଡ଼ବିଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସାପ କାମୁଡ଼ାରେ ମା'ଝିଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ବିଲ ଗ୍ରାମର ଗ୍ରାମସାଥୀ ରଞ୍ଜନ କୁମାର ନାୟକଙ୍କ ସ୍ତ୍ରୀ ଯାତ୍ରୀ ନାୟକ(୨୮) ଓ ତାଙ୍କ ଶାଶୁ ତୁରୁମୁଙ୍ଗା ଥାନା କାଶୀପୁର ଗ୍ରାମର ଫୁଲମଣୀ ନାୟକ(୭୫)। ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ପ୍ରକାଶ ଯେ, ଫୁଲମଣୀ ଝିଅ ଘରକୁ ବୁଲିବାକୁ ଆସିଥିଲେ। ଶୁକ୍ରବାର ରାତିରେ ଘର ଚଟାଣରେ ମା' ଝିଅ ଶୋଇଥିବା ସମୟରେ ଉଭୟଙ୍କୁ ଏକ ଚିତି ସାପ କାମୁଡ଼ିଥିଲା। ପ୍ରଥମେ ଯାତ୍ରୀଙ୍କୁ ସାପ କାମୁଡ଼ିବା ଜାଣି ପରିବାର ଲୋକେ ତାଙ୍କୁ ଗୁଣିଆ ନିକଟକୁ ନେଇ ଝଡ଼ାଫୁଙ୍କା କରିଥିଲେ। ପରେ ସେ ଗୁରୁତର ହେବାରୁ ଘଷିପୁରା ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯାତ୍ରୀଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ଫୁଲମଣୀଙ୍କ ଶରୀର ଅସୁସ୍ଥ ହେବାରୁ ପରିବାର ଲୋକେ ଡାକ୍ତରଖାନାକୁ ନେଇଥିଲେ। ଶନିବାର ଅପରାହ୍ନରେ ତାଙ୍କର ବି ମୃତ୍ୟୁ ଘଟିଥିଲା।

# କ୍ଷମତା ଚୋରି କରିଛି ଭାଜପା ସରକାର: ବିଜେଡି

ଭୁବନେଶ୍ୱର, ୨୮।୯ (ରବିନାରାୟଣ ଜେନା)

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ବିଜୁ ଜନତା ଦଳ (ବିଜେଡି) ତରଫରୁ ଜନସମ୍ପର୍କ ପଦଯାତ୍ରା ପାଇଁ ସଂକଳ୍ପ ନିଆଯିବ। ଅକ୍ଟୋବର ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ପଦଯାତ୍ରା କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଚାଲିବ ବୋଲି ରବିବାର ବିଜେଡି ପକ୍ଷରୁ କୁହାଯାଇଛି।

### ଅକ୍ଟୋବର ୯ରୁ ୧ମାସ ପାଇଁ ଜନସମ୍ପର୍କ ପଦଯାତ୍ରା

ଏନେଇ ଶଙ୍ଖ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦଳର ପଦଯାତ୍ରା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି। ଏହି ଅବସରରେ ପ୍ରମିଳା କହିଥିଲେ, ଭାଜପା ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି। କିନ୍ତୁ କ୍ଷମତାକୁ ଆସିବା ପରେ ଭାଜପା ସରକାରଙ୍କ କାର୍ଯ୍ୟକଳାପ ଦେଖି ରାଜ୍ୟବାସୀ ଅତିଷ୍ଠ ହେଲେଣି। ଗତ ୧୫ ମାସର ଭାଜପା ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି ଓ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ରାଜ୍ୟବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ କରାଯାଇଥିବା ବିଏସ୍‌କେୱାଇ ବହୁତ ଉପକାରୀ ହୋଇଥିଲା ବେଳେ ଭାଜପା ସରକାରଙ୍କ ଦ୍ୱାରା ଆୟୁଷ୍ମାନ ଯୋଜନାରେ ଲୋକେ ହନ୍ତସନ୍ତ ହେଉଛନ୍ତି। ସେହିପରି ସାର ଅଭାବରୁ ରାଜ୍ୟରେ ଚାଷୀ ରାଜରାସ୍ତାରେ ଛିଡ଼ା ହେଉଛନ୍ତି। ପଞ୍ଚାୟତସ୍ତରରେ ନିର୍ବାଚିତ ପ୍ରତିନିଧି ମାନଙ୍କ କ୍ଷମତାକୁ ସଙ୍କୁଚିତ କରି ସରକାର ଗଣତନ୍ତ୍ରକୁ ହତ୍ୟା କରିଛନ୍ତି। ଏହି ସବୁ ପ୍ରସଙ୍ଗକୁ ନେଇ ବିଜେଡି ଲୋକଙ୍କ ପାଖକୁ ଯିବ ବୋଲି ପ୍ରମିଳା କହିଛନ୍ତି।


## OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION

AT/PO : ATHMALLIK, DIST : ANGUL-759125

E-mail : dfoathmallikt@gmail.com Mob : 9437004236

**Tender Notice No. 4506/2025** **Date : 26.09.2025**

**No.MM- : Short Tender Notice for Construction of Staff Barrack at Madhapur Range Office Campus under Madhapur Range of Athmallik Forest Division.** Sealed Tender is hereby invited by the undersigned on behalf of the Governor of Odisha, invites Tender for following works from the eligible contractor as detail below.

1. **Name of the work : Construction of Staff Barrack at Range Office Campus under Madhapur Range of Athmallik**

| Sl. No. | Name of Work | Tender Notice No. | Estimated Cost |
|---|---|---|---|
| 1 | **Construction of Staff Barrack at Madhapur Range Office Campus under Madhapur Range of Athmallik Forest Division** | **4506** | **17.75 Lakh** |

2. Commecement of download RFP document on website : www.odishaforest.in Dt.27.09.2025 Time : 11.00 A.M.
3. **Last Date of bid submission** (by messenger/courier/post) : Dt.10.10.2025 Time : 01.00 P.M. Office of the Divisional Forest Officer, Athmallik Division, PO/PS - Athmallik, Pin-759125, Dist. : Angul.
4. **Date of General & Technical and Financial Bid opening :** Dt.10.10.2025 Time : 04.00 P.M. Office of the Divisional Forest Officer, Athmallik Division, PO/PS - Athmallik, Pin - 759125, Dist - Angul.

**Sd./- Divisional Forest Officer, Athmallik Division**

OIPR-08125/11/0020/2526

No.MM-

## FOREST DEPARTMENT
## OFFICE OF THE DIVISIONAL FOREST OFFICER, BARIPADA FOREST DIVISION

e-mail : dfo.baripada@odisha.gov.in

Government of Odisha "e" Procurement Notice

**Bid Identification No. : DFO-BPD-05/2025-26**

1. Number of works : **1** (One number of work)
2. Approximate estimated cost : **17.02 lakh**
3. Period of Completion : **90 (Ninety)** days
4. Date & Time of availability of bid documents in the portal : **Dt.03.10.2025 to 15.10.2025**
5. Last Date / Time of receipt of bid in the portal : **Dt.15.10.2025 up to 5.00 P.M.**
6. Date of Opening of bid : **Dt.16.10.2025 at 11.00 A.M.**
7. Name & address of the Office inviting bid : **O/o the Divisional Forest Officer, Baripada Forest Division, Baripada, Mayurbhanj, PIN-757001**

Further details can be seen from the e-procurement portal http://www.tendersodisha.gov.in

**Sd./- Divisional Forest Officer Baripada Forest Division**

OIPR-08065/11/0015/2526

## OFFICE OF THE SUPERINTENDING ENGINEER MINOR IRRIGATION DIVISION, BOUDH

**GOVERNMENT OF ODISHA e-Procurement Notice**

**Bid Identification No. 08/BMID/2025-2026**

E-mail ID : bmidbdh@gmail.com

No.A-681 **Letter No.1422 / Date.25.09.2025**

| | | |
|---|---|---|
| 01 | Name of work | Construction of Putakheta-II Check Dam near village Putakheta of Baragaon GP in Kantamal Block of Boudh District for the year 2025-26 |
| 02 | Numbers of Work | 01 (One) No. |
| 03 | Tender Amount | Rs.48.91 Lakh. |
| 04 | Class of Contractor | "B" |
| 05 | Tender paper Cost (Online) | Rs.6000/- |
| 06 | Period of Completion | 06 (Six) Calendar Months |
| 07 | Availability of Bid Document | From 06.10.2025 at 10.00 A.M. to 18.10.2025 up-to 05.00 P.M. in website (www.tendersorissa.gov.in) |
| 08 | Last date & Time of receipt of Bid | 18.10.2025 up-to 05.00 P.M. through online |
| 09 | Date of opening of Bid Documents | 20.10.2025 at 11.00 A.M. in the office of the SE, M.I. Division, Boudh |
| 10 | Date of Lottery | 24.10.2025 |
| 11 | Digital Signature Certificate of Bidder | The bidder must process compatible Digital Signature Certificate (DSC) |
| 12 | Name and address of the OIT | Superintending Engineer, M.I. Division, Boudh At/P.O. : Malisahi, District : Boudh, PIN-762014 |

Further details can be seen from the Government of Odisha Web-site : www.tendersorissa.gov.in

**Sd./- Superintending Engineer M.I. Division, Boudh**

OIPR-32279/11/0021/2526

See Career Appointment on every Wednesday & Saturday

No.A-679

## GOVT. OF ODISHA
## OFFICE OF THE SUPERINTENDING ENGINEER MAHANADI BARRAGE DIVISION, CUTTACK

Phone No. 0671-2440118

Email : eembarragedivnctc@gmail.com

**'e'-procurement Notice No. - 13(MBD 55 to 61) / 2025-26**

| | | |
|---|---|---|
| 1. | Name of work | **"FCRE, 3054 Road & Headworks"** |
| 2. | Total No. of works | **7 (Seven) Nos. of works** |
| 3. | Tender Cost | **15.09 lakhs to 76.09 lakhs** |
| 4 | Mode of Payment of EMD (Bid Security) & Bid Cost | The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt. of Odisha **WDOM No.17254/W dtd.05.12.2017 as mentioned in DTCN.** |
| 5. | Period of completion | **03 to 06 (Three to Six) Calendar Months** |
| 6. | Other details as follows | |
| (i) | Procurement Officer | **Superintending Engineer,** Mahanadi Barrage Division, Cuttack. |
| (ii) | Availability of Tender online for Bidding | **26.09.2025 from 10.00 A.M to 10.10.2025 up to 5.00 P.M.** |
| (iii) | Date, Time & Venue of opening of Bid through Online | **Dtd.13.10.2025 - 11.30 A.M.** in the Office of the Superintending Engineer, Mahanadi Barrage Division, Cuttack. |
| (iv) | Date of Transparent Lottery to be Conducted (if required) | **On 24.10.2025 at 11.30 P.M in the office Chamber of the Superintending Engineer, Mahanadi Barrage Division, Gandarpur, Cuttack.** (Bidders shall furnish their present e-mail id, address and Telephone No. for further correspondence) |

Further details can be seen from the Govt. website www.tendersodisha.gov.in.

**Sd./- Superintending Engineer, Mahanadi Barrage Division, Cuttack**

OIPR-32477/11/0026/2526

## OFFICE OF THE PURI MUNICIPALITY, PURI

No. 9099 Dt. 25.09.2025

**QUOTATION CALL NOTICE BREAKDOWN/TOWING SERVICE UNDER PURI MUNICIPALITY 2025-26**

**No.C-1197** : Sealed quotation is invited from the intending persons/firms/agencies to provide Breakdown/Towing Service under Puri Municipality. The intending persons/agencies are required to visit the website: **www.purimunicipality.nic.in** & **www.puri.nic.in** and download the auction papers along with the terms and conditions between from **26.09.2025 10 A.M. to 08.10.2025 up to 5 P.M.** The quotation must reach the office of the undersigned by registered post/speed post on or **before 08.10.2025** by 5 P.M. and will be opened on **09.10.2025 at 11 A.M.** in presence of the Executive Officer & quotationers or their authorized representatives. Puri Municipality will in no way be responsible for delay in reaching of the quotations.

**Sd./- Executive Officer Puri Municipality, Puri**

OIPR-13159/11/0070/2526

# ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର ତ୍ରୈବାର୍ଷିକ ସମାରୋହ

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର ଦ୍ୱାଦଶ ତ୍ରୈବାର୍ଷିକ ମଣ୍ଡ ଳ ସାଧାରଣ ପରିଷଦ ସଭା, ଅଷ୍ଟମ ତ୍ରୈବାର୍ଷିକ ସାଧାରଣ ପରିଷଦ ସଭା, ବ୍ୟାଙ୍କ କର୍ମଚାରୀ ଜାତୀୟ ରାଜ୍ୟ ସଂଘ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସଂଘ ସମବାୟ ସମିତି(ଓଡ଼ିଶା)ର ୫୮ତମ ବାର୍ଷିକ ସମାରେହ ପାଳିତ ହୋଇଯାଇଛି। କଟକ ଜବାହାର ଇନଡୋର ଷ୍ଟାଡିୟମରେ ଆୟୋଜିତ ଏହି ସଭାରେ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ତଥା ସମବାୟ ସମିତିର ସଭାପତି ଡା. ଚିତ୍ତରଞ୍ଜନ ପଣ୍ଡା ଓ ସଂଘର ସଭାପତି ଡା. ତପନ କୁମାର ପାଲ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଅକେଲା ଦିନାକର ରତନ ତେଜା, ମହାପ୍ରବନ୍ଧକ ନେଟୱାର୍କ ୧ ବନ୍ଦନା ଅଗ୍ରୱାଲ, ମହାପ୍ରବନ୍ଧକ ନେଟୱାର୍କ ୨ କୌଶଲ ସିଂ, ସର୍ବଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ମହାସଂଘର ସଭାପତି ପଙ୍କଜ କୌଶିକ, ସାଧାରଣ ସମ୍ପାଦକ ଏଲ୍ ଚନ୍ଦ୍ରଶେଖରଙ୍କ ସହିତ ମଣ୍ଡଳର ସଭାପତି ଓ ସମ୍ପାଦକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତିର ମୁଖ୍ୟ ସମ୍ପାଦକ ଗଙ୍ଗା ପ୍ରସାଦ ପଟ୍ଟନାୟକ ସମିତିର ପୁଞ୍ଜି ବିନିଯୋଗ, ଏହାର ଉନ୍ନତି ଓ ବାର୍ଷିକ ଲେଖା ବିବରଣୀ ବିଷୟରେ ଅବଗତ କରାଇଥିଲେ। କର୍ମଚାରୀ ସଂଘର ଉପସଭାପତି ନିର୍ମଳ କୁମାର ପଣ୍ଡା, ପରମାନନ୍ଦ ଦେ, ଉପ ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ତରାଇ, ତୁଷାର ଦାସ, ଭୋଳାନାଥ ମେହେର, ଭାସ୍କର ପ୍ରଧାନ, ସମିତିର କୋଷାଧ୍ୟକ୍ଷ ସରୋଜ କୁମାର ଦାସ, ସହ ସମ୍ପାଦକ ଲୋକନାଥ ଛାଟୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆରବିଆଇ ରେପୋରେଟ୍ କମାଇବା ଆଶା

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)




ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ଏବେ ୨୫ ବେସିସ ପଏଣ୍ଟ (ବିପିଏସ୍) ରେପୋ ରେଟ କମାଇଲେ ଘରୋଇ ଚାହିଦା ଓ ନିବେଶକୁ ଉତ୍ସାହିତ କରିପାରିବ। ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ଏକ ରିସର୍ଚ ରିପୋର୍ଟ ଅନୁସାରେ, କଞ୍ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ୪% ଲକ୍ଷ୍ୟରୁ କମ୍ ରହିଛି ଓ ଆଗାମୀ ବର୍ଷ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ରହିବ ବୋଲି ଆଶା କରାଯାଉଛି। ଜିଏସଟି ସଂସ୍କାର ଦରଦାମ ବୃଦ୍ଧିକୁ ଆହୁରି କମାଇବ। ଆରବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ମନିଟାରୀ ପଲିସି କମିଟି (ଏମପିସି)ର ତିନିଦିନିଆ ବୈଠକ ସୋମବାରଠାରୁ ଆରମ୍ଭ ହେବ। ବିଶ୍ୱ ଭୂ-ରାଜନୈତିକ ସଙ୍କଟ ଓ ଆମେରିକାର ଭାରତୀୟ ଶିପମେଣ୍ଟରେ ୫୦% ଟାରିଫ ନିଷ୍ପତ୍ତି ପରେ ସୁଧ ଦର ଉପରେ ଚର୍ଚ୍ଚା ହେବ। ନିଷ୍ପତ୍ତି ଅକ୍ଟୋବର ୧ରେ ଘୋଷଣା ହେବ। ଫେବ୍ରୁଆରୀରୁ ଆରବିଆଇ ତିନି ପର୍ଯ୍ୟାୟରେ ୧୦୦ ବିପିଏସ୍ କମାଇଥିଲେ ମଧ୍ୟ ବୈଶ୍ୱିକ ପରିସ୍ଥିତିର ପ୍ରଭାବ ଦେଖିବାକୁ ଅଗଷ୍ଟରେ ସୁଧ ହାର ଅପରିବର୍ତ୍ତିତ ରଖିଥିଲା। ସେପ୍ଟେମ୍ବର ୨୨ରୁ ଜିଏସଟି ୫% ଓ ୧୮% ହାରରେ ସୀମିତ ରଖାଯାଇଛି ଯାହା ୯୯% ନିତ୍ୟବ୍ୟବହାର୍ଯ୍ୟ ଜିନିଷକୁ ଶସ୍ତା କରିଛି। ଏହା ଦରଦାମ ବୃଦ୍ଧି କମାଇବ ବୋଲି ଆଶା କରାଯାଉଛି। ଏସବିଆଇ ଓ କ୍ରିସିଲ ହ୍ରାସ ଚାହୁଁଥିବାବେଳେ ଅକ୍ଟୋବର ୧ରେ ପ୍ରକାଶ ପାଇବାକୁ ଥିବା ନିଷ୍ପତ୍ତି ଉପରେ ସମସ୍ତଙ୍କର ନଜର ରହିଛି।। ନିବେଶକ ଓ ବଜାର ଏହି ନିଷ୍ପତ୍ତି ଅପେକ୍ଷାରେ ରହିଛନ୍ତି। ରେପୋ ରେଟ କମିଲେ ହୋମ, କାର୍ ଓ ବ୍ୟବସାୟ ଲୋନର ଇଏମଆଇ ଶସ୍ତା ହୋଇପାରେ।

# କନ୍ୟାଦିବସ ପାଳିଲା ରୂପମନ୍ତ୍ରା



ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଅନ୍ତର୍ଜାତୀୟ କନ୍ୟା ଦିବସ ଅବସରରେ ଡିଭିସା ହର୍ବାଲସ ପ୍ରାଇଭେଟ ଲିମିଟେଡର 'ରୂପ ମନ୍ତ୍ରା' ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଝିଅମାନଙ୍କ ବିଷୟରେ ନିଜର ମତ ଓ ଚିନ୍ତାଧାରା ବାଣ୍ଟିଥିଲେ। ଏହି ଅବସରରେ 'ବ୍ରାଣ୍ଡ ମେସିନ' ନାମରେ ଜଣାଶୁଣା ଉଦ୍ୟୋଗୀ ତଥା ନିବେଶକ ଡ଼. ସଞ୍ଜୀବ ଜୁନେଜା କହିଲେ, ଝିଅମାନେ ଈଶ୍ୱରଙ୍କ ପ୍ରଦତ୍ତ ଏକ ମୂଲ୍ୟବାନ ଉପହାର। ସେମାନେ ଘରକୁ ଖୁସି ଓ ପ୍ରେମରେ ଭରି ଦିଅନ୍ତି। ତୁମେ ତୁମ ଝିଅକୁ କେତେ ଭଲ ପାଉଛ ତାହା ତାକୁ ଜଣାଇବା ଜରୁରୀ, ସେ ବଡ଼ ହୋଇ ଦୂରରେ ଥିଲେ ମଧ୍ୟ ସେ ତୁମର ରାଜକୁମାରୀ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ମହିଳାଙ୍କୁ ସମ୍ବୋଧିତ କରି ଡ଼. ଜୁନେଜା କହିଥିଲେ, ଝିଅମାନଙ୍କ ପାଇଁ ଆତ୍ମବିଶ୍ୱାସ ବହୁତ ଜରୁରୀ। ଏହା ସେମାନେ ପରିବାରର ଭଲପାଇବା ଓ ଭରସାରୁ ପାଆନ୍ତି। ଝିଅମାନେ ଘରକୁ ଦୀପ ପରି ଆଲୋକିତ କରନ୍ତି। ତୁମ ଝିଅକୁ ହସାଇ ତା ପାଇଁ ଗର୍ବ ଅନୁଭବ କର।

## ୨ ସପ୍ତାହରେ ୯.୪୨ କୋଟି ଆୟ କଲା ହୀର୍ ଏକ୍ସପ୍ରେସ

ଭୁବନେଶ୍ୱର, ୨୮।୯




ବଲିଉଡର ନୂଆ ତାରକା ଦିଭିତା ଜୁନେଜାଙ୍କ ପ୍ରଥମ ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ' ବକ୍ସ ଅଫିସରେ ସଫଳତା ପାଇଛି। ୨ ସପ୍ତାହରେ ଏହା ୯.୪୨ କୋଟି ଟଙ୍କା ଆୟ କରିଛି। ପ୍ରତିଦିନ ହଜାର ହଜାର ଟିକେଟ ବିକ୍ରି ହେଉଛି। ପରିବାର ଏକାଠି ଏହି ପାରିବାରିକ ଚଳଚ୍ଚିତ୍ରକୁ ଉପଭୋଗ କରୁଛନ୍ତି। ତନିଷ୍କ ବାଗଚୀଙ୍କ ସଙ୍ଗୀତ ଓ ଗୀତ ଦର୍ଶକଙ୍କ ମନ ଜିତିଛି। ଦିଭିତାଙ୍କ ଅଭିନୟ କ୍ରିଟିକ୍ସଙ୍କ ପ୍ରଶଂସା ପାଇଛି। ନିକଟରେ ଚଣ୍ଡିଗଡ଼ସ୍ଥିତ ଏକ ଥିଏଟର ପରିଦର୍ଶନ ବେଳେ ଦର୍ଶକମାନଙ୍କ ମଧ୍ୟରେ ଖୁବ୍ ଉତ୍ସାହ ଦେଖିବାକୁ ମିଳିଥିଲା।

# ଅନୁଗୋଳରେ ଅରୁନ୍ଧତୀ ଜୁଏଲର୍ସର ୧୦ମ ଶାଖା




ଅନୁଗୋଳ, ୨୮।୯(ମାନସ ବିଶ୍ୱାଳ)

ଓଡ଼ିଶାର ଅଗ୍ରଣୀ ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର ୧୦ମ ଶାଖା ଅନୁଗୋଳ ସହର ଶଙ୍କର ସିନେମା ହଲ୍ ରୋଡ ନିକଟରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବଲିଉଡ ଅଭିନେତ୍ରୀ ମହିମା ଚୌଧୁରୀ ଓ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ୭୫୦୦ ବର୍ଗଫୁଟ ପରିମିତ ବିଶାଳ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଥିଲା। ପାର୍ବଣ ଋତୁରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଅନୁଗୋଳବାସୀଙ୍କୁ ଏହି ଅତ୍ୟାଧୁନିକ ଶୋ'ରୁମ୍‌କୁ ଉତ୍ସର୍ଗୀକୃତ କରାଯାଇଥିଲା। ଦେଶବିଦେଶରୁ ପ୍ରସ୍ତୁତ ୧୦ ହଜାରରୁ ଊର୍ଦ୍ଧ୍ୱ ଗହଣା ଡିଜାଇନ ଶୁଦ୍ଧତାଯୁକ୍ତ ସୁନାଗହଣା, ରୁପାଗହଣାର ତାରକସି କାରୁକାର୍ଯ୍ୟ, ହୀରାଗହଣାର ଭିନ୍ନ ଭିନ୍ନ କଲେକ୍ସନ ଏବଂ ପ୍ରିମିୟମ, ସମ୍ବଲପୁରୀ ସିଲ୍କ ଶାଢ଼ିରେ ସଜ୍ଜିତ ଏହି ଶୋ'ରୁମ୍ ଉପସ୍ଥିତ ଗ୍ରାହକଙ୍କ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ସମସ୍ତଙ୍କୁ ସମ୍ବୋଧିତ କରିବା ସହ ଅନୁଗୋଳବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅରୁନ୍ଧତୀର ୨୫ବର୍ଷ ପୂର୍ତ୍ତି ଅବସରରେ ଅନୁଗୋଳ ସହରରେ ଅରୁନ୍ଧତୀର ଦଶମ ଶାଖା ନିମନ୍ତେ ଅନୁଗୋଳ ସର୍ବଦା ଅବିସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ଏବଂ ଆଗକୁ ଆସୁଥିବା ପାର୍ବଣ ଋତୁ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ମେଗା ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ରହିଛି। ସୁନା ଗହଣାର ଗଢ଼ା ମଜୁରିରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି।

# ଫୋନପେ'ର ଫାୟାରକ୍ରାକର ଇନ୍‌ସ୍ୟୁରାନ୍ସ

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ପାର୍ବଣରେ ବାଣ ଯୋଗୁ ହେଉଥିବା ଦୁର୍ଘଟଣାରୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇବା ପାଇଁ ଫୋନପେ' ପୁଣି ଥରେ ନିଜର ଫାୟାରକ୍ରାକର ଇନ୍‌ସ୍ୟୁରାନ୍ସ କଭରେଜକୁ ଶୁଭାରମ୍ଭ କରିଛି। ଏହି ସୁଲଭ ପ୍ଲାନ କେବଳ ଟ.୧୧ (ଜିଏସ୍‌ଟି ସହିତ)ରେ ଉପଲବ୍ଧ ଅଛି ଏବଂ ଏହା ପର୍ବପର୍ବାଣି ସମୟରେ ୧୧ ଦିନ ପାଇଁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ କଭରେଜ ପ୍ରଦାନ କରିଥାଏ। ଏହା ସହିତ ସେମାନେ ଏକ ପଲିସି ଅଧୀନରେ ନିଜେ, ନିଜ ଜୀବନସାଥୀ ଏବଂ ୨ଟି ସନ୍ତାନଙ୍କୁ ମିଶାଇ ସମ୍ପୂର୍ଣ୍ଣ ପରିବାରକୁ ସୁରକ୍ଷିତ କରିପାରିବେ। ଏହି କଭରେଜ ଅକ୍ଟୋବର ୧୨ଠାରୁ ଆରମ୍ଭ ହୋଇ ୧୧ ଦିନ ପାଇଁ ବୈଧ ରହିବ।

# ମାଲାବାରର ସ୍ୱତନ୍ତ୍ର ପାର୍ବଣ ଅଫର୍




ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଦଶହରା ଓ ଧନତେରାସ୍ ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ପାର୍ବଣ ଅଫର୍ ଘୋଷଣା କରାଯାଇଛି। ଏହାର ସମ୍ବଲପୁର ଷ୍ଟୋର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ କରୁଥିବାବେଳେ ପାର୍ବଣରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ ପାଇଁ ନିଆରା ଡିଜାଇନର ଗହଣା ଉପଲବ୍ଧ କରାଯାଇଛି। ସୁନା ଗହଣା, ଦୁର୍ଲଭ ଷ୍ଟୋନ୍ ଏବଂ ଅନକଟ୍ ଡାଇମଣ୍ଡର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ହୀରା ମୂଲ୍ୟ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର୍ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୈଧ ରହିବ। ଏହି ପର୍ବରେ ଗ୍ରାହକମାନେ ସୁନ୍ଦର ଓ ମୂଲ୍ୟବାନ ଗହଣା କିଣିବାର ସୁଯୋଗ ପାଇବେ। ସେହିପରି ଧନତେରାସ ପାଇଁ ଗହଣା ବୁକ୍ କଲେ ମାଗଣା ରୁପା ମୁଦ୍ରା ମିଳିବ। ଗ୍ରାହକମାନେ ଗହଣାର ମୋଟ ଦାମର ୧୦% ଦେଇ ବୁକ୍ କରିପାରିବେ । ବୁକିଂ ଦାମ୍ କିମ୍ବା ବଜାର ଦାମ୍ ମଧ୍ୟରୁ ଯେଉଁଟି କମ୍ ହେବ ସେହି ଦାମ୍‌ରେ ଗ୍ରାହକ ବୁକ୍ କରିଥିବା ଗହଣା କିଣିପାରିବେ। ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି, ଧନତେରାସ ଘରେ ସୁଖ ଓ ସମୃଦ୍ଧି ଆଣେ। ଆମେ ଗ୍ରାହକଙ୍କ ପାଇଁ ଏହାକୁ ଖାସ କରିବାକୁ ଚାହୁଁଛୁ। ଆମର ଅଫର ଗ୍ରାହକଙ୍କ ପ୍ରତି କୃତଜ୍ଞତା ଦେଖାଇବାର ଏକ ଉପାୟ।

## ଅପରାଧ

# ୩ ହାତୀଦାନ୍ତ ଜବତ, ୪ ଗିରଫ

### ପୋଲିସ, ବନ ବିଭାଗର ମିଳିତ ଚଢ଼ାଉ

କେନ୍ଦୁଝର,୨୮।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପୋଲିସ ଓ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ବେଆଇନ ହାତୀଦାନ୍ତ ଚୋରାଚାଲାଣ ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ଘଟଣାରେ ୪ ଜଣଙ୍କୁ ଗିରଫ କରିଥିବା ବେଳେ ୩ଟି ହାତୀଦାନ୍ତ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଆଲିଶା ବଜାରର ବୀରକିଶୋର ବେହେରା (୫୩), ଅନୁଗୋଳ ଜିଲା ପାରାବିଲର ଅରୁଣ କୁମାର ସାହୁ (୩୫), ଭଗାମୁଣ୍ଡାର ପ୍ରଦୀପ କୁମାର ସିଂହ (୫୦) ଓ ପାଇକାସାହିର ପ୍ରତାପ ବେହେରା (୩୬)। ଏ ନେଇ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଜବତ ୩ ହାତୀଦାନ୍ତ।

ସୂଚନା ଅନୁଯାୟୀ, ୨୬ ସେପ୍ଟେମ୍ବର ରାତି ପ୍ରାୟ ୯ଟା ସମୟରେ ପୋଲିସ ଗୋଇନ୍ଦା ବିଭାଗ ସ୍ୱତନ୍ତ୍ର ସେଲର ସୂଚନା ଆଧାରରେ ବନ ବିଭାଗ ଓ ପୋଲିସର ମିଳିତ ପାଟ୍ରୋଲିଂ ଦଳ ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତଲକାଇପୁର ଗ୍ରାମ କ୍ରଶର ନିକଟରେ ଚଢ଼ାଉ କରିଥିଲା। ଅଧିକାରୀମାନେ ଉକ୍ତ ସ୍ଥାନରେ କେତେକ ଲୋକ ସନ୍ଦେହଜନକ କାର୍ଯ୍ୟକଳାପ କରୁଥିବା ଦେଖିଥିଲେ। ଚଢ଼ାଉ ସମୟରେ ଅନେକ ସନ୍ଦିଗ୍ଧ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମିଳିତ ଟିମ୍ ବୀରକିଶୋର, ଅରୁଣଙ୍କୁ କାବୁକରି ସେମାନଙ୍କ ନିକଟରୁ ଏକ ଧଳା ପ୍ଲାଷ୍ଟିକ ବ୍ୟାଗରେ ଥିବା ୩ଟି ହାତୀଦାନ୍ତ(ଗୋଟିଏ ୫୧ ସେମି ଲମ୍ବା ଏବଂ ୨.୦୨୬ କିଲୋଗ୍ରାମ ଓଜନ, ଆଉ ଗୋଟେ ୨୮ ସେମି ଲମ୍ବା ଏବଂ ୦.୬୦୦ କିଲୋଗ୍ରାମ ଓଜନ, ଅନ୍ୟଟି ୨୦ ସେମି ଲମ୍ବ ଏବଂ ୦.୩୮୭ କିଲୋଗ୍ରାମ ଓଜନ)ଜବତ କରିଥିଲା। ସେମାନେ ଉଭୟ ଦାନ୍ତର ବୈଧ କାଗଜପତ୍ର ପ୍ରଦାନ କରିପାରି ନ ଥିଲେ। ଅଧିକ ପଚରାଉଚରା ପରେ, ଅରୁଣ ଦାନ୍ତଗୁଡ଼ିକ ଅନୁଗୋଳ ଭଗାମୁଣ୍ଡାର ପ୍ରଦୀପଙ୍କଠାରୁ କିଣିଥିବା କହିଥିଲେ। ଅଭିଯୁକ୍ତଙ୍କ ବୟାନ ଆଧାରରେ କେନ୍ଦୁଝର ଏସିଏଫ ଡା. ସୁଦୀପ୍ତ କୁମାର ପଣ୍ଡା, ଭୂୟାଁ ଜୁଆଙ୍ଗ ପିଢ଼(ବିଜେପି) ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ, ସଦର ଥାନା ଏସ୍‌ଆଇ ମାନସ ରଞ୍ଜନ ପଣ୍ଡା, ବିଜେପି ରେଞ୍ଜର ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତଙ୍କୁ ନେଇ ଏକ ଦଳ ଅନୁଗୋଳ ଯାଇ ସେଠାକାର ବନ କର୍ମଚାରୀଙ୍କ ସହାୟତାରେ ଶନିବାର ଭୋର୍ ସମୟରେ ପ୍ରଦୀପଙ୍କୁ ତାଙ୍କ ବାସଭବନରୁ ଗିରଫ କରିଥିଲା। ପ୍ରଦୀପଙ୍କୁ ଜେରା ସମୟରେ ସେ ଦୋଷ ସ୍ୱୀକାର କରିବା ସହ ସହଯୋଗୀ ପ୍ରତାପଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଟିମ୍ ପାଇକାସାହି ଗ୍ରାମରୁ ପ୍ରତାପଙ୍କୁ ଗିରଫ କରିଥିଲା। ବନ ବିଭାଗ ଏକ ମାମଲା(ନଂ.୩୪/୨୦୨୫)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଡିଏଫ୍‌ଓ କହିଛନ୍ତି, ସେମାନଙ୍କ ପାଖରେ ୪ଟି ଦାନ୍ତ ଥିବା ସୂଚନା ମିଳିଥିଲା। ଆଉ ଗୋଟିଏ ଦାନ୍ତ ଏପର୍ଯ୍ୟନ୍ତ ମିଳିନାହିଁ। ଉକ୍ତ ଦାନ୍ତ ଓ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଚାଲିଛି। ଏଥିସହ ବନ୍ୟପ୍ରାଣୀ ଅପରାଧ ସହ ଜଡ଼ିତ ଯେ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ରିପୋର୍ଟ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ପୋଲିସ ସହ ଗୁଳି ବିନିମୟ: ୩ ମାଓବାଦୀ ନିହତ

ମାଲକାନଗିରି,୨୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ଘଟିଛି। ଏଥିରେ ୩ ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ନୂଆପଡ଼ା ମାନପୁର ଡିଭିଜନ କମାଣ୍ଡର ସରବନ ମଡକମ୍, ମାଓବାଦୀ ନେତ୍ରୀ ବାସନ୍ତୀ କୁଞ୍ଜାମ ଓ ଏସିଏମ୍ ରାକେଶ ହେମଲା। ସେମାନଙ୍କ ନାଁରେ ୧୪ ଲକ୍ଷର ପୁରସ୍କାର ରାଶି ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କାଙ୍କେର ଜିଲା ଧମତରି ନିକଟ ଛିନ୍ଦଖଡକ ଜଙ୍ଗଲରେ ମାଓବାଦୀ ଉପସ୍ଥିତ ଥିବା ଖବର ପାଇ ରବିବାର ସକାଳୁ କାଙ୍କେର ପୋଲିସ ଓ ସୁରକ୍ଷା କର୍ମୀ କୋମ୍ବିଂ ଅପରେଶନ କରିଥିଲେ। ମାଓବାଦୀମାନେ ପୋଲିସକୁ ଦେଖି ଗୁଳିଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳିଚାଳନା କରିଥିଲା। ପୋଲିସର ଆକ୍ରମଣକୁ ପ୍ରତିହତ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। କିଛି ସମୟ ପରେ ସୁରକ୍ଷା ବାହିନୀ ସର୍ଚ୍ଚ ଅପରେଶନ କରି ୩ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ। ଘଟଣାସ୍ଥଳରୁ ଏକ ଏସ୍‌ଏଲ୍‌ଆର୍ ସହ ୩ ବନ୍ଧୁକ ଜବତ କରାଯାଇଛି। ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି। ଏହା ସରିବା ପରେ ସୁରକ୍ଷାବାହିନୀ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ ବୋଲି କାଙ୍କେର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅପହରଣର ୧୨ଘଣ୍ଟା ପରେ ବ୍ୟବସାୟୀ ଉଦ୍ଧାର, ୫ ଗିରଫ

### ମାରଣାସ୍ତ୍ର, କାର୍ ସହ ୬ ଲକ୍ଷ ଟଙ୍କା ଜବତ

ବାଲୁଗାଁ,୨୮।୯ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ସୁଶୀଲ କୁମାର ସୁବୁଦ୍ଧି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଧରି ଶନିବାର ରାତିରେ ସ୍କୁଟିରେ ପାଟଣାସାହିସ୍ଥିତ ଘରକୁ ଫେରୁଥିବା ବେଳେ ୫ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ତାଙ୍କୁ ଅପହରଣ କରିନେଇଥିଲେ। ଏହାର ୧୨ଘଣ୍ଟା ପରେ ଅର୍ଥାତ୍ ରବିବାର ମଧ୍ୟାହ୍ନରେ ବାଲୁଗାଁ ପୋଲିସ ମୋବାଇଲ ଫୋନକୁ ଟ୍ରାକିଂ କରି ବେଷ୍ଟ ନିକଟ କଟରାପଲି ଗ୍ରାମରୁ ସୁଶୀଲଙ୍କୁ ଉଦ୍ଧାର କରିବା ସହ ୫ଜଣ ଅପହରଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଧର୍ମରାଜ ପଲାଇ, ଅଭିଜିତ୍ ପଟ୍ଟନାୟକ, ଚନ୍ଦନ ଜେନା, ମୁନା ବେହେରା ଏବଂ ସୁରଜ କୁମାର ଦୋରା। ପୋଲିସ ଅପହରଣରେ ବ୍ୟବହୃତ କାର୍ ସମେତ ଦୁଇଟି ମାରଣାସ୍ତ୍ର ଏବଂ ୬ ଲକ୍ଷ ଟଙ୍କା ଜବତ କରିଛି। ତେବେ ଅଧିକ ତଦନ୍ତ ଜାରି ରହିଥିବାରୁ ପରବର୍ତ୍ତୀ ସମୟରେ ଅପହରଣକାରୀଙ୍କ ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ମୁତାବକ, ବାଲୁଗାଁ ପାଟଣାସାହିର ବିଜୟ ସୁବୁଦ୍ଧିଙ୍କ ବିଭିନ୍ନ କମ୍ପାନୀର ହୋଲ୍‌ସେଲ ବ୍ୟବସାୟ ସ୍ମୃତି ଏଜେନ୍ସି ନାମରେ ରହିଛି। ତାଙ୍କ ପୁଅ ସୁଶୀଲ ବ୍ୟବସାୟରେ ସହଯୋଗ କରନ୍ତି। ଦୈନନ୍ଦିନ ପରି ଶନିବାର ରାତିରେ ସୁଶୀଲ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି କାରବାର ହୋଇଥିବା ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏକ ବ୍ୟାଗରେ ରଖି ସ୍କୁଟିରେ ଘରକୁ ଫେରୁଥିଲେ। ରାତ୍ରି ପ୍ରାୟ ୧୧ଟା ୩୦ରେ କେନ୍ଦ୍ରୀୟ ପ୍ରାଥମିକ ବିଦ୍ୟାଳୟ ଛକଠାରେ ୫ଜଣ ଦୁର୍ବୃତ୍ତ ତାଙ୍କୁ ମାରଣାସ୍ତ୍ର ଦେଖାଇ ଅଟକାଇଥିଲେ। ସ୍କୁଟିରୁ ଟଙ୍କା ବ୍ୟାଗ୍ ଲୁଟିନେବା ସହିତ ଏକ କାର୍(୨୫ ବିଏଚ ୭୯୫୦)ରେ ଜୋରଜବରଦସ୍ତ ତାଙ୍କୁ ଉଠାଇ ନେଇ ଫେରାର ହୋଇଯାଇଥିଲେ। ମୁଖାପିନ୍ଧା ଜଣେ ଦୁର୍ବୃତ୍ତ କାର୍ ପଛେ ପଛେ ସ୍କୁଟିକୁ ମଧ୍ୟ ନେଇ ପଳାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସୁଶୀଲ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଫୋନ କରିଥିଲେ। କିନ୍ତୁ ତାହା ସୁଇଚ୍ ଅଫ୍ ଥିଲା। ଏନେଇ ପରିବାର ଲୋକେ ତାଙ୍କ ସାଙ୍ଗ ସାଥୀ ଏବଂ ସମ୍ପର୍କୀୟଙ୍କୁ ଜଣାଇ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ରାତି ପ୍ରାୟ ୧ଟାରେ ସୁଶୀଲ ଫୋନରେ ଜଣାଇଥିଲେ ଯେ ବ୍ୟସ୍ତ ହେବନି, ଭିଜିଲାନ୍ସ ଟିମ୍ ନେଇ ଆସିଛନ୍ତି, କାଲି ସକାଳେ ମୁଁ ଫେରିବି। ଏଥିରେ ପରିବାରଲୋକଙ୍କ ସନ୍ଦେହ ଉପୁଜିବାରୁ ବାଲୁଗାଁ ପୋଲିସକୁ ଅବଗତ କରାଇଥିଲେ। ରବିବାର ସକାଳ ୯ଟାରେ ସୁଶୀଲ ପୁଣି ଫୋନ ମାଧ୍ୟମରେ ଭୁବନେଶ୍ୱରରୁ ଫେରୁଥିବା କହିଥିଲେ। ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏସ୍‌ଆଇ ସୌମ୍ୟକାନ୍ତ ପାଣିଗ୍ରାହୀ ଦୁଇଟି ଟିମ୍ ନେଇ ସୁଶୀଲଙ୍କ ମୋବାଇଲ ଫୋନ ଲୋକେଶନ ଟ୍ରାକିଂ କରି ପିଛା କରିଥିଲେ। ଅପରାହ୍ନ ୧ଟାରେ କାର୍‌ଟି ଭୁବନେଶ୍ୱର ପଟୁ ଚାନ୍ଦପୁର ଅଭିମୁଖେ ଆସୁଥିବା ବେଳେ ପୋଲିସ ଟିମ୍ ମୋବାଇଲକୁ ଟ୍ରାକିଂ କରିଥିଲା। ବେଷ୍ଟ ନିକଟ କଟରାପଲି ଗ୍ରାମରେ ପୋଲିସ ଟିମ୍ ଦୁର୍ବୃତ୍ତଙ୍କ କାର୍‌କୁ ଚିହ୍ନଟ କରି ଘେରିଯାଇଥିଲା। ତେବେ ଦୁର୍ବୃତ୍ତମାନେ ସୁଶୀଲଙ୍କୁ କାର୍‌ରୁ ଠେଲିଦେଇ ନିକଟ ଜଙ୍ଗଲ ଅଭିମୁଖେ ଦୌଡ଼ିଥିଲେ। ପୋଲିସ ଗୋଡ଼ାଉଥିବା ଦେଖି ସ୍ଥାନୀୟ ଲୋକେ ସହଯୋଗ କରି ୫ଦୁର୍ବୃତ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ସମ୍ପୃକ୍ତ ଦୁର୍ବୃତ୍ତମାନେ ଗଞ୍ଜାମ, ବାଣପୁର ଏବଂ ବାଲକାଟୀ ଅଞ୍ଚଳର ବୋଲି ଜଣାପଡ଼ିଛି। ସୁଶୀଲଙ୍କୁ ଉଦ୍ଧାର କରାଯିବା ସହ ଉକ୍ତ କାର୍‌ରୁ ୬ଲକ୍ଷ ଟଙ୍କା ଜବତ କରାଯାଇଛି ବୋଲି ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ା କହିଛନ୍ତି। ପରବର୍ତ୍ତୀ ସମୟରେ ସୁଶୀଲଙ୍କ ସ୍କୁଟିକୁ ଗଞ୍ଜାମ ଜିଲାର ଏକ ନିକାଞ୍ଚନ ଜଙ୍ଗଲରୁ ପୋଲିସ ଜବତ କରିଛି। ସୁଶୀଲଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ବାଲୁଗାଁ ଥାନାରେ ଏକ ମାମଲା (ନଂ.୩୧୮/୨୫) ରୁଜୁ ହୋଇଛି। ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।




ଜବତ କାର୍।

# ବେଆଇନ ବାଣ କାରଖାନାରେ ଚଢ଼ାଉ

### ୫ ଲକ୍ଷ ଟଙ୍କାର ବିସ୍ଫୋରକ ସାମଗ୍ରୀ ଜବତ, ୩ ଗିରଫ

ଧାମନଗର,୨୮।୯
(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ଉତେଇପୁର ଗ୍ରାମରେ ଚାଲିଥିବା ଏକ ବେଆଇନ ବାଣ କାରଖାନାରେ ଶନିବାର ଅପରାହ୍ନରେ ପୋଲିସ ଚଢ଼ାଉ କରିଛି। ଏହି ଚଢ଼ାଉ ବେଳେ ଧାମନଗର ପୋଲିସ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଗ୍ରାମର ମଦନ ମୋହନ ରଣା(୬୭), ମନୋରଞ୍ଜନ ରଣା(୪୮) ଓ ଗୌରାଙ୍ଗ ଚନ୍ଦ୍ର ରଣା(୬୦)। ଏନେଇ ଧାମନଗର ଥାନାରେ ୩ଟି ମାମଲା (ନଂ.୩୬୧/୨୫, ୩୬୨/୨୫, ୩୬୩/୨୫) ରୁଜୁ କରାଯାଇ ଗିରଫ ୩ଜଣଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଦୀର୍ଘଦିନ ହେଲା ଏହି ଗାଁରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ବେଆଇନ ଭାବେ ବାଣ ତିଆରି ଚାଲିଥିଲା। ବିଭିନ୍ନ ପ୍ରକାର ବିସ୍ଫୋରକ ସାମଗ୍ରୀ ବ୍ୟବହାର କରାଯାଇ ତିଆରି ବାଣ ଦୋକାନ ବଜାରରେ ବିକ୍ରି କରାଯାଉଥିଲା। ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ସେଠୀ, ଏସ୍‌ଆଇ ପ୍ରଦୀପ କୁମାର ନାୟକ, ରଶ୍ମିତା ମଲ୍ଲିକ, ଏଏସ୍‌ଆଇ ନରେନ୍ଦ୍ର କୁମାର ରାଉତ, ଲରେନ୍ସ ଖୋଜୁର, ସୁଜିତ୍ କୁମାର ରାଉତ ପ୍ରମୁଖ ସଦଳବଳ ଅଚାନକ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବିପୁଳ ପରିମାଣରେ ବାଣ ଓ ବାଣ ତିଆରି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା। ଏହି ବେଆଇନ କାରବାରରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ କେଉଁଠୁ, କିପରି ଓ କାହା ମାଧ୍ୟମରେ ସେଠାକୁ ଆସୁଥିଲା ସେନେଇ ପ୍ରଶ୍ନ ଉଠିଛି। ଏହି ଅଞ୍ଚଳରେ ବିସ୍ଫୋରକ ସାମଗ୍ରୀ ତିଆରି କରିବା ନେଇ ସରକାରୀ ସ୍ୱୀକୃତିପ୍ରାପ୍ତ କେତେଜଣ ବ୍ୟକ୍ତି ରହିଥିବାରୁ ସେମାନଙ୍କଠାରୁ କଞ୍ଚାମାଲ ନେଇ ବେଆଇନ ଭାବେ ବାଣ ତିଆରି କରାଯାଉଥିବା ସାଧାରଣରେ ଆଲୋଚନା ହେଉଛି।



ପୋଲିସ ଜବତ କରିଥିବା ବିସ୍ଫୋରକ ସାମଗ୍ରୀ।

# ରକ୍ତ ଚନ୍ଦ୍ରମା



ନିକୁଞ୍ଜ ବିହାରୀ ସାହୁ

''ସୂର୍ଯ୍ୟର କିଛି ଲାଲ୍ ରଶ୍ମି ପୃଥିବୀର ବାୟୁମଣ୍ଡଳ ଦ୍ୱାରା ପ୍ରତିସରଣ ପ୍ରଭାବରୁ ବଙ୍କେଇ ଯାଇ ଚନ୍ଦ୍ର ଉପରେ ପଡ଼ିଥାଏ। ପୁଣି ବାୟୁମଣ୍ଡଳରେ ଥିବା ଧୂଳିକଣାର ବିଚ୍ଛୁରଣ ଫଳରେ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନୀଳ ରଶ୍ମି ବିଚ୍ଛୁରିତ ହୋଇ ଏଣେତେଣେ ଚାଲିଯାଏ ଏବଂ କେବଳ ଅଧିକ ତରଙ୍ଗ ଦୈର୍ଘ୍ୟର ଲାଲ୍ କିରଣ ହିଁ ଚନ୍ଦ୍ରପୃଷ୍ଠରେ ପହଞ୍ଚିଥାଏ। ଫଳରେ ଗ୍ରହଣର ଚରମ ଅବସ୍ଥାରେ ଚନ୍ଦ୍ର ସମ୍ପୂର୍ଣ୍ଣ ଅଦୃଶ୍ୟ ନ ହୋଇ ଏକ ରକ୍ତ ବର୍ଣ୍ଣର ପିଣ୍ଡ ସଦୃଶ ଆକାଶରେ ଝୁଲି ରହେ। ଏହାକୁ ହିଁ 'ରକ୍ତ ଚନ୍ଦ୍ରମା' କହନ୍ତି।''



ଚଳିତ ମାସ ୭ ତାରିଖରେ ଏକ ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ଦେଖିବାକୁ ମିଳିଥିଲା। ଏହା ଭାରତ ସମେତ ପୃଥିବୀର ଅଧିକାଂଶ ଭୂଭାଗରେ ଦେଖାଯାଇଥିଲା। ଏହା ଏକ ରକ୍ତ ଚନ୍ଦ୍ରମା ଥିବାରୁ ଏହାର ଦର୍ଶନ ସାଧାରଣ ଜନତାଙ୍କ ମନରେ ଗଭୀର କୌତୂହଳ ଓ ଆଶଙ୍କା ସୃଷ୍ଟି କରିଥିଲା। ଏହି ଚନ୍ଦ୍ରଗ୍ରହଣ ସମୟରେ ଲୋକଙ୍କ ମନରେ ଅନେକ ଅନ୍ଧବିଶ୍ୱାସ ଓ ଭ୍ରାନ୍ତ ଧାରଣା ପରିଲକ୍ଷିତ ହୋଇଥିଲା। ମନ୍ଦିରରେ ଦେବନୀତିରେ ପରିବର୍ତ୍ତନ କରାଯାଇଥିଲା। ପାକ ପ୍ରକ୍ରିୟା, ଦୂର ଯାତ୍ରା ତଥା ଭୋଜନ ଉପରେ କଟକଣା ଜାରି କରାଯାଇଥିଲା। ଗ୍ରହଣ ଉପରାନ୍ତେ ଲୋକେ ନଦୀ କିମ୍ବା ପୁଷ୍କରିଣୀରେ ତୁରନ୍ତ ସ୍ନାନ କରିଥିଲେ। ତେବେ ପ୍ରଶ୍ନ ହେଉଛି: ଚନ୍ଦ୍ର ଗ୍ରହଣ କାହିଁକି ହୁଏ ଏବଂ ବେଳେବେଳେ ରକ୍ତ ଚନ୍ଦ୍ରମା ଦେଖିବାକୁ ମିଳେ କାହିଁକି? ଏ ସମ୍ପର୍କରେ ଥିବା ଆମର ପାରମ୍ପରିକ ଧାରଣା କେତେ ଦୂର ଯଥାର୍ଥ ?

ପ୍ରକୃତରେ ଚନ୍ଦ୍ରଗ୍ରହଣ ଏକ ମହାକାଶୀୟ ଘଟଣା ଏବଂ ଛାଇ ଆଲୁଅର ଖେଳ। ସୂର୍ଯ୍ୟ ଚାରିପଟେ ପୃଥିବୀ ଓ ଚନ୍ଦ୍ର ନିଜ କକ୍ଷପଥରେ ଘୂରୁଥିଲାବେଳେ କେବେ କେବେ ଏକ ପୂର୍ଣ୍ଣିମା ତିଥିରେ ସେ ତିନୋଟି ପିଣ୍ଡ ଏକ ସରଳରେଖାରେ ରହିଯାନ୍ତି। ଏହି ଅବସ୍ଥାରେ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ରହିଗଲେ ପୃଥିବୀର ଛାଇ ଚନ୍ଦ୍ର ଉପରେ ପଡ଼େ ଏବଂ ଚନ୍ଦ୍ର କ୍ଷଣିକ ପାଇଁ ଆକାଶରୁ ଅନ୍ତର୍ହିତ ହୋଇଯାଏ। ଏହା ହିଁ ଚନ୍ଦ୍ର ଗ୍ରହଣ। ମାତ୍ର ପୃଥିବୀର କକ୍ଷତଳ ପ୍ରତି ଚନ୍ଦ୍ରର କକ୍ଷତଳର ଆନତି ହେତୁ (ପ୍ରାୟ ୫ ଡିଗ୍ରୀ) ସବୁ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ହୁଏ ନାହିଁ; କେତେକ ନିର୍ଦ୍ଦିଷ୍ଟ ପୂର୍ଣ୍ଣମୀରେ ହିଁ ଚନ୍ଦ୍ରଗ୍ରହଣ ହୋଇଥାଏ। ତେବେ ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସମୟରେ ସୂର୍ଯ୍ୟ ଆକାଶରୁ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇ ଯାଉଥିଲାବେଳେ ଏକ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣରେ କିନ୍ତୁ ଚନ୍ଦ୍ର ସମ୍ପୂର୍ଣ୍ଣ ଅଦୃଶ୍ୟ ହୁଏ ନାହିଁ; ଏହା ଏକ ମଳିନ ଲାଲ କିମ୍ବା କମଳା ବର୍ଣ୍ଣର ପିଣ୍ଡ ରୂପେ ଆକାଶରେ ରହିଯାଏ। ଏହାର କାରଣ ସୂର୍ଯ୍ୟର କିଛି ଲାଲ ରଶ୍ମି ପୃଥିବୀର ବାୟୁମଣ୍ଡଳ ଦ୍ୱାରା ପ୍ରତିସରଣ ପ୍ରଭାବରୁ ବଙ୍କେଇ ଯାଇ ଚନ୍ଦ୍ର ଉପରେ ପଡ଼ିଥାଏ। ପୁଣି ବାୟୁମଣ୍ଡଳରେ ଥିବା ଧୂଳିକଣାର ବିଚ୍ଛୁରଣ ଫଳରେ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନୀଳ ରଶ୍ମି ବିଚ୍ଛୁରିତ ହୋଇ ଏଣେତେଣେ ଚାଲିଯାଏ ଏବଂ କେବଳ ଅଧିକ ତରଙ୍ଗ ଦୈର୍ଘ୍ୟର ଲାଲ କିରଣ ହିଁ ଚନ୍ଦ୍ର ପୃଷ୍ଠରେ ପହଞ୍ଚି ଥାଏ। ଫଳରେ ଗ୍ରହଣର ଚରମ ଅବସ୍ଥାରେ ଚନ୍ଦ୍ର ସମ୍ପୂର୍ଣ୍ଣ ଅଦୃଶ୍ୟ ନ ହୋଇ ଏକ ରକ୍ତ ବର୍ଣ୍ଣର ପିଣ୍ଡ ସଦୃଶ ଆକାଶରେ ଝୁଲି ରହେ। ଏହାକୁ ହିଁ 'ରକ୍ତ ଚନ୍ଦ୍ରମା' କହନ୍ତି।

ଚନ୍ଦ୍ର ଗ୍ରହଣ ସମ୍ପର୍କରେ ବିଭିନ୍ନ ସଂସ୍କୃତିରେ ଅନେକ ବିଶ୍ୱାସ, ଅନ୍ଧବିଶ୍ୱାସ ରହିଛି। ମଧ୍ୟ ଆମେରିକାରେ ଖ୍ରୀଷ୍ଟପୂର୍ବ ୨୦୦୦ରେ ବାସ କରୁଥିବା ମୟମାନେ ବିଶ୍ୱାସ କରୁଥିଲେ ଯେ, ଚନ୍ଦ୍ରକୁ ଆକାଶରେ ଏକ ଜାଗୁଆର ଭଳି ହିଂସ୍ର ଜୀବ ଭକ୍ଷଣ କରିବାରୁ ଚନ୍ଦ୍ର ସାମୟିକ ପାଇଁ ଅଦୃଶ୍ୟ ହୋଇଯାଏ। ସେହିପରି ଦକ୍ଷିଣ ଆମେରିକାରେ ୧୪୦୦ରୁ ୧୫୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ବାସ କରୁଥିବା ଇନକାମାନେ ବିଶ୍ୱାସ କରୁଥିଲେ ଯେ, ଏକ ହେଟାବାଘ ଜାତୀୟ ଜୀବ ଚନ୍ଦ୍ରଗ୍ରହଣ ସମୟରେ ଚନ୍ଦ୍ରକୁ ଆକାଶରେ ଖାଇଦିଏ। ଫଳରେ ଚନ୍ଦ୍ର ରକ୍ତ ବର୍ଣ୍ଣ ପାଲଟିଯାଏ। ସେମାନଙ୍କ ବିଶ୍ୱାସ ଯେ, ଏହି ଜୀବ ଆକାଶରେ ଚନ୍ଦ୍ରକୁ ଭକ୍ଷଣ କଲାପରେ ପୃଥିବୀକୁ ଫେରି ସମସ୍ତ ଜୀବଜନ୍ତୁଙ୍କୁ ମଧ୍ୟ ଖାଇଯିବ। ତେଣୁ ସେମାନେ ଏହି ଜୀବକୁ ଘଉଡ଼ାଇବା ପାଇଁ ବାଜା ବଜେଇ ଆକାଶକୁ ତୀର ଓ ବର୍ଛା ନିକ୍ଷେପ କରୁଥିଲେ। ଚାଇନାରେ ଲୋକଙ୍କର ବିଶ୍ୱାସ ଥିଲା ଯେ, ଏକ ଭୟଙ୍କର ଡ୍ରାଗନ କିମ୍ବା ପୁରାଣ ବର୍ଣ୍ଣିତ 'ଚନ୍ ଚୁ' ନାମକ ଏକ ବିଚିତ୍ର ତିନିଗୋଡ଼ିଆ ବେଙ୍ଗ ଆକାଶରେ ଚନ୍ଦ୍ରକୁ ଭକ୍ଷଣ କରେ। ମେସୋପଟାମିଆ ସଭ୍ୟତାରେ ଲୋକେ ବିଶ୍ୱାସ କରୁଥିଲେ ଯେ, ଚନ୍ଦ୍ର ଗ୍ରହଣ ସମୟରେ ସାତୋଟି ରାକ୍ଷସ ଚନ୍ଦ୍ରକୁ ଆକ୍ରମଣ କରିଥାନ୍ତି। ସେମାନେ ବିଶ୍ୱାସ କରୁଥିଲେ ଯେ, ସେହି ରାକ୍ଷସମାନେ ଚନ୍ଦ୍ରକୁ ଆକ୍ରମଣ କଲାପରେ ପୃଥିବୀକୁ ଫେରି ନିଜ ରାଜାଙ୍କୁ ମଧ୍ୟ ଆକ୍ରମଣ କରିବେ। ସେଥିପାଇଁ ସେମାନେ ନିଜ ରାଜାଙ୍କୁ ରକ୍ଷା କରିବା ପାଇଁ ତାଙ୍କୁ ଲୁଚାଇ ଏକ ନକଲି ରାଜାଙ୍କ ଅବତାରଣା କରୁଥିଲେ। ଗ୍ରହଣ ସମ୍ପୂର୍ଣ୍ଣ ଛାଡିଗଲା ପରେ, ସେମାନେ ପ୍ରକୃତ ରାଜାଙ୍କୁ ଗୋପନରୁ ବାହାର କରି ନକଲି ରାଜାଙ୍କୁ ଲୁଚାଇ ଦେଉଥିଲେ କିମ୍ବା ବିଷ ଦେଇ ଜୀବନରୁ ମାରି ଦେଉଥିଲେ। ହିନ୍ଦୁମାନଙ୍କର ବିଶ୍ୱାସ ଯେ, ରାହୁ ନାମକ ଏକ କ୍ଷୁଧିତ ଦାନବ ଚନ୍ଦ୍ର ଗ୍ରହଣ ସମୟରେ ଚନ୍ଦ୍ରକୁ ଗିଳି ଦିଏ। ମାତ୍ର ଭଗବାନ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରରେ ରାହୁର ଶିର କାଟି ଦେଇଥିବାରୁ ଚନ୍ଦ୍ର କିଛି ସମୟ ପରେ ରାହୁ ଦାନବର ଗଳା ମଧ୍ୟରୁ ନିର୍ଗତ ହୋଇ ଆକାଶରେ ଦୃଶ୍ୟ ହୁଏ ; ଅର୍ଥାତ ଗ୍ରହଣ ସମ୍ପୂର୍ଣ୍ଣ ଛାଡିଯାଏ। ରକ୍ତ ଚନ୍ଦ୍ରମା ସମ୍ପର୍କରେ ବାଇବେଲରେ ମଧ୍ୟ ବର୍ଣ୍ଣନା ଅଛି। ଏହା ସମୁଦାୟ ଖ୍ରୀଷ୍ଟ ଜଗତ ପାଇଁ ଅଶୁଭର ସଙ୍କେତ ବୋଲି ବିଶ୍ୱାସ କରାଯାଏ।

ଅତୀତରେ ପ୍ରଖ୍ୟାତ ଇଟାଲୀୟ ନାବିକ କଲମ୍ବସ ଥରେ ଏହିପରି ଏକ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣର ସାହାଯ୍ୟ ନେଇ ଜାମାଇକାର ସ୍ଥାନୀୟ ଅଧିବାସୀମାନଙ୍କୁ ଚମତ୍କୃତ କରି ଦେଇଥିଲେ। ଖ୍ରୀଷ୍ଟାବ୍ଦ ୧୫୦୪ରେ କଲମ୍ବସଙ୍କ ଅଭିଯାତ୍ରୀ ଦଳଟି ପହଞ୍ଚିଥିଲେ ଜାମାଇକା ଦ୍ୱୀପପୁଞ୍ଜରେ। ସ୍ଥାନୀୟ ଅଧିବାସୀମନେ କିନ୍ତୁ ଏହି ଶ୍ୱେତାଙ୍ଗ ଅଭିଯାତ୍ରୀ ଦଳକୁ କୌଣସି ସାହାଯ୍ୟ ସହଯୋଗ କଲେ ନାହିଁ। ଏଥିରେ କଲମ୍ବସ ରାଗିଯାଇ ଘୋଷଣା କଲେ ଯେ ସେ ସେହି ଦିନ ରାତିରେ ସେମାନଙ୍କ ପ୍ରିୟ ଦେବତା ଚନ୍ଦ୍ରକୁ ସମ୍ପୂର୍ଣ୍ଣ ଲୁଚାଇ ଦେବେ। ଶେଷରେ ସେହି ବହୁ ପ୍ରତୀକ୍ଷିତ ସମୟ ଆଗତ ହେଲା। ଅକସ୍ମାତ ଆକାଶରେ କାହୁଁ କଳାହାଣ୍ଡିଆ ବାଦଲଖଣ୍ଡଟିଏ ମାଡି ଆସିଲା ଏବଂ ଚନ୍ଦ୍ରକୁ ସଙ୍ଗେ ସଙ୍ଗେ କବଳିତ କରି ଢାଙ୍କି ଦେଲା। ନିଜ ପ୍ରିୟ ଦେବତା ଚନ୍ଦ୍ରର ଏ ଦଶା ଦେଖି ସ୍ଥାନୀୟ ଅଧିବାସୀମାନେ କଲମ୍ବସଙ୍କୁ ଦେବତା ତୁଲ୍ୟ ମଣି ପ୍ରାର୍ଥନା କଲେ ଚନ୍ଦ୍ର ପୂର୍ବ ତେଜ ପୁଣି ଫେରାଇ ଦେବା ନିମନ୍ତେ। କଲମ୍ବସଙ୍କ ନିର୍ଦ୍ଦେଶରେ କିଛି ସମୟ ପରେ ଚନ୍ଦ୍ରର ପୂର୍ବ ତେଜ ପୁଣି ଫେରି ଆସିଲା। ମାତ୍ର କଲମ୍ବସ ଯେ ଏହି ଚମତ୍କାରିତା ଦେଖାଇବା ପାଇଁ ଏକ ପୂର୍ଣ୍ଣ ଚନ୍ଦ୍ରଗ୍ରହଣର ସାହାଯ୍ୟ ନେଇଥିଲେ ତାହା ମୂର୍ଖ ଜାମାଇକାବାସୀମାନେ ଜାଣିପାରିଲେ ନାହିଁ ! (କ୍ରମଶଃ..)

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର-୧୩
ମୋ : ୮୯୧୭୬୩୭୯୭୪

# ହୃତ୍‌ପିଣ୍ଡ : କିଛି କଥା



ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାର ଓଜନ ହେଉଛି ମାତ୍ର ୩୦୦-୪୦୦ ଗ୍ରାମ୍। ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃତ୍‌ପିଣ୍ଡଟି ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ହୃତ୍‌ପିଣ୍ଡ ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃତ୍‌ପିଣ୍ଡଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃତ୍‌ପିଣ୍ଡ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍, ହୃତ୍‌ପିଣ୍ଡ ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ହୃତ୍‌ପିଣ୍ଡର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୃଦ୍‌ରୋଗର ଆଶଙ୍କା ଅଧିକ ଥାଏ। ହୃଦ୍‌ଜନିତ ସମସ୍ୟା ଥରେ ଜଣାପଡ଼ିଲେ ଏଥିପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।

# ଧୂମପାନ ତ୍ୟାଗ କରିବାର ସହଜ ଉପାୟ



ପରିବାର, ବନ୍ଧୁମାନଙ୍କର ଦିଗ୍‌ଦର୍ଶନ, ଅନୁରୋଧ, ସହଯୋଗ ଏବଂ ବାରମ୍ବାର ନିରୀକ୍ଷଣ ଧୂମପାନ ତ୍ୟାଗ କରିବା ଲାଗି ଉତ୍ସାହ ବଢ଼ାଇଥାଏ। ଗୋଟିଏ ଥରରେ ଧୂମପାନକୁ 'ନା' କରିବା ଉଚିତ। ସୁଗାର ନ ଥିବା ଚୁଇଙ୍ଗମ ବ୍ୟବହାର କରିପାରନ୍ତି। ସ୍ଥଳବିଶେଷରେ ଚୁଇଙ୍ଗମ ସ୍ଥାନରେ ଲବଙ୍ଗ ଓ ଗୁଜୁରାତି ମଧ୍ୟ ବ୍ୟବହାର କରାଯାଇପାରେ। ଯେଉଁମାନେ ଚେନ୍ ସ୍ମୋକର ଏବଂ ଦୀର୍ଘଦିନ ଧରି ଧୂମପାୟୀ ସେମାନେ ଏଥିରେ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତିମାନଙ୍କଠାରୁ ପରାମର୍ଶ ନେବା ଉଚିତ। ଏଥିପାଇଁ ମଧ୍ୟ 'କୁଇଟ୍ ସ୍ମୋକ୍ ଥେରାପି' (ଧୂମପାନ ତ୍ୟାଗ ଚିକିତ୍ସା) ଉପଲବ୍ଧ। ଧୂମପାନ ତ୍ୟାଗର ମାତ୍ର କେଇଦିନ ମଧ୍ୟରେ ଶୁଙ୍ଘିବା ଶକ୍ତି ଏବଂ ଜିଭର ସ୍ୱାଦ ଅନୁଭବ କରିବା ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥାଏ। ସେହିପରି ମାତ୍ର କେଇ ସପ୍ତାହରେ କଫର ପରିମାଣ କମି ଯାଇଥାଏ ଏବଂ ଫୁସ୍‌ଫୁସ୍‌ର କାର୍ଯ୍ୟରେ ଉନ୍ନତି ଘଟିଥାଏ। ଧୂମପାନ ତ୍ୟାଗର ବର୍ଷେ ଭିତରେ ହୃଦ୍‌ଜନିତ ରୋଗ ହେବାର ଆଶଙ୍କା ପ୍ରାୟ ୫୦ ପ୍ରତିଶତ କମିଯାଏ। ଧୂମପାନ ତ୍ୟାଗ କରିବା ଦ୍ୱାରା ଜୀବନକାଳ ବଢ଼ିଥାଏ। ଏହାଦ୍ୱାରା ନିଜର ଉପକାର ହେବା ସହ ଅନ୍ୟମାନେ ମଧ୍ୟ ଲାଭବାନ ହୋଇଥାଆନ୍ତି। ନିଜକୁ ଅତ୍ୟଧିକ ପଜିଟିଭ ଏବଂ ସ୍ମାର୍ଟ ଲାଗେ।

# ଦନ୍ତ କ୍ଷୟରୁ ରକ୍ଷା କରେ କ୍ଷୀର



କ୍ଷୀର ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। କାରଣ ଆମେ ସମସ୍ତେ ପ୍ରାୟ ଜାଣିଛେ ଯେ ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ରହିଛି। ତେବେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ନିୟମିତ କ୍ଷୀର ପିଇଲେ ତାହା ଦନ୍ତକ୍ଷୟଜନିତ ସମସ୍ୟା ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଦାନ୍ତଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ଚିକିତ୍ସା କରିବା ସମୟରେ ସେମାନେ ଏହି ଉପାୟକୁ ଅନୁସରଣ କରିଥିଲେ। ସେମାନଙ୍କୁ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଦାନ୍ତ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ। ନିୟମିତ କ୍ଷୀର ପିଇବା ଫଳରେ ଦାନ୍ତ ସନ୍ଧିରେ ଲୁଚି ରହିଥିବା ଜୀବାଣୁମାନଙ୍କୁ ଏହା ମାରିଦେଇଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଜାଣି ରଖନ୍ତୁ



➔ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ସମସ୍ତେ ଜାଣିବା ଦରକାର। ଏହାର ବଶବର୍ତ୍ତୀ ହେଲେ ଏବଂ ଏହା ଏକ ନିଶାରେ ପରିଣତ ହୋଇଗଲେ ତାହା ପରବର୍ତ୍ତୀ ସମୟରେ ହୃଦ୍‌ଜନିତ ସମସ୍ୟାର କାରଣ ସାଜିଥାଏ।

➔ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲିବା ସହ କିଛି ହାଲୁକା ଫୁଲକା ବ୍ୟାୟାମ କରନ୍ତୁ।

➔ସବୁବେଳେ ରାତିରେ ଏକ ନିର୍ଦ୍ଦିଷ୍ଟ ସମୟରେ ଶୁଅନ୍ତୁ। କାରଣ ନିଦ୍ରାରେ ଅନିୟମିତତା ହେଲେ ତାହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।

➔ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଧୀରେ ଧୀରେ ଶରୀରରେ କୋଲେଷ୍ଟରଲ୍ ସ୍ତର ବଢ଼ାଇ ଦେଇଥାଏ।

➔କେତେକ ରୋଗକୁ ଚିହ୍ନଟ କରିବା ପାଇଁ ଡାକ୍ତର ପାଥୋଲୋଜିକାଲ ଟେଷ୍ଟ ପାଇଁ ଲେଖିଥାଆନ୍ତି। ସବୁବେଳେ ଏଭଳି ପରୀକ୍ଷା ଭଲ ପାଥୋଲୋଜିରେ କରାଇ ନିଅନ୍ତୁ।

➔ଫଳରସ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହାର ସୁପ୍ରଭାବ ମଧ୍ୟ ହୃତ୍‌ପିଣ୍ଡର କାର୍ଯ୍ୟଧାରା ଉପରେ ପଡିଥାଏ।

# ମାନସିକ ସ୍ୱାସ୍ଥ୍ୟର ଯତ୍ନ: ବର୍ତ୍ତମାନ ସମୟର ଆହ୍ୱାନ

(ଶେଷ ଭାଗ)



ଲୋକମାନେ ମଧ୍ୟ ଭାବି ଥାଆନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଖାଇଲେ ଦେହର ବିଭିନ୍ନ ଅଙ୍ଗ ପ୍ରତ୍ୟେଙ୍ଗ ଉପରେ ଖରାପ ପ୍ରଭାବ ପକାଇଥାଏ। ମାତ୍ର ଏସବୁ ଭୁଲ ଧାରଣା। ସମସ୍ତେ ଜାଣିରଖିବା ଉଚିତ ଯେ ମାନସିକ ରୋଗର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧଗୁଡ଼ିକୁ ଖାଇଲେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଉପରେ କୌଣସି ଖରାପ ପ୍ରଭାବ ପଡ଼ି ନ ଥାଏ।

ଆମ ସମାଜରେ ଲୋକଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ। ବରଂ ବିବାହ ଏହି ରୋଗୀଙ୍କୁ ଅଯଥାରେ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ପରିସ୍ଥିତିକୁ ଠେଲିଦିଏ। ମାନସିକ ଅବସ୍ଥା ଠିକ ନ ଥିଲା ବେଳେ ସଂସାର ଆରମ୍ଭ କରିବା, ପରସ୍ପରର ଦାୟିତ୍ୱ ନେବା ବରଂ ଚିନ୍ତାଜନକ ହୋଇପାରେ ଓ ରୋଗର ପରିଣତି ଉପରେ କୁପ୍ରଭାବ ପକାଇପାରେ। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ। ଲୋକମାନେ ଭାବିଥାନ୍ତି ଯେ ମାନସିକ ରୋଗଗୁଡ଼ିକର ଚିକିତ୍ସା କେବଳ ଔଷଧ ଦ୍ୱାରା ହିଁ ହୋଇପାରିବ। ମାତ୍ର ସମସ୍ତେ ଜାଣିରଖିବା ଉଚିତ କେତେକ ମାନସିକ ସମସ୍ୟା (ଯେମିତିକି ଡିପ୍ରେସନ, ଆଙ୍ଗଜାଇଟି) ଅଛି ଯେଉଁଥିରେ ଯଦି ଆପଣ ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା ପାଇଁ ଆସୁଛନ୍ତି ତେବେ ଆପଣ କେବଳ ନିୟମିତ କାଉନସେଲିଙ୍ଗ ଦ୍ୱାରା ମଧ୍ୟ ଭଲ ହୋଇପାରିବେ।

ବେଳେବେଳେ ଦରକାର ପଡ଼ିଲେ କେତେକ ମାନସିକ ସମସ୍ୟାରେ (ସ୍କିଜୋଫ୍ରେନିଆ, କାଟାଟୋନିଆ, ବାଇପୋଲାର) ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦରକାର ପଡ଼ିଥାଏ। ଯେତେବେଳେ ରୋଗୀ ଔଷଧରେ ଆରୋଗ୍ୟ ଲାଭ କରେ ନାହିଁ, ରୋଗୀ ଔଷଧ ଖାଇବାକୁ ଆଦୌ ରାଜି ହୁଏ ନାହିଁ, ରୋଗୀଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ, ରୋଗୀ ଖାଦ୍ୟ ଖାଇବା ବନ୍ଦ କରିଦିଏ କିମ୍ବା ରୋଗୀ ଅଧିକାଂଶ ସମୟ ଉତ୍ତେଜିତ ହୋଇ ରହେ ସେତେବେଳେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ଦରକାର ପଡ଼ିଥାଏ। ଲୋକମାନଙ୍କ ମଧ୍ୟରେ ଏକ ଧାରଣା ଅଛି ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ବହୁତ କଷ୍ଟଦାୟକ, ଯେମିତି ଫିଲ୍ମରେ ସକ୍ ଦିଆଯିବାର ଦେଖାଯାଏ, ସେହିପରି ହସ୍ପିଟାଲରେ ମଧ୍ୟ ସକ୍ ଥେରାପି ଦିଆଯାଏ। ମାତ୍ର ବର୍ତ୍ତମାନ ବ୍ୟବହାର କରାଯାଉଥିବା ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ସମ୍ପୂର୍ଣ୍ଣ ସୁରକ୍ଷିତ। ଏବେ ନିଶ୍ଚେତକ ସାହାଯ୍ୟରେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦିଆଯାଉଛି। ଏହାର ବ୍ୟବହାର ଦ୍ୱାରା ରୋଗୀଠାରେ କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଉ ନାହିଁ କି ରୋଗୀକୁ କୌଣସି କଷ୍ଟ ହେଉନାହିଁ।

ତେଣୁ ମାନସିକ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ଆମେ ସମସ୍ତେ ସଚେତନ ରହିବା ଉଚିତ। ମାନସିକ ରୋଗ ସହିତ ଜଡ଼ିତ ନିନ୍ଦା, ଅପବାଦ ଓ ଲାଜକୁ ଆମ ସମାଜରୁ ସମ୍ପୂର୍ଣ୍ଣ ଭାବେ ଦୂରେଇବାର ସମୟ ଆସିଯାଇଛି। ପ୍ରାରମ୍ଭିକ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା କଲେ ସବୁ ମାନସିକ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ।

-ଡା. ସତ୍ୟକାମ ମହାପାତ୍ର
ମାନସିକ ରୋଗ ବିଶେଷଜ୍ଞ,
ମହାନଦୀ ବିହାର, କଟକ
ମୋ : ୮୮୯୫୨୯୩୯୯୭

## ସ୍ୱାସ୍ଥ୍ୟ ସୂଚନା

➢ବୟସ ୫୦ ଟପିଥିଲେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ଏହି ସମୟରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➢ନିଜକୁ ସୁସ୍ଥ ରଖିବା ଏକ ଖାଦ୍ୟପେୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ତେଲଜାତୀୟ, ଅଧିକ ରାଗ-ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।



➢ଫଳମୂଳ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। କାରଣ ଫଳମୂଳରେ ଜଳୀୟ ଅଂଶ ଭରି ରହିଛି।

➢ପ୍ରତିଦିନ କିଛି ସମୟ ନିଜକୁ ଶାନ୍ତ ପରିବେଶରେ ରଖନ୍ତୁ। ଏହାଦ୍ୱାରା ମାନସିକତା କେତେକାଂଶରେ ସକାରାତ୍ମକ ରହିଥାଏ।

➢ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ କଥା ହେବା ବେଳେ ସେ କେତେକ ବିଷୟ ଉପରେ ଜାଣିବାକୁ ଚାହିଁଥାଆନ୍ତି। ତେଣୁ ସେହି ସମୟରେ ତାଙ୍କୁ ସେସବୁ ନ ଲୁଚାଇ ସମ୍ପୂର୍ଣ୍ଣ ତଥ୍ୟ ଦିଅନ୍ତୁ। କାରଣ ତାହାକୁ ଅନୁଧ୍ୟାନ କରି ଡାକ୍ତର ରୋଗ ବିଷୟରେ କେତେକ ସୂଚନା ପାଇଥାଆନ୍ତି।

➢ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଉଷୁମ ପାଣି ସହ ମହୁକୁ ମିଶାଇ ପିଇଲେ ତାହା ଥଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ମନୋଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିନିୟର ପୁରୁଷ ଚୟନ କମିଟିରେ ଓଝା, ଆର୍‌ପି

**ମୁମ୍ବାଇ,୨୮।୯:** ଭାରତର ପୂର୍ବତନ କ୍ରିକେଟର ପ୍ରଜ୍ଞାନ ଓଝା ଓ ଆର୍‌ପି ସିଂ ରବିବାର ପୁରୁଷ ଜାତୀୟ ଦଳର ଚୟନ କମିଟିରେ ସାମିଲ ହୋଇଛନ୍ତି। ଦିଲ୍ଲୀର ଅମିତା ଶର୍ମାଙ୍କୁ ମହିଳା ଚୟନ କମିଟିର ମୁଖ୍ୟ ନିଯୁକ୍ତ କରାଯାଇଛି। ଶର୍ମା ଭାରତ ପାଇଁ ୨୦୦୨ରୁ ୨୦୧୪ ପର୍ଯ୍ୟନ୍ତ ୫ ଟେଷ୍ଟ, ୧୧୬ ଦିନିକିଆ ଓ ୪୧ ଟି୨୦ ମ୍ୟାଚ୍ ଖେଳିଥିଲେ। ପୂର୍ବତନ ଖେଳାଳି ଜୟା ଶର୍ମା ଓ ଶ୍ରଭନ୍ତି ନାଇଡୁ ମଧ୍ୟ ପ୍ୟାନେଲରେ ସାମିଲ ହୋଇଛନ୍ତି। ଶ୍ୟାମା ଦେ ନିଜ ସ୍ଥାନ ବଜାୟ ରଖିଛନ୍ତି।

# ଚତୁର୍ଥ ରାଉଣ୍ଡ ସୁଦ୍ଧା ୧୫ ଅଗ୍ରଣୀ



ଆୟୋଜକଙ୍କ ଗହଣରେ ସମ୍ବର୍ଦ୍ଧିତ ଅତିଥିବୃନ୍ଦ।

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

### ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍

ଏସ. ଆର. ଚେସ୍ ସେଣ୍ଟର ଆନୁକୂଲ୍ୟରେ କଟକ ଫୁଲନଖରାସ୍ଥିତ ଆମ୍ରପଲ୍ଲୀ ରିସର୍ଟରେ ଚାଲିଥିବା ପ୍ରଥମ ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍ ପ୍ରତିଯୋଗିତାର ୨ ରାଉଣ୍ଡ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡ ଶେଷରେ ୧୫ ଜଣ ଖେଳାଳି ପୂରା ୪ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀଲାଭ କରିଛନ୍ତି। ଏହି ଖେଳାଳିମାନେ ହେଲେ ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଓମ୍ ଆଦିତ୍ୟ ଖାଡ଼େଙ୍ଗା, ଲଳିତ ରଞ୍ଜନ ସାହୁ, ସାଜନ କୁମାର ନାୟକ, ଶ୍ରୀହାନ ସାବତ, କାର୍ଜି ମନିନ୍ଦ୍ର, ରାଜେନ୍ଦ୍ର କୁମାର ସାହୁ, ଆଦିତ୍ୟ ରଞ୍ଜନ ଦାସ, ସ୍ୱୟଂ ଲକ୍ଷ୍ମୀବତ୍ ସାବତ, ବିନିତ ନାଏକ, କ୍ଷେତ୍ରବର ମାଝି, ଚେମ୍ବୁରୁ ହେମ୍ବ୍ରମ, ଶ୍ରଦ୍ଧା ସ୍ମରଣିକା ନନ୍ଦ ଓ ଲେଲି ଜାକେଲା। ୭ ଖେଳାଳି ୩.୫ ପଏଣ୍ଟ ଲେଖାଏ ପାଇଛନ୍ତି। ୩ୟ ରାଉଣ୍ଡକୁ କଳାହାଣ୍ଡି ଜିଲା ଚେସ୍ ସମ୍ପାଦକ ରବୀନ୍ଦ୍ର ସାହୁ ଏବଂ ୪ର୍ଥ ରାଉଣ୍ଡକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ପ୍ରଥମ ଚାଲ୍ ଚଳାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ଧରିତ୍ରୀର ସ୍ପୋର୍ଟ୍ସ ଜର୍ନାଲିଷ୍ଟ ତପନ କୁମାର ସ୍ୱାଇଁ, ବରିଷ୍ଠ ଚେସ୍ ପ୍ରଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ର ଏବଂ କ୍ରୀଡ଼ା ବିଭାଗର ଦୁଇ ଅଧିକାରୀ ସୋନାଲି ଚାନ୍ଦ ଓ ଅଭିଷିକ୍ତା ପଟ୍ଟନାୟକଙ୍କୁ ସ୍ୱତନ୍ତ୍ରଭାବେ ଟପ୍‌ସିଡ୍ ସୌମ୍ୟ ରଞ୍ଜନ ମିଶ୍ର, ବରିଷ୍ଠ ପ୍ରଶିକ୍ଷକ ରାଜେନ୍ଦ୍ର କୁମାର ସାହୁ ଏବଂ ଆୟୋଜକ ପ୍ରଦୀପ ପଣ୍ଡା ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ଭବେଶ ମହାନ୍ତି, ପିଙ୍କି ମହାପାତ୍ର, ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ, ସୂରଜ ମହାରଣା, ଏସ୍‌ଏନ୍‌ଏ ରବିକୁମାର ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଅବିନାଶ ଦାସ, ଅନିମେଶ ରାୟ, ସୂର୍ଯ୍ୟମିତ୍ର ସେନ୍, ସର୍ବେଶ୍ୱର ସାହୁ, ମାନସ ରଞ୍ଜନ ପଟ୍ଟନାୟକ, ରିତିକ ସାହୁ ଓ ପ୍ରଣତି ସେନ ସହଯୋଗ କରିଥିଲେ। ଆଉ ୪ ରାଉଣ୍ଡ ଖେଳ ସହ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କ ଦ୍ୱାରା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ସାଙ୍ଗଠନିକ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘ ସୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ଏସ୍‌ଆର୍ ଚେସ୍ ସେଣ୍ଟର ପକ୍ଷରୁ ଆୟୋଜନ କରାଯାଉଛି। ୨୧ ଜିଲାରୁ ୧୩୩ ଅନ୍ତର୍ଜାତୀୟ ରେଟେର୍ଡ ଖେଳାଳିଙ୍କ ସହ ରେକର୍ଡ ସଂଖ୍ୟକ ମୋଟ ୩୩୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୫୩ ମହିଳା, ଜଣେ ଭିନ୍ନକ୍ଷମ, ଜଣେ ଦୃଷ୍ଟିବାଧିତ, ଜଣେ ବଧିର, ୬ ଜଣ ୬୦ ବର୍ଷରୁ ଊର୍ଦ୍ଧ୍ୱ ଓ ୪ ଜଣ ୫ ବର୍ଷରୁ କମ୍ ଖେଳାଳି ସାମିଲ ଅଛନ୍ତି।

# ମିଥୁନ ମନହାସ୍ ବିସିସିଆଇ ନୂଆ ସଭାପତି

**ମୁମ୍ବାଇ,୨୮।୯(ପି.ଟି.)**

ଦିଲ୍ଲୀର ପୂର୍ବତନ ଅଧିନାୟକ ମିଥୁନ ମନହାସ୍ ରବିବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାର୍ଯ୍ୟାଳୟରେ ଅନୁଷ୍ଠିତ ୯୪ତମ ଏଜିଏମ୍‌ରେ ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବୋର୍ଡ ସମ୍ପାଦକ ଦେବଜିତ ସାଇକିଆ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିଜ ପଦବୀ ବଜାୟ ରଖିଛନ୍ତି। ୪୫ ବର୍ଷୀୟ ମିଥୁନ ବିସିସିଆଇର ୩୭ତମ ସଭାପତି ଭାବେ ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ କ୍ରିକେଟର ରୋଜର ବିନି ସଭାପତି ଥିଲେ। ବିନି ଗତ ମାସରେ ୭୦ ବର୍ଷ ବୟସରେ ପାଦଦେବା ପରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଓ ବିନିଙ୍କ ପରେ ମିଥୁନ କ୍ରମାଗତ ତୃତୀୟ ଫାଷ୍ଟ-କ୍ଲାସ ଖେଳାଳି ଭାବେ ବିସିସିଆଇ ସଭାପତି ହୋଇଛନ୍ତି। ମିଥୁନ ୧୫୭ ଫାଷ୍ଟ-କ୍ଲାସ, ୧୩୦ ଲିଷ୍ଟ ଏ' ଓ ୫୫ ଆଇପିଏଲ ମ୍ୟାଚ୍ ୧୯୯୭-୯୮ରୁ ୨୦୧୬-୧୭ ପର୍ଯ୍ୟନ୍ତ ଖେଳିଛନ୍ତି। ନାମାଙ୍କନ ଦାଖଲ କରିବାର ଅନ୍ତିମ ଦିନ ପୂର୍ବରୁ ସେ ସଭାପତି ହେବା ନିଶ୍ଚିତ ହୋଇଥିଲା। ସେ ବିସିସିଆଇ ଦ୍ୱାରା ଜମ୍ମୁ-କଶ୍ମୀର ରାଜ୍ୟ କ୍ରିକେଟ ଆସୋସିଏଶନ (ଜେକେସିଏ)ର ପରିଚାଳନା ଲାଗି ଗଠିତ ୩ ଜଣିଆ ଆଡ୍-ହକ କମିଟିର ସଦସ୍ୟ ଥିଲେ।

''ବିଶ୍ୱର ସବୁଠୁ ଶକ୍ତିଶାଳୀ ବୋର୍ଡର ସଭାପତି ହେବା ଏକ ସମ୍ମାନର ବିଷୟ। ଏହା ଏକ ବଡ଼ ଦାୟିତ୍ୱ ମଧ୍ୟ। ମୁଁ ମୋ ସମ୍ପୂର୍ଣ୍ଣ ଦକ୍ଷତା ଓ ନିଷ୍ଠାର ସହିତ ନିଜ କାର୍ଯ୍ୟ ପ୍ରତି ପ୍ରତିବଦ୍ଧ ରହିବି ବୋଲି ଆଶ୍ୱାସନା ଦେଉଛି। ଜଣେ ପ୍ରଶାସକ ଓ କ୍ରିକେଟର ଭାବେ ମୋ ଅଭିଜ୍ଞତା ମୋତେ ଏଥିରେ ସାହାଯ୍ୟ କରିବ। ଗତ ୪ ବର୍ଷ ହେଲା ମୁଁ ଜେକେସିଏ ସହ କାର୍ଯ୍ୟ କରିଛି ଏବଂ ଭଲ କାର୍ଯ୍ୟ କରିଛି। ଏହା ମୋତେ ସହାୟ ହେବ'' ବୋଲି ମନହାସ୍ ତାଙ୍କ ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି।

ଏଜିଏମ୍‌ରେ ବିସିସିଆଇ ସମ୍ପାଦକ ସାଇକିଆ ଓ ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ ଚେୟାରମ୍ୟାନ ଅରୁନ ଧୁମଲ ନିଜ ପଦ ବଜାୟ ରଖିଛନ୍ତି। ପୂର୍ବତନ ଭାରତ କ୍ରିକେଟର ତଥା କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ ସଭାପତି (କେଏସ୍‌ସିଏ) ସଭାପତି ରଘୁରାମ ଭଟ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଭେଟେରାନ ପ୍ରଶାସକ ରାଜୀବ ଶୁକ୍ଲା ବୋର୍ଡର ଉପସଭାପତି ଭାବେ କାର୍ଯ୍ୟ ଜାରି ରଖିବାକୁ ଥିବାବେଳେ ଏମ୍ ଖାଇରୁଲ ଜମାଲ ମଜୁମଦାରଙ୍କୁ ଧୁମଲଙ୍କ ସହ ଆଇପିଏଲ ଜିସିରେ ପ୍ରତିନିଧି ଭାବେ ସାମିଲ କରାଯାଇଛି। ପୂର୍ବରୁ କୋଷାଧ୍ୟକ୍ଷ ଥିବା ପ୍ରଭତେଜ ଯୁଗ୍ମ ସମ୍ପାଦକ ଭାବେ ରୋହନ ଗାଉନ୍ସ ଦେଶାଇଙ୍କ ସ୍ଥାନ ନେଇଛନ୍ତି। ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ସଭାପତି ତଥା ପୂର୍ବତନ କ୍ରିକେଟର ଜୟଦେବ ଶାହା କାର୍ଯ୍ୟକାରୀ ପରିଷଦ ସଦସ୍ୟ ହୋଇଛନ୍ତି। କାର୍ଯ୍ୟକାରୀ କାଉନ୍‌ସିଲର ବିଭିନ୍ନ ପଦ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରତ୍ୟେକ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କୁ ନିର୍ଦ୍ୱନ୍ଦ୍ୱରେ ଚୟନ କରାଯାଇଛି ବୋଲି ସାଇକିଆ କହିଛନ୍ତି।



ବିସିସିଆଇର ନୂଆ ସଭାପତି ମିଥୁନ ମନହାସ୍ (ଡାହାଣ)।

# ରେକର୍ଡ ଭାଙ୍ଗିଲେ ରାହୁଲ

**ଲଣ୍ଡନ, ୨୮।୯ (ପି.ଟି.):** ଭାରତର ଲେଗ୍ ସ୍ପିନର ରାହୁଲ ଚହର ସରେ ପାଇଁ ପଦାର୍ପଣ ମ୍ୟାଚ୍‌ରେ ୮ ଉଇକେଟ ନେଇ କାଉଣ୍ଟି କ୍ରିକେଟର ୧୬୬ ବର୍ଷର ପୁରୁଣା ରେକର୍ଡ ଭଙ୍ଗ କରିଛନ୍ତି। ସେ ହାମ୍ପଶାୟାର ବିପକ୍ଷ ମ୍ୟାଚ୍‌ରେ ୫୧ ରନ ଦେଇ ୮ ଉଇକେଟ ନେଇଛନ୍ତି। ଏଥିପୂର୍ବରୁ ପଦାର୍ପଣ ମ୍ୟାଚ୍‌ରେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିବା ରେକର୍ଡ ୱିଲିଆନ ମୁଡଲେ (୬୧/୭)ଙ୍କ ନାମରେ ଥିଲା।

# ଓଡ଼ିଶା ବାଳକ ଥ୍ରୋ ବଲ୍ ଦଳକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

କର୍ନାଟକରେ ଅନୁଷ୍ଠିତ ୩୫ତମ ଜାତୀୟ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳକ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। କ୍ୱାର୍ଟର ଫାଇନାଲରେ କେରଳକୁ ୨-୦ ସେଟ୍‌ରେ ହରାଇଥିବା ଓଡ଼ିଶା ସେମିଫାଇନାଲରେ ଦିଲ୍ଲୀଠାରୁ ୧-୨ରେ ପରାଜିତ ହୋଇଥିଲା। ବ୍ରୋଞ୍ଜ ପଦକ ପାଇଁ ଅନୁଷ୍ଠିତ ମୁକାବିଲାରେ ଓଡ଼ିଶା ୨-୧ରେ ତାମିଲନାଡୁକୁ ପରାସ୍ତ କରିଛି। ସର୍ଭିସରେ ଉପ ଅଧିନାୟକ ବିଜୟ ସାହୁ ୫ ପଏଣ୍ଟ ଏବଂ ଶିବଶଙ୍କର ମଣ୍ଡୋଇ ୩ ପଏଣ୍ଟ ହାସଲ କରି ଓଡ଼ିଶା ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ ସଭାପତି ଭୂପିନ୍ଦର ସିଂ ଓ ଅନ୍ୟ ସଦସ୍ୟମାନେ ଓଡ଼ିଶା ଦଳ ଖେଳାଳିଙ୍କ ସହ କୋଚ୍ ସୁଶାନ୍ତ ଦାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଥ୍ରୋ ବଲ୍ ଦଳ।

# ବିସିସିଆଇ ଜାତୀୟ ଚୟନ କମିଟିରେ ୩ ଓଡ଼ିଆ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜାତୀୟ ଚୟନ କମିଟିରେ ଓଡ଼ିଶା ଖେଳାଳିଙ୍କ ଗୁରୁତ୍ୱ ବଢ଼ିବାରେ ଲାଗିଛି। ପ୍ରଥମଶ୍ରେଣୀ କ୍ରିକେଟରେ ଆନ୍ଧ୍ର ପ୍ରଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ପ୍ରଜ୍ଞାନ ଓଝା ଏବେ ଜାତୀୟ ଚୟନ କମିଟିର ନୂଆ ସଦସ୍ୟ ହୋଇଛନ୍ତି। ପୂର୍ବରୁ ଶିବ ସୁନ୍ଦର ଦାସ ଏହି କମିଟିର ସଦସ୍ୟ ଦାୟିତ୍ୱରେ ଅଛନ୍ତି। ଏହା ବ୍ୟତୀତ ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଏବେ ୧୯ ବର୍ଷରୁ କମ୍ ଭାରତୀୟ ପୁରୁଷ ଦଳର ଫାଷ୍ଟ-ବୋଲିଂ କୋଚ୍ ଅଛନ୍ତି। ପୂର୍ବରୁ ସେ ସିନିୟର ଚୟନ କମିଟିର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ଓଡ଼ିଶା ଖେଳାଳିଙ୍କୁ ଗୁରୁତ୍ୱ ମିଳୁଥିବାରୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଆଇସିସି ଚେୟାରମ୍ୟାନ ଜୟ ଶାହା, ବିସିସିଆଇ ସଭାପତି ମିଥୁନ ମନହାସ୍ ଓ ସମ୍ପାଦକ ଦେବଜିତ ସାଇକିଆଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସୁରେନ୍ଦ୍ର ସ୍ମାରକୀ ଚେସ୍: ଦୀପ୍ତିରଞ୍ଜନ ଚାମ୍ପିୟନ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ସୁରେନ୍ଦ୍ର ପ୍ରସାଦ ଦାସ ସ୍ମାରକୀ ଓପନ ଚେସ୍‌ରେ ଯାଜପୁରର ଦୀପ୍ତିରଞ୍ଜନ ନାୟକ ଚାମ୍ପିୟନ ହୋଇଛନ୍ତି। ସେ ୫ ରାଉଣ୍ଡରୁ ପୂରା ୫ ପଏଣ୍ଟ ପାଇଛନ୍ତି। ଲରେନ୍ସ ପ୍ରଧାନ ଓ ଦିବ୍ୟାଂଶୁ କୁମାର ପଶାୟତ ୪ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଶୀର୍ଷ ୭ ଖେଳାଳିଙ୍କ ବ୍ୟତୀତ ଏଜ୍ ଗ୍ରୁପ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀ ଏବଂ ୧୦ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସିଡ୍ରିମ୍‌ଜ ଇ-କମର୍ସର ଏମ୍‌ଡି ଚିତ୍ତରଞ୍ଜନ ଦେବତା, ସ୍କୁଲ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଶୁଭଶ୍ରୀ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


### ୩୨ତମ ଜନ୍ମଦିନ ଶୁଭେଚ୍ଛା



ମନୋଜ କୁମାର ସାହୁ(ମନୁଆ)
ଗ୍ରାମ- କୁକୁଡାଘାଇ ପାଟଣା
ଆଜି ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ ତଦେ ଭଗବାନ ଦୀର୍ଘାୟୁ ଓ ନୀରୋଗ ରଖନ୍ତୁ ଏହାହିଁ ଆମର କାମନା ଓ ଆଶୀର୍ବାଦ।
ଶୁଭେଚ୍ଛାସହ:
ବାପା, ଦାଦା, ପାପୁନି, କବିତା, ରଞ୍ଜିତା, ଆଲୋକ, ଅମୁଦାଦା, ପବି, ବବୁଲ୍, ସନିଆ ଦାଦା, ଖଲିଆ ଦାଦା, ମିଥୁନ।
ଧ-୨୧୫୨

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭବାନୀ ଚରଣ ପଟନାୟକ
(1934-2025)
ତିରୋଧାନ: ୨୩.୦୯.୨୦୨୫, ଅପରାହ୍ନ ୧ ଘଣ୍ଟା ୩୦ ମିନିଟ୍
ଆପଣଙ୍କ ସ୍ନେହ, ଶିକ୍ଷା ଓ ଆଶୀର୍ବାଦ ଆମ ସହ ସବୁବେଳେ ରହିବ। ଆମ ହୃଦୟରେ ଆପଣଙ୍କ ସ୍ମୃତି ସବୁଦିନ ପାଇଁ ଅମର ହୋଇ ରହିବ। ଆପଣଙ୍କ ଆତ୍ମାକୁ ଶାନ୍ତି ମିଳୁ।
ଶୋକସନ୍ତପ୍ତ
ଜିତୁନୀ, ଟୁଟୁ, ଗୁଡ଼ିଆ, ପ୍ରଥମ, ସ୍ୱାଗତ, ମିନି, ରାଜେନ୍ଦ୍ର, କୀର୍ତ୍ତି ଓ କେତନ
ଧ-୨୧୫୨

### ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ ଦୀପ୍ତିରଞ୍ଜନ ମହାପାତ୍ର (ବାବୁନା)
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୦/୦୮/୧୯୭୮
ତିରୋଧାନ : ୧୯/୧୦/୨୦୦୭ (ମହାଷ୍ଟମୀ)
ଧନରେ, ଚାହୁଁ ଚାହୁଁ ଅଠର ବର୍ଷ ବିତିଗଲା। ହେଲେ, ତୋର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୋର ସେହି ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ପ୍ରତି ମୁହୂର୍ତ୍ତରେ ଆମମାନଙ୍କ ମନକୁ ଆନ୍ଦୋଳିତ କରୁଛି। ତୁ ଯେଉଁଠି ଥାଆ, ଭଲରେ ଥାଆ ଓ ତୋର ଅମର ଆତ୍ମାର ସଦ୍‌ଗତି ହେଉ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ଅତି ଆଦରର ବୋଉ ଓ ନନା, କକେଇ ଓ ଖୁଡ଼ିମାନେ, ନାନୀ ଓ ଭାଇନାମାନେ, ଭାଇନା ଓ ଭାଉଜମାନେ, ମାମୁଁ ଓ ମାଇଁ, ପିଉସା ଓ ପିଉସୀମାନେ, ଭାଇ ଓ ଭଉଣୀମାନେ, ଭାଣିଜୀ- ମୁନ୍‌ମୁନ୍ ଓ ଭୂମି, ଭଣଜା-ଆଦି ଓ ଅନ୍ୟାନ୍ୟ ପରିବାରବର୍ଗ।
ଧ-୦୧୦୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ମଧୁସୂଦନ ଦାସ
ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିରୀକ୍ଷକ
ଲଞ୍ଜାତରା, ବିଲଣା, ତିହିଡ଼ି, ଭଦ୍ରକ
ଆବିର୍ଭାବ: ୨୨।୦୩।୧୯୪୧
ତିରୋଧାନ: ୨୯।୦୯।୨୦୨୪
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀତିନିୟନ୍ତା ପରମେଶ୍ୱର ଜଗତରନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ- ରତ୍ନମଣି ଦାସ, ଝିଅ- ଡା. ମିନତୀଲତା ଦାସ, ପୁଅ- ଡା. ବିଜୟ ଦାସ, ଡା. ସଞ୍ଜୟ ଦାସ, କଳିଙ୍ଗ କୁମାର ଦାସ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୧୫୮

# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018

FOR RENT

Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613. D-1985

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

LOST

I, Snehalata Bagarti, D/o- Radheshyam Kathar, R/o. At-Gaidharpali, P.O.- Salesingha, P.S.- Dhama, District- Sambalpur, declare that I have lost the original registered sale deed vide RSD No. 11622101857, dated-09-04-2021, some where while I was at daily market Jujomura on dated- 20.08.2025 and inspite of repeated search it could not be traced out. D-2159

AFFIDAVIT

I, NIHAR RANJAN PATTANAIK HAVE CHANGED MY NAME TO NIHAR RANJAN PATTNAIK AS PER AADHAAR CARD. D-2154

I, INDIRA DEVI PATTNAIK, DAUGHTER OF LATE UMESH CHANDRA PATTNAIK, HEREBY STATE THAT THE SPELLING OF MY LATE FATHER'S NAME IS UMESH CHANDRA PATTNAIK. IN MY PASSPORT, HIS NAME WAS WRONGLY TYPED AS "UMESH CHANDRA PATNAIK," WHICH MAY BE TREATED AS REFERRING TO THE SAME PERSON. D-2155

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, NIHAR RANJAN PATTNAIK, SON OF LATE KRISHNA CHANDRA PATTNAIK, HEREBY STATE THAT THE SPELLING OF MY LATE FATHER'S NAME IS KRISHNA CHANDRA PATTNAIK. IN MY PASSPORT, HIS NAME WAS WRONGLY TYPED AS "KRUSHNA CHANDRA PATTANAIK," WHICH MAY BE TREATED AS REFERRING TO THE SAME PERSON. D-2156

I, INDIRA DEVI PATNAIK HAVE CHANGED MY NAME TO INDIRA DEVI PATTNAIK AS PER AADHAAR CARD. D-2157

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଦୁବାଇରେ ଦମ୍ ଦେଖାଇଲା ଭାରତ



ଏସିଆ କପ୍ କ୍ରିକେଟ ପାକିସ୍ତାନ ବିପକ୍ଷ ଫାଇନାଲରେ ଭାରତୀୟ ଦଳ।

## ନକ୍‌ଭିଙ୍କଠାରୁ ଟ୍ରଫି ନେବାକୁ ମନା କଲା ଟିମ୍ଇଣ୍ଡିଆ

ଦୁବାଇ, ୨୮।୯

ଏସିଆ କପ୍ ଚାମ୍ପିୟନ ରବିବାର ବିଜେତା ଟ୍ରଫି ଏସିଆ କ୍ରିକେଟ କାଉନସିଲ (ଏସିସି) ଚେୟାରମ୍ୟାନ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକଭିଙ୍କଠାରୁ ଗ୍ରହଣ କରିବାକୁ ମନା କରିଥିଲା। ଏଥିଯୋଗୁ ଚାମ୍ପିୟନ୍ସ ଟ୍ରଫି ପ୍ରଦାନ ଉତ୍ସବରେ ଏକ ଘଣ୍ଟାରୁ ଅଧିକ ବିଳମ୍ବ ହୋଇଥିଲା। ନକଭି ମଞ୍ଚରେ ଉପସ୍ଥିତ ହେବା ପରେ ଭାରତୀୟ ଦଳ ତାଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଥିବା ନେଇ ଅଧିକାରୀମାନେ ଜଣାଇ ଦିଆଯାଇଥିଲା। ଯଦି ସେ ବାଧ କରନ୍ତି, ତେବେ ଆନୁଷ୍ଠାନିକ ଭାବେ ଏକ ପ୍ରତିବାଦ ଦାୟର କରାଯିବ ବୋଲି କୁହାଯାଇଥିଲା। ଏହାପରେ ଏମିରେଟ୍ସ କ୍ରିକେଟ ବୋର୍ଡର ଭାଇସ ଚେୟାରମ୍ୟାନ ଖାଲିଦ ଅଲ ଜାରୁନି ଭାରତୀୟ ଦଳକୁ ଟ୍ରଫି ପ୍ରଦାନ କରିବେ ବୋଲି କୁହାଯାଇଥିଲା। ଶେଷରେ ଭାରତୀୟ ଦଳକୁ ରବିବାର ଟ୍ରଫି ନ ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା।

### ପାକିସ୍ତାନ ବିପକ୍ଷ ବିଜୟରେ ଭାରତର ହ୍ୟାଟ୍ରିକ

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ଅପରାଜେୟ ରହିବା ସହ ଚାମ୍ପିୟନ ହୋଇଛି। ଥରେ ନୁହେଁ ୩ ଥର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଏହି ଟୁର୍ନାମେଣ୍ଟରେ ପରାସ୍ତ କରି ହ୍ୟାଟ୍ରିକ କରିଛି। ଗତ ୧୪ ତାରିଖରେ ଲିଗ୍ ମ୍ୟାଚରେ ପାକିସ୍ତାନକୁ ୭ ଉଇକେଟରେ ହରାଇଥିବା ଭାରତ ୨୧ ତାରିଖରେ ସୁପର-୪ ମୁକାବିଲାରେ ୬ ଉଇକେଟରେ ବିଜୟ ହାସଲ କରିଥିଲା। ଫାଇନାଲରେ ଭାରତ ମୁକାବିଲା ପାଇଁ ପାକିସ୍ତାନ ରଣନୀତି ପ୍ରସ୍ତୁତ କରିଥିଲା। ମାତ୍ର ୧୪୬ ରନରେ ଅଲ୍ଆଉଟ ହୋଇଥିଲେ ହେଁ ଭାରତର ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇ ଚ୍ୟାଲେଞ୍ଜ ଦେଇଥିଲା। ମାତ୍ର ତିଳକ ବର୍ମାଙ୍କ ଅର୍ଦ୍ଧଶତକୀୟ ଇନିଂସ ଏବଂ ସଞ୍ଜୁ ସାମସନ ଓ ଶିବମ୍ ଦୁବେଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଭାରତ ଅନ୍ତିମ ଓଭରର ୪ର୍ଥ ବଲ୍‌ରେ ବିଜୟ ସ୍ୱାଦ ଚାଖିଥିଲା। ଏହି ମ୍ୟାଚରେ ଭାରତର ୩ ସ୍ପିନର କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲଙ୍କ ବୋଲିଂ ଚମତ୍କାର ରହିଥିଲା। ପାକିସ୍ତାନ ଓପନରଙ୍କ ଧୂଆଁଧାର ବ୍ୟାଟିଂ ସତ୍ତ୍ୱେ ଏହି ୩ ସ୍ପିନର ଯାଦୁକରୀ ବୋଲିଂ କରି ପାକିସ୍ତାନର ବିପର୍ଯ୍ୟୟ ଘଟାଇଥିଲେ।

### ସ୍କୋର ବୋର୍ଡ

**ପାକିସ୍ତାନ ଇନିଂସ**
ସାହିବଜାଦା-କ-ତିଳକ ବର୍ମା ବୋ-ଚକ୍ରବର୍ତ୍ତୀ-୫୭
ଫଖର ଜମାନ-କ-କୁଲଦୀପ-ବୋ ଚକ୍ରବର୍ତ୍ତୀ-୪୬
ସଇମ ଆୟୁବ- କ-ବୁମ୍‌ରା-ବୋ-କୁଲଦୀପ-୧୪
ମହମ୍ମଦ ହାରିସ-କ-ରିଙ୍କୁ ସିଂ-ବୋ-ଅକ୍ଷର-୦
ସଲମନ ଆଘା-କ-ସାମସନ-ବୋ-କୁଲଦୀପ-୮
ହୁସେନ ତଲତ-କ-ସାମସନ-ବୋ-ଅକ୍ଷର-୧
ମହମ୍ମଦ ନୱାଜ-କ-ରିଙ୍କୁ ସିଂ-ବୋ-ବୁମ୍‌ରା-୬
ଶାହିନ ଆଫ୍ରିଦୀ-ଏଲ୍‌ବିଡବ୍ଲ୍ୟୁ-କୁଲଦୀପ-୦
ଫହିମ ଅଶ୍ରଫ-କ-ତିଳକ-ବୋ-କୁଲ୍‌ଦୀପ-୦
ହାରିସ ରୌଫ୍-ବୋ-ବୁମ୍‌ରା-୬
ଆବ୍ରାର ଅହମଦ-ନଟଆଉଟ-୧।
**ଅତିରିକ୍ତ**-୭
**ମୋଟ:** (୧୯.୧ ଓଭରରେ/ଅଲ୍ଆଉଟ)୧୪୬।
**ଉଇକେଟ ପତନ:** ୧/୮୪ (ସାହିବଜାଦା), ୨/୧୧୩ (ସଇମ), ୩/୧୧୪ (ହାରିସ), ୪/୧୨୬ (ଫଖର), ୫/୧୩୧ (ହୁସେନ ତଲତ), ୬/୧୩୩ (ସଲମନ), ୭/୧୩୪ (ଆଫ୍ରିଦୀ), ୮/୧୩୪ (ଫହିମ), ୯/୧୪୧ (ହାରିସ ରୌଫ), ୧୦/୧୪୬ (ମହମ୍ମଦ ନୱାଜ)।
**ବୋଲିଂ (ଭାରତ)**
ଶିବମ ଦୁବେ ୩-୦-୨୩-୦
ଯଶପ୍ରୀତ୍ ବୁମ୍‌ରା ୩.୧-୦-୨୫-୨
ବରୁଣ ଚକ୍ରବର୍ତ୍ତୀ ୪-୦-୩୦-୨
ଅକ୍ଷର ପଟେଲ ୪-୦-୨୬-୨
କୁଲଦୀପ ଯାଦବ ୪-୦-୩୦-୪
ତିଳକ ବର୍ମା ୧-୦-୯-୦।

**ଭାରତ ଇନିଂସ**
ଅଭିଷେକ ବର୍ମା-କ-ହାରିସ ରୌଫ-ବୋ-ଫାହିମ-୫
ଶୁବମନ ଗିଲ୍-ହାରିସ ରୌଫ୍-ବୋ-ଫାହିମ୍-୧୨
ସୂର୍ଯ୍ୟକୁମାର-କ-ସଲମନ-ବୋ। ଶାହିନ-୧
ତିଳକ ବର୍ମା- ନଟ ଆଉଟ-୬୯
ସଞ୍ଜୁ ସାମ୍‌ସନ-କ-ସାହିବଜାଦା-ବୋ-ଆବ୍ରାର-୨୪
ଶିବମ ଦୁବେ-କ-ଆଫ୍ରିଦୀ-ବୋ-ଅଶ୍ରଫ-୩୩
ରିଙ୍କୁ ସିଂ- ନଟଆଉଟ-୪
ଅତିରିକ୍ତ: -୨
ମୋଟ: (୧୯.୪ ଓଭର/୫ଉଇକେଟ) ୧୫୦।
ଉଇକେଟ ପତନ: ୧/୭ (ଅଭିଷେକ), ୨/୧୦ (ସୂର୍ଯ୍ୟକୁମାର), ୩/୨୦ (ଗିଲ୍), ୪/୭୭ (ସାମସନ), ୫/୧୩୭ (ଦୁବେ)।
**ବୋଲିଂ (ପାକିସ୍ତାନ)**
ଶାହିନ ଆଫ୍ରିଦୀ ୪-୦-୨୦-୧
ଫାହିମ ଅଶ୍ରଫ ୪-୦-୨୯-୩
ମହମ୍ମଦ ନୱାଜ ୧-୦-୬-୦
ହାରିସ ରୌଫ ୩.୪-୦-୫୦-୦
ଆବ୍ରାର ଅହମଦ ୪-୦-୨୯-୧
ସଇମ ଆୟୁବ ୩-୦-୧୬-୦।

## ଭାରତୀୟ ଖେଳାଳିଙ୍କ ପ୍ରତିକ୍ରିୟା

**ଶୁବମନ ଗିଲ୍:** ଟୁର୍ନାମେଣ୍ଟ ଅପରାଜିତ ରହିବା ବାସ୍ତବିକ ଖୁବ୍ ଆନନ୍ଦ ଦାୟକ। ବିଜୟ ଲକ୍ଷ୍ୟ ବଡ଼ ନ ଥିଲା। ପ୍ରାରମ୍ଭିକ ବିପର୍ଯ୍ୟୟ ବେଳେ ସଞ୍ଜୁ ଓ ତିଳକଙ୍କ ଲଢୁଆ ବ୍ୟାଟିଂ ଏବଂ ଦୁବେଙ୍କ ଛକା ଆକର୍ଷଣୀୟ ଥିଲା। ସ୍ଲୋ ଉଇକେଟ ସାଙ୍ଗକୁ ଲମ୍ବା ବାଉଣ୍ଡ୍ରିରେ ଏହି ଦୁଇ ବ୍ୟାଟର ଚାପକୁ ହାଟେଇବା ସହ ଶଟ୍ ମାନ ଲଗାଇ ଖେଳର ଗତିପଥକୁ ବଦଳାଇ ଦେଇଥିଲେ।

**କୁଲଦୀପ ଯାଦବ:** ପ୍ରକୃତରେ ଏବେ ମଧ୍ୟ ବଡ଼ ବଡ଼ ମ୍ୟାଚରେ ସ୍ପିନ ଭାରତର ମୁଖ୍ୟ ଅସ୍ତ୍ର ଭାବେ କାର୍ଯ୍ୟ କରୁଛି। ମୁଁ ନିଜେ, ବରୁଣ ଓ ଅକ୍ଷର ୩ଜଣ ସ୍ପିନର ଏହି ମ୍ୟାଚରେ ଖେଳୁଥିଲୁ। ଆମ ପ୍ରତ୍ୟେକଙ୍କ ଭିନ୍ନ ଭିନ୍ନ ଭୂମିକା ଥିଲା। ପାକିସ୍ତାନର ଆରମ୍ଭ ଜୋର୍‌ଦାର ଥିଲା। ଆରମ୍ଭରୁ ଶୀଘ୍ର ଦୁଇଟି ଉଇକେଟ ଖସାଇ ଦେଲେ ଆମ ପାଇଁ ସହଜ ହେବ ବୋଲି ଆମେ ଜାଣିଥିଲୁ। ମାତ୍ର ତାହା ହୋଇ ନ ଥିଲା। ତେବେ ୧୦ ଓଭର ଖେଳ ପରେ ଶୀଘ୍ର ଦୁଇଟି ଉଇକେଟ ଖସାଇ ଦେବାରୁ ପଥ ସୁଗମ ହୋଇଯାଇଥିଲା। କାରଣ ନୂଆ ବ୍ୟାଟରଙ୍କ ପକ୍ଷେ ସଙ୍ଗେ ସଙ୍ଗେ ଦ୍ରୁତ ଆରରେ ରନ ସଂଗ୍ରହ କରିବା ସହଜ ହେବନାହିଁ। ରବିବାର ତିଳକ ବର୍ମାଙ୍କ ପ୍ରଦର୍ଶନ ଅବିଶ୍ୱସନୀୟ ଥିଲା।

**ରିଙ୍କୁ ସିଂ:** ମୁଁ କ୍ରିଜ୍‌କୁ ଆସିବା ବେଳେ ବିଜୟ ପାଇଁ ମାତ୍ର ଗୋଟିଏ ରନ ଦରକାର ପଡୁଥିଲା। ସମସ୍ତେ ଜାଣନ୍ତି ମୁଁ ଜଣେ ଫିନିଶର। ସେମାନେ ମୋଠାରୁ ସେଭଳି ଖେଳ ଆଶା ରଖିଥାନ୍ତି। ତେଣୁ ମୁଁ ଏକ ଚୌକା ଲଗାଇଥିଲି। ଦଳ ଜିତିଲା ସେଥିରେ ମୁଁ ବହୁତ ଖୁସି।


ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ତିଳକ ବର୍ମାଙ୍କ ନିକଟରେ ମୁଣ୍ଡ ନୁଆଁଉଛନ୍ତି ଅଧିନାୟକ ସୂର୍ଯ୍ୟକୁମାର ଯାଦବ।

## ଅଭିନନ୍ଦନର ସୁଅ

ନୂଆଦିଲ୍ଲୀ, ୨୮।୯

ଭାରତୀୟ ଦଳ ଫାଇନାଲରେ ପାକିସ୍ତାନକୁ ୫ ଉଇକେଟରେ ପରାସ୍ତ କରି ନବମ ଥର ପାଇଁ ଏସିଆ କପ୍ ଚାମ୍ପିୟନ ହୋଇଛି। ଏଥିଲାଗି ଚାମ୍ପିୟନ ଟିମ ଇଣ୍ଡିଆକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ଦେଶର ଅନେକ ସେଲିବ୍ରିଟି ସୋସିଆଲ ମିଡିଆ ଜରିଆରେ ଅଭିନନ୍ଦନ ଜଣାଇଛନ୍ତି।

● ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଜିତିବା ପାଇଁ ଭାରତୀୟ ଦଳକୁ ହୃଦୟରୁ ଅଭିନନ୍ଦନ। ଆମ ଦଳ ପୂରା ଟୁର୍ନାମେଣ୍ଟରେ କୌଣସି ମ୍ୟାଚ୍‌ରେ ପରାଜିତ ହୋଇନଥିଲା। ଏହା କ୍ରିକେଟରେ ଭାରତୀୟ ଦଳର ପ୍ରଭୁତ୍ୱକୁ ଦର୍ଶାଉଛି।
–ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

● ଖେଳ ପଡ଼ିଆରେ ଅପରେଶନ ସିନ୍ଦୂର। ଫଳାଫଳ ସମାନ- ଭାରତ ବିଜୟୀ। ଆମ କ୍ରିକେଟରଙ୍କୁ ଅଭିନନ୍ଦନ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

● ଏକ ଜବରଦସ୍ତ ବିଜୟ। ଆମ ଖେଳାଳିମାନେ ପୁଣି ଥରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଉଡ଼ାଇଦେଲେ। କ୍ଷେତ୍ର କିଛି ବି ହେଉ ଭାରତର ଜିତିବା ସ୍ଥିର।
–ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

● ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟ ଫାଇନାଲରେ ଜବରଦସ୍ତ ବିଜୟ ଲାଗି ଭାରତୀୟ ଦଳକୁ ଅଭିନନ୍ଦନ। ପୁଣି ଥରେ ଆମ ମେନ ଇନ ବ୍ଲୁ ଟ୍ରଫି ସହ ହାତ ମିଳାଇଛି।
–ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ



ମୂଲ୍ୟବାନ ଭାଗୀଦାରି ଅବସରରେ ତିଳକ ବର୍ମା ଓ ଶିବମ ଦୁବେ।

## ଟ୍ରଫି ସହ ଏକା ଫଟୋ ଉଠାଇଲେ ସଲମାନ

ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍ ପୂର୍ବରୁ ଏସିଆ କପ୍ ଟ୍ରଫି ସହ ପାରମ୍ପରିକ ଫଟୋଶୁଟ୍ ସେଶନରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଯୋଗଦେଇ ନ ଥିଲେ। ଫଳରେ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘା ଟ୍ରଫି ସହ ଏକା ଫଟୋ ଉଠାଇଥିଲେ। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଏସିସି ପକ୍ଷରୁ ବିସିସିଆଇକୁ କଦାପି ଟ୍ରଫି ଫଟୋଶୁଟ ଲାଗି ସୂଚନା ଦିଆଯାଇ ନ ଥିବା କୁହାଯାଇଥିଲା। ୨୦୨୪ ଟି୨୦ ବିଶ୍ୱକପ୍ ଫାଇନାଲରେ ମଧ୍ୟ ଦକ୍ଷିଣ ଆଫ୍ରିକାର ଅଧିନାୟକ ଏଡେନ ମାରକ୍ରାମ ଓ ଭାରତର ରୋହିତ ଶର୍ମାଙ୍କ ଟ୍ରଫି ଫଟୋ-ଶୁଟ୍ କରିନଥିଲେ।

### ପାକିସ୍ତାନ ବିପକ୍ଷ ଫାଇନାଲରେ ଭାରତର ବିଜୟ

| ଭେନ୍ୟୁ | ଟୁର୍ନାମେଣ୍ଟ | ବି.ବ୍ୟବଧାନ |
|---|---|---|
| ମେଲବୋର୍ନ | ବେନସନ ଆଣ୍ଡ୍ ହେଜେସ କପ୍(୧୯୮୪/୮୫) | ୮ ଉଇକେଟ |
| ଢ଼ାକା | ଇଣ୍ଡିପେଣ୍ଡେନ୍ସ କପ୍ (୧୯୯୭/୯୮) | ୮ ଉଇକେଟ |
| ଜୋହାନ୍ସବର୍ଗ | ଟି୨୦ ବିଶ୍ୱକପ୍ (୨୦୦୭) | ୫ ରନ୍ |
| ଦୁବାଇ | ଏସିଆ କପ୍ ୨୦୨୫ | ୫ ଉଇକେଟ |

### ପୁରସ୍କାର

ତିଳକ ବର୍ମା
ପ୍ଲେୟର ଅଫ୍ ଦି ମ୍ୟାଚ

ଅଭିଷେକ ଶର୍ମା
ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ


ଭାରତଠାରୁ ପରାଜୟ ପରେ ଦୁଃଖାଭିଭୂତ ପାକିସ୍ତାନ ଦଳ।


ଭାରତ ଏସିଆ କପ୍ ଜିତିବା ପରେ ମୁମ୍ବାଇରେ ପ୍ରଶଂସକଙ୍କ ବିଜୟ ଉତ୍ସବ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୯/୨୦୨୫ Bhubaneswar, Monday, September 29/ 2025

# ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ

## ଏସିଆ କପ୍

ଦୁବାଇ, ୨୮।୯

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଭାରତ ଏସିଆ କପ୍ କ୍ରିକେଟ ଚାମ୍ପିୟନ ହୋଇଛି। ସ୍ପିନରଙ୍କ ଚମତ୍କାରିତା ପରେ ତିଲକ ବର୍ମାଙ୍କ ଉପଯୋଗୀ ଅର୍ଦ୍ଧଶତକ ବଳରେ ଭାରତ ରବିବାର ଅନୁଷ୍ଠିତ ଫାଇନାଲରେ ୫ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ପାକିସ୍ତାନ ୧୯.୧ ଓଭରରେ ୧୪୬ ରନ କରିଥିବାବେଳେ ଭାରତ ୧୯.୪ ଓଭରରେ ୫ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରି ନେଇଥିଲା।

ଟାର୍ଗେଟ ବଡ଼ ନ ଥିଲେ ମଧ୍ୟ ମାତ୍ର ୧୦ ରନ ମଧ୍ୟରେ ୨ଟି ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇନ୍‌ଫର୍ମ ଓପନର ଅଭିଷେକ ଶର୍ମା ୫ ଓ ଖରାପ ଫର୍ମଦେଇ ଗତି କରୁଥିବା ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ୧ ରନକରି ଆଉଟ ହୋଇଥିଲେ। ଶୁବମନ ଗିଲ୍ ମଧ୍ୟ ୧୨ ରନକରି ପ୍ୟାଭିଲିୟନ ଫେରିବାରୁ ୪ ଓଭର ମଧ୍ୟରେ ୨୦ ରନରେ ଭାରତର ୩ୟ ଉଇକେଟ ପତନ ଘଟିଥିଲା। ଚତୁର୍ଥ ଉଇକେଟରେ ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ିଥିଲେ ତିଲକ ବର୍ମା ଓ ସଞ୍ଜୁ ସାମସନ। ତେବେ ୫୭ ରନ ଯୋଗ ହେବାପରେ ସାମସନ ୨୪ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସ୍ଥିତିକୁ ଦୃଷ୍ଟିରେ ରଖି ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା ତିଲକ ୪୧ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ସ୍କୋର କମ୍ ଥିଲେ ମଧ୍ୟ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ପାକିସ୍ତାନ। ଚାପ କ୍ରମେ ବଢ଼ି ଚାଲିଥିବାବେଳେ ୧୯ତମ ଓଭରର ଶେଷ ବଲ୍‌ରେ ଦୁବେ ଆଉଟ ହେବାରୁ ୬୦ ରନ ପାର୍ଟନରଶିପ୍‌ର ଅନ୍ତ ଘଟିଥିଲା। ଦୁବେ ୨୨ ବଲ୍‌ରୁ ୩୩ ରନ କରିଥିଲେ। ହାରିସ ରୌଫଙ୍କ ଶେଷ ଓଭରରୁ ୧୦ ରନ ଆବଶ୍ୟକ ହେଉଥିବାବେଳେ ପ୍ରଥମ ବଲ୍‌ରୁ ୨ ଓ ଦ୍ୱିତୀୟ ବଲ୍‌କୁ ଛକା ମାରି ବୋଝ ହାଲ୍‌କା କରି ଦେଇଥିଲେ ତିଲକ। ତୃତୀୟ ବଲ୍‌ରୁ ତିଲକ ୧ ରନ ନେଇଥିବାବେଳେ ୪ର୍ଥ ବଲ୍‌କୁ ଚୌକାରେ ପରିଣତ କରି ଭାରତକୁ ମ୍ୟାଚ ଜିତାଇଥିଲେ ରିଙ୍କୁ ସିଂ। ତିଲକ ୫୩ ବଲ୍‌ରୁ ୬୯ (୩ ଚୌକା, ୪ ଛକା) ରନରେ ଅପରାଜିତ ରହି ହିରୋ ସାଜିଥିଲେ। ପାକିସ୍ତାନ ପକ୍ଷରୁ ଫହିମ ଅଶ୍ରଫ ୩ଟି, ଶାହିନ ଆଫ୍ରିଦୀ ଓ ଆବ୍ରାର ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ଭାରତ ବିପକ୍ଷ ପୂର୍ବ ୨ ମ୍ୟାଚ ତୁଳନାରେ ପାକିସ୍ତାନ ଏଠାରେ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଶାହିବଜାଦା ଫରହାନ ଓ ଫଖର ଜମନ ବିସ୍ଫୋରକ ବ୍ୟାଟିଂ କରି ପାୱାରପ୍ଲେ ୬ ଓଭରରୁ ୪୫ ରନ ସଂଗ୍ରହ କରି ନେଇଥିଲେ। ଫର୍ମରେ ଥିବା ଫରହାନ ଦ୍ରୁତ ହାରରେ ରନ ସଂଗ୍ରହ କରି ଅର୍ଦ୍ଧଶତକ ହାସଲ କରିଥିଲେ। ୧୦ମ ଓଭରର ୪ର୍ଥ ବଲ୍‌ରେ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ମିଷ୍ଟ୍ରି ସ୍ପିନର ବରୁଣ ଚକ୍ରବର୍ତ୍ତୀ। ୩୮ ବଲ୍‌ରୁ ୫୭ (୫ ଚୌକା, ୩ ଛକା) ରନ କରିଥିବା ଫରହାନଙ୍କୁ ସେ ଆଉଟ କରି ଭାରତୀୟ ଶିବିରରେ ଆନନ୍ଦ ଆଣିଥିଲେ। ସଇମ ଆୟୁବ ୧୪ ଓ ମହମ୍ମଦ ହାରିସ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ପାକିସ୍ତାନ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଖର ଜମନ(୪୬)ଙ୍କୁ ମଧ୍ୟ ପ୍ୟାଭିଲିୟନ ପଥ ଦେଖାଇଥିଲେ ବରୁଣ। ହୁସେନ ତଲତ ମାତ୍ର ୧ ରନ କରିଥିବାବେଳେ ଅକ୍ଷର ପଟେଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଧିନାୟକ ସଲମାନ ଆଘା (୮)ଙ୍କୁ ଆଉଟ କରିଥିଲେ କୁଲଦୀପ। ସମ୍ମାନଜନକ ସ୍କୋର ପାଇଁ ଶାହିନ ଶାହା ଆଫ୍ରିଦୀଙ୍କ ବ୍ୟାଟ୍‌ରୁ ବଡ଼ ଶଟ୍ ଆଶା କରାଯାଉଥିଲା। ମାତ୍ର ଶାହିନଙ୍କ ସହ ଫହିମ ଅଶ୍ରଫ୍‌ଙ୍କୁ ଡକ୍(୦)ରେ ଆଉଟ କରି ପାକିସ୍ତାନ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ କୁଲଦୀପ। ଶେଷରେ କମାଲ ଦେଖାଇଥିଲେ ଯଶପ୍ରୀତ୍ ବୁମ୍‌ରା। ସେ ୨ଟି ଉଇକେଟ ନେଇ ପାକିସ୍ତାନ ଇନିଂସର ପରିସମାପ୍ତି ଘଟାଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ କୁଲଦୀପ ଯାଦବ ୪ଟି, ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଓ ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏ ଉଇକେଟ ନେଇଥିଲେ।

ଶ୍ରୀଲଙ୍କା ବିପକ୍ଷରେ ଖେଳିଥିବା ଚୂଡ଼ାନ୍ତ ଏକାଦଶରେ ୩ ପରିବର୍ତ୍ତନ ସହ ଭାରତ ପଡ଼ିଆକୁ ଓହ୍ଲାଇଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୧୯.୧ ଓଭରରେ ୧୪୬/ଅଲ୍‌ଆଉଟ (ଶାହିବଜାଦା ଫରହାନ-୫୭, ଫଖର ଜମନ-୪୬, କୁଲଦୀପ ଯାଦବ-୪/୩୦, ଅକ୍ଷର ପଟେଲ-୨/୨୬, ବରୁଣ ଚକ୍ରବର୍ତ୍ତୀ-୨/୩୦, ଯଶପ୍ରୀତ୍ ବୁମ୍‌ରା-୨/୨୫)। ଭାରତ ୧୯.୪ ଓଭରରେ ୧୫୦/୫ (ତିଲକ ବର୍ମା-୬୯, ସଞ୍ଜୁ ସାମସନ-୨୪, ଶିବମ ଦୁବେ-୩୩, ଫହିମ ଅଶ୍ରଫ-୩/୨୯, ଶାହିନ ଆଫ୍ରିଦୀ-୧/୨୦, ଆବ୍ରାର ଅହମଦ-୧/୨୯)।



ଉଇକେଟ ନେବା ପରେ କୁଲଦୀପ ଯାଦବ।

## ଭିନ୍ନ ଉପସ୍ଥାପକଙ୍କ ସହ କଥା ହେଲେ ଦୁଇ ଅଧିନାୟକ

ଦୁବାଇ,୨୮।୯(ପି.ଟି.)

ଭାରତ ଓ ପାକିସ୍ତାନ ମଧ୍ୟରେ ଜାରି ରହିଥିବା ଶତ୍ରୁତାର କିଛି ଦୃଶ୍ୟ ଫାଇନାଲ ମ୍ୟାଚ୍ ପୂର୍ବରୁ ଦେଖିବାକୁ ମିଳିଥିଲା। ଭାରତର ରବି ଶାସ୍ତ୍ରୀ ଓ ପାକିସ୍ତାନର ୱାକର ୟୁନିସ ଟସ୍ ବେଳେ ନିଜ ନିଜ ଦେଶର ଅଧିନାୟକଙ୍କ ସାକ୍ଷାତ୍‌କାର ନେଇଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଛି। ଫାଇନାଲ ପୂର୍ବରୁ ଘଟିଥିବା ଘଟଣା କାରଣରୁ ପିସିବି ପକ୍ଷରୁ ନ୍ୟୁଟ୍ରାଲ ଉପସ୍ଥାପକଙ୍କ ଲାଗି ଏସିଆନ କ୍ରିକେଟ କାଉନସିଲ (ଏସିସି) ନିକଟରେ ଅନୁରୋଧ କରାଯାଇଥିଲା। ପରେ ଏସିସି ପକ୍ଷରୁ ବିସିସିଆଇ ନିକଟରେ ଏହି ପ୍ରସଙ୍ଗ ଉଠାଯାଇଥିଲା। ହେଲେ ଶାସ୍ତ୍ରୀଙ୍କୁ ହଟାଯାଇପାରିବ ନାହିଁ ବୋଲି ବିସିସିଆଇ କହିଥିଲା। ଶେଷରେ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘାଙ୍କ ସହ କଥା ହେବା ପାଇଁ ପାକିସ୍ତାନର ପୂର୍ବତନ ପେସର ୟୁନିସଙ୍କୁ ଦ୍ୱିତୀୟ ଉପସ୍ଥାପକ ଭାବେ ନିଯୁକ୍ତ କରାଯାଇଥିଲା।

## ୧୨ରେ ଏଆଇଏଫ୍‌ଏଫ୍‌ର ଏସ୍‌ଜିଏମ୍

**ନୂଆଦିଲ୍ଲୀ,୨୮।୯(ପି.ଟି.):** ସୁପ୍ରିମକୋର୍ଟଙ୍କ ରାୟ ମୁତାବକ, ଡ୍ରାଫ୍ଟ ସମ୍ବିଧାନ ଓ ଅନ୍ୟାନ୍ୟ ସଂଶୋଧନକୁ ଅନୁମୋଦନ ପ୍ରଦାନ କରିବା ପାଇଁ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଆସନ୍ତା ୧୨ ତାରିଖରେ ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍) ଡାକରା ଦିଆଯାଇଛି। ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ଫିଫା ପକ୍ଷରୁ ନୂଆ ସମ୍ବିଧାନକୁ ଅନୁମୋଦନ ପ୍ରଦାନ କରିବା ଲାଗି ଏଆଇଏଫ୍‌ଏଫ୍ ପାଇଁ ଅକ୍ଟୋବର ୩୦ ତାରିଖ ଡେଡ୍‌ଲାଇନ୍ ରଖାଯାଇଛି। ସ୍ୱତନ୍ତ୍ର ଏଜେଣ୍ଡା ଲାଗି ଏସ୍‌ଜିଏମ୍ ଅନୁଷ୍ଠିତ ହେବ। ପ୍ରସ୍ତୁତ ସମ୍ବିଧାନକୁ ଅନୁମୋଦନ ପ୍ରଦାନ କରିବା ହିଁ ଏହାର ଏକମାତ୍ର ଏଜେଣ୍ଡା ଓ ଅନ୍ୟ କିଛି ଏଜେଣ୍ଡା ନାହିଁ।










Authorized Dealers: , Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Jagatsinghpur: SUNNY AUTOBIKES, Ph: 9289233592, Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Vishal Hero, Ph: 9289922984, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107,Chandikhol: S. K. Hero, Ph: 9289922900,, Jajpur Road: Soumik Hero, Ph: 9289922611 Authorized HeroSure Dealers: Bhubaneshwar: Arundhati Motobikes, Ph- 7682841658 Associate Dealers: Telkoi: Panchamukhi Motors-9717004926, Barbil: Wheels Motors-9776931870 Rairangpur: Maa Sakambari Motors-7008581719, Mayurbhanj: Jk Motors-9040909925, Mayurbhanj: Mahaveer Motors-7326872255/9853290346, BasudevPur: Bidyalalita Automobile-9827487072, Kamrda: Siddhivinayak Motors-7208675074, Rahama: Sarala Automobiles-9937018532, Kendrapara: Baishnabi Motors-9437000437 Pattamundai: Mishra Auto-9853843713, Narsinghpur: Ambika Motocorp-9861811411, Nimapara: Basudev Automobiles-9861020724, Pipili: Shri Ram Motors-9437110789, Balugaon: Mahamayee Motors-9437004624, Khurdha: Dinesh Trading Co.-9778097876, Sakhigopal: Sai Motors-9439765820, Begunia: Rashmi Automobiles-9178316145, Balipatna: M/S Jagannath Motors-7064309702, Chandpur: Apsara-9861418161, Khuakia: Binayak Automobiles-9090444379 Jajpur Town: Ayush Automobiles-9556189870, Champus: SK Motors- 9437200263, Banamalipur: Duladei Motors- 7735425890, Sunderpada: Basudev Motors- 6371525029, Nakhra: S.G. Automobiles- 9778779778, Balichandanpur: Tarini Motocorp- 9437118933, Nischitakoili: AJS Automobiles- 9439754039,, Katikata: Naaz Automobiles- 9866243937, Tangi: Sanam Motors- 9438703786, Turmunga: Maa Tarini Motors- 9777780823, Harichandanpur: Kalindi Motors- 9938989407, Anandapur: Gouranga Motors- 7008437346,Aul: Mohanty Motors- 9937425871

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ